# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୦/୨୦୨୨ (୧୪ ପୃଷ୍ଠା+ ଛୁଟିଦିନ) | Bhubaneswar, Sunday, February 20/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-





PATANJALI® Nutrela™ NUTRITION

Ruchi Soya Industries Ltd.

## ପୁଷ୍ଟିକର ଖାଦ୍ୟ ଏବଂ ଭିଟାମିନ୍‌ର ଅଭାବ

**କାରଣରୁ ଗଣ୍ଠିବାତ, ମସ୍ତିଷ୍କ ଓ ସ୍ନାୟବିକ ତନ୍ତ୍ର ବିକାର, ଦୁର୍ବଳତା, ହୃଦୟ, ହାଡ଼ ଏବଂ ଚର୍ମ ସମ୍ବନ୍ଧୀୟ ଅନେକ ମାରାତ୍ମକ ରୋଗ ଦେଖାଦେଉଥିବା ବେଳେ 50-80% ଲୋକ ଅପପୁଷ୍ଟିର ଶିକାର ହୋଇଥାନ୍ତି ।**

ବଜାରରେ ବିକ୍ରି ହେଉଥିବା କେମିକାଲ୍ ଏବଂ ପ୍ରାଣୀ ଆଧାରିତ ପୋଷଣ ଏବଂ ଭିଟାମିନ୍ସ ଶରୀର ପାଇଁ କ୍ଷତିକାରକ ହେବା ସହିତ ସେଗୁଡ଼ିକ ମନୁଷ୍ୟ ଶରୀରର ପ୍ରକୃତି ଅନୁକୂଳ ହୋଇ ନ ଥାଏ ।

ପତଞ୍ଜଳିର ବୈଜ୍ଞାନିକମାନେ ବର୍ଷ ବର୍ଷ ଧରି ପ୍ରାକୃତିକ ଚେରମୂଳି ଉପରେ ଗବେଷଣା କରିବା ପରେ ଆପଣଙ୍କ ପାଇଁ ଆଣିଛନ୍ତି 100% ପ୍ରାକୃତିକ, ଅର୍ଗାନିକ୍ ଏବଂ ଉଦ୍ଭିଦ ଭିତ୍ତିକ

**ନ୍ୟୁଟ୍ରେଲା ନାଚୁରାଲ୍ ଭିଟାମିନ୍ସ ଏବଂ ନ୍ୟୁଟ୍ରାସ୍ୟୁଟିକାଲ୍ସର ସମ୍ଭାର**

ମକା, ସଜନା ଓ ଏଲୋଭେରାରେ ପ୍ରସ୍ତୁତ ମସ୍ତିଷ୍କ, ସ୍ନାୟବିକ ତନ୍ତ୍ର ଓ ନିମ୍ନ ରକ୍ତଚାପ ବିକାର ପାଇଁ ଉପାଦେୟ
**ଭିଟାମିନ୍ ବି-12**

ଲାଇଚେନ୍ ସହିତ ପ୍ରସ୍ତୁତ, ମାଂସପେଶୀ ସ୍ୱାସ୍ଥ୍ୟ ପାଇଁ ଉତ୍କୃଷ୍ଟ
**ଭିଟାମିନ୍ ଡି-2କେ**

ପାଳଙ୍ଗ, ରୋଜହିପ୍ ନିର୍ଯାସ ଏବଂ ପ୍ରାକୃତିକ ମଣ୍ଡୁର ଭସ୍ମରେ ପ୍ରସ୍ତୁତ, ଯାହା ରକ୍ତହୀନତା, ଦୁର୍ବଳତା ଓ କ୍ଳାନ୍ତିରୁ ତତ୍କାଳ ଲାଭ ପ୍ରଦାନ କରିଥାଏ
**ଆଇରନ୍ କମ୍ପ୍ଲେକ୍ସ**

ମୁକ୍ତା ପିଷ୍ଟି ଭସ୍ମ, ମୋତି ପିଷ୍ଟି ଓ ଶୈଳେୟରେ ପ୍ରସ୍ତୁତ, ଯାହା ଅସ୍ଥିଭଙ୍ଗୁରତା, ସ୍ନାୟୁ କାର୍ଯ୍ୟକାରିତା ଓ ପ୍ରାକୃତିକ ଅସ୍ଥି ସ୍ୱାସ୍ଥ୍ୟରେ ଉପାଦେୟ
**ବୋନ୍ ହେଲ୍‌ଥ**

ଅଁଳା, ରୋଜହିପ୍ ଏବଂ କଖାରୁ ମଞ୍ଜି ନିର୍ଯାସରେ ପ୍ରସ୍ତୁତ, ଏଥିରେ ଅଛି ଆଣ୍ଟି-ଅକ୍ସିଡାଣ୍ଟ, ଇମ୍ୟୁନିଟି ବର୍ଦ୍ଧକ ଓ ବାର୍ଦ୍ଧକ୍ୟ ନିରୋଧୀ ଗୁଣଧର୍ମ
**ଭିଟାମିନ୍ ସି ଆଣ୍ଡ ଜିଙ୍କ୍**

ସଜନା, ଅଁଳା ଓ ଅଶ୍ୱଗନ୍ଧାରେ ପ୍ରସ୍ତୁତ, ଏହା ଏକ ଆଣ୍ଟିଅକ୍ସିଡାଣ୍ଟ ଅଟେ, ଯାହା ହଜମ, ସ୍ଫୂର୍ତ୍ତି ଓ ଶରୀରର କୋଲେଷ୍ଟରଲ୍‌ରେ ଉପାଦେୟ
**ନାଚୁରାଲ୍ ସ୍ପିରୁଲିନା**

ଜିନ୍‌ସେଙ୍ଗ, କୁରକ୍ୟୁମିନ୍ ଓ ଗ୍ରୀନ୍ ଟି'ରେ ପ୍ରସ୍ତୁତ ଏକ ମଲ୍ଟି ଭିଟାମିନ୍, ହୃଦୟ, ଆଖି, ଅସ୍ଥି, ମସ୍ତିଷ୍କ ସ୍ୱାସ୍ଥ୍ୟ, ଶକ୍ତି ଓ ବର୍ଦ୍ଧିତ ଇମ୍ୟୁନିଟି ପାଇଁ ଉପାଦେୟ
**ଡେଲି ଆକ୍ଟିଭ୍**

ସଜନା, ପାଳଙ୍ଗ ଓ ସ୍ପିରୁଲିନାରେ ପ୍ରସ୍ତୁତ ଏହା ଏକ 100% ପ୍ରାକୃତିକ ଭିଟାମିନ୍ ବି କମ୍ପ୍ଲେକ୍ସ ବିକଳ୍ପ, ଯାହା ମସ୍ତିଷ୍କ, ସ୍ନାୟବିକ କାର୍ଯ୍ୟ, ପାକସ୍ଥଳି ସ୍ୱାସ୍ଥ୍ୟ ଓ ବାତ ଦୋଷ ସମ୍ବନ୍ଧୀୟ ରୋଗରେ ଉପାଦେୟ
**ଡେଲି ଏନର୍ଜି**

ଫ୍ଲାକ୍ସସିଡ୍, ସି ବକ୍‌ଥର୍ନ ସହିତ ଭିଟାମିନ୍ ଇରେ ପ୍ରସ୍ତୁତ, ହୃଦୟ, ଚର୍ମ ଓ ଆଖି ସ୍ୱାସ୍ଥ୍ୟ, ମସ୍ତିଷ୍କ, ସ୍ନାୟବିକ କାର୍ଯ୍ୟ ଓ ଇମ୍ୟୁନିଟିରେ ଉପାଦେୟ, ଏକ 100% ଅର୍ଗାନିକ୍, ନିରାମିଷ ଓମେଗା ବିକଳ୍ପ
**ଅର୍ଗାନିକ୍ ଓମେଗା**

INDIA'S MOST CERTIFIED & AUTHENTIC NUTRITION
100% RDA | BIOFERMENTED VITAMINS | 100% VEGAN | POTENT HERBS ENRICHED | NO ADDED COLOUR | GMO FREE

**ପ୍ରାଣୀଜ ଏବଂ କେମିକାଲ୍ ଆଧାରିତ ପ୍ରୋଟିନ୍ ପାଚନତନ୍ତ୍ର ଏବଂ ବୃକ୍‌କକୁ କ୍ଷତି ପହଞ୍ଚାଇପାରେ । ପ୍ରସ୍ତୁତ କରୁଛୁ ନ୍ୟୁଟ୍ରେଲା 100% ପ୍ରାକୃତିକ, ଅର୍ଗାନିକ୍, ଦୁଗ୍ଧ ଆଧାରିତ ପ୍ରୋଟିନ୍**

ବଡି ବିଲ୍ଡିଂ ପାଇଁ ଅତ୍ୟନ୍ତ ଉପାଦେୟ, 90% ପ୍ରୋଟିନ୍, ପ୍ରାକୃତିକ ଭାବେ ହାସଲ କରାଯାଇଥିବା ବିସିଏଏ, ଆମିନୋ ଏସିଡ୍, ଗ୍ଲୁଟାମାଇନ, ହାଡଜୋଡ଼, ଭିଟାମିନ୍ ଡି ଓ ବି-12 ଇତ୍ୟାଦି ସହିତ, ମାଂସପେଶୀ ବୃଦ୍ଧି ପାଇଁ
**ଆଇସୋ ବେଦ**

80% ପ୍ରୋଟିନ୍, 17 ପ୍ରାକୃତିକ ଚେରମୂଳି, 11 ପ୍ରାକୃତିକ ଏବଂ ବାୟୋ ଫର୍ମେଣ୍ଟେଡ୍ ଭିଟାମିନ୍ସ ଓ 12 ମିନେରାଲ୍ସ ସହିତ ଷ୍ଟାମିନା, ବଳ ଓ ମାଂସପେଶୀ ବୃଦ୍ଧି ପାଇଁ ପ୍ରୋଟିନ୍‌ର 100% ନିରାମିଷ ବିକଳ୍ପ
**100% ହ୍ୱେ ପର୍‌ଫର୍ମାନ୍ସ**

ବଜାରରେ ସାଧାରଣତଃ ବିକ୍ରି ହେଉଥିବା ଘୁଷୁରି ଓ ମାଛ ଚର୍ମରେ ପ୍ରସ୍ତୁତ କୋଲାଜେନ୍ ପାଉଡର ତୁଳନାରେ 2.5 ଗୁଣ ଅଧିକ ଫଳପ୍ରଦ । କୁଞ୍ଚନ ମୁକ୍ତ, ଯୁବସୁଲଭ ଏବଂ ଚିରସ୍ଥାୟୀ ତ୍ୱଚା ଚମକ ପାଇଁ
**କୋଲାଜେନପ୍ରାଶ**

ପ୍ରୋଟିନ୍, କମ୍ପ୍ଲେକ୍ସ କାର୍ବୋହାଇଡ୍ରେଟ୍ସ, 52 ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ, 11 ପ୍ରାକୃତିକ ଚେରମୂଳି, 12 ମିନେରାଲ୍ସ, 11 ଭିଟାମିନ୍ସ ଏବଂ 18 ଅତ୍ୟାବଶ୍ୟକ ଆମିନୋ ଏସିଡ୍ ସହିତ, 100% ନିରାମିଷ ଏବଂ ପ୍ରାକୃତିକ
**ୱେଟ୍ ଗେନ୍ (ସୁଗାର୍ ଫ୍ରି)**

ଭିଟାମିନ୍ସ, ଗୁଡମାର, ରୋଜମ୍ୟାରୀ, ଗାର୍ସିନିଆ, ମେଥି, ଡାଲଚିନି, ଏଲ୍-କାର୍ନିଟାଇନ୍, ଡାଏଟାରୀ ଫାଇବର, ଟାଉରିନ୍ ଓ ଅନ୍ୟାନ୍ୟ ଉପାଦାନରେ ପ୍ରସ୍ତୁତ, ମଧୁମେହ ରୋଗୀଙ୍କ ରକ୍ତ ଶର୍କରା ଓ ଓଜନ ନିୟନ୍ତ୍ରଣ ତଥା ସମ୍ପୂର୍ଣ୍ଣ ପୋଷଣ ପାଇଁ 100% ନିରାମିଷ ବିକଳ୍ପ
**ଡାଇବେଟିକ୍ କେୟାର**

35% ପ୍ରୋଟିନ୍ 18 ଭିଟାମିନ୍ସ/ମିନେରାଲ୍ସ, ଅଶ୍ୱଗନ୍ଧା, ସଜନା, ବୋସୱେଲିଆ, ଗ୍ଲୁକୋଜାମାଇନ୍, ଆଲମଣ୍ଡ, ଖଜୁରୀ ଓ ଚିଆ ମଞ୍ଜି ସହିତ 3 ଇନ୍ 1 ପୋଷଣ, ଯାହା ଆପଣଙ୍କୁ ଦେଇଥାଏ ସମ୍ପୂର୍ଣ୍ଣ ପୋଷଣ
**ମେନ୍‌ସ ସୁପରଫୁଡ୍**

22% ପ୍ରୋଟିନ୍, 20 ଭିଟାମିନ୍/ମିନେରାଲ୍ସ, ସଜନା, ଶଙ୍ଖପୁଷ୍ପୀ, ଶତାବର ଏବଂ ଗ୍ଲୁକୋଜାମାଇନ୍ ସହିତ 3 ଇନ୍ 1 ପୋଷଣ, ଯାହା ମହିଳାଙ୍କୁ ଦେଇଥାଏ ସମ୍ପୂର୍ଣ୍ଣ ପୋଷଣ
**ଓମେନ୍ସ ସୁପରଫୁଡ୍**

4-12 ବର୍ଷ ବୟସର ବଢ଼ନ୍ତା ଶିଶୁଙ୍କ ସମ୍ପୂର୍ଣ୍ଣ ପୋଷଣ ପାଇଁ ଏକ ସନ୍ତୁଳିତ ସପ୍ଲିମେଣ୍ଟ, 26% ପ୍ରୋଟିନ୍, ଅଶ୍ୱଗନ୍ଧା, ତୁଳସୀ, ଆଲମଣ୍ଡ, ୱାଲନଟ୍, ଫ୍ଲାକ୍ସିଡ୍ ଏବଂ ଗାଈ ଦୁଗ୍ଧ କ୍ୟାଲସିୟମ୍ ସହିତ ପ୍ରସ୍ତୁତ 3 ଇନ୍ 1 ପୋଷଣ
**କିଡ୍‌ସ ସୁପରଫୁଡ୍**

### ଭାରତର କୁଶଳୀ, ତେଜସ୍ୱୀ ଏବଂ କର୍ମଠ ଯୁବବର୍ଗଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ

ନ୍ୟୁଟ୍ରେଲା ନ୍ୟୁଟ୍ରିସନର ସ୍ୱଦେଶୀ, ସୁସ୍ଥ ଏବଂ ସମୃଦ୍ଧ ଭାରତ ଅଭିଯାନ ଅଧୀନରେ ଜିଲ୍ଲା ଏବଂ ତହସିଲ ସ୍ତରରେ ସେଲ୍‌ସ ଟିମ୍/ମେଡିକାଲ ଟିମ୍ (ଏମ୍.ଆର୍.) ଭାବେ ଆମ ସହିତ ଯୋଗ ଦିଅନ୍ତୁ । 3-5 ବର୍ଷର ବିକ୍ରୟ ଅଭିଜ୍ଞତା ତଥା ନିଜସ୍ୱ 2 ଚକିଆଧାରୀ ସ୍ନାତକ ପ୍ରାର୍ଥୀମାନଙ୍କୁ ସାରା ଭାରତରେ ଖାଲି ଥିବା ସହସ୍ରାଧିକ ପଦବୀକୁ ପୂରଣ କରିବା ପାଇଁ ଆମନ୍ତ୍ରଣ କରାଯାଉଛି । ଅଧିକ ସୂଚନା ଏବଂ ଆବେଦନ କରିବା ପାଇଁ ଯୋଗାଯୋଗ କରନ୍ତୁ:

**ନ୍ୟୁଟ୍ରେଲା ନ୍ୟୁଟ୍ରିସନ ପାଇଁ**
Email: recruitment@ruchisoya.com
Email: nutrela@ruchisoya.com
Website: www.nutrelanutrition.com

**ପତଞ୍ଜଳି ଫୁଡ୍ ଭର୍ଟିକାଲ୍ ପାଇଁ**
Email: foodsales@patanjaliayurved.org
Website: www.patanjaliayurved.org

**ପତଞ୍ଜଳି ହର୍ବାଲ କସ୍‌ମେଟିକ୍ ଡିଭିଜନ ପାଇଁ**
Email: patanjaliherbalcosmetics@patanjaliayurved.org
Website: www.patanjaliayurved.org

**ବିସ୍କୁଟ୍ ଓ କନ୍‌ଫେକ୍ସନାରୀ ଡିଭିଜନ ପାଇଁ**
Email: biscuit_confy@ruchisoya.com
Website: www.ruchisoya.com

**ଦ୍ରଷ୍ଟବ୍ୟ: ନ୍ୟୁଟ୍ରେଲା ଏବଂ ପତଞ୍ଜଳି ଗ୍ରୁପ୍‌ର ଡିଷ୍ଟ୍ରିବ୍ୟୁଟରଶିପ୍ ପାଇଁ ଆବେଦନ କରନ୍ତୁ: distributor@ruchisoya.com**

ନ୍ୟୁଟ୍ରେଲା ନ୍ୟୁଟ୍ରିସନ୍‌ର ସମ୍ପୂର୍ଣ୍ଣ ରେଞ୍ଜ **ପତଞ୍ଜଳି** ଏକ୍ସକ୍ଲୁସିଭ୍ ଷ୍ଟୋର୍, ମେଡିକାଲ୍ ଷ୍ଟୋର୍ ଏବଂ ଆପଣଙ୍କ ନିକଟତମ ସମସ୍ତ ଅଗ୍ରଣୀ ଷ୍ଟୋରରେ ଉପଲବ୍ଧ ।

**www.nutrelanutrition.com** ରେ ଅନ୍‌ଲାଇନ୍ ଅର୍ଡର କରନ୍ତୁ କିମ୍ବା ଅର୍ଡର ମି ଆପ୍ ଡାଉନଲୋଡ୍ କରନ୍ତୁ: ORDER ME

# ଚନ୍ନି, କେଜ୍‌ରିୱାଲଙ୍କ ବିରୋଧରେ ମାମଲା

**ମନସା,୧୯।୨**

ପଞ୍ଜାବ ବିଧାନସଭା ପାଇଁ ରବିବାର ହେଉଛି ମତଦାନ। ମାତ୍ର ଆଦର୍ଶ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗରେ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନି ଏବଂ ଗାୟକ ଶୁଭଦୀପ ସିଂ ସିଦ୍ଧୁ ଓରଫ ସିଦ୍ଧୁ ମୁସେୱାଲାଙ୍କ ବିରୋଧରେ ଶୁକ୍ରବାର ମାମଲା ରୁଜୁ ହୋଇଛି। ଚନ୍ନି ଗାୟକ ମୁସେୱାଲାଙ୍କ ସହ ମନସାସ୍ଥିତ ଏକ ମନ୍ଦିରକୁ ଯାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଥିବାବେଳେ ଏହି ଦୁଇ କଂଗ୍ରେସ ନେତା ସନ୍ଧ୍ୟା ପରେ ଘରକୁ ଘର ଯାଇ ପ୍ରଚାର କରିଥିଲେ। ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଅଭିଯୋଗ କ୍ରମେ ସେମାନଙ୍କ ବିରୋଧରେ ଆଇପିସିର


ଚରଣଜିତ ସିଂ ଚନ୍ନି


ଅରବିନ୍ଦ କେଜ୍‌ରିୱାଲ

## ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

ଧାରା ୧୮୮ରେ ମାମଲା ରୁଜୁ ହୋଇଛି।

ସେହିପରି ଅନ୍ୟ ଦଳ ବିରୋଧରେ ମିଛ ଅଭିଯୋଗର ଭିଡିଓ ଛାଡ଼ିବା ଓ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଆମ୍ ଆଦ୍‌ମୀ ପାର୍ଟି ବିରୋଧରେ ପୋଲିସ ମାମଲା ରୁଜୁ ହୋଇଛି। ଅକାଳୀ ଦଳ ଉପାଧ୍ୟକ୍ଷ ଅର୍ଶଦୀପ୍ ସିଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ ଆଣିଥିଲେ। ପଞ୍ଜାବରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ କୌଣସି ନେତାଙ୍କ ବିରୋଧରେ ଆପତ୍ତିଜନକ ଭିଡିଓ ଶେୟାର କରାଯାଇପାରିବ ନାହିଁ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ସେହିପରି ଏଏପିର ପାଲଟା ଅଭିଯୋଗରେ ଅକାଳୀ ଦଳ ନେତା ସୁଖବୀର ସିଂ ବାଦଲଙ୍କ ବିରୋଧରେ ମଧ୍ୟ ଆଦର୍ଶ ଆଚରଣବିଧି ଉଲ୍ଲଂଘନ ନେଇ ମାମଲା ରୁଜୁ ହୋଇଛି।

# କେନ୍ଦ୍ରମନ୍ତ୍ରୀଙ୍କ ଭୋଟ ଅନ୍ୟ କେହି ଦେଇଥିବା ଅଭିଯୋଗ

**ଚେନ୍ନାଇ,୧୯।୨**

ତାମିଲନାଡୁ ପୌର ନିର୍ବାଚନ ବେଳେ କେନ୍ଦ୍ରମନ୍ତ୍ରୀ ଏଲ୍. ମୁରୁଗାନ୍‌ଙ୍କ ଭୋଟ ଅନ୍ୟ କେହି ଦେଇଥିବା ଭାଜପା ରାଜ୍ୟ ସଭାପତି କେ. ଆନ୍ନାମଲାଇ ଶନିବାର ଅଭିଯୋଗ କରିଛନ୍ତି। ସରକାରୀ କଳର ଅପବ୍ୟବହାର କେଉଁ ସ୍ତରରେ ପହଞ୍ଚିଲାଣି ତାହା ଏଥିରୁ ସ୍ପଷ୍ଟ ବୋଲି ଆନ୍ନାମଲାଇ ଟୁଇଟ୍ କରିଛନ୍ତି। କୋଏମ୍ବାଟୁର ସମେତ ରାଜ୍ୟର ବିଭିନ୍ନ ଭୋଟକେନ୍ଦ୍ର ବାହାରେ ଟଙ୍କା ବଣ୍ଟା ଯାଉଛି। ଚେନ୍ନାଇ ଆନ୍ନା ନଗର ପୂର୍ବ ଆସନକୁ କେନ୍ଦ୍ରମନ୍ତ୍ରୀ ମୁରୁଗାନ୍ ଭୋଟ ଦେବାକୁ ଯାଇଥିବାବେଳେ ତାଙ୍କ ଭୋଟ ଆଉ କିଏ ଦେଇସାରିଥିଲେ। ତେବେ ମୁରୁଗାନ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ତାମିଲନାଡୁର ୬୪୮ ପୌରସଂସ୍ଥା ଲାଗି ଶନିବାର ମତଦାନ ହୋଇଛି।


ଏଲ୍. ମୁରୁଗାନ୍


ପଞ୍ଜାବ ବିଧାନସଭାର ୧୧୭ ଆସନ ପାଇଁ ରବିବାର ଭୋଟ ଗ୍ରହଣ କରାଯିବ। ଏଥିଲାଗି ଶନିବାର ନିର୍ବାଚନ ଅଧିକାରୀ ଓ ସୁରକ୍ଷା କର୍ମୀମାନେ ଅମୃତସରର ପୋଲୋ ଗ୍ରାଉଣ୍ଡରୁ ନିଜ ନିଜ ପୋଲିଂ ବୁଥ୍ ଅଭିମୁଖେ ଯାତ୍ରା କରୁଛନ୍ତି।

# ସରକାରୀ କର୍ମଚାରୀ ଆଇନ ବିରୋଧୀ କାର୍ଯ୍ୟ କରୁଛନ୍ତି: ଭାଜପା

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆଚରଣ ବିଧିକୁ ସରକାରୀ କର୍ମଚାରୀ ଉଲ୍ଲଂଘନ କରୁଥିବା ଅଭିଯୋଗ ଆଣି ଭାଜପା ଶନିବାର ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି। ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ଲିଗାଲ ସେଲ୍‌ର ରବିଶଙ୍କର ପଟ୍ଟନାୟକ, ଜୟନ୍ତ ଜେନା ଏବଂ ମହେନ୍ଦ୍ର ପ୍ରଧାନ ପ୍ରମୁଖଙ୍କୁ ନେଇ ଗଠିତ ଏକ ପ୍ରତିନିଧିମଣ୍ଡଳୀ ନିର୍ବାଚନ କମିଶନଙ୍କୁ ଭେଟି ଫେରାଦ ହେବା ସହ ସ୍ମାରକପତ୍ର ଦେଇଛି। ଏଥିରେ ଅଭିଯୋଗ ହୋଇଛି ଯେ, ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ସମୟରେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ କୃଷି ଅଧିକାରୀ ନାରାୟଣ ରଥ ନିଜ କ୍ଷମତାର ଅପବ୍ୟବହାର କରି ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ କରାଇବା ପାଇଁ ଚାଷୀଙ୍କ ଆକାଉଣ୍ଟକୁ ୧୩୦୦ ଟଙ୍କା ଦେଇଛନ୍ତି। ସେହିପରି ଅନୁଗୋଳ ଜିଲା କିଶୋରନଗର ବ୍ଲକ ବିଡିଓଙ୍କ କାରନାମା ଗଣମାଧ୍ୟମରେ ପ୍ରକାଶିତ ହୋଇଥିବା ଭିଡିଓ ଭାଇରାଲ ହୋଇଛି। ଏଥିରୁ ଶାସନ କଳକୁ ବ୍ୟବହାର କରି ଭୋଟରଙ୍କୁ ପ୍ରଭାବିତ କରୁଥିବା ସ୍ପଷ୍ଟ ପ୍ରମାଣିତ ହେଉଛି। ସେମାନଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବା ଦୁର୍ଭାଗ୍ୟଜନକ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# ରୋଡ୍ ଶୋ’ରେ ମନ୍ତ୍ରୀଙ୍କୁ ବିରୋଧ

**ଖୁଣ୍ଟୁଣୀ, ୧୯।୨(ଡି.ଏନ୍.ଏ.)**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶନିବାର ନିଜ ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ପ୍ରଚାର କରୁଥିବାବେଳେ ଦଳର ଅସନ୍ତୁଷ୍ଟ କର୍ମୀମାନେ ବିରୋଧ କରିଥିଲେ। ଏପରି କି ସେମାନେ ରାସ୍ତା ଉପରେ ବାଇକ୍ ରଖି ପ୍ରଚାର ଶୋଭାଯାତ୍ରାକୁ ଅଟକାଇଥିଲେ। ଏହାକୁ ନେଇ ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏଥିଯୋଗୁ କିଛି ସମୟ ପାଇଁ ଜାତୀୟ ରାଜପଥରେ ଯାନବାହନ ଅଟକି ରହିଥିଲା। ଖବରପାଇ ପୋଲିସ ସେଠାରେ ପହଞ୍ଚି ହସ୍ତକ୍ଷେପ କରିବା ସହ ରାସ୍ତାରୁ ଗାଡିଗୁଡିକ ହଟାଇଥିଲା। ଏହାପରେ ପ୍ରଚାର ଶୋଭାଯାତ୍ରା ଆଗକୁ ଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲା ଆଠଗଡ଼ ନିର୍ବାଚନମଣ୍ଡଳୀ ଅଧୀନ ଖୁଣ୍ଟୁଣୀ ପଞ୍ଚାୟତରେ ପ୍ରାର୍ଥୀ ଚୟନକୁ ନେଇ ଦଳରେ ଅସନ୍ତୋଷ ପ୍ରକାଶ ପାଇବା ସହ ୨ଟି ଗୋଷ୍ଠୀରେ ବିଭକ୍ତ ହୋଇଛି। ବିଜେଡି ଜିଲା ପରିଷଦ ପ୍ରାର୍ଥୀ ମିନତି ଗାଗରାଇ, ଦଳ ସମର୍ଥିତ ସରପଞ୍ଚ

## ପ୍ରାର୍ଥୀ ଚୟନକୁ ନେଇ ଦଳରେ ଅସନ୍ତୋଷ

ପ୍ରାର୍ଥୀ ଆଲୋକ ସାହୁ ଓ ସମିତିସଭ୍ୟ ପ୍ରାର୍ଥୀ ଦୀପକ ସାହାଣୀଙ୍କୁ ନେଇ ଶନିବାର ମନ୍ତ୍ରୀ ସ୍ୱାଇଁ ରୋଡ୍ ଶୋ’ କରୁଥିବାବେଳେ ଖୁଣ୍ଟୁଣୀ ଦୁର୍ଗାବଜାରଠାରେ ଅସନ୍ତୁଷ୍ଟ ଗୋଷ୍ଠୀର ଶତାଧିକ ଲୋକ ରାସ୍ତା ଉପରେ ବାଇକ ରଖି ଶୋଭାଯାତ୍ରାକୁ ବିରୋଧ କରିଥିଲେ। ଫଳରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଖୁଣ୍ଟୁଣୀ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ, ଗୁରୁଡିଝାଟିଆ ଆଇଆଇସି ରଞ୍ଜନ କୁମାର ପ୍ରଧାନ ପହଞ୍ଚି ବାଇକଗୁଡିକୁ ରାସ୍ତାରୁ ହଟାଇଥିଲେ। ପରେ ଶୋଭାଯାତ୍ରା ଆଗକୁ ବଢିଥିଲେ ମଧ୍ୟ ବେଶିବାଟ ଯାଇ ନ ଥିଲା। ଏ ନେଇ ମନ୍ତ୍ରୀ ସ୍ୱାଇଁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପକ୍ଷରେ ମନ୍ତ୍ରୀ ସ୍ୱାଇଁଙ୍କ ଏକ ସଭା ପାଇଁ ଶୁକ୍ରବାର ରାତିରେ ଖୁଣ୍ଟୁଣୀ ଯାତ୍ରା ପଡ଼ିଆରେ ଥିବା ଅସନ୍ତୁଷ୍ଟ ଗୋଷ୍ଠୀର ଅଫିସ ସମ୍ମୁଖରେ ଟେଣ୍ଟ ଭିଡାକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲା।


ମନ୍ତ୍ରୀଙ୍କ ରୋଡ୍ ଶୋ’କୁ ଦଳୀୟ ଅସନ୍ତୁଷ୍ଟ କର୍ମୀମାନେ ବିରୋଧ କରୁଛନ୍ତି।

# ହିଂସାମୁକ୍ତ ନିର୍ବାଚନ ଦାବି କଲା କଂଗ୍ରେସ

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ତୃତୀୟ ପର୍ଯ୍ୟାୟ ମତଦାନ ଯେଭଳି ମୁକ୍ତ ଓ ଅବାଧ ଭାବେ ସମ୍ପନ୍ନ ହେବ ସେ ଦିଗରେ ପଦକ୍ଷେପ ନେବାକୁ କଂଗ୍ରେସ ଦଳ ଦାବି କରି ଶନିବାର ନିର୍ବାଚନ ଆୟୋଗଙ୍କୁ ଏକ ସ୍ମାରକପତ୍ର ଦେଇଛି। କଂଗ୍ରେସ ନିର୍ବାଚନ ଗଣମାଧ୍ୟମ ମୁଖ୍ୟ ମନୋଜ ମହାପାତ୍ର, ମୁଖପାତ୍ର ଅମିୟ ପାଣ୍ଡବ, ସାଧାରଣ ସମ୍ପାଦକ ଚିନ୍ମୟ ସୁନ୍ଦର ଦାସ ଓ ସମ୍ପାଦକ ସୁବ୍ରତ ମହାପାତ୍ର ପ୍ରମୁଖ ନିର୍ବାଚନ କମିଶନଙ୍କୁ ଭେଟିଥିଲେ। ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି, ରବିବାର ଗଞ୍ଜାମ ଜିଲା ଧରାକୋଟ ବ୍ଲକରେ ନିର୍ବାଚନ ଅଛି। ଓଲମ୍ବାରେ ହୋଇଥିବା ହିଂସାକୁ ଦେଖିଲେ ଅନୁମେୟ ଯେ, ଶାସକ ଦଳର ନେତା ଓ କର୍ମୀମାନେ ଧରାକୋଟ ବ୍ଲକର ଭୋଟରଙ୍କୁ ନିଜ ସପକ୍ଷରେ ନେବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି। ଏଣୁ ତୁରନ୍ତ କମିଶନ ଏ ସବୁ ଅଞ୍ଚଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ସହ ହିଂସାମୁକ୍ତ ଅବାଧ ନିର୍ବାଚନ କରାଇବାକୁ କଂଗ୍ରେସ ଦାବି କରିଛି।

# ବଜାରରେ ବୁଲିଲା ଲାଠି

## ନିର୍ବାଚନ ପରବର୍ତ୍ତୀ ହିଂସା

**ରୂପସା, ୧୯।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ପାଉଁଶକୁଲି ବଜାରରେ ଶନିବାର ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡ ଘଟିଛି। ଶୁକ୍ରବାର ବସ୍ତା ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କୌଣସି କାରଣବଶତଃ ଶନିବାର ପାଉଁଶକୁଲି ପଞ୍ଚାୟତର ଦୁଇ ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଉଭୟ ଗୋଷ୍ଠୀର ସମର୍ଥକମାନେ ଲାଠି ଧରି ବିଚ୍ ବଜାରରେ ଗୋଡ଼ାଇ ଗୋଡ଼ାଇ ନିସ୍ତୁକ ମାଡ଼ ମାରୁଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଛି। ସିଂଲା ଥାନା ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି। ଉଭୟ ଗୋଷ୍ଠୀ ମଧ୍ୟରୁ ଆହତମାନେ ସ୍ଥାନୀୟ ମେଡ଼ିକାଲରେ ଚିକିତ୍ସାଧୀନ ଅଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଥାନାଧିକାରୀ କହିଛନ୍ତି।


ଦୁଇ ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ।

# ୱାର୍ଡସଭ୍ୟ ପାଇଁ ଲଢୁଛନ୍ତି ଅବସରପ୍ରାପ୍ତ କୃଷି ଅଧିକାରୀ

**ଅମରପାଲି,୧୯।୨(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଳ ପଞ୍ଚାୟତ ଅନ୍ତର୍ଗତ ଚମ୍ପାପୁର ଗ୍ରାମ ୬ନମ୍ବର ୱାର୍ଡ ସଭ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଅବସରପ୍ରାପ୍ତ ଜିଲା କୃଷି ଅଧିକାରୀ ନିତ୍ୟାନନ୍ଦ ପଣ୍ଡା। ତାଙ୍କ ଶିକ୍ଷାଗତ ଯୋଗ୍ୟତା ହେଉଛି ଏମଏସସି ଏଜି। କୃଷି ବିଭାଗ ବିଭିନ୍ନ ପଦ ପଦବୀରେ ରହି ଜିଲା କୃଷି ଅଧିକାରୀଭାବେ ୨୦୦୯ରେ ଅବସର ଗ୍ରହଣ କରିଥିଲେ। ତୃଣମୂଳସ୍ତରରେ ଲୋକଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିବା ସହିତ ସମାଜସେବା ପାଇଁ ମୁଁ ନିର୍ବାଚନ ଲଢୁଛି ବୋଲି ପଣ୍ଡା ପ୍ରତିକ୍ରିୟାରେ କହିଛନ୍ତି।

# ସରପଞ୍ଚ ପ୍ରାର୍ଥୀଙ୍କୁ ମରଣାନ୍ତକ ଆକ୍ରମଣ

**ଖଡ଼ିଆଳ, ୧୯।୨(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସୁନାରୀସିକୁଆଁ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଚୁଲମଣି ବୈଠାରୁଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଶନିବାର ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଚିକିତ୍ସା ପାଇଁ ପ୍ରଥମେ ଖଡ଼ିଆଳ ଉପଖଣ୍ଡ ଡାକ୍ତରଖାନା ଏବଂ ପରେ ବଲାଙ୍ଗୀରକୁ ସ୍ଥାନାନ୍ତର କରାଯାଇଛି।

ସୁନାରୀସିକୁଆଁ ପଞ୍ଚାୟତର ସରପଞ୍ଚ ପଦବୀ ଲାଗି ଚୁଲମଣିଙ୍କ ସମେତ ୫ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଥିଲେ। ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଅନ୍ୟ ୪ ପ୍ରାର୍ଥୀଙ୍କ ମଧ୍ୟରୁ କେହି ଜୀବନରୁ ମାରି ଦେବାକୁ ଉଦ୍ୟମ କରି ଆକ୍ରମଣ କରିଥିବା ଚୁଲମଣିଙ୍କ ବାପା ଅଗସ୍ତି ବୈଠାରୁ ଖଡ଼ିଆଳ ଥାନାରେ

## ଅଚେତ ଅବସ୍ଥାରେ ଉଦ୍ଧାର

ଅଭିଯୋଗ କରିଛନ୍ତି। ତେବେ ଅଗସ୍ତିଙ୍କ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଜାରି ରଖିଥିବା ଖଡ଼ିଆଳ ଆଇଆଇସି ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।

ଚୁଲମଣି ଶୁକ୍ରବାର ରାତି ୯ଟାରେ କୌଣସି କାରଣକୁ ନେଇ ଘରୁ ବାହାରିଥିଲେ। ଆଉ ଘରକୁ ଫେରି ନ ଥିଲେ। ତେବେ ଶନିବାର ସକାଳେ ସୁନାରୀସିକୁଆଁରୁ ଗଣ୍ଡାବାହାଲି ଯିବାରାସ୍ତାର ଏକ ପୋଲ ତଳେ ହାତଗୋଡ଼ ବନ୍ଧା ହେବା ସହ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପରିବାର ଲୋକେ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେଇଥିଲେ।

# ସରପଞ୍ଚ ପ୍ରାର୍ଥିନୀଙ୍କୁ ଆଉ ଜଣେ ପ୍ରାର୍ଥୀଙ୍କ ଅଶ୍ଳୀଳ ଭିଡିଓ ପଠାଇବାକୁ ନେଇ ଚର୍ଚ୍ଚା

**ବାସୁଦେବପୁର, ୧୯।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ନିର୍ବାଚନ ମାହୋଲ ସରଗରମ ରହିଛି। ଏଭଳି ସମୟରେ ଏକ ପଞ୍ଚାୟତର ଜଣେ ସରପଞ୍ଚ ପ୍ରାର୍ଥିନୀଙ୍କ ମୋବାଇଲକୁ ଅଶ୍ଳୀଳ ଭିଡିଓ ଏବଂ ମେସେଜ ପଠାଇ ଅନ୍ୟ ଜଣେ ପ୍ରାର୍ଥୀ ହରଡ଼ଘଣାରେ ପଡ଼ିଛନ୍ତି। ଏନେଇ ପ୍ରାର୍ଥିନୀ ଜଣଙ୍କ ଶନିବାର ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ ବ୍ଲକ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରିଛନ୍ତି। ସେ ନିଜକୁ ଅସୁରକ୍ଷିତ ମଣୁଥିବା ସହ ନିନ୍ଦିତ ହେଉଛନ୍ତି ବୋଲି ପ୍ରାର୍ଥିନୀ ଏତଲାରେ ଉଲ୍ଲେଖ କରିଥିବା ବେଳେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।


# ବାଲଟ୍ ପେପରରେ ନୋଟା ଲେଖିଲେ

## ସତ୍ୟତା ପରଖାଯାଉଛି: ଜିଲାପାଳ

**ସମ୍ବଲପୁର,୧୯।୨(ବ୍ୟୁରୋ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜିଲାପରିଷଦ ଜୋନ-୨ର ପ୍ରାର୍ଥୀମାନଙ୍କ ତାଲିକା ଥିବା ଏକ ବାଲଟ୍ ପେପର ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଉକ୍ତ ପେପରରେ ପ୍ରାଥମିକ ଶିକ୍ଷକ ନାହିଁ ତ ଭୋଟ ନାହିଁ ବୋଲି ଉଲ୍ଲେଖ ରହିଛି। ସେହିପରି ମାନେଶ୍ୱର ବ୍ଲକ ଜୋନ-୧ର ସରପଞ୍ଚ, ସମିତି, ଜିଲା ପରିଷଦ, ୱାର୍ଡସଭ୍ୟ ମୋଟ ୪ ଗୋଟି ବାଲଟ୍ ପେପର ଭାଇରାଲ ହେଉଛି। ଉକ୍ତ ପେପରରେ ନୋଟା ପାଇଁ ସୁବିଧା ନ ଥିବାବେଳେ ଭୋଟର ଜଣଙ୍କ ନୋଟା ଲେଖି ଭୋଟବାକ୍ସରେ ଭର୍ତ୍ତି କରିଥିଲେ। ପୂର୍ବରୁ ଉଠାଯାଇଥିବା ଫଟୋକୁ ସାମାଜିକ ଗଣମାଧ୍ୟମରେ ଚାଷୀ ଦେବେନ୍ଦ୍ର ପ୍ରଧାନ ଓ ସୁଶାନ୍ତ ପ୍ରଧାନ ସେୟାର କରିଛନ୍ତି। ଦେବେନ୍ଦ୍ର ଚେତବାନୀ ଦେଇ ଉଲ୍ଲେଖ କରିଛନ୍ତି, ସବୁ ସରକାର ଚାଷୀ ବିରୋଧୀ କାର୍ଯ୍ୟ କରୁଛନ୍ତି। ଅଗାମୀ ଦିନରେ ଧାନ କିଣା ଓ ଅନ୍ୟ ସମସ୍ୟା ସମାଧାନ ନ ହେଲେ ନୋଟା ସଂଖ୍ୟା ବୃଦ୍ଧି ପାଇବ।

ଏହାକୁ ଜିଲା ପ୍ରଶାସନ ଗୁରୁତର ସହ ନେଇଥିବା ଜିଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି। ଏହି ବାଲଟ୍ ପେପର ସତ୍ୟତାକୁ ନେଇ ପରଖା ଯାଉଛି। ଏ ନେଇ ପୋଲିସ ତଦନ୍ତ କରୁଛି। ସତ୍ୟତା ସାମ୍ନାକୁ ଆସିଲେ ଏଭଳି ପ୍ରଚାର କରିଥିବା ବ୍ୟକ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ସ୍କୁଲ ଶିକ୍ଷକ ଅଭାବରୁ ଜଣେ ଭୋଟର ମତଦାନ କରିବାକୁ ଇଚ୍ଛା ପ୍ରକାଶ କଲେ ନାହିଁ। ବାଲଟ୍ ପେପରରେ ଏଭଳି ଉଲ୍ଲେଖ କରି ସାମାଜିକ ଗଣମାଧ୍ୟମରେ ପ୍ରଚାର କରିଥିଲେ। ସୂଚନାଯୋଗ୍ୟ ୧୮ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ନାକଟିଦେଉଳ ବ୍ଲକରେ ନିର୍ବାଚନ ରହିଥିଲା। ଜୋନ-୨ରେ ବିଜେଡି ଟିକେଶ୍ୱର ମେହେର, କଂଗ୍ରେସର ସୁନନ୍ଦା ପ୍ରଧାନ, ଭାଜପାର ଲୁଚନା ଗଡତ୍ୟା ପ୍ରାର୍ଥୀ ହୋଇଛନ୍ତି। ଭାଇରାଲ ହେଉଥିବା ବାଲଟ୍ ପେପରରେ ମଧ୍ୟ ସମାନ ନାମ ରହିଛି। ଏହି ବାଲଟ ପେପରରେ ନୋଟାର ସୁବିଧା ନାହିଁ। ତେଣୁ ବ୍ଲକର କେହି ଜଣେ ଭୋଟର ସରପଞ୍ଚ, ସମିତି ଓ ୱାର୍ଡ ସଭ୍ୟରେ ଭୋଟ ଦେବା ପରେ ଜିଲାପରିଷଦ ପ୍ରାର୍ଥୀ ଦଳୀୟ ହୋଇଥିବାରୁ ଭୋଟ ଦେଲେନାହିଁ।


ବାଲଟ୍ ପେପରରେ ଜଣେ ଭୋଟର ନୋଟା ଲେଖିଛନ୍ତି।

# ନିଜେ ଟଙ୍କା ବାଣ୍ଟି ଅନ୍ୟ ମୁଣ୍ଡରେ ଦୋଷ ଲଦୁଛି ଭାଜପା: ବିଜେଡି

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ଦେବଗଡ଼ରେ ଏକ କାରରୁ ପୋଲିସ କିପରି ୩ ଲକ୍ଷ ଟଙ୍କା ଜବତ କରୁଛି ଏବଂ ଦେବଗଡ଼ର ଭାଜପା ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଏହି ସନ୍ଦେହଜନକ ଟଙ୍କା ଭାଜପାର ନିର୍ବାଚନୀ ଅର୍ଥ ବୋଲି ଦାବି କରୁଛନ୍ତି ତାହା ଗଣମାଧ୍ୟମରେ ସ୍ପଷ୍ଟ ଦେଖାଯାଉଛି। ନିର୍ବାଚନରେ ହାରିବା ନିଶ୍ଚିତ ଥିବା ଭାଜପା ନେତାମାନେ ଜାଣିଗଲେଣି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ସୁଲତା ଦେଓ। ଶନିବାର ଭାଜପା ଖବରଦାତା ସମ୍ମିଳନୀର ଜବାବ ଦେଇ ଦେଓ କହିଛନ୍ତି ଯେ ଏହି ନିର୍ବାଚନରେ ଓଡ଼ିଶା ଭାଜପା ନିକଟରେ କୌଣସି ପ୍ରସଙ୍ଗ ନାହିଁ। ତେଣୁ ଭାଜପା ନେତାମାନେ ବିଜେଡି ଉପରେ ମିଥ୍ୟା ଅଭିଯୋଗ ଆଣୁଛନ୍ତି । ପ୍ରାୟୋଜିତ ନିର୍ବାଚନୀ ହିଂସାକାଣ୍ଡ ଘଟାଇ ଓଡ଼ିଶା ଲୋକଙ୍କ ନଜର ହଟାଉଛନ୍ତି । ଜିଲା ପରିଷଦ ନିର୍ବାଚନରେ ବିଜେଡିଠାରୁ ଅତି ଶୋଚନୀୟ ଭାବେ ହାରିବା ଜାଣିବା ପରେ ଭାଜପା ଅତ୍ୟନ୍ତ ଭୟଭୀତ ହୋଇଛି । ଖବରଦାତା ସମ୍ମିଳନୀରେ ମହିଳା ଏସ୍‌ଏଚ୍‌ଜି, ମିଶନ ଶକ୍ତି ଏବଂ ଓଡ଼ିଶାର ସଶକ୍ତ ମହିଳାଙ୍କୁ ବଦନାମ କରିଛି ବୋଲି ଦେଓ କହିଛନ୍ତି ।

# ଭୋଟ ହିଂସା: ୧୪ ଗିରଫ

**ଯାଜପୁର ଅଫିସ୍/ ଜଗତ୍‌ସିଂହପୁର ଅଫିସ୍/ଧର୍ମଶାଳା/ଯାଜପୁର ଟାଉନ/ ଦଶରଥପୁର(ଡି.ଏନ.ଏ.),୧୯।୨**


ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ଯାଜପୁର ଓ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ସ୍ଥାନରେ ହିଂସା ଦେଖିବାକୁ ମିଳିଛି। ଦୁର୍ବୃତ୍ତମାନେ ବୁଥ୍ ରିଗିଂ, ବାଲଟ ପେପର ଲୁଟ୍, ପୋଲିଂ କର୍ମଚାରୀଙ୍କୁ ମାଡ଼ ଆଦି ଘଟଣା ଭିଆଇଛନ୍ତି। ଏନେଇ ଦୁଇ ଜିଲା ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମୋଟ ୧୪ ଜଣଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ମଧ୍ୟରେ ଯାଜପୁର ଜିଲାର ଧର୍ମଶାଳା ବ୍ଲକର ୩, ଦଶରଥପୁର ବ୍ଲକର ୩, ଯାଜପୁର ସଦର ବ୍ଲକର ୩ ଏବଂ ଜଗତ୍‌ସିଂହପୁର ଜିଲାର ୫ଜଣ।

ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ଧର୍ମଶାଳା ବ୍ଲକ ଅଧୀନ ଅରାବଳ ପଞ୍ଚାୟତର ୮ ନମ୍ବର ବୁଥ୍‌କୁ କେତେଜଣ ଜବରଦଖଲ କରିଥିଲେ। ପ୍ରିଜାଇଡିଂ ଅଫିସର ଏହାକୁ ବିରୋଧ କରିବା ସହିତ ପ୍ରଶାସନକୁ ଜଣାଇଥିଲେ। ଫଳରେ ପ୍ରଶାସନିକ ଅଧିକାରୀ ପହଞ୍ଚି ମତଦାନ ବନ୍ଦ କରିଥିଲେ। ଏନେଇ ପୋଲିସ ନଂ. ୯୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଥାନା ଅଧିକାରୀ ରାକେଶ ତ୍ରିପାଠୀଙ୍କ ନେତୃତ୍ୱରେ ଶୁକ୍ରବାର ରାତିରେ ପୋଲିସ ଟିମ୍ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଯୁଗଳ ମଲିକ(୪୮), ଚିନ୍ମୟ ମଲିକ (୨୧) ଓ ରମେଶ ମଲିକ(୫୧)। ପୂର୍ବରୁ ଏହି ବ୍ଲକ ଦେଓଦା ପଞ୍ଚାୟତର ୬ ଓ ୭ ନମ୍ବର ବୁଥ୍ ଜବରଦଖଲ ମାମଲାରେ ପୋଲିସ ୧୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ସୂଚନା ମିଳିଛି।

ସେହିପରି ଶୁକ୍ରବାର ବିଳମ୍ବିତ ରାତ୍ରିରେ ଯାଜପୁର ସଦର ଥାନା ପୋଲିସ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗଣ୍ଡଗୋଳରେ ସମ୍ପୃକ୍ତ ୩ ଜଣଙ୍କୁ ଛତିଶିଦେବିଲରୁ ଗିରଫ କରିଛି। ସେମାନଙ୍କ ବିରୋଧରେ କେସ୍ ନଂ. ୬୧/୨୨ ରୁଜୁ କରି ପୋଲିସ କୋର୍ଟଚାଲାଣ କରିଛି। ସେମାନେ ହେଲେ ଛତିଶିଦେବିଲର ସୁରେନ୍ଦ୍ର ପଣ୍ଡା(୪୦), ସୁରେନ୍ଦ୍ର ବିଶ୍ୱାଳ(୪୮) ଏବଂ ଠିଆରଦେବିଲର ପରମାନନ୍ଦ ବିଶ୍ୱାଳ(୪୮)।

ଦଶରଥପୁର ବ୍ଲକ ଅଞ୍ଚଳରେ ହିଂସା ଓ ନିର୍ବାଚନ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ୩ ଅଭିଯୁକ୍ତଙ୍କୁ ପୋଲିସର ସ୍ୱତନ୍ତ୍ର ମୋବାଇଲ୍ ଟିମ୍ ଶୁକ୍ରବାର ବିଳମ୍ବିତ ରାତିରେ ଗିରଫ କରିଥିଲା। ସେମାନଙ୍କୁ ମଙ୍ଗଳପୁର ପୋଲିସ ଶନିବାର କୋର୍ଟଚାଲାଣ କରିଛି। କୋର୍ଟଚାଲାଣ ସତ୍ତ୍ୱେ ଜିଲା ପୋଲିସ ଏବଂ ମଙ୍ଗଳପୁର ଥାନା ପୋଲିସ ପକ୍ଷରୁ ୩ ଅଭିଯୁକ୍ତଙ୍କ ନାମ ପ୍ରକାଶ କରାଯାଇନାହିଁ। ଏନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଥିବାବେଳେ ଥାନା ଅଧିକାରୀ ଏନାମାମୁଲ ହକ୍କ ବିଞ୍ଝାରପୁର ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଥିବା କହି ପ୍ରଶ୍ନକୁ ଏଡ଼ାଇ ଦେଇଥିଲେ।

## ଅଭିଯୁକ୍ତ ସାଙ୍ଗରେ ନେଇଥିବା ଭୋଟ ବାକ୍ସ ଜବତ


ଜଗତ୍‌ସିଂହପୁରସ୍ଥିତ କୂଳପଟସରାର ଏକ କଳ ଘର ପଛ ପଟ ରାସ୍ତା ପାର୍ଶ୍ୱରୁ ଉଦ୍ଧାର ହୋଇଥିବା ବାଲଟ ବାକ୍ସ

ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସମୟରେ ପଟସରା ପଞ୍ଚାୟତ ଅନ୍ତର୍ଗତ ଡିଅପଟସରା ପ୍ରାଥମିକ ବିଦ୍ୟାଳୟ ୧ନଂ. ଓ ଢୋଲବନ୍ଧ ପ୍ରାଥମିକ ବିଦ୍ୟାଳୟର ୨ନଂ. ବୁଥ୍‌ରେ ହିଂସା ହୋଇଥିଲା। ଭଙ୍ଗାରୁଜା ସାଙ୍ଗକୁ ବାଲଟ ପେପର ଚିରି ଦିଆଯାଇଥିଲା। ଏପରି କି ଗୋଟିଏ ବୁଥ୍‌ରୁ ଦୁର୍ବୃତ୍ତମାନେ ବାଲଟ ବାକ୍ସ ନେଇଯାଇଥିଲେ। ଗଣ୍ଡଗୋଳରେ ୫ ଜଣ ଆହତ ହୋଇଥିଲେ। ପରିସ୍ଥିତିକୁ ଦେଖି ନିର୍ବାଚନକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଥିଲା। ଏହା ଉପରେ ୨ ବୁଥ୍‌ର ଏଜେଣ୍ଟଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ୨ଟି ପୃଥକ ମାମଲା (ନଂ. ୧୦୦/୨୨, ୧୦୧/୨୨) ରୁଜୁ କରାଯାଇଥିଲା। ୨୪ ଘଣ୍ଟା ଭିତରେ ଏହି ମାମଲାରେ ପୋଲିସ ୫ ଜଣଙ୍କୁ ଗିରଫ କରିବାକୁ ସମର୍ଥ ହୋଇଛି। ସେମାନେ ହେଲେ କୁଳପଟସରାର ଦେବାଶିଷ ରାଉତ (୪୩), ବଟକୃଷ୍ଣ ପାତ୍ର (୩୮), ଢୋଲବନ୍ଧ(ପଟସରା)ର ସୁରେଶ କୁମାର ବାଘ (୩୩), ଅଜିତ କୁମାର ବାଘ (୩୦) ଏବଂ ଶାଳିଜଙ୍ଗା ଗ୍ରାମର ଚେତନ ରାଉତରାୟ (୩୩)। ଏହି ମାମଲାରେ ଆଉ ୨୦ରୁ ୨୫ ଜଣ ଅଭିଯୁକ୍ତ ଥିବା ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ କରାଯାଉଛି। ଢୋଲବନ୍ଧ ପ୍ରାଥମିକ ବିଦ୍ୟାଳୟର ୨ନଂ. ବୁଥ୍‌ରୁ ଦୁର୍ବୃତ୍ତମାନେ ନେଇ ଯାଇଥିବା ବାଲଟ ବାକ୍ସ ଶନିବାର ଉଦ୍ଧାର ହୋଇଛି। କୁଳପଟସରାର ଏକ କଳ ଘର ପଛପଟ ରାସ୍ତା ପାର୍ଶ୍ୱରୁ ପୋଲିସ ଏହାକୁ ପାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୦/୨୦୨୨ | Bhubaneswar, Sunday, February 20/2022 



**ରୋହିତ ଟେଷ୍ଟ ଅଧିନାୟକ**
ଶ୍ରୀଲଙ୍କା ବିପକ୍ଷ ସିରିଜ ପୂର୍ବରୁ ରୋହିତ ଶର୍ମା ଭାରତୀୟ ଟେଷ୍ଟ କ୍ରିକେଟ ଦଳର ନୂଆ ଅଧିନାୟକ ମନୋନୀତ ହୋଇଛନ୍ତି।
୧୨

୧୦
**ଚୁମ୍ବନ ପୂର୍ବରୁ ଅଭିନେତାଙ୍କ ହାତ ଧୁଆଉଥିଲେ ନେହା**
ଅଭିନେତ୍ରୀ ନେହା ଧୁପିଆ ଏକ କିସିଂ ସିନ୍ ପୂର୍ବରୁ ଅଭିନେତା ମହେଶ ମଞ୍ଜରେକରଙ୍କ ହାତ ୫ ଥର ଧୁଆଇଥିଲେ।



# ୨୩ରେ ୪୬ ବୁଥ୍‌ରେ ସାନି ମତଦାନ

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

**ପଞ୍ଚାୟତ ନିର୍ବାଚନ ହିଂସା**

ପୋଲିସ ମହାନିର୍ଦ୍ଦେଶକଙ୍କ କଡ଼ା ଚେତାବନୀ ପରେ ମଧ୍ୟ ପଞ୍ଚାୟତ ନିର୍ବାଚନ ହିଂସାକାଣ୍ଡ ଥମିବାର ନାଁ ନେଉନାହିଁ। ଗାଁଗଣ୍ଡାରେ ହିଂସାକାଣ୍ଡକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଦୁଇଗୋଷ୍ଠୀ ମଧ୍ୟରେ ମାରପିଟ ଏବଂ ବୁଥ୍ ଜବରଦଖଲ ଏକ ସାଧାରଣ କଥାରେ ପରିଣତ ହୋଇଗଲାଣି। ନିଜ ସପକ୍ଷରେ ମତଦାନ ନ ଗଲେ ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ଉପରେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଏପରି କି ନିର୍ବାଚନ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀ ମଧ୍ୟ ବାଦ୍ ପଡୁନାହାନ୍ତି। ଗତ ଦୁଇଟି ପର୍ଯ୍ୟାୟରେ ହୋଇଥିବା ନିର୍ବାଚନରୁ ଏଭଳି ଚିତ୍ର ଆସିଛି। ଚଳିତ ପଞ୍ଚାୟତ ନିର୍ବାଚନ ୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଛି। ଇତିମଧ୍ୟରେ ୨ଟି ପର୍ଯ୍ୟାୟ ମତଦାନ ଶେଷ ହୋଇଛି । ଏହି ଦୁଇ ପର୍ଯ୍ୟାୟରେ ନିର୍ବାଚନକୁ ନେଇ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ଏବଂ ହିଂସାକାଣ୍ଡ ଯୋଗୁ ୪୬ଟି ବୁଥ୍‌ରେ ପୁଣିଥରେ ଭୋଟଗ୍ରହଣ କରାଯିବ। ଆସନ୍ତା ୨୩ ତାରିଖରେ ଉକ୍ତ ବୁଥ୍‌ଗୁଡ଼ିକରେ ମତଦାନ କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ବୁଥ୍ ରିଗିଂ, ବାଲଟ ପେପର ନେଇଯିବା, ଭୋଟ ବାକ୍ସକୁ ପୋଖରୀକୁ ଫିଙ୍ଗିବା, ବୁଥ୍ ଜବରଦଖଲ, ଗାଡ଼ି ଭଙ୍ଗାରୁଜା, ମାରପିଟ ଭଳି ଘଟଣା ଘଟିଥିବା ବୁଥ୍‌ଗୁଡ଼ିକରେ ଜିଲାପାଳଙ୍କ ରିପୋର୍ଟକୁ ଆଧାର କରି ପୁନଃ ମତଦାନ ହେବ। ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସକାଳ ୯ଟାରୁ ଅପରାହ୍ଣ ୩ଟା ଯାଏ ଭୋଟଗ୍ରହଣ କରାଯିବ। ବିଭିନ୍ନ କାରଣରୁ ପ୍ରଥମ ପର୍ଯ୍ୟାୟରେ ବାତିଲ ହୋଇଥିବା ଭଦ୍ରକ ଜିଲାର ଭଦ୍ରକ ବ୍ଲକର ୪, ବନ୍ତ ବ୍ଲକର ଗୋଟିଏ, ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ୪, ଯାଜପୁର ଜିଲା ଯାଜପୁର ବ୍ଲକର ୯, ଧର୍ମଶାଳା ବ୍ଲକର ୩, ପୁରୀ ଜିଲା ବ୍ରହ୍ମଗିରି ବ୍ଲକର ଗୋଟିଏ, କୃଷ୍ଣପ୍ରସାଦ ବ୍ଲକର ଗୋଟିଏ, କଣାସ ବ୍ଲକର ୩ଟି ମତଦାନ କେନ୍ଦ୍ରରେ ଭୋଟଗ୍ରହଣ କରାଯିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଗଣ୍ଡଗୋଳ ଯୋଗୁ ବାତିଲ ହୋଇଥିବା ୨୦ଟି ବୁଥ୍‌ରେ ସାନି ମତଦାନ ହେବ। ☞ପୃଷ୍ଠା-୭

## ଆଜି ତୃତୀୟ ପର୍ଯ୍ୟାୟ ଭୋଟ

**ଭୁବନେଶ୍ୱର,୧୯।୨ (ବ୍ୟୁରୋ)**

- **୧୭୧ଜିଲା ପରିଷଦ ଜୋନ୍, ୧୩୮୨ ପଞ୍ଚାୟତରେ ହେବ ମତଦାନ**
- **୨୭୭୩ ସମ୍ବେଦନଶୀଳ ବୁଥ୍**



ଚଳିତ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ରବିବାର ଅନୁଷ୍ଠିତ ହେବ। ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶନିବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପୋଲିଂ ପାର୍ଟି ନିଜ ନିଜ ବୁଥ୍‌ରେ ପହଞ୍ଚି ଯାଇଛନ୍ତି। ଏହି ପର୍ଯ୍ୟାୟରେ ୨୯ ଜିଲା ୬୩ ବ୍ଲକର ୧୭୧ ଜିଲା ପରିଷଦ ଜୋନର ୧୩୮୨ ପଞ୍ଚାୟତରେ ନିର୍ବାଚନ ଅନୁଷ୍ଠିତ ହେବ। ୧୮,୪୯୫ଟି ବୁଥ୍‌ରେ ୫୬.୫୩ ଲକ୍ଷ ଜଣ ଭୋଟ ଦେବେ। ସେଥିମଧ୍ୟରୁ ୨୭୭୩ ସମ୍ବେଦନଶୀଳ ବୁଥ୍ ରହିଛି। ସେହି ବୁଥ୍‌ଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୭୧ ଜିଲା ପରିଷଦ ଜୋନରେ ୬୭୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ଣ ୧ଟା ଯାଏ ଚାଲିବ।

ନିର୍ବାଚନରେ ହେଉଥିବା ଗଣ୍ଡଗୋଳକୁ ଦେଖି ଆଇନଶୃଙ୍ଖଳା କଡ଼ାକଡ଼ି କରିବାକୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ରାଜ୍ୟ ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହିଂସାକୁ ଦେଖି ଏହି ପର୍ଯ୍ୟାୟ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ତତ୍ପରତା ପ୍ରକାଶ ପାଇଛି। ମୋଟ ୩୭,୨୪୫ ପୋଲିସ କର୍ମଚାରୀ ନିର୍ବାଚନ ଦାୟିତ୍ୱ ପରିଚାଳନା କରୁଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନ ଫେବୃୟାରୀ ୧୬ରୁ ଆରମ୍ଭ ହୋଇଛି। ଆସନ୍ତା ୨୪ ତାରିଖ ଯାଏ ☞ପୃଷ୍ଠା-୭



ରାଷ୍ଟ୍ରପତି ରାମନାଥ କୋବିନ୍ଦ ପରିବାର ସହ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

# ମହାପ୍ରଭୁଙ୍କ ଦର୍ଶନ କଲେ ରାଷ୍ଟ୍ରପତି

**ଭୁବନେଶ୍ୱର(ବ୍ୟୁରୋ)/ ପୁରୀ ଅଫିସ,୧୯।୨**

- **ବିମାନବନ୍ଦରରେ ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ**
- **ପରିବାର ସହ କଲେ ଗର୍ଭଗୃହ ଦର୍ଶନ**
- **ନୀଳଚକ୍ରରେ ବନ୍ଧାହେଲା ୧୪ ହାତିଆ ବାନା**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାରଠାରୁ ୨ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ପରିବାର ସହ ଅପରାହ୍ଣ ପ୍ରାୟ ୨ଟା ୩୦ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ଓ ପୋଲିସ ଡିଜି ପ୍ରମୁଖ ସ୍ୱାଗତ କରିଥିଲେ। ସେଠାରେ କିଛି ସମୟ କଥା ହୋଇ ରାଷ୍ଟ୍ରପତି ଓ ରାଜ୍ୟପାଳ ହେଲିକପ୍ଟର ଯୋଗେ ସିଧାସଳଖ ପୁରୀ ଗସ୍ତ କରିଥିଲେ। ପୁରୀ ପହଞ୍ଚିବା ପରେ ରାଷ୍ଟ୍ରପତି ସପତ୍ନୀକ ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ ଓ ସାନ୍ନିଧ୍ୟ ଲାଭ କରିଛନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ରାଷ୍ଟ୍ରପତି ପୁରୀସ୍ଥିତ ରାଜଭବନରେ ପହଞ୍ଚିଛନ୍ତି। ସେଠାରେ ସପରିବାର ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି।

ରାଷ୍ଟ୍ରପତିଙ୍କ ନିର୍ଦ୍ଧାରିତ କାର୍ଯ୍ୟସୂଚୀର ୧୦ ମିନିଟ୍ ପୂର୍ବରୁ ଅପରାହ୍ଣ ୩ଟା ୧୫ରେ ମହାମହିମ ପୁରୀ ☞ପୃଷ୍ଠା-୭

## ପ୍ରକଳ୍ପ ବିରୋଧୀ, ଗ୍ରାମବାସୀ ମୁହାଁମୁହିଁ


**କୁଜଙ୍ଗ,୧୯।୨(ଡି.ଏନ୍.ଏ.)**

**ଢିଙ୍କିଆରେ ପୁଣି ଉତ୍ତେଜନା**

- **ହାଇକୋର୍ଟଙ୍କ ନିର୍ଦ୍ଦେଶରେ ୫ ଜଣିଆ କମିଟି ଗସ୍ତରେ ଆସିଥିଲେ**

ହାଇକୋର୍ଟର ୫ ଜଣିଆ କମିଟି ଶନିବାର ଜଗତ୍‌ସିଂହପୁର ଜିଲାର ଢିଙ୍କିଆ ଗସ୍ତରେ ଆସିଥିବା ବେଳେ ପୁନର୍ବାର ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରକଳ୍ପ ବିରୋଧୀ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଆକ୍ରମଣରେ ୫ ଜଣ ଆହତ ହୋଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିମାଇଁ ଚରଣ ସେଠୀ ଓ ଅଭୟଚାନ୍ଦପୁର ☞ପୃଷ୍ଠା-୭








## ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩% ମତଦାନ

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ଶୁକ୍ରବାର ଶେଷ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନରେ ମୋଟ ୭୮.୩% ମତଦାନ ହୋଇଛି। ଏହି ପର୍ଯ୍ୟାୟରେ ସୁବର୍ଣ୍ଣପୁର ଜିଲାରେ ସର୍ବାଧିକ ୮୫.୬୭ ପ୍ରତିଶତ ମତଦାନ ହୋଇଥିବାବେଳେ ଗଞ୍ଜାମ ଜିଲାରେ ସର୍ବନିମ୍ନ ୬୪.୮୬ ପ୍ରତିଶତ ମତଦାନ ହୋଇଛି ବୋଲି ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ରାଜ୍ୟ ନିର୍ବାଚନ କମିଶନରଙ୍କ ସଚିବ ରବୀନ୍ଦ୍ର ସାହୁ ଏ ସମ୍ପର୍କରେ ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ**
ନିର୍ଯାତନାର ଲମ୍ବା ତାଲିକା




# ପୁଟିନ୍‌ଙ୍କ ଶକ୍ତି ପ୍ରଦର୍ଶନ

**ୟୁକ୍ରେନ୍‌କୁ ଆକ୍ରମଣ କଲେ ରୁଷିଆ ଉପରେ ଲାଗିବ ଅଭୂତପୂର୍ବ ଆର୍ଥିକ କଟକଣା: କମଳା ହାରିସ୍**

**ମସ୍କୋ/ମ୍ୟୁନିକ୍,୧୯।୨**

ୟୁକ୍ରେନ୍ ସଙ୍କଟ ମଧ୍ୟରେ ରୁଷିଆ କରିଛି ଦୂରଗାମୀ କ୍ଷେପଣାସ୍ତ୍ରର ପୁନଃ ପରୀକ୍ଷଣ। ଶନିବାର ଟିୟୁ-୯୫ ବମ୍ବର ଏବଂ ବୁଡ଼ାଜାହାଜରୁ ସବୁ ବାଲିଷ୍ଟିକ୍ ମିଶାଇଲ୍ ନିଜ ଲକ୍ଷ୍ୟ ଭେଦ କରିଛି। ତେଣୁ ପ୍ରଦର୍ଶନର ଉଦ୍ଦେଶ୍ୟ ସାଧିତ ହୋଇଥିବା କ୍ରେମ୍‌ଲିନ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ଦେଶର ସେନା ସଫଳତାର ସହ ହାଇପରସୋନିକ୍, କ୍ରୁଜ୍ ଓ ଆଣବିକ ଶକ୍ତିସମ୍ପନ୍ନ ବାଲିଷ୍ଟିକ୍ ମିଶାଇଲ୍‌ଗୁଡ଼ିକର ପରୀକ୍ଷଣ କରିଛି। ପ୍ରଥମ ପର୍ଯ୍ୟାୟରେ ଯୁଦ୍ଧାସ୍ତ୍ରଗୁଡ଼ିକର ପରୀକ୍ଷା କରାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆକ୍ରମଣର ଜବାବ ଦେବା ପାଇଁ ନିଷିଦ୍ଧ ଘୋଷିତ ରଣନୈତିକ ଅସ୍ତ୍ରଗୁଡ଼ିକୁ ବ୍ୟବହାର କରାଯାଇଥିଲା। କୃଷ୍ଣସାଗର ଓ ଉତ୍ତର ସାଗରରେ ନୌସେନା ଓ ଷ୍ଟ୍ରାଟେଜିକ୍ ଫୋର୍ସର ପ୍ରଦର୍ଶନକୁ ତ୍ରୁଟିଶୂନ୍ୟ କରି ଶତ୍ରୁ ପକ୍ଷକୁ ଟାର୍ଗେଟ କରିବାର ରଣନୀତି ସଫଳ ହୋଇଥିବା ରୁଷିଆ ସେନା ମୁଖ୍ୟ ଭଲେରି ଗେରାସିମୋଭ୍ ଏକ ଟେଲିଭିଜନ ବାର୍ତ୍ତାରେ ପୁଟିନ୍‌ଙ୍କୁ ଜଣାଇଛନ୍ତି। ନ୍ୟୁକ୍ଲିୟର ଡ୍ରିଲ୍ ବେଳେ ପୁଟିନ୍ କ୍ରେମଲିନ୍‌ର ସିଚ୍ୟୁଏଶନ୍ ରୁମ୍‌ରେ ରହି ସମ୍ପୂର୍ଣ୍ଣ ସମରାଭ୍ୟାସକୁ ଅନୁଧ୍ୟାନ କରିଥିଲେ। ପୁଟିନ୍‌ଙ୍କ ସହ ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ ମଧ୍ୟ ଉପସ୍ଥିତ ଥିଲେ। ☞ପୃଷ୍ଠା-୭



ରୁଷିଆ ପକ୍ଷରୁ ଶନିବାର ସମରାଭ୍ୟାସ ବେଳେ ଇସ୍କାଣ୍ଡେର-କେ ମିଶାଇଲ୍ ଉତ୍‌କ୍ଷେପଣର ଦୃଶ୍ୟ।

## ଭାରତର ନିରପେକ୍ଷତାକୁ ସ୍ୱାଗତ କଲା ରୁଷିଆ

**ନୂଆଦିଲ୍ଲୀ,୧୯।୨**

ୟୁକ୍ରେନ୍ ପ୍ରସଙ୍ଗରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକଠାରୁ ସମାଲୋଚିତ ହେବା ପରେ ଭାରତକୁ ପ୍ରଶଂସା କରିଛି ରୁଷିଆ। ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସନ୍ତୁଳିତ, ସିଦ୍ଧାନ୍ତଗତ ଓ ନିରପେକ୍ଷ ଆଭିମୁଖ୍ୟକୁ ନୂଆଦିଲ୍ଲୀସ୍ଥିତ ରୁଷିଆ ଦୂତାବାସ ସ୍ୱାଗତ କରିଛି। ପ୍ରକାଶ ଯେ, ୟୁକ୍ରେନ୍ ଉପରେ ରୁଷିଆର ସମ୍ଭାବ୍ୟ ଆକ୍ରମଣକୁ ନେଇ ଆମେରିକା ସମେତ ୟୁରୋପୀୟ ଦେଶଗୁଡ଼ିକ ଜାତିସଂଘରେ ମସ୍କୋ ବିରୋଧରେ ମତ ☞ପୃଷ୍ଠା-୭

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ମାମୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ


ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭାଇଙ୍କୁ ଭୁଜାଲିରେ ହାଣିଲେ

**ସଜନାଗଡ଼, ୧୯।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ବାଉଁଶପାଳ ନିକଟରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ଶତ୍ରୁତାରୁ ଜଣେ ଯୁବକଙ୍କୁ ତାଙ୍କ ମାମୁ ପୁଅ ଭାଇ ଗୋଡ଼ାଇ ଗୋଡ଼ାଇ ରାସ୍ତା ମଝିରେ ଭୁଜାଲିରେ ହାଣିବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଶନିବାର ପୂର୍ବାହ୍ନରେ ରାଜୀବ ଲୋଚନ ସେଠୀ ଓ ତାଙ୍କ ମାମୁ, ମାମୁ ପୁଅ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିଥିଲା। ଏଥିରେ ମାମୁ ପୁଅ ଭାଇ ଉତ୍ତ୍ୟକ୍ତ ହୋଇ ରାଜୀବଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ରାଜୀବ ଗୁରୁତର ହୋଇପଡିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବରହମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ରାଜୀବଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣା ପରେ ବରହମପୁର ଥାନାରେ ପୃଥକ୍ ଭାବେ ଦୁଇଟି ଅଭିଯୋଗ ହୋଇଛି। ବରହମପୁର ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛି।

# classifieds Everyday

**0674-2580101, 2549302**




## BRIDE WANTED

Brahmin oriya doctor, 33/5'7", doing MRCOG (P.G. in Gynaecology) in England, will settle in India, needs Brahmin doctor 9437057753. D-23196

## GROOM WANTED

Groom for high qualified Scientist bride, M.Sc., Ph.D., PDF (Southkorea), age-39-45 Govt of India, Delhi, Khandayat, Karan. Cell- 9437226297, 7008597578. D-23209

Beautiful brahmin girl 1993, 5'4" MCA serving Cuttack, "SUNASANSAR". 9937512659, 8249969649. D-23200




## SALE

**Gated community township gharabari plot sale in Gudiapokhari near KEC College with 30' road, Electricity, boundarywall. 8763887357, 8144730854.** D-71786

ନୀଳଚକ୍ର ନଗର, ପୁରୀରେ ଘରବାଡ଼ି ଜାଗା, ଘର ବିକ୍ରିହେବ। ଯୋଗାଯୋଗ- 9778822812. D-23066

**House- M/21, RDA Phase-I at Chhend Colony, 769015 with ground + Two floors. 9439357383, 9040445349.** D-71015

5BHK triplex 52,00,000/- finishing Hanspal, gharabari plot Atala 450/- psqft.- 8093465134, 9668194157. D-70998

**13.77 Acre plots by side of state highway 10, near Gomardihi, Kutra, Dist.- Sundergarh with one Petrolpump/ wellfurnished living houses. 9437044900, 9439909433.** D-71014

ଭୁବନେଶ୍ୱର ଜଟଣୀଗେଟ୍ (sqft.-649/-ରୁ 350/-), Sundarpada Xavier (1200sqft. 3,36,000/), ଜାଆଁଳା (sqft.-649/-). Contact: 8114994259, 8658963803. D-23184

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-23189

2BHK flat near Puri Sea Beach Cocopalms Light House Rs.- 25lakhs. 9776080988, 9238361409. D-70776

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-23190

4000sqft. free hold plot sale at Sahid Nagar. Phone: 7978388025. D-23199

**ଭୁବନେଶ୍ୱର ଖୋର୍ଦ୍ଧା ମଧ୍ୟରେ ପିତାପଲ୍ଲୀ ଛକ NH-16କୁ ଲାଗି ଘରବାରି, boundary, electrification ଥାଇ ସୁଲଭ ମୂଲ୍ୟରେ ଜାଗା ବିକ୍ରିହେଉଛି। 9777342153.** D-71795

Gharabari plot, Gohriachhaka, 200m from NH and investment gharabari plot Sundarpada and KEC Gudiapokhari for sale. 9777345831. D-71017

**Private plot 6000sqft. ଘରବାରି (6ft. height boundary) near Sai life style Apartment ଗୁଡ଼ିଆପୋଖରୀ ଛକ- 48,00,000/-, direct owner- 9937373013.** D-71796

ପୁରୀରେ ବାସୋପଯୋଗୀ ସ୍ଥିତିବାନ ପଟ୍ଟା ଥାଇ, Litigation free, PKDA Plan approve (ପୁରୀ-କୋଣାର୍କ ଡେଭ୍‌ଲପମେଣ୍ଟ ଅଥରିଟି, ପୁରୀ), ସହଜରେ ବ୍ୟାଙ୍କ ଲୋନ୍, Electricity, Water ସୁବିଧା ଥାଇ, 2000 Sqft. Plot (50'x40'), ମନ୍ଦିର 3.5 Km., ଶ୍ରୀଲୋକନାଥ ମନ୍ଦିର 1.5 Km., ଭୁବନେଶ୍ୱର- 67 Km., Direct owner- 9238518762, 9438590121. D-23166

**ପୁରୀ ଶ୍ରୀମନ୍ଦିର ପାଖରୁ 6 କିଲୋମିଟର ଦୂରରେ ଅତିଶୀଘ୍ର ଘର କରିବା ଯୋଗ୍ୟ ସ୍ଥିତିବାନ୍ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ 700 ଟଙ୍କା, 25 ଫୁଟ ରାସ୍ତା ସହ ଇଲେକ୍ଟ୍ରି, ପାଣି ସୁବିଧା ଅଛି। ଯୋଗାଯୋଗ- 7855949100/ 6370556429.** D-23195

Plot for sale at heart of Chandikhole in front of Chandikhole Govt. College, area- 9000sqft. (Approx.). Contact: 9776025750, 9861072465. D-23210

**ଭୁବନେଶ୍ୱର ବାଲିଅନ୍ତା-1100/-, ସୁନ୍ଦରପଦା- 750/-, ତମାଣ୍ଡୋ- 1200/-, Limited plot (Bank finance available). 9776846520.** D-71794

Chandrasekharpur ଶ୍ରୀବିହାର କଲୋନୀ ଓ VSS Nagar ହାଟକୁ ଲାଗି ଘରବାରି ପ୍ଲଟ୍ 30ft. road boundary ଥାଇ କିଣନ୍ତୁ। 7788888879. D-71797

**MIG-II- 79/2, at OSHB Phase-I, Chandrasekharpur, Bhubaneswar-751016 well furnished living house. 7978472782, 9439357383.** D-71016

ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 K.M. ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71865

**Gharabari yellowzone plot for sale near NH at Hanspal, Pahala and Balianta with compoun wall. Contact: 9437922726, 7205337726.** D-23198

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71944

**Residential gharabari plot near English Medium School Brahmanjharilo with boundarywall, 7K.m. from Nakhara, Cuttack, 12K.m to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71858

60'X30' Corner plot for sale near Puri Seabeach, Mouza- Sipasarubali near Light House Cocopalms. 9776080988, 9238361409. D-70775

**Bhubaneswar Vingarpur Oxford College ଛକ ନିକଟରେ ମୁଖ୍ୟ ପିଚୁ ରାସ୍ତାକୁ ଲାଗି ସଙ୍ଗେସଙ୍ଗେ ଘର କଲାଭଳି ଘରବାଡ଼ି plot ବିକ୍ରିହେବ। 6370025920, 9937674302.** D-71793

Proposed Duplex Bungalow at Botanda Sunderpada near Gangajamuna Apartment Bhubaneswar BDA plan approved 78,00,000/- :9861125539/ 9040521173. D-70777

**ଭୁବନେଶ୍ୱର ଯାଆଁଳା NH-5 ରୁ 400 ମିଟର ଦୂରତାରେ ପଟ୍ଟା, boundary, ଇଲେକ୍ଟ୍ରିସିଟି ସୁବିଧା ଥାଇ immediate ଘର କଲାଭଳି ପ୍ଲଟ୍ 15,60,000/-. 9437691481.** D-71783

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

**ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9348673415, 6372694842.** D-71799

Gharabari plot with boundary near Utkal Hights 57 Dec. Rs.- 6500000/-. Mob: 7848983289. D-23083

**30' Road, Gated society, Security guard, CCTV ଥାଇ ତୁରନ୍ତ ଘର କଲାଭଳି 3ଟି plot ହଂସପାଳ ରାମଚନ୍ଦ୍ରପୁର ମୌଜାରେ ବିକ୍ରିହେବ। 9437033320.** D-71798

Full furnishing 4BHK new flat SB area 2132sqft. Cuttack road near Vits Hotel Rs per sqft.- 9500/-. Mob: 7848983289. D-23084

## PURCHASE

ଭୁବନେଶ୍ୱରରେ ନିଜର ନୂଆ କିମ୍ବା ପୁରୁଣା flats duplexes ବିକିବାକୁ ଚାହୁଁଛନ୍ତି କି? 6371090682. D-68289




Want a dream home on your own plot assistance for construction design and development. Contact: K.K. Construction. 7008268129, 9439143273. D-71334




Space available for Office, Service Centre, Godown, Shop at Lane-12, Bapuji nagar, Bhubaneswar. Contact-9437081583. D-70996

Full furnishing 4BHK flat @ 40000/-, near Vits Hotel. Mob: 7848983289. D-23082

Single room available at 2nd and 3rd floor Bapuji Nagar, Bhubaneswar each @5000/-, Contact: 7008485542. D-71340

All modular 3BHK, 3Balcony, prime location behind Kalinga Stadium, Bhubaneswar for rent, # 7722848487. D-65928




**Relax, refresh your body, mind at Lotus SPA with best therapies. 8018891951.** D-71863

All types body massage with hiprofile smart lady room service available. 9142145769. D-71337

Newly opening SPA positively health benefits with expert therapist. 8917332216. D-71946

**One hour any therapy by expert therapist @999 only. 9078484455.** D-71474

Newly open full body massage ladies and gents. 8327740003. D-71864

Refreshing your mind and body with the best therapy, 7873794731. D-23024

**Relax, Refresh your body, Mind at SAIKRUPA Spa with best therapies. 8984068077.** D-23068

## LOST

ମୁଁ ସତ୍ୟଭାମା ହୋତା, ସ୍ୱାମୀ- ସୁଧାନିଧି ହୋତା, ପ୍ଲଟ୍ ନଂ.-୩୩୩, ବରମୁଣ୍ଡା, ଭୁବନେଶ୍ୱର ଜଣାଉଛି କି ଗତ ୨୯।୧୨।୨୦୨୧ରି ଖରେ ମୋର ଘରଠାରୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଯାଉଥିବା ସମୟରେ ମୋ ଜାଗାର ମୂଳ ଦସ୍ତାବିଜ୍ (ଆର୍.ଏସ୍.ଡି) କେଉଁଠାରେ ହଜିଯାଇଛି। କେହି ଯଦି ଏହି ଦସ୍ତାବିଜ୍‌କୁ ଅପବ୍ୟବହାର କରନ୍ତି ସେଥିପାଇଁ ଆମେ ଦାୟୀ ରହିବୁ ନାହିଁ। ଯୋଗାଯୋଗ- 7008397046, 9437300498. D-71866

## AFFIDAVIT

By virtue of an affidavit before Executive Magistrate, Balasore I Narendra Kumar Malik, S/o- Late Jogendra Malik, Mulakaida, Anantapur, Soro, Balasore solemnly declare that my name has been inadvertently mentioned in my Passport as Narendra Malik instead of Narendra Kumar Malik. That Narendra Malik & Narendra Kumar Malik is same & one person. D-23201

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

ନୋଟିସ୍

ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୨, ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର। ଓ.ଏସ୍.ଏସ୍ କେଶ୍ ନଂ.-୧୦୬୦/୨୦୧୯

ଅମ୍ବିକା ପ୍ରସାଦ ମହାନ୍ତି .......ବାଦୀ

ବନାମ

ଷ୍ଟେଟ୍ ଅଫ୍ ଓଡ଼ିଶା ଆଣ୍ଡ ଅଦର୍ସ .....ପ୍ରତିବାଦୀ

ନୋଟିସ୍ ସିପିସି ଅର୍ଡର-୫, ରୁଲ ୨୦ ମୁତାବକ ସୁରେନ୍ଦ୍ରନାଥ ମହାପାତ୍ର, ପିତା- ଉଦୟନାଥ ମହାପାତ୍ର, ସା/ପୋ- ସାନ୍ତରାପୁର, ଥାନା- ଜଟଣୀ, ଜି- ଖୋର୍ଦ୍ଧା, ପ୍ରତିବାଦୀ ନଂ.-୪ ଉପରୋକ୍ତ ଓ.ଏସ୍.ଏସ୍ କେଶ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୪ଙ୍କୁ ନୋଟିସ୍ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୨ ଇଜିଲାସ, ୪ର୍ଥ ମହଲା ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୧।୦୩।୨୦୨୨ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ସାନ୍ତରାପୁର, ତହସିଲ-ଜଟଣୀ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ସାବକ ଖାତା ନଂ.-୨୭, ସାବକ ପ୍ଲଟ୍ ନଂ.-୧୦, ଏରିଆ- ୨୫୭, ଓଲ୍ଡ ଖାତା ନଂ.-୨୧, ହାଲ ପ୍ଲଟ୍ ନଂ.-୯, ଏରିଆ ଏ୦.୩୪୫। ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୨ଙ୍କ ଆଦେଶକ୍ରମେ।

ଧ-୭୧୬୭୦

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଘରର କଥା ହେଉ କିମ୍ବା ଅଫିସ, ଯଦି କିଛି ସମସ୍ୟା ରହିଥାଏ ସୁଧୁରିଯିବ। ବ୍ୟବସାୟ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ, ମରାମତି ପାଇଁ ଦିନଟି ଭଲ। କିନ୍ତୁ ପଡ଼ୋଶୀ, ସହକର୍ମୀଙ୍କ କାମରେ ସତର୍କତାର ସହ କିଛି କହିବା କିମ୍ବା କରିବା ଭଲ ହେବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ବୃଷ** ସକାଳୁ ବନ୍ଧୁଙ୍କ ସମ୍ପର୍କରେ କିଛି ଅର୍ଥ କିମ୍ବା ଖୁସି ଖବର ପାଇବେ। କିନ୍ତୁ ଉପରେ ପଡ଼ି କାହାକୁ କିଛି ଉପଦେଶ ଦେଲେ ସେହି ବ୍ୟକ୍ତି ତାହାକୁ ଭୁଲ୍ ବୁଝିବ। ଅଫିସ୍‌କୁ ଯିବା ବାଟରେ ଅଜଣା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଆଲୋଚନା ପରିସରରେ କୌଣସି ନୂଆ କାମର ପ୍ରସ୍ତାବକୁ ଅନ୍ୟମାନେ ଦୃଢ଼ ସମର୍ଥନ ଜଣାଇବେ।

**ମିଥୁନ** ଆଜି ଖୋଜୁଥିବା ଜିନିଷ, ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ଆଖିରୁ ପାଣି ମରିଯିବ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା କାରଣକୁ ନେଇ ଅଶାନ୍ତି ଲାଗିରହିବ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**କର୍କଟ** ଆଜି ଅର୍ଥର ଅଭାବ ନ ଥିଲେ ମଧ୍ୟ ନିଜ ଲୋକମାନଙ୍କ ଦ୍ୱାରା ସମାଲୋଚିତ ହେବେ। କଚେରି ମାମଲା କିମ୍ବା ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ। ବନ୍ଧୁ ବାନ୍ଧବ ସୁବିଧାବାଦୀ ଗୁଣରେ ଶୋଷଣ କରିବେ, ଏଣୁ ବୁଝି ବିଚାରି କାମ କରନ୍ତୁ। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ ଏବଂ ଖୋଜୁଥିବା ଜିନିଷ ପାଇବେ।

**ସିଂହ** କୌଣସି ନୂଆ କାମ ହାତକୁ ନେବେ ଓ ତଦନୁଯାୟୀ କାମ ମଧ୍ୟ ଆରମ୍ଭ କରି ଦେଇପାରନ୍ତି। ନିରପେକ୍ଷତା ଅବଲମ୍ବନ ନ କଲେ କର୍ମକ୍ଷେତ୍ରରେ ସମାଲୋଚିତ ହେବାକୁ ପଡ଼ିବ। ଦେହ ଭଲ ରହିବ, ମାତ୍ର ଦୁର୍ବଳତା ଜନିତ କ୍ଳାନ୍ତି ବୋଧ କରିବେ। ପରିବାର ମଧ୍ୟରେ ପରସ୍ପରକୁ ଦୋଷ ଦେଇ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି।

**କନ୍ୟା** ବିଳମ୍ବିତ ସମୟରେ କାମଗୁଡ଼ିକ ସମ୍ପନ୍ନ ହେଉଥିବାରୁ ସାମୟିକ ଧୈର୍ଯ୍ୟଚ୍ୟୁତି ଘଟିପାରେ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ମୁକାବିଲା କରିବା ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିବ। କେତେକ କାମ ଅଟକି ରହିଥିବା କାରଣରୁ ଟେନ୍‌ସନ୍ କିଛି ମାତ୍ରାରେ ଲାଗିରହିବ। ଘରୋଇ କଳହକୁ ନେଇ ଅଶାନ୍ତି ଦେଖାଦେଇପାରେ।

**ତୁଳା** ଈର୍ଷା ପରାୟଣ ହୋଇ ସମ୍ପର୍କୀୟ କେତେକ ବ୍ୟକ୍ତି ବିଭିନ୍ନ କଟୂକ୍ତି ପ୍ରକାଶ କରିବେ। ପରିବାର ଭିତରେ ପ୍ରଶଂସାସୂଚକ ପଦୁଟିଏ କଥା ଶୁଣିବାକୁ ମିଳିବ ନାହିଁ। ବ୍ୟବସାୟରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ। ଯାନବାହନ ଚଳାଚଳରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ।

**ବିଛା** ଆଜିର ଦିନଟି ସରକାରୀ କିମ୍ବା ଘରୋଇ କ୍ଷେତ୍ରରେ ବିଭିନ୍ନ ଆଲୋଚନା ଭିତରେ କଟିବ। ଆଗାମୀ ସମୟର କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁଙ୍କ ସହଯୋଗ ଆଶା କରିବେ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ।

**ଧନୁ** ଆଜିର ଆନୁଷ୍ଠାନିକ କାମରେ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଅବଶ୍ୟ ମିଳିବ। ପରିବାରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଆଗାମୀ ମଙ୍ଗଳୋତ୍ସବ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କୌଣସି ବ୍ୟକ୍ତିଙ୍କ ସରଳ କଥାକୁ ଆଧାର କରି ଖୁବ୍ ଆଶାବାଦୀ ହେବେ।

**ମକର** କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ତଥାପି ଶ୍ରବଣା ନକ୍ଷତ୍ରର ନିଜର ଅବହେଳାରୁ କେତେକ ସୁଯୋଗ ହାତଛଡ଼ା ହୋଇପାରେ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ଏଣୁ ନିଜ ଦୋଷକୁ ସ୍ୱୀକାର କରିନେବା ଭଲ। ଆତ୍ମୀୟଙ୍କ ସହ ମତପାର୍ଥକ୍ୟ ହେବା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ।

**କୁମ୍ଭ** ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବେଶୀ ବ୍ୟସ୍ତ ହୋଇପାରନ୍ତି। ମନ କଥା ମନରେ ରଖି ସରଳ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ଫେରିବା ରାସ୍ତାରେ ଅପରିଚିତ ବ୍ୟକ୍ତିଙ୍କ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଉପର କର୍ମକର୍ତ୍ତା ଆପଣଙ୍କ ପରାମର୍ଶ କିମ୍ବା ସହଯୋଗ ଲୋଡ଼ିପାରନ୍ତି।

**ମୀନ** ପରିବାରରେ ଯେତେ ମନ ଧରି କାମ କଲେ ମଧ୍ୟ ଅନ୍ୟମାନଙ୍କୁ ପୂର୍ଣ୍ଣମାତ୍ରାରେ ସନ୍ତୁଷ୍ଟ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ବୁଝାମଣା ଓ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ରହିବେ।

# ଦିବ୍ୟାଙ୍ଗଙ୍କୁ ବଳାତ୍କାର ମାମଲାରେ ୧୦ବର୍ଷ ଜେଲ

**ବରଗଡ଼ ଅଫିସ୍,୧୯।୨:** ୨୦୦୩ ମସିହାରେ ବରଗଡ଼ ଜିଲା ଭଟଲି ଥାନା ଅଧୀନ ବରପଦର ଗ୍ରାମର ଜଣେ ଦିବ୍ୟାଙ୍ଗ ଝିଅଙ୍କୁ ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ବରଗଡ଼ ମହିଳା କୋର୍ଟ ବିଚାରପତି ସୁମିତ୍ରା ଆଚାର୍ଯ୍ୟ ଉକ୍ତ ମାମଲାର ଶୁଣାଣି କରି ଅଭିଯୁକ୍ତ ବରପଦର ଗ୍ରାମର ଅଶୋକ କୁମାର ମିଶ୍ରଙ୍କୁ ୧୦ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ଏବଂ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୨,୨୮,୦୫,୧୮୧ | ୫୮,୯୫,୭୩୬ | ୩୪,୭୫,୭୦,୩୬୯ |
| ଭାରତ | ୪,୨୮,୦୨,୫୦୫ | ୫,୧୧,୭୬୬ | ୪,୨୦,୩୭,୫୩୬ |
| ଓଡ଼ିଶା | ୧୨,୮୧,୯୮୯ | ୮୯୯୪(+୫୩) | ୧୨,୬୬,୧୦୯ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସ୍ୱାଗତ କରୁଛନ୍ତି।



ଅପରାହ୍ନରେ ପୁରୀ ଶ୍ରୀମନ୍ଦିରକୁ ଯାଉଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପତ୍ନୀ ସବିତା କୋବିନ୍ଦ ଓ ଅନ୍ୟମାନେ।

# ୫ ଦିନିଆ ରିମାଣ୍ଡରେ ନକଲି ଡାକ୍ତର ରମେଶ

## ୩୦ ବର୍ଷର କଳାକାରନାମାର ଗୁମର ଖୋଜିବ ପୋଲିସ

**ଭୁବନେଶ୍ୱର, ୧୯।୨(ବ୍ୟୁରୋ)**

ସମ୍ପତ୍ତି ହାତେଇବା ପାଇଁ ବିଭିନ୍ନ ରାଜ୍ୟର ଏକାଧିକ ମହିଳାଙ୍କୁ ବିବାହ କରି ଜେଲରେ ଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ଶନିବାର ରିମାଣ୍ଡରେ ଆସିଛନ୍ତି। ମହିଳା ଥାନା ପୋଲିସ ଝାରପଡ଼ା ଜେଲରୁ ତାଙ୍କୁ ୫ଦିନିଆ ରିମାଣ୍ଡରେ ଆଣି ପଚରାଉଚରା ଜାରି ରଖିଛି। ପୋଲିସ ତାଙ୍କୁ ୭ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିଥିଲା। ହେଲେ କୋର୍ଟ ୫ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ। ଅଭିଯୁକ୍ତ ରମେଶଙ୍କୁ ଆଣି କମିଶନରେଟ ପୋଲିସ ଘନ ଘନ ଜେରା କରୁଛି। ରମେଶଙ୍କ ନାଁରେ ମହିଳା ଥାନା ଓ ଖଣ୍ଡଗିରି ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଏହା ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରୁ ତାଙ୍କ ବିରୋଧରେ ୧୧ଟି ଠକେଇ



ଅଭିଯୋଗ ପୋଲିସ ପାଖରେ ପହଞ୍ଚିଲାଣି। ସେ ବିବାହ କରିଥିବା ଜଣେ ମହିଳାଙ୍କଠାରୁ ଡେବିଟ୍ ଓ କ୍ରେଡିଟ୍ କାର୍ଡ ଜରିଆରେ ପ୍ରାୟ ୨୦ ଲକ୍ଷ ଟଙ୍କା ନେଇଯାଇଥିବା ମଧ୍ୟ ଅଭିଯୋଗ ଆସିଛି। ତେବେ ଅଭିଯୁକ୍ତ ରମେଶ ଏକାକୀ ଏତେ କଳାକାରନାମା କିପରି କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାରେ ତାଙ୍କ ସହ ଆଉ କେତେଜଣ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ପୋଲିସ ଏହି ରିମାଣ୍ଡ ଅବଧି ସମୟରେ ରମେଶଙ୍କ ଏକାଧିକ ଗୁମର ଖୋଲିବାକୁ ଆଶା ରଖିଛି। ରମେଶ ୩୦ ବର୍ଷରେ ପ୍ରକୃତରେ କେତେଜଣ ମହିଳାଙ୍କୁ ଜାଲରେ ଫସାଇ ବିବାହ କରିଛନ୍ତି, ଠକେଇ ଟଙ୍କା କେଉଁଠି ନିବେଶ କରିଛନ୍ତି, ସ୍ତ୍ରୀଙ୍କଠାରୁ ହାତେଇଥିବା ସୁନାଗହଣା ସବୁ କେଉଁଠି ରଖିଛନ୍ତି, ଆଗାମୀ ଦିନରେ ସେ ଆଉ କେତେଜଣଙ୍କୁ ବିବାହ କରିବାକୁ ଟାର୍ଗେଟ ରଖିଥିଲେ, ତାଙ୍କ ସହ ଏହି ଠକାମିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଏମ୍‌ବିବିଏସ୍‌ରେ ନାମ ଲେଖାଇବା ନାଁରେ ସେ ଆଉ କେତେ ଜଣଙ୍କୁ ଠକିଛନ୍ତି ପ୍ରଭୃତି ବିଭିନ୍ନ ପ୍ରଶ୍ନ ତଥା ଦିଗକୁ ନେଇ ପୋଲିସ ଟିମ୍ ତାଙ୍କଠାରୁ ତଥ୍ୟ ହାସଲ କରିବ। ରମେଶ ରାଜ୍ୟ ବାହାରେ ଫାର୍ମ ହାଉସ ଖୋଲିଥିବା ମଧ୍ୟ ପୋଲିସ ସୁରାକ ପାଇଛି। ତେବେ ଆବଶ୍ୟକତା ପଡ଼ିଲେ ପୋଲିସ ଟିମ୍ ବାହାର ରାଜ୍ୟକୁ ତଦନ୍ତ ପାଇଁ ଯିବ ବୋଲି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ଗଣମାଧ୍ୟମକୁ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ରମେଶ ବିଭିନ୍ନ ମାଟ୍ରିମୋନିଆଲ୍ ସାଇଟ୍ ଏବଂ ସୋସିଆଲ୍ ମିଡିଆରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରୁଥିଲେ। ଏହାପରେ ସେମାନଙ୍କଠାରୁ ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ତେବେ ରମେଶଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ତାଙ୍କୁ ଗିରଫ ପାଇଁ କମିଶନରେଟ ପୋଲିସ ଅଣ୍ଟା ଭିଡ଼ିଥିଲା।



## ତେଜସ୍ୱିତା ମିସେସ୍ ଇଣ୍ଡିଆ ଦ୍ୱିତୀୟ ରନର୍ସଅପ୍

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ସର୍ବଭାରତୀୟସ୍ତରରେ ଆୟୋଜିତ ଗ୍ଲାମନ୍ ମିସେସ୍ ଇଣ୍ଡିଆ (ଜିରୋ ସାଇଜ୍) ପ୍ରତିଯୋଗିତାରେ ଓଡ଼ିଶାର ତେଜସ୍ୱିତା ମହାପାତ୍ର ଦ୍ୱିତୀୟ ରନର୍ସଅପ୍ ହୋଇ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଗତ ଜାନୁୟାରୀରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଏକ ପର୍ଯ୍ୟାୟରେ ଅନ୍ୟ ପ୍ରତିଯୋଗୀଙ୍କୁ ପଛରେ ପକାଇ ତେଜସ୍ୱିତା ଯୋଗ୍ୟତା ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଚଳିତ ମାସରେ ଗୋଆରେ ଆୟୋଜିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସମୁଦାୟ ୬୦ଜଣ ପ୍ରତିଯୋଗୀ ଭାଗନେଇଥିଲେ। ପ୍ରି.ଜଜିଂ, ଯୋଗ୍ୟତା, ଜାତୀୟ ପୋଷାକ, ପ୍ରଶ୍ନୋତ୍ତର ଇତ୍ୟାଦି ପର୍ଯ୍ୟାୟରେ ପ୍ରତିଯୋଗୀମାନଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ଏଥିରେ ମଧ୍ୟ ତେଜସ୍ୱିତା ଭଲ ପ୍ରଦର୍ଶନ କରି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ପରେ ସେ ଫାଇନାଲରେ ଚମତ୍କାର ପ୍ରଦର୍ଶନ ସହ ଦ୍ୱିତୀୟ ରନର୍ସଅପ୍ ଟାଇଟଲ ଅର୍ଜନ କରିବାରେ ସଫଳ ହୋଇଥିଲେ। ସେ କଟକର ତଗରପଡ଼ା ନିବାସୀ ବରିଷ୍ଠ ଆଇନଜୀବୀ ଗୋକୁଳାନନ୍ଦ ମହାପାତ୍ର ଏବଂ ଅନ୍ନପୂର୍ଣ୍ଣା ମହାପାତ୍ରଙ୍କ କନିଷ୍ଠ କନ୍ୟା। ପରବର୍ତ୍ତୀ ସମୟରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି ବୋଲି ତେଜସ୍ୱିତା କହିଛନ୍ତି।




ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଯତ ହୋଇ ଏଣୁ ତେଣୁ ଗପିଯାଏ– ଯାହା ନ କହିବା ଉଚିତ ସେସବୁ କହିପକାଏ– ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ। –ଶ୍ରୀମା



# ନିର୍ଯାତନାର ଲମ୍ବା ତାଳିକା



ଆକାର ପଟେଲ

ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଭାରତୀୟ ମିଡିଆ ଧ୍ୟାନ ଦେଉ ନାହିଁ ବୋଲି ଏନ୍‌ଡିଟିଭିଆଙ୍କର ରବିଶ କୁମାର ଯାହା କହିଛନ୍ତି ତାହା ଠିକ୍। ଏହି କାରଣରୁ ଆମେ ଉକ୍ତ ବିଷୟଗୁଡ଼ିକ ଉପରେ ଗୁରୁତ୍ୱ ଦେବା ଜରୁରୀ। ସେସବୁ ସମ୍ପର୍କରେ କ'ଣ ଲେଖୁଛୁ ଓ ପଢୁଛୁ ତାହା ଉପରେ ବି ଧ୍ୟାନ ଦେବାକୁ ପଡ଼ିବ। ଆଉ କିଛିମାସ ପରେ ଆମେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଶାସନର ନବମ ବର୍ଷରେ ପ୍ରବେଶ କରିବୁ। ଏହି ଲମ୍ବା ସମୟ ମଧ୍ୟରେ ଏକ ଦେଶ ରୂପେ ଆମକୁ କେଉଁଠିକୁ ନିଆଯାଇଛି ତାହା ସ୍ପଷ୍ଟ ହେବା ଦରକାର। ଏଥିପାଇଁ ଅନେକ ପ୍ରସଙ୍ଗ ରହିଛି, ଯାହା ପ୍ରକାଶ କରିବା ଆବଶ୍ୟକ। ତେବେ ଆଜି ଦୁଇଟି ବିଷୟ ଉପରେ ଆଲୋଚନା କରିବା। ପ୍ରଥମ ପ୍ରସଙ୍ଗ ହେଉଛି ଅର୍ଥ ବ୍ୟବସ୍ଥା। ପୂର୍ବରୁ ଭାରତର ଅର୍ଥ ବ୍ୟବସ୍ଥା ଆଗକୁ ବଢୁନାହିଁ ବୋଲି ଚାଇନା, ତାଇୱାନ, ସିଙ୍ଗାପୁର ଏବଂ ଦକ୍ଷିଣ କୋରିଆ କିମ୍ବା ଏବେ ଆର୍ଥିକ କ୍ଷେତ୍ରରେ ସଫଳ ହେଉଥିବା ଭିଏଟନାମ୍ ଓ ବାଂଲାଦେଶ ପ୍ରକାଶ କରିଥିଲେ। ଏହାର ସତ୍ୟାସତ୍ୟ ଜାଣିବାକୁ ହେଲେ ଦେଶରେ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ପୁନର୍ବାର ଏଠାରେ ଦୋହରାଇବାକୁ ପଡୁଛି । ପ୍ରଥମତଃ, ଆଜିର ତୁଳନାରେ ୨୦୧୩ରେ ୫ କୋଟିରୁ ଅଧିକ ଭାରତୀୟ ଚାକିରି କରିଥିଲେ ଓ ୧୨ କୋଟିରୁ ଊର୍ଦ୍ଧ୍ୱ ଲୋକ କର୍ମସ୍ଥଳୀକୁ ଯାଉଥିଲେ। କିନ୍ତୁ ଏହିସବୁ ଚାକିରି ମହାମାରୀ ପୂର୍ବରୁ ଚାଲିଯାଇଥିଲା। କାମ କରୁଥିବା କିମ୍ବା କାମ କରିବାକୁ ଚାହୁଁଥିବା ୧୫ ବର୍ଷୀୟ ଭାରତୀୟଙ୍କ ସଂଖ୍ୟା ଆମେରିକା, ଚାଇନା, ବାଂଲାଦେଶ ଓ ପାକିସ୍ତାନ ଠାରୁ କମ୍। ମାନୁଫାକ୍ଚରିଂରେ ଚାକିରି କମିଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ୟୟ ୨୦୧୪ରେ ଯାହା ଥିଲା ତାହା ୨୦୨୦ରେ ୪ଗୁଣ ବୃଦ୍ଧି ପାଇଥିଲା। ହେଲେ ଚାହିଦା ସେଇଠି ଅଟକିଗଲା। ଯେଉଁଥିପାଇଁ ଲୋକେ କାମ ଚାହୁଁଥିଲେ ମଧ୍ୟ ସେମାନଙ୍କ ଲାଗି ଚାକିରି ନାହିଁ। ଦ୍ୱିତୀୟରେ, ଭାରତୀୟମାନେ କମ୍ ବ୍ୟୟ କରୁଛନ୍ତି। ଏକ ସରକାରୀ ସର୍ଭେ ଅନୁଯାୟୀ, ୨୦୧୨ ତୁଳନାରେ ୨୦୧୮ରେ ଭାରତୀୟମାନେ ଖାଦ୍ୟ ବାବଦରେ କମ୍ ଖର୍ଚ୍ଚ କରୁଥିଲେ। ତୃତୀୟରେ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଏକ ଦ୍ୱିମାସିକ ସର୍ଭେ କରିଛି। ଏଥିରେ ସାରା ଭାରତର ଅନେକ ହଜାର ପରିବାରକୁ ସାମିଲ କରାଯାଇଛି। ଗୋଟିଏ ବର୍ଷ ପୂର୍ବ ତୁଳନାରେ ଆର୍ଥିକ, ରୋଜଗାର ଏବଂ ମୁଦ୍ରାସ୍ଫୀତି ଦୃଷ୍ଟିକୋଣରୁ ସେମାନେ ଭଲରେ ରହିଥିଲେ କି ନାହିଁ ପ୍ରଶ୍ନ କରାଯାଇଥିଲା। ୬୦ ମାସ ଅର୍ଥାତ୍ ୫ ବର୍ଷ ମଧ୍ୟରେ ଏସବୁ ସ୍ଥିତିରେ ବିକାଶ ହୋଇଛି ବୋଲି ଅଳ୍ପ କେତେଜଣ ଲୋକ କହିଛନ୍ତି। ମାର୍ଚ୍ଚ–ଏପ୍ରିଲ ୨୦୧୯ ସମୟକୁ ବାଦ୍ ଦେଲେ, ସଂଖ୍ୟାଧିକ ଭାରତୀୟ ବହୁତ ଖରାପ ସ୍ଥିତିରେ ରହିଛନ୍ତି ବୋଲି କହିଛନ୍ତି। ଚତୁର୍ଥତଃ, ଜିଡିପି ଅଭିବୃଦ୍ଧି ହ୍ରାସ ଜାନୁୟାରୀ ୨୦୧୮ରୁ ଆରମ୍ଭ ହୋଇଥିଲା ଓ ତାହା କ୍ରମଶଃ କମିଚାଲିଛି। କୋଭିଡ୍–୧୯ ମହାମାରୀ ପୂର୍ବରୁ ୧୩ଟି ତ୍ରୈମାସିକରେ ଅଭିବୃଦ୍ଧି ତଳକୁ ଖସିଥିଲା। ମହାମାରୀ ପୂର୍ବରୁ ଏହା ପାଖାପାଖି ୩ ପ୍ରତିଶତ ରହିଥିଲା । ପୂର୍ବରୁ ଲାଗିରହିଥିବା ଆର୍ଥିକ ସଙ୍କଟକୁ କୋଭିଡ୍ ଏବଂ ଲକ୍‌ଡାଉନ ଆହୁରି ବିଗାଡ଼ି ଦେଲା ବୋଲି କୁହାଯାଉଛି। ହେଲେ ମହାମାରୀ ଏହାର ମୁଖ୍ୟ କାରଣ ନୁହେଁ। ୨୦୧୪ରେ ଭାରତର ମୁଣ୍ଡପିଛା ଜିଡିପିରେ ୫୦% ପଛରେ ରହିଥିଲା ବାଂଲାଦେଶ। କିନ୍ତୁ ଆମ ଅର୍ଥ ବ୍ୟବସ୍ଥା ତଳକୁ ଖସିବା ଯୋଗୁ ଏବେ ଏହି ଦେଶ ଆମଠାରୁ ଆଗରେ ରହିଛି। ପଞ୍ଚମରେ, ଆମ ମଧ୍ୟମ ବର୍ଗ ଅଭିବୃଦ୍ଧି ବନ୍ଦ ହୋଇଯାଇଛି। ଭାରତରେ ୨୦୧୩ରେ ୨୭ ଲକ୍ଷ ୟୁନିଟ୍ କାର୍ ବିକ୍ରି ହୋଇଥିଲା ଓ ଏହି ସଂଖ୍ୟା ୧୦ ବର୍ଷ ହେଲା ସ୍ଥିର ରହିଛି। ଦୁଇଚକିଆ ଯାନ ବିକ୍ରି ଏକ ଦଶନ୍ଧି ଧରି ୧.୬ କୋଟି ୟୁନିଟ୍‌ରେ ସ୍ଥିର ରହିଛି। ଭାରତର ମୁଖ୍ୟ ସହରଗୁଡ଼ିକରେ ୧୦ ବର୍ଷ ହେବ ବାସୋପଯୋଗୀ ଘର ବିକ୍ରି ୩ ଲକ୍ଷ ୟୁନିଟ ରହିଆସିଛି। ଷଷ୍ଠରେ, ୮୦ କୋଟି ଭାରତୀୟ ଯାହା ମୋଟ ଜନସଂଖ୍ୟାର ୬୦%, ସରକାରଙ୍କ ମାସିକ ୫ କିଲୋ ମାଗଣା ଚାଉଳ ବା ଗହମ ଉପରେ ନିର୍ଭରଶୀଳ। ସପ୍ତମରେ, ୫୩ଟି ବୈଶ୍ୱିକ ସୂଚକାଙ୍କ ମଧ୍ୟରୁ ୪୯ ଟିରେ ଭାରତର ର୍ୟାଙ୍କିଙ୍ଗ ତଳକୁ ଖସିଛି ବୋଲି ବିଶ୍ୱ ବ୍ୟାଙ୍କ, ବିଶ୍ୱ ଆର୍ଥିକ ଫୋରମ( ଡାଭୋସ) ଏବଂ ଜାତିସଂଘ ପକ୍ଷରୁ କୁହାଯାଇଛି।

ଏବେ ଦ୍ୱିତୀୟ ପ୍ରସଙ୍ଗକୁ ଆସିବା। ସରକାର ମୁସଲମାନ ନାଗରିକଙ୍କୁ ନିର୍ଯାତନା ଦେବାକୁ ଚାହୁଁଛନ୍ତି। ୨୦୧୪ ପରେ ମୁସଲମାନଙ୍କୁ ଲକ୍ଷ୍ୟ କରି ଅନେକ ଆଇନ ଏବଂ ନୀତି ଅଣାଯାଇଛି। ଏସବୁ ମଧ୍ୟରେ ମାଂସ, ଗୋ–ଚାଲାଣ ଏବଂ ଆନ୍ତଃଧର୍ମୀୟ ବିବାହର ଅପରାଧୀକରଣ ଓ ମୁସିଲମାନ ଛାଡ଼ପତ୍ର ସମ୍ପର୍କିତ ଆଇନ ଅନ୍ତର୍ଭୁକ୍ତ। ଗୁଜରାଟରେ ଜମି ଲିଜ୍ ଓ କିଣାକୁ ନେଇ କଡ଼ା ଆଇନ କରାଯାଇଛି। କଶ୍ମୀରରେ ଉତ୍ପୀଡନ ଓ କ୍ରୂରତା ଲାଗିରହିଛି। ମୁସଲମାନ ଦୋକାନୀଙ୍କ ଉପରେ ଆକ୍ରମଣର ବହୁ ଦୃଷ୍ଟାନ୍ତ ରହିଛି। ବିଶେଷରୂପେ ପ୍ରଦାନ କରାଯାଇଥିବା ପ୍ରାର୍ଥନାସ୍ଥଳରୁ ସେମାନଙ୍କୁ ଜବରଦସ୍ତ ବାହାର କରି ଦିଆଯାଉଛି। ଏପରିକି କୋଭିଡ୍ ସଂକ୍ରମଣ ବଢ଼ାଇବା ଭଳି ମିଥ୍ୟା ଅଭିଯୋଗ ସେମାନଙ୍କ ଉପରେ ଲଦି ଦିଆଯାଇଛି। ଖୋଜି ବସିଲେ ଏଭଳି ନିର୍ଯାତନା ଓ ହିଂସାର ତାଲିକା ଖୁବ୍ ଲମ୍ବା। ଏବେ କର୍ଣାଟକରେ କଲେଜଗୁଡ଼ିକରେ ମୁସଲମାନଙ୍କ ପ୍ରତି ନିର୍ଯାତନା ଜାରି ରହିଛି।

ଏସବୁ ବିଷୟକୁ ବିଚାର କଲେ ନିଷ୍କର୍ଷରେ ପହଞ୍ଚିବା ଯେ, ସରକାର ଅର୍ଥ ବ୍ୟବସ୍ଥା ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହା ମଧ୍ୟ ଜାଣିପାରିବା ଯେ,ସରକାର କେବଳ ତାଙ୍କ ଯୋଜନାବଦ୍ଧ କାର୍ଯ୍ୟକ୍ରମରେ ହିଁ ସଫଳ ହୋଇଛନ୍ତି। ବାସ୍ତବରେ ମୁସଲମାନଙ୍କୁ ହଇରାଣ କରିବା ବା ନିର୍ଯାତନା ଦେବାର କିଛି ଲକ୍ଷ୍ୟ ନାହିଁ। ଏହି ନିର୍ଯାତନା ଚାଲୁରହିବ। ଦିନେ ହିଜାବ୍‌କୁ ନେଇ, ତା'ପରଦିନ ମାଂସ ତ ତୃତୀୟ ଦିନ ନମାଜକୁ କେନ୍ଦ୍ର କରି ଏହା ଜାରି ରହିବ। ଚତୁର୍ଥ ଦିନ ନାଁ ବଦଳାଇ ନିର୍ଯାତନା ଦିଆଯିବ। ଯାହା ହେଲେ ବି ଏହା ଜାରି ରହିବ। ଭାରତର ଗଣମାଧ୍ୟମ ମଧ୍ୟ ସରକାରଙ୍କ ସାଥୀ ପାଲଟିଛି। ଯେଉଁଥିପାଇଁ ରବିଶ କୁମାର କହିଛନ୍ତି ଯେ, ଅର୍ଥ ବ୍ୟବସ୍ଥାରେ ସରକାର ଯାହା କରିଛନ୍ତି ତାହା ଉପରେ ଗଣମାଧ୍ୟମ ଆଗ୍ରହ ପ୍ରକାଶ କରିନାହିଁ। ଏହା କେବଳ ସଂଖ୍ୟାଲଘୁ ଭାରତୀୟଙ୍କ ପ୍ରତି ନିର୍ଯାତନାକୁ ଉସୁକାଉଥିବା ସମାଜ ଉପରେ ଅଧିକ ଆଗ୍ରହ ପ୍ରକାଶ କରିଛି।

Email:aakar.patel@gmail.com

# ଧର୍ମଭୀରୁ ନେତା ଓ ଧର୍ମଛଡ଼ା ଭୋଟର



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଗତ କେଇ ସପ୍ତାହ ହେଲା ସମ୍ବାଦପତ୍ରଠୁ ଆରମ୍ଭ କରି ବିଭିନ୍ନ ଟିଭି ଚାନେଲ ଯାଏ, ସବୁଠି ଖାଲି ନିର୍ବାଚନର ଚର୍ଚ୍ଚା। ସେପଟେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ ଓ ଗୋଆ ଭଳି ଦେଶର ପ୍ରମୁଖ ପ୍ରଦେଶଗୁଡ଼ିକର ବିଧାନସଭା ନିର୍ବାଚନ ସାଙ୍ଗକୁ ଏପଟେ ଆମ ରାଜ୍ୟର ପଞ୍ଚାୟତ ନିର୍ବାଚନର ଉଷ୍ମତା ପ୍ରକାଶ ପାଇଛି। ଗଣତନ୍ତ୍ରର ଭାଗ୍ୟ ଡୋରି ନିଜ ନିଜ ହାତକୁ ନେବା ପାଇଁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ବଳ କଷାକଷିର ପର୍ବ ଭାବେ ପ୍ରତି ପାଞ୍ଚବର୍ଷରେ ଥରେ ଆସିଥାଏ ନିର୍ବାଚନ। ସଭା, ଶୋଭାଯାତ୍ରାର ବର୍ଣ୍ଣାଢ୍ୟ ସମାରୋହ ସାଙ୍ଗକୁ ଭୋଟରମାନଙ୍କୁ ନିଜ ପକ୍ଷକୁ ଆକର୍ଷିତ କରିବାର ବହୁବିଧ କସରତ ମଧ୍ୟରେ ନେତାମାନେ ବ୍ୟସ୍ତ ରହୁଥିବା ବେଳେ ନିର୍ବାଚନରେ ଭୋଟ ଦେବା ଭଳି କର୍ତ୍ତବ୍ୟ ସମ୍ପାଦନ କରି ପୁଣି ପାଞ୍ଚବର୍ଷ ପାଇଁ ନିଘୋଡ଼ ନିଦରେ ଶୋଇ ପଡୁଥିବା ସାଧାରଣ ଜନତା ଉଠିପଡ଼େ ପୁଣି ଥରେ ଭୋଟକେନ୍ଦ୍ରର ଧାଡ଼ିରେ ଛିଡ଼ାହେବାକୁ।

ଅତୀତରେ ଏମିତି କେତେ ନିର୍ବାଚନ ଆସିଛି ଓ ଯାଇଛି। ରାଜନୀତିରେ ରୁଚି ରଖୁଥିବା ଏବଂ ନିର୍ବାଚନ ମାଧ୍ୟମରେ ନିଜର ନେତୃତ୍ୱ ନିର୍ମାଣ କରୁଥିବା ଅବା ନିର୍ବାଚନ ପରିଚାଳନା କରୁଥିବା ଅଧିକାରୀମାନଙ୍କୁ ଛାଡ଼ିଦେଲେ ଅନ୍ୟ ଅବଶିଷ୍ଟଙ୍କ ପାଇଁ ଏହା ଯେମିତି ମହତ୍ତ୍ୱହୀନ, ସେମିତି ଅନୁଭବଶୂନ୍ୟ। କେବଳ ଏକ ଗୁଚ୍ଛିନ୍ନବନ୍ଧା ନାଗରିକ ଅଧିକାର, ଯାହା ପାଞ୍ଚବର୍ଷରେ ଥରେ ଆସେ 'ଘୋଡ଼ା ଦେବି' ଓ 'ହାତୀ ଦେବି'ର ପ୍ରତିଶ୍ରୁତି ସହ ଓ ପୁଣି ଚାଲିଯାଏ 'ନାହିଁ ନାହିଁ'ର ପ୍ରତାରଣା ସହ ଏବଂ ଏଥିସହିତ ନିଃଶବ୍ଦରେ ମିଳାଇଯାଏ ନିର୍ବାଚନୀ କୋଳାହଳ ମଧ୍ୟରେ ଗୁଞ୍ଜରିତ ହୋଇଥିବା ଯେତେ ଯାହା ମିଥ୍ୟା ପ୍ରତ୍ୟୟର ମିଠା ମିଠା ସ୍ଲୋଗାନ୍। ଏହି ସାମ୍ବିଧାନିକ ପର୍ବର ପ୍ରସ୍ତୁତି ଓ ପରିସମାପ୍ତି ସେମାନଙ୍କ ପାଇଁ ଏକାପରି ଲାଗେ।

ପ୍ରତ୍ୟେକ ନିର୍ବାଚନ ଆସେ ରାମରାଜ୍ୟର ଅସୁମାରି ପ୍ରତ୍ୟୟ ଓ ପ୍ରତିଶ୍ରୁତି ନେଇ। ଅଥଚ ନିର୍ବାଚନ ସରିଗଲା ପରେ ରାମ ବୋଲି ସେଇ କଳ୍ପିତ ଆଦର୍ଶ ରାଜା ଜଣକ ନିର୍ବାସନରେ ଚାଲିଯାଆନ୍ତି ଓ ବଦଳରେ ପ୍ରତିଭାତ ହୁଅନ୍ତି ରକ୍ତଶୋଷା ରାବଣ। ଯାବତୀୟ ପ୍ରତିଜ୍ଞା, ପ୍ରତିଶ୍ରୁତି ଓ ଏଥିସହ ପ୍ରଚ୍ଛନ୍ନ ଭାବେ ଜଡ଼ିତ ପ୍ରତାରଣା ଭିତରେ ଲାଳିତ ହୋଇ ନିର୍ବାଚନ ଆସେ ଓ କେଇ ଦିନର କୋଳାହଳ ପରେ ନିଶୂନ ନୀରବତାରେ ମିଳାଇଯାଏ ଜନଗଣଙ୍କ ଆଶା ଓ ବିଶ୍ୱାସ। କରୋନା କଟକଣା ମଧ୍ୟରେ ଏଥର ଆମ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ତିଥି ଘୋଷଣା ହେବା ପରେ ଆଶା କରାଯାଉଥିଲା ମହାମାରୀର ବିନାଶକ ବିଭୂତି ମଧ୍ୟରେ ଉଭୟ ନେତା ଓ ଜନତା ସଂଯତ ହୋଇଯିବେ ଏବଂ ତଦନୁଯାୟୀ ନିର୍ବାଚନ ହେବ ଅଧିକ ଶାନ୍ତ ଓ ଶୃଙ୍ଖଳିତ। ମାତ୍ର ଜୀବନମନସ୍କ ଲୋକ ଏକ ନିଶ୍ଚିତ ମୃତ୍ୟୁଭୟକୁ ଗୋଟିଏ ଫୁତ୍‌କାରରେ ଉଡ଼ାଇ ଦେଲା ଭଳି ନିର୍ବାଚନ ଜରିଆରେ ନିଜର ନେତୃତ୍ୱ ନିର୍ମାଣ କରିବାକୁ ଯାଉଥିବା ନୂଆ ପୁରୁଣା ନେତାଗଣ କରୋନାର ସମ୍ଭାବ୍ୟ ବିଭୀଷିକାକୁ ଗୋଟିଏ ଗୋଟିଏ କୁହାଟରେ ଦୂରକୁ ଠେଲି ଦେଇଛନ୍ତି। ଅତୀତର ଅନ୍ୟ ସବୁ ନିର୍ବାଚନ ତୁଳନାରେ ଏଥରର ନିର୍ବାଚନରେ ସଂଘଟିତ ହିଂସାର ସଂଖ୍ୟା ଓ ପ୍ରକାର ଭେଦ ହିଁ ଏହାର ଜ୍ୱଳନ୍ତ ପ୍ରମାଣ।

ନେତା ହେବା ପାଇଁ କାହିଁକି ଏତେ ଆକୁଳତା ? ନିର୍ବାଚନ ଲଢ଼ିବା ପାଇଁ କାହିଁକି ଏତେ ପାଗଳ ପ୍ରତିଯୋଗିତା ? ନେତୃତ୍ୱରେ ଏମିତି କି ଅମୃତ ଅଛି, ଯାହାକୁ ପାଇବା ପାଇଁ ସତୁରି ବର୍ଷର ବୁଢ଼ା ଜଣେ ଫୁଙ୍ଗୁଳା ଦେହରେ ଗାଁକୁ ଗାଁ ବୁଲି ଭୋଟ ଭିକ୍ଷା କରୁଛନ୍ତି ତ ମୋଟା ଦରମାର ଚାକିରି ଛାଡ଼ି ଯୁବ ଇଞ୍ଜିନିୟର ଜଣେ ସରପଞ୍ଚ ହେବାକୁ ନିର୍ବାଚନ ଲଢୁଛନ୍ତି! ପୁଣି କେଉଁ ମହତ୍ ଲକ୍ଷ୍ୟର ଯାତ୍ରାରେ ସମ୍ପର୍କର ସଂସ୍କାରକୁ ପଛକୁ ଠେଲି ଭାଇ ଭାଇ ବିରୋଧରେ, ବୋହୂ ଶାଶୁ ବିରୋଧରେ ବା ଦୁଇ ଯାଆ ପରସ୍ପର ମଧ୍ୟରେ ଲଢ଼େଇ କରୁଛନ୍ତି! ଏ ସବୁ ପ୍ରଶ୍ନର ଉତ୍ତର ଭିତରେ କେଉଁଠି ଦେଶସେବା ବା ଲୋକ କଲ୍ୟାଣର ଉଦ୍ଦାମ ଅଙ୍ଗୀକାର ଏକ ଅମୃତମୟ ଉଚ୍ଚାରଣ ହୋଇ ଉଭା ହୁଏ ତ ଅନ୍ୟ କେଉଁଠି ଏକ ଭ୍ରଷ୍ଟାଚାରମୁକ୍ତ ଭାରତବର୍ଷ ଗଠନର କୋମଳ ସମ୍ଭାବନାଟିଏ ମୁଣ୍ଡ ଟେକେ। ଅଥଚ ସାଧୁତାର ସତ୍ୟପାଠ ମଧ୍ୟରେ ନିର୍ମମ ବାସ୍ତବତାର ନଗ୍ନ ରୂପ ଭାରି ଭୟଙ୍କର ଦିଶେ।

ଗଣତନ୍ତ୍ର ପାଇଁ ଶୁଭ ଲକ୍ଷଣ କୁହାଯାଉଥିବା କିଛି ଯୁବାବର୍ଗଙ୍କ ରାଜନୀତି କ୍ଷେତ୍ରକୁ ପ୍ରବେଶ ଏହାର କର୍ଦ୍ଦମାକ୍ତ ଚେହେରାକୁ ଧୋଇ ମାଜି ସଫା କରିବାର ଉଜ୍ଜ୍ୱଳ ଆଶାଟିଏ ସଞ୍ଚାର କରିଛି ନା 'ଯିଏ ଲଙ୍କାକୁ ଗଲା ସିଏ ରାବଣ ହେଲା' ଭଳି ଆପ୍ତବାକ୍ୟଟିକୁ ପୁନଃ ପ୍ରତିଷ୍ଠା କରୁଛି, ତାହା ଅବଶ୍ୟ ଦେଖିବାକୁ ବାକି ରହିଲା। ତେବେ ଭୋଟ ପ୍ରଚାର ବେଳେ ମୁକ୍ତ ଓ ଅବାଧ ଟଙ୍କା ବଣ୍ଟନ, ଗାଁ ଗାଁରେ ମଦମାଂସର ମାହୋଲ, ବିଧାୟକଙ୍କ ଗାଡ଼ିରୁ ଶହ ଶହ ସଂଖ୍ୟାର ଶାଢ଼ି ଉଦ୍ଧାର ତଥା 'ମୋ ଲୋକଙ୍କୁ ଭୋଟ ନ ଦେଲେ ମୋତେ ଆଉ ଟଙ୍କିକିଆ ଚାଉଳ କି ଇନ୍ଦିରା ଆବାସ କଥା କହିବନି' ବୋଲି ବିଧାୟିକାଙ୍କ ଚେତାବନୀ ଗୋଟିଏ କଥାକୁ ସୂଚାଉଛି ଯେ ଅନ୍ୟାୟ, ଅନୀତି ଓ ଅସଦାଚାର ଉପରେ ନ୍ୟାୟ, ନୀତି ଓ ସଦାଚାର ବିଜୟ ଲାଭ କରିବାକୁ ତଥାପି ବହୁ ସମୟ ବାକି ଅଛି। ବିନା କୌଣସି ପ୍ରଭାବ ଓ ପ୍ରଲୋଭନରେ କେବଳ ପ୍ରାର୍ଥୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଜନସେବା ପାଇଁ ସମର୍ପିତ ଅଙ୍ଗୀକାର ଓ ସାମର୍ଥ୍ୟକୁ ସମର୍ଥନ କରି ଭୋଟ ଗ୍ରହଣ କଲା ଭଳି ମୁକ୍ତ ଅବାଧ ନିର୍ବାଚନ ଏବେ ବି ସ୍ୱର୍ଗର ପାରିଜାତ ପରି ଦୁଷ୍ପ୍ରାପ୍ୟ।

କେଇଦିନ ତଳେ ଟିଭି ପରଦାରେ ଏକ ବିକଳ ଦୃଶ୍ୟ ଦେଖି ଆମ ଗଣତନ୍ତ୍ରର ସଂଜ୍ଞା ଉପରେ ଅଧିକ ଚିନ୍ତନ ଓ ମନ୍ଥନର ଆବଶ୍ୟକତା ଅନୁଭୂତ ହୋଇଥିଲା। ପଞ୍ଚାୟତ ନିର୍ବାଚନ ପ୍ରେକ୍ଷାପଟରେ ଏମିତି ତ ବହୁ ବିଚିତ୍ର ଦୃଶ୍ୟ ଆଖିରେ ପଡ଼ି ଗଣତନ୍ତ୍ରର ବିକଳ ସ୍ଥିତି ନେଇ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ତେବେ କଥିତ ଦୃଶ୍ୟଟି ଥିଲା ଭିନ୍ନ ପର୍ଯ୍ୟାୟର। ସମିତି ସଭ୍ୟା ପଦ ପାଇଁ ନିର୍ବାଚନ ଲୋଡ଼ୁଥିବା ଜଣେ ଅଳ୍ପବୟସ୍କା ମହିଳା ହାତ ଯୋଡ଼ି ଟିଭି ପରଦାରେ ଆକୁଳ ଅନୁନୟ କରୁଛନ୍ତି– ''ମୋର ଭୋଟ ଲୋଡ଼ା ନାହିଁ। ମୋ ସ୍ୱାମୀଙ୍କୁ ଦୟାକରି ଫେରାଇଦିଅ।'' କଥା ହେଉଛି, ନିର୍ବାଚନ ଅବ୍ୟବହିତ ପୂର୍ବରୁ ସେଇ ପ୍ରାର୍ଥିନୀଙ୍କ ସ୍ୱାମୀ ହଠାତ୍ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ସେ ତ ମିଳି ନ ଥିଲେ, ତାଙ୍କ ସ୍କୁଟିଟି ରାସ୍ତା କଡ଼ରୁ ମିଳିଥିଲା। ସ୍କୁଟିରେ ଲାଗିଥିବା ରକ୍ତଛିଟା ଯେଉଁ ଭୀତିପ୍ରଦ ଆଶଙ୍କା ଓ ଆତଙ୍କ ସମ୍ପର୍କରେ ବୟାନ କରୁଥିଲା, ତାହା ନିର୍ବାଚନ ଲଢୁଥିବା ପତ୍ନୀଙ୍କୁ ଦୁର୍ବଳ କରିଦେବା ପାଇଁ ଥିଲା ଯଥେଷ୍ଟରୁ ଅଧିକ। ଗଣତନ୍ତ୍ରର ଏକ ଦୁର୍ଭାଗ୍ୟ ନିର୍ବାଚନ ପରିଚାଳନା କରୁଥିବା ଆମ ଶାସନତନ୍ତ୍ର ଦୃଷ୍ଟିରେ ଯେ ପଡୁନାହିଁ ବା ପଡ଼ିଲେ ବି ସେଥିପାଇଁ କିଛି ଦୃଷ୍ଟାନ୍ତମୂଳକ ପ୍ରତିବିଧାନର ବ୍ୟବସ୍ଥା ନାହିଁ, ଏହା ହିଁ ବିଡ଼ମ୍ବନା।

ଏବେ ଆସିବା ଗଣତନ୍ତ୍ରର ଅନ୍ୟ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟପଟକୁ, ଯାହା 'ଭୋଟର' ପରିଚୟ ବହନ କରୁଥିବା ମଣିଙ୍କୁ କେବଳ ନୁହେଁ, ନିଜ ସମ୍ବିଧାନରେ ନିର୍ବାଚନର କୌଣସି ବିଧି ବ୍ୟବସ୍ଥା ନ ଥିବା ଈଶ୍ୱରଙ୍କୁ ମଧ୍ୟ ଟାଣିଓଟାରି ଭାରି ହନ୍ତସନ୍ତ କରୁଛି। ଅର୍ଥ ବଣ୍ଟନ ବା ଶାଢ଼ି ବଣ୍ଟନ ଅବା ମଦମାଂସ ସେବନ ଭଳି। ପ୍ରଲୋଭନ ଭୋଟରଙ୍କ ଭୋଟ ହାତେଇବା ପାଇଁ ଯଥେଷ୍ଟ ନ ହେବାରୁ ଏବଂ ଏ ପ୍ରକାର ଦାନ ପ୍ରଦାନ ବଦଳରେ ଆଦାନର କିଛି ଗ୍ୟାରେଣ୍ଟି ନ ଥିବାରୁ ଭୋଟରଙ୍କୁ ନେତାମାନେ ମଣିଷର ଧର୍ମବିଶ୍ୱାସକୁ ନେଇ ରାଜନୀତି କରିବାର ଏକ ଅଭିନବ ପନ୍ଥା ଆପଣେଇଛନ୍ତି। ସେ ଯେତେବଡ଼ ନେତା ହୁଅନ୍ତୁ ନା କାହିଁକି, ପାଖରେ ଯେତେ ଅର୍ଥ, କ୍ଷମତା, ପ୍ରତିଷ୍ଠା ବା ପ୍ରତିପତ୍ତି ଥାଉ ନା କାହିଁକି, ନିଜ ଶକ୍ତି ସାମର୍ଥ୍ୟର ଯଥେଷ୍ଟ ଉର୍ଦ୍ଧ୍ୱରେ ଈଶ୍ୱର ଥାଆନ୍ତି ବୋଲି ଏକ ମୌଳିକ ଅବଧାରଣା ପ୍ରାୟ ସଭିଙ୍କର ଥାଏ। ସୁତରାଂ, ବଣ୍ଟନ ଓ ସେବନ କରାଇ ଭୋଟ କିଣୁଥିବା ନେତାମାନେ ନିଜେ ସ୍ୱଭାବଗତ ଭାବେ ଧର୍ମଭୀରୁ ହୋଇଥିବାର ଓ ସାଧାରଣ ଭୋଟରମାନଙ୍କ ଈଶ୍ୱର ବିଶ୍ୱାସ ସମ୍ପର୍କରେ ଦୃଢ଼ ନିଶ୍ଚିତ ଥିବାରୁ ଏହି ଦେଣନେଣ ପ୍ରକ୍ରିୟାରେ ସାକ୍ଷୀ ରଖିବାକୁ ଈଶ୍ୱରଙ୍କ ହାତ ଧରି ଟାଣି ଆଣନ୍ତି। ଫଳରେ କେଉଁଠି ଠାକୁରଙ୍କ ମନ୍ଦିରରେ ତୁଳସୀ ଧଣ୍ଡା ଛୁଆଁଇ ଅବା ପ୍ରସାଦ ସେବନ କରାଇ ତ ଅନ୍ୟ କେଉଁଠି ତାଙ୍କ ଆଗରେ ଜଳୁଥିବା ଦୀପ ଉପରେ ହାତ ରଖି ଆୟୋଜିତ ହୁଏ ଗଣ ସଂକଳ୍ପ ଉତ୍ସବ। ଏପରି କିଛି କହି– ''ମୁଁ ଶପଥ କରୁଛି ଈଶ୍ୱରଙ୍କୁ ସାକ୍ଷୀ ରଖି ଯେ ତୁମ ଛଡ଼ା ଆଉ କାହାକୁ ଭୋଟ ଦେବି ନାହିଁ।''

ଗଣତନ୍ତ୍ରର ଦୁର୍ଭାଗ୍ୟ, ଅନେକ ସମୟରେ ବହୁ ସ୍ଥାନରେ ଏହି ସଂକଳ୍ପ ପାଳିତ ହୁଏ। ଶପଥ ରକ୍ଷା କରାଯାଏ ଦେଇଥିବା ନେତାଙ୍କୁ ନିଜର ଭୋଟ ଫେରାଇ। ଅଦୃଷ୍ଟ ଈଶ୍ୱରଙ୍କୁ ଭୟ କରି ଏପରି ଶପଥ ଭଙ୍ଗ କରାଯିବାର ଦୃଷ୍ଟାନ୍ତ ପ୍ରାୟତଃ ବିରଳ। ମାତ୍ର ସଂସାରରେ ସବୁ କଥାରେ କିଛି ନା କିଛି ବ୍ୟତିକ୍ରମ ଥିଲାଭଳି ଏ କଥାରେ ମଧ୍ୟ କିଛି ବ୍ୟତିକ୍ରମ ପରିଲକ୍ଷିତ ହୁଏ ଏବଂ ଯେତେବେଳେ ଏଭଳି କିଛି ଶପଥ ଭଙ୍ଗ ସଂଘଟିତ ହୁଏ, ସେତେବେଳେ ଗଣତନ୍ତ୍ରର ସୌଭାଗ୍ୟ ଆସୁ କି ନ ଆସୁ, ଏକ ମୁଗ୍ଧ ଅନୁଭବରେ ପୂରିଉଠେ ଅନୁଭବୀର ମନ ଓ ହୃଦୟ। ଏହି ଆଲେଖ୍ୟଟି ପ୍ରସ୍ତୁତ କଲାବେଳକୁ ସରିଯାଇଥିବା ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନରେ ଭୋଟ ଦେଇ ଫେରିଥିବା ଜଣେ ଅତିସାଧାରଣ ଭୋଟର ହିଁ ଏ ପ୍ରକାର ଏକ ଉଜ୍ଜ୍ୱଳ ତଥା ଈପ୍‌ସିତ ବ୍ୟତିକ୍ରମ। ଗଣତନ୍ତ୍ରକୁ ସମ୍ମାନ ଜଣାଇ ରାଜଧାନୀରୁ ପ୍ରାୟ ଦେଢ଼ଶହ କି.ମି. ଦୂର ନିଜ ଗାଁକୁ ଭୋଟ ଦେଇ ଯାଇଥିବା ଏ ଲେଖକର ଜଣେ ବନ୍ଧୁଙ୍କ ଅଙ୍ଗେନିଭା ଅନୁଭୂତି ଯେ।


ନିଜ ଗାଁର ଜଣେ ପରିଚିତ ଯୁବକଙ୍କୁ ଏଥର ଭୋଟ ଦେଲେ କି ନାହିଁ ବୋଲି ବନ୍ଧୁ ପଚାରିଲାରୁ ଯୁବକଟି ଉତ୍ତର ଦେଲା, ''ହଁ ବାବୁ! ଭୋଟ ପୂର୍ବଦିନ ମାଂସ ଭାତ ଖାଇଲୁ, ମଦ ପିଇଲୁ, ପକେଟରେ ଦୁଇ ହଜାର ଟଙ୍କା ଭରିଲୁ ଓ ହାତରେ ତୁଳସୀ ଧଣ୍ଡା ଧରି ଠାକୁରଙ୍କ ଫଟୋ ଛୁଇଁ ସେଇ ଦାତାଙ୍କୁ ଭୋଟ ଦେବୁ ବୋଲି ଶପଥ କଲୁ। ମାତ୍ର ଭୋଟଦିନ ତାକୁ ଭୋଟ ନ ଦେଇ ଆମକୁ କିଛି ବି ଦେଇ ନ ଥିବା ଅନ୍ୟ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ମୋ ଭୋଟ ଦେଲି।'' ପରମ ଆଶ୍ଚର୍ଯ୍ୟରେ ବନ୍ଧୁ କହିଲେ, ''ଇଏ କେମନ୍ତ ଧର୍ମଛଡ଼ା କଥା! ଖାଇଲ ଜଣକର, ଭୋଟ ଦେଲ ଅନ୍ୟ ଜଣକୁ? ଈଶ୍ୱର ରାଗିବେନି?''

ଜଣେ ବିଜ୍ଞ ବିଚାରକ ବା ପ୍ରାଜ୍ଞ ପ୍ରବଚକଙ୍କ ଭଳି ଗାଉଁଲି ଯୁବକଟି ଉତ୍ତର ଦେଲା, ''ଈଶ୍ୱର କ'ଣ ତୁମ ଆମ ଭଳି ହୋଇଛନ୍ତି ଆଜ୍ଞା! ମାତ୍ର ଦୁଇ ହଜାର ଟଙ୍କା ଓ ମାଂସଭାତ ଖାଇ ଶପଥଚ୍ୟୁତ ହେଲେ ସେ ରାଗିବେ! ଅଥଚ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଭୋଟ କିଣୁଥିବା ଲୋକଙ୍କୁ ଠିକ୍ କରିଛୁ'' କହି କୋଳେଇ ନେବେ? ଦୁଇ ହଜାର ନେଇ ଭୋଟ ନ ଦେଲେ ଆମ ଭଳି ଲୋକର ଅଧର୍ମ କେବଳ ଆମ ପାଖରେ ରହିବ। ମାତ୍ର ଲକ୍ଷ ଲକ୍ଷ ଦେଇ ଭୋଟ କିଣୁଥିବା ଅସାଧୁ ନେତାଙ୍କ ଅଧର୍ମରେ ତ ଆମ ଦେଶ ଭୁଶୁଡ଼ିଯିବ। କହୁନାହାନ୍ତି ସାର୍, ''କିଏ ବେଶି ଅଧର୍ମୀ?'' ସରଳ ଗ୍ରାମ୍ୟ ଯୁବକଟି, ଅଥଚ କେତେ ପରିପକ୍ୱ ତା'ର ଚେତନା!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର –୧୦
ମୋ: ୮୮୯୫୬୨୪୧୦୫

# ଇ–ରିକ୍ସା ପ୍ରବର୍ତ୍ତକ

ବ୍ୟକ୍ତିତ୍ୱ



ଅନିଲ କୁମାର ରାଜବଂଶୀ

ଗତାନୁଗତିକ ଧାରାଠାରୁ ଭିନ୍ନ ହେବାକୁ ଚାହୁଁଥିବା ବ୍ୟକ୍ତି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥାଆନ୍ତି। ନିକଟରେ ପଦ୍ମଶ୍ରୀ ମନୋନୀତ ଏଭଳି ଜଣେ ବ୍ୟକ୍ତି ହେଲେ ଡକ୍ଟର ଅନିଲ କୁମାର ରାଜବଂଶୀ। ଆମେରିକାରେ ଉଚ୍ଚଶିକ୍ଷା ଲାଭ କରିଥିଲେ ମଧ୍ୟ ଭାରତ ଫେରି ଇ–ରିକ୍ସା ଦିଗରେ ତାଙ୍କ ପରୀକ୍ଷାନିରୀକ୍ଷା ଓ ସେଥିରେ ସଫଳତା ତାଙ୍କୁ ଆଜି ବୈଷୟିକ କ୍ଷେତ୍ରରେ ଉତ୍କର୍ଷ ଲଭିବାକୁ ଚାହୁଁଥିବା ଯୁବପିଢ଼ିଙ୍କ ଆଗରେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ସ୍ଥାନରେ ବସାଇ ଦେଇଛି। ଜଣେ ଖାଣ୍ଟି ଗାନ୍ଧିବାଦୀ ଭାବେ ମଧ୍ୟ ସେ ନିଜକୁ ପରିଚିତ କରାଇପାରିଛନ୍ତି।

ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଜନ୍ମିତ ଅନିଲ ସେଠାକାର ସ୍କୁଲରୁ ଶିକ୍ଷା ଶେଷ କରିବା ପରେ କାନପୁର ଆଇଆଇଟିରୁ ବି.ଟେକ୍ ଓ ଏମ୍.ଟେକ୍ ଡିଗ୍ରୀ ଅର୍ଜନ କରିଥିଲେ। ଆମେରିକାର ଫ୍ଲୋରିଡା ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି ସମାପ୍ତ କରିବା ପରେ ସେ ସେହିଠାରେ ଅଢ଼େଇ ବର୍ଷ ପାଠ ପଢ଼ାଇଥିଲେ। ତା'ପରେ ସ୍ୱଦେଶ ଫେରିଆସିବାକୁ କହିବାରୁ ପିତା ତାଙ୍କୁ ବୋକାଙ୍କ ଭଳି ନିଷ୍ପତ୍ତି ନ ନେବାକୁ ପରାମର୍ଶ ଦେଇଥିଲେ। ହେଲେ ସହଧର୍ମିଣୀ ନନ୍ଦିନୀଙ୍କ ସହଯୋଗ ମିଳିବାରୁ ସେ ନିଜ ଲକ୍ଷ୍ୟପଥରେ ଆଗେଇ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ସେ ନନ୍ଦିନୀଙ୍କୁ ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ଭେଟିଥିଲେ। ଏପରି କି ୧୯୭୬ରେ ଫ୍ଲୋରିଡାର ଗେନ୍ସଭିଲେଠାରେ ତାଙ୍କୁ ବିବାହ କରିଥିଲେ। ୧୯୮୧ରେ ଅନିଲ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ନିଜ ଦେଶ ପାଇଁ ନୂଆ କିଛି କରିବାର ଝୁଙ୍କ୍ ତାଙ୍କୁ ସ୍ୱଦେଶ ଫେରାଇ ଆଣିଥିଲା। ପିଲାଦିନରୁ ଇଞ୍ଜିନିୟର ହେବା ତାଙ୍କ ଲକ୍ଷ୍ୟ ଥିଲା। ବିଶେଷକରି ଷ୍ଟିମ୍ ଇଞ୍ଜିନ୍ ପ୍ରତି ଆକର୍ଷିତ ଥିଲେ। ତେଣୁ ବୈଷୟିକ ପାଠ ଶେଷ କରିବା ପରେ ଚାକିରିରେ ବାନ୍ଧି ହେବାକୁ ଚାହିଁ ନ ଥିଲେ। କୌଣସି କ୍ଷେତ୍ରରେ ନବପ୍ରବର୍ତ୍ତକ ହୋଇ ଅନ୍ୟମାନଙ୍କୁ ସେହି ଦିଗରେ ଅନୁପ୍ରାଣିତ କରିବା ଲକ୍ଷ୍ୟରେ ଇ–ରିକ୍ସା ବିଷୟରେ ଚିନ୍ତା କରିଥିଲେ। କେଉଁଠାରେ ତାଙ୍କ ଲକ୍ଷ୍ୟକୁ ଜାଗା ଖାପିବ ସେଥିଲାଗି ସେ ଏକ ମାସ ଦେଶର ବିଭିନ୍ନ ସ୍ଥାନ ବୁଲିଥିଲେ। ଅନିଲ ଭାରତ ଫେରିଆସିବା ବିଷୟରେ ଜଣାପଡ଼ିବା ପରେ ଆଇଆଇଟି ମୁମ୍ବାଇ, ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍(ଭେଲ୍) ଏବଂ ଟାଟା ଏନର୍ଜି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରୁ ତାଙ୍କୁ ଅନେକ ସୁଯୋଗ ଯଚାଯାଇଥିଲା। କିନ୍ତୁ ସେଥିରେ ପ୍ରଲୋଭିତ ନ ହୋଇ ନିଜ ରାସ୍ତା ଧରିଥିଲେ। ମହାରାଷ୍ଟ୍ରର ସତରା ଜିଲାର ଫାଲ୍‌ଟନସ୍ଥିତ ନିମ୍ବକର ଏଗ୍ରିକଲ୍‌ଚର ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଏଆର୍‌ଆଇ)ରେ ଯୋଗ ଦେଇଥିଲେ। ତାଙ୍କ ପିତା ୧୯୪୨ ଭାରତଛାଡ଼ ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କ ସହିତ ଜଡ଼ିତ ଥିଲେ। ପିତାଙ୍କଠାରୁ ଗାନ୍ଧିଜୀଙ୍କ ଆଦର୍ଶ ଓ ଚିନ୍ତାଧାରା ବିଷୟରେ ଅନେକ ଶୁଣିଥିବାରୁ ତାହା ଅନିଲଙ୍କ ଉପରେ ପ୍ରଭାବ ପକାଇଥିଲା। ଗାନ୍ଧୀଙ୍କ ଆତ୍ମଜୀବନୀ 'ମାଇଁ ଏକ୍ସପେରିମେଣ୍ଟସ୍ ଉଇଥ୍ ଟ୍ରୁଥ୍' ଦ୍ୱାରା ମଧ୍ୟ ସେ ପ୍ରଭାବିତ ହୋଇଥିଲେ। ଫାଲଟନ୍ ତାଙ୍କ କର୍ମଭୂମି ହୋଇଯାଇଥିଲେ ହେଁ ସେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବହୁଦୂରକୁ ଫୋନ୍ କରିବାକୁ ହେଲେ ତାଙ୍କୁ ୪ ଘଣ୍ଟାର ବାଟ ଅତିକ୍ରମ କରିବାକୁ ପଡୁଥିଲା। ତଥାପି ସେଠାରେ ରହି ତାଙ୍କ ଲକ୍ଷ୍ୟକୁ ସିଦ୍ଧ କରିବାରେ ଲାଗିପଡ଼ିଲେ। ଅବଶ୍ୟ ସେହି ସମୟରେ ତାଙ୍କ ଅନେକ ବନ୍ଧୁ ଆମେରିକା ଫେରିଯିବା ପାଇଁ କହିଥିଲେ। କିନ୍ତୁ ଅନିଲ ଅଟଳ ଥିଲେ। ଶସ୍ୟ 'ସୁଇଟ ଜୋହାର'ରୁ ଶକ୍ତି ଉତ୍ପନ୍ନ କରିବା ଦିଗରେ ତାଙ୍କ ଉଦ୍ୟମ ସଫଳ ହେବା ପରେ ସେ ଆଶ୍ୱସ୍ତି ଅନୁଭବ କରିଥିଲେ। ଉଲ୍ଲେଖ କରାଯାଇପାରେ ଯେ, ଏହି ଶସ୍ୟ ଖାଦ୍ୟ ଭାବେ ବ୍ୟବହାର ହେଉଥିବା ବେଳେ ଏହାର କାଣ୍ଡରୁ ମିଳୁଥିବା ରସରୁ ଇଥାନଲ୍ ଉତ୍ପନ୍ନ କରାଯାଇପାରିଥିଲା। ଫଳରେ ତାହା ଇନ୍ଧନ ଭବେ ଉପଯୋଗୀ ହୋଇଥିଲା। ପରବର୍ତ୍ତୀକାଳରେ ୧୯୯୫ରେ ଅନିଲ ଇଲେକ୍ଟ୍ରିକ୍ ଭେହିକିଲ୍ ନିର୍ମାଣ କ୍ଷେତ୍ରରେ ଲାଗି ପଡ଼ିଥିଲେ ଓ ଇଥାନଲ୍‌କୁ ବ୍ୟବହାର କରିଥିଲେ। ତାଙ୍କର ସେହି ପ୍ରଚେଷ୍ଟା ଭାରତ ଓ ବିଶ୍ୱରେ ପ୍ରଥମ ଥିଲା। ଏବେ ଯେଉଁ ଇ–ରିକ୍ସା ଆମେ ଦେଖୁଛେ ତାହା ଫାଲ୍‌ଟନ୍‌ରୁ ଜନ୍ମ ନେଇଥିଲା। ଏପରି କି ଏହି ଅଭିନବୀକରଣ (ଇନୋଭେଶନ୍) ବିଷୟରେ ଅନିଲ ମାସାଚ୍ୟୁସେଟସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲଜି (ଏମ୍‌ଆଇଟି) ଦ୍ୱାରା ପ୍ରକାଶ ପାଉଥିବା ଜର୍ନାଲରେ ଲେଖିବା ପରେ ସମସ୍ତେ ଜାଣିବାକୁ ପାଇଥିଲେ। ୨୦୦୦ ମସିହାରେ ରିକ୍ସାର ପ୍ରୋଟୋଟାଇପ୍ (ଆଦିରୂପ) ଆସିଥିଲା ଓ ତାହାକୁ 'ଏଲେକ୍‌ଶା' ନାମ ଦିଆଯାଇଥିଲା। ପେଟ୍ରୋଲ ଓ ଡିଜେଲ ପରିଚାଳିତ ଯାନଠାରୁ ଏହା ୪୦ ପ୍ରତିଶତ କମ୍ ଶକ୍ତି ଆବଶ୍ୟକ କରିଥାଏ। ଏହା ଦୁଇରୁ ତିନି ଜଣ ଯାତ୍ରୀଙ୍କୁ ଘଣ୍ଟା ପ୍ରତି ୩୫ରୁ ୪୦ କିଲୋମିଟର ବେଗରେ ନେବାରେ ସକ୍ଷମ। ଏଥିରେ ବ୍ୟବହୃତ ବ୍ୟାଟେରି ଶକ୍ତି ୬୦ରୁ ୭୦ କିଲୋମିଟର ପର୍ଯ୍ୟନ୍ତ ଯାଇଥାଏ। ଏବେ ଇ–ରିକ୍ସା ବିଷୟରେ ଜାଣିବା ଲାଗି ବିଶ୍ୱର ବିଭିନ୍ନ କୋଣ ଅନୁକୋଣରୁ ଲୋକେ ସମ୍ପୃକ୍ତ ସଂସ୍ଥାକୁ ପରିଦର୍ଶନ କରିଥାଆନ୍ତି।

ନିଜର ଏଭଳି ସଫଳତା ବିଷୟରେ ବର୍ଣ୍ଣନା କରିବାକୁ ଯାଇ ଅନିଲ କହିଛନ୍ତି, ଭାରତରେ ଅନେକ ସମସ୍ୟା ଅଛି। ନୂଆ ପିଢ଼ି ତାହାକୁ ବୁଝି ସମାଧାନ ଦିଗରେ କାର୍ଯ୍ୟ କରିବାକୁ ଆଗେଇ ଆସିବା ଦରକାର। ନିଜ ଦେଶକୁ ଛାଡ଼ି ଅନ୍ୟତ୍ର ଯିବା ଅପେକ୍ଷା ସମସ୍ତେ ମିଶି କାର୍ଯ୍ୟ କଲେ ଭାରତୀୟଙ୍କ ଜୀବନରେ ଉନ୍ନତି ଆଣିବା ସମ୍ଭବ ହୋଇପାରିବ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସରକାରୀ ସ୍କୁଲର ବିକାଶ ସରକାର କରିବେ–ଏଭଳି ଧାରଣା ସମସ୍ତଙ୍କର ରହିଛି। ହେଲେ ବ୍ୟକ୍ତିଗତ ଅନୁଦାନରେ ଏଭଳି ବିକାଶ ସମ୍ଭବ ବୋଲି ପ୍ରମାଣ କରିଛନ୍ତି ଅରୁଣାଚଳପ୍ରଦେଶର ଟୁମଟୋ ଏଟେ। ସେ ୱେଷ୍ଟ ସିଆଙ୍ଗ ଜିଲାର ପୋବଡ଼ି ସେକେଣ୍ଡାରୀ ସ୍କୁଲରେ ପଢୁଥିଲେ। ସ୍କୁଲ ଓ ପରେ କଲେଜ ଶିକ୍ଷା ଶେଷ କରି ସେ ୧୯୮୭ରୁ ଅନ୍ୟ ଏକ ସ୍କୁଲରେ ଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ୧୯୬୧ରେ ପୋବଡ଼ି ସେକେଣ୍ଡାରୀ ସ୍କୁଲ ପ୍ରତିଷ୍ଠା କରାଯାଇଥିଲା। ଏହି ସ୍କୁଲକୁ ରାସ୍ତା ନ ଥିଲା। ବ୍ଲାକ୍‌ବୋର୍ଡ, ଡେସ୍କ କିମ୍ବା ବେଞ୍ଚ ପାଣ୍ଠି ଅଭାବରୁ କରାଯାଇପାରି ନ ଥିଲା। ଏହିସବୁ ସମସ୍ୟା ଏବେ ଟୁମଟୋଙ୍କ ଚେଷ୍ଟା ଯୋଗୁ ଦୂର ହୋଇପାରିଛି। ଏହି ସ୍କୁଲରେ ପଢ଼ି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୬ଟି ଗାଁର ବ୍ୟକ୍ତିମାନଙ୍କଠାରୁ ପାଣ୍ଠି ଯୋଗାଡ଼ କରି ସ୍କୁଲ ବିକାଶ କରିପାରିଛନ୍ତି ଟୁମଟୋ। ୧୦ଜଣ ବ୍ୟକ୍ତି ହଷ୍ଟେଲ ନିର୍ମାଣ କରିବା ଲାଗି ଜମି ଦେଇଛନ୍ତି। ପାଖାପାଖି ୩୨୦ଜଣ ଗ୍ରାମବାସୀ ସେମାନଙ୍କ ଦୁଇଦିନର ଦରମା ଦେଇଛନ୍ତି। ଏହି ପ୍ରୟାସ ଯୋଗୁ ସ୍କୁଲ ବିକାଶ ପାଇଁ ଏଯାବତ ୧୫ ଲକ୍ଷ ଟଙ୍କାର ପାଣ୍ଠି ଯୋଗାଡ଼ ହୋଇପାରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଫେବୃୟାରୀ ୧୯୯୭

- ବମ୍ବେ ବୋମା ବିସ୍ଫୋରଣ ମାମଲାର ଅନ୍ୟତମ ଅଭିଯୁକ୍ତ ମୂଳଚାନ୍ଦ ସମ୍ପତରାଜ ମାଲାଙ୍କୁ ଜାମିନରେ ଖଲାସ କରିଦେବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।
- ହରିଆଣାର ନିଲୋଖେରୀଠାରେ ଛାତ୍ରମାନଙ୍କୁ ନେଇ ପରୀକ୍ଷା କେନ୍ଦ୍ର ଅଭିମୁଖେ ଯାତ୍ରା କରୁଥିବା ମାଟାଡୋର କେନାଲ ଭିତରକୁ ଖସିପଡ଼ିବା ଫଳରେ ୧୮ ଜଣ ଛାତ୍ରଙ୍କ ମୃତ୍ୟୁ।

## ଚିରନ୍ତନୀ

ତୁମେ କହ ତାକୁ ମିଛ କଳପନା କେବଳ ଭ୍ରମ
ଜୀବନେ ଯାହା ମୋ ଏକଇ ସତ୍ୟ ନିକଟତମ
ତୁମ ଯାନ ମାନ ଅଟ୍ଟାଳିଠାରୁ ଅଧିକ ସତ
ସେହି ସେ ମାନସୀ ଚିର ଆରାଧନା ରାଧିକା ମମ।
–(ମାନସୀ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | 8 | | 1 | | | |
| | | 7 | | | | | 1 | |
| | | | | 4 | 6 | | 3 | |
| | | 6 | | | | | | 9 |
| | 5 | 3 | 4 | | | | | |
| | | | 7 | 2 | | | | |
| | 1 | 4 | | | | | 8 | 5 |
| | | | | 8 | 7 | | | 2 |
| 5 | | | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 9 | 6 | 5 | 4 | 2 | 3 | 8 |
| 8 | 2 | 6 | 7 | 1 | 3 | 9 | 4 | 5 |
| 4 | 3 | 5 | 2 | 8 | 9 | 7 | 6 | 1 |
| 6 | 8 | 7 | 3 | 2 | 5 | 1 | 9 | 4 |
| 5 | 4 | 3 | 9 | 7 | 1 | 8 | 2 | 6 |
| 1 | 9 | 2 | 4 | 6 | 8 | 3 | 5 | 7 |
| 2 | 5 | 4 | 8 | 3 | 7 | 6 | 1 | 9 |
| 3 | 7 | 1 | 5 | 9 | 6 | 4 | 8 | 2 |
| 9 | 6 | 8 | 1 | 4 | 2 | 5 | 7 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କଟକଣା ବଳବତ୍ତର ରଖାଯାଉ

ମହାଶୟ,

ରାଜ୍ୟରେ ସ୍କୁଲଗୁଡ଼ିକରେ କୋଭିଡ୍ କଟକଣା କଡ଼ାକଡ଼ି ପାଳନ ପ୍ରତି ଗୁରୁତ୍ୱ ଦିଆଯାଉ। ଛାତ୍ରୀଛାତ୍ରମାନଙ୍କ ପାଇଁ ମାସ୍କ ପିନ୍ଧିବା, ଦୂରତା ଏବଂ ହାତ ଧୋଇବା ପ୍ରତି ଅଧିକ ଧ୍ୟାନ ଦିଆଯାଉ। ଶିକ୍ଷୟିତ୍ରୀ ଶିକ୍ଷକମାନେ ସଂକ୍ରମଣ ପ୍ରତି ଯଥେଷ୍ଟ ନଜର ଦେବା ଆବଶ୍ୟକ। ଶିକ୍ଷାଦାନ ସମୟରେ ଗହଳି ନ କରିବା ଉଚିତ। ଅସାବଧାନତାଠାରୁ ସଚେତନ ଅଧିକ ଶ୍ରେୟସ୍କର। ଶ୍ରେଣୀଗୃହକୁ ନିୟମିତ ବିଶୋଧନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସାନିଟାଇଜର ଯୋଗାଇ ଦିଆଯାଉ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମହିଳା ବସ୍ ପୁଣି ଚଳାଅ

### ଓଏସ୍‌ଆର୍‌ଟିସିକୁ ପରିବହନ ବିଭାଗର ନିର୍ଦ୍ଦେଶ

**ଯାଜପୁର ଅଫିସ,୧୯।୨:** ଭୁବନେଶ୍ୱର-କଟକ ସହର ମଧ୍ୟରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ବସ୍ ଚଳାଚଳରେ ଓଏସ୍‌ଆର୍‌ଟିସି ଅନିୟମିତତା କରିଛି। କେତେଜଣ ମହିଳା କର୍ମଚାରୀଙ୍କ ଅଭିଯୋଗକୁ ଭିତ୍ତିକରି ଭୁବନେଶ୍ୱର ଓଏସ୍‌ଆର୍‌ଟିସିର ଜେନେରାଲ ମ୍ୟାନେଜରଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅନୁସଚିବ ଅନିଲ କୁମାର ପରିଜା ସବିଶେଷ ରିପୋର୍ଟ ମାଗିଛନ୍ତି। ଏହାସହିତ ପୁଣି ସ୍ୱତନ୍ତ୍ର ଭାବେ ମହିଳା ବସ୍ ଚଳାଚଳ କରାଇବାକୁ ବିଭାଗ ପକ୍ଷରୁ ଓଏସ୍‌ଆର୍‌ଟିସିକୁ ଗତ ୧୫ ତାରିଖରେ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ଅନ୍ୟାନ୍ୟ ଅନୁଷ୍ଠାନରେ କାର୍ଯ୍ୟରତ ସସ୍ମିତା ପ୍ରଧାନ, ରାଜଲକ୍ଷ୍ମୀ ବିଶ୍ୱାଳ, ଧରିତ୍ରୀ ମିଶ୍ର, ମିନତି ଲେଙ୍କା ପ୍ରମୁଖଙ୍କ ଅଭିଯୋଗ ଅନୁଯାୟୀ ଦିଲ୍ଲୀ ନିର୍ଭୟା ଘଟଣା ପରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବସ ଚଳାଚଳ କରୁଥିଲା। ମହିଳାଙ୍କ ସୁରକ୍ଷା ପାଇଁ ବିହିତ ପଦକ୍ଷେପ ଯୋଗୁ ସମ୍ପୃକ୍ତ କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ବସ୍ ଚଳାଚଳ ବନ୍ଦ ହେବା ଯୋଗୁ ମହିଳା କର୍ମଚାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ବିଳମ୍ବ ନ କରି ପୁଣି ମହିଳା ସ୍ୱତନ୍ତ୍ର ବସ୍ ଚଳାଚଳ କରିବାକୁ ସେମାନେ ବିଭାଗ ନିକଟରେ ଅନୁରୋଧ କରିଥିଲେ।

# ଅପମିଶ୍ରିତ ମସଲା କାରଖାନାରେ ଚଢ଼ାଉ

## ମସଲାରେ ମିଶାଯାଉଥିଲା ପୋକରା ଚାଉଳ, କେମିକାଲ

■ ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମସଲା ଜବତ
■ କାରଖାନା ସିଲ୍, ମାଲିକ ଅଟକ

**କଟକ ସଦର, ୧୯।୨(ଡି.ଏନ୍.ଏ.)**

କଟକ ଜିଲା ୪୨ ମୌଜା ଥାନା ଅନ୍ତର୍ଗତ ଦିବାଟିଠାରେ ଥିବା ଏକ ଅପମିଶ୍ରିତ ମସଲା କାରଖାନା ଶନିବାର ଠାବ କରାଯାଇଛି। ସ୍ଥାନୀୟ ପୋଲିସ ଓ କଟକ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଅପମିଶ୍ରିତ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ମକା, ଧନିଆ, ଜିରାଗୁଣ୍ଡ ସହ କଞ୍ଚାମାଲ ଓ ଯନ୍ତ୍ରାଂଶ ଜବତ କରାଯାଇଛି। ଏହାପରେ କାରଖାନାକୁ ସିଲ୍ କରାଯିବା ସହ ୪୨ ମୌଜା ଥାନାରେ ଏକ ମାମଲା(ନଂ.୨୭/୨୨) ରୁଜୁ ହୋଇଛି। ଏହି ଘଟଣାରେ କାରଖାନା ମାଲିକ କଟକ ମଧୁପାଟଣା ଥାନା ଅନ୍ତର୍ଗତ କାଜିଡିହ ଗ୍ରାମର ଅଜୟ ଦାସ(୫୦)ଙ୍କୁ ପଚରାଉଚରା କରାଯାଉଥିବା ଥାନାଧିକାରୀ ଅନିତା ସାହୁ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୪ରୁ ଅଜୟ ଉକ୍ତ କାରଖାନା ଖୋଲି ବ୍ୟବସାୟ କରିଆସୁଥିଲେ। ସେଠାରେ ବିଭିନ୍ନ ମସଲାକୁ ଅପମିଶ୍ରଣ କରାଯିବା ପରେ ପ୍ୟାକିଂ କରି ବିକ୍ରି ପାଇଁ ପଠାଯାଉଥିଲା। ଏ ସମ୍ପର୍କରେ ଖବର ମିଳିବା ପରେ ସନ୍ଧ୍ୟାରେ ଏସିପି ଚନ୍ଦନ ଘଡେଇ, କଟକ ଖାଦ୍ୟ ନିରାପତ୍ତା ଅଧିକାରୀ ରାକେଶ କୁମାର ସାହୁ ଓ ଥାନାଧିକାରୀ ସାହୁଙ୍କ ସମେତ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଯାଞ୍ଚବେଳେ ସେଠାରେ ପୋକରା ଚାଉଳ ଓ କେମିକାଲ ଗୁଣ୍ଡ ମିଶାଯାଇ ଲଙ୍କା, ହଳଦୀ, ଜିରାଗୁଣ୍ଡ ପ୍ରସ୍ତୁତ ହେଉଥିବା ଜଣାପଡିଥିଲା। ହେଲେ ଏହି ସାମଗ୍ରୀ କେଉଁ ସ୍ଥାନକୁ ପଠାଯାଉଥିଲା ସେ ବିଷୟରେ ଜାଣିବା ପାଇଁ ଅଧିକ ଖୋଳତାଡ଼ ଆରମ୍ଭ ହୋଇଛି। ଏଥିସହ ଜବତ ସାମଗ୍ରୀର ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଲାବରେଟୋରିକୁ ପଠାଯିବ ବୋଲି ଏସିପି ଘଡେଇ କହିଛନ୍ତି।

ସୂଚନାଯୋଗ୍ୟ, ଗତ କିଛି ମାସ ମଧ୍ୟରେ କଟକ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ନକଲି ସିମେଣ୍ଟ, ଜର୍ଦ୍ଦା, ଅପମିଶ୍ରିତ ସସ୍, ମସଲା, ଘିଅ ଓ ତେଲ କାରଖାନା ଠାବ କରାଯାଇଛି। ସେଠାରୁ ବିପୁଳ ପରିମାଣର ନକଲି ଓ ଅପମିଶ୍ରିତ ସାମଗ୍ରୀ ମଧ୍ୟ ଜବତ ହୋଇଛି। କେତେକ ଘଟଣାରେ କାରଖାନା ମାଲିକଙ୍କୁ ଗିରଫ କରାଯାଇଛି। କାରଖାନା ମାଲିକମାନେ ଅଧିକ ଲାଭ ଆଶାରେ ଅପମିଶ୍ରିତ ସାମଗ୍ରୀ ବିକ୍ରି କରି ଲାଭବାନ୍ ହେଉଥିବାବେଳେ ଲୋକମାନେ ଏହାକୁ ଖାଇ ରୋଗରେ ପଡୁଛନ୍ତି। ହେଲେ ପୋଲିସ ଏହି ବେଆଇନ କାରବାରକୁ ସମ୍ପୂର୍ଣ୍ଣ ରୋକିବାରେ ବିଫଳ ହେଉଛି।



## ଦ୍ୱାରଶୁଣି ଘାଟିରେ ଜଳିଗଲା କଣ୍ଟେନର

**ବାଙ୍ଗିରିପୋଷି, ୧୯।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ଶନିବାର ସନ୍ଧ୍ୟାରେ ଏକ କଣ୍ଟେନର ଓଲଟି ପଡ଼ିବାରୁ ସେଥିରେ ନିଆଁ ଲାଗିଯାଇଥିଲା। କଣ୍ଟେନର ଭିତରେ ଡ୍ରାଇଭର ରହିଯାଇଥିଲେ। ବାଙ୍ଗିରିପୋଷି ଦମକଳ ବାହିନୀ ପହଞ୍ଚି କଣ୍ଟେନର ମଧ୍ୟରୁ ଡ୍ରାଇଭରଙ୍କୁ ଉଦ୍ଧାର କରି ନିଆଁକୁ ଆୟତ୍ତ କରିଥିଲା। ଉଦ୍ଧାର ସମୟରେ ବାଙ୍ଗିରିପୋଷି ଦମକଳ ବାହିନୀର ଜଣେ କର୍ମଚାରୀ ଆହତ ହୋଇଛନ୍ତି। ଚାଳକଙ୍କୁ ଉଦ୍ଧାର ପରେ ଜାତୀୟ ରାଜପଥରେ ଆମ୍ବୁଲାନ୍ସ ଯୋଗେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ବାଙ୍ଗିରିପୋଷି ପୋଲିସ ପହଞ୍ଚି ଜାମ୍ ହଟାଇବା ସହ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରାୟପୁରରୁ ଏହି କଣ୍ଟେନର(ନଂ.ଜିଜେ୦୫ବିଏକ୍ସ ୯୪୬୭) ଘାଟି ରାସ୍ତା ଦେଇ କୋଲକାତା ଅଭିମୁଖେ ଯାଉଥିଲା।

इंडियन बैंक Indian Bank
इलाहाबाद ALLAHABAD
**Corporate Office:** HRM Department, 254-260, Avvai Shanmugham Salai, Royapettah, Chennai 600 014
**RECRUITMENT OF SECURITY GUARD IN SUBORDINATE STAFF CADRE – 202 VACANCIES**
Indian Bank invites application from eligible Ex-Servicemen for the post of Security Guard in Subordinate staff cadre to fill up 202 vacancies in various States/UTs as mentioned in the Bank's Website. **The link for online application will be open from 23.02.2022 to 09.03.2022.** For detailed advertisement and to apply online, please visit **'career'** page of the Bank's website **www.indianbank.in**
**Chennai**
**Date: 20.02.2022** General Manager (CDO)

# ଧାର୍ଯ୍ୟ ସମୟ ପୂର୍ବରୁ ୧୦୦ ମିଲିୟନ ଟନ୍ ପଣ୍ୟ କାରବାର

**ପାରାଦୀପ,୧୯।୨(ସ୍ୱ.ପ୍ର.)**

### ୫ ବର୍ଷ ଧରି ପାରାଦୀପ ବନ୍ଦରକୁ ଲଗାତର ସଫଳତା

ଦେଶର ୨ୟ ବୃହତ୍ ବନ୍ଦର ଭାବେ ପରିଚିତ ପାରାଦୀପ ଶୁକ୍ରବାର ରାତି ସୁଦ୍ଧା ରେକର୍ଡ ୧୦୦.୦୪ ମିଲିୟନ ମେଟ୍ରିକ ଟନ୍ (ଏମ୍‌ଏମ୍‌ଟି) ପଣ୍ୟ କାରବାର କରିଛି। କୋଭିଡ୍-୧୯ ବିପଦ ଏବଂ କୁହାପଥର ରପ୍ତାନିରେ ୩୦.୨%ପ୍ରତିଶତ ହ୍ରାସ ସତ୍ତ୍ୱେ ଲଗାତର ପଞ୍ଚମ ବର୍ଷ ପାଇଁ ୧୦୦ ମିଲିୟନ ଟନ୍‌ପଣ୍ୟ କାରବାର କରିବାର ସଫଳତା ଏହି ବନ୍ଦର ହାସଲ କରିଛି। ଗତବର୍ଷ ଫେବୃୟାରୀ ୨୧ରେ ୧୦୦ ଏମ୍‌ଏମ୍‌ଟିର କାରବାର କରିଥିଲା। ଏଥର ତାହାର ୩ ଦିନ ପୂର୍ବରୁ ଧାର୍ଯ୍ୟଲକ୍ଷ୍ୟ ପୂରଣ କରିବାରେ ସଫଳ ହୋଇଛି ବୋଲି ବନ୍ଦର ଅଧକ୍ଷ ପି.ଏଲ୍. ହାରାନ୍ଧ ସୂଚନା ଦେଇଛନ୍ତି। ଶନିବାର ପୂର୍ବାହ୍ଣରେ ମଧୁବନ ଅଫିସର୍ସ କ୍ଲବ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହି ସୂଚନା ଦେବା ସହ ୧୦୦ ଏମ୍‌ଏମ୍‌ଟି ଲେଖାଥିବା ଏକ କେକ୍ କାଟି ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ସେ କହିଥିଲେ, ପାରାଦୀପ ବନ୍ଦରରେ ଏପର୍ଯ୍ୟନ୍ତ ଲାଗିଥିବା ସମସ୍ତ ଜାହାଜ ମଧ୍ୟରୁ ସବୁଠାରୁ ବଡ଼ ଜାହାଜ ଏମ୍‌ଭି ମିନେରାଲ ଗୁରୁବାର ସିକ୍ୟୁ-୧ ବର୍ଥରେ ଲାଗିଥିଲା। ଏଥିରେ ଧ୍ୱଇଅର ମୀନାସାକର ପୋର୍ଟରୁ ୧ଲକ୍ଷ ୨୪ ହଜାର ୭୦୪ ମେଟ୍ରିକ୍ ଟନ୍ ଲାଇମ୍‌ଷ୍ଟୋନ ଓ ପାଓରେକ୍ସନାଇଟ୍ ଆସିଥିଲା। ଉକ୍ତ ଜାହାଜରୁ ସିଏଲ୍ସ ସିପିଂ କମ୍ପାନୀ ଦ୍ୱାରା ଶୁକ୍ରବାର ରେକର୍ଡ ୪୩,୪୬୭ ମେଟ୍ରିକ୍ ଟନ୍ ପଣ୍ୟ ଖଲାସ କରାଯାଇଛି। ଗୋଟିଏ ଦିନରେ ପଣ୍ୟ ଖଲାସ କ୍ଷେତ୍ରରେ ଏହା ମଧ୍ୟ ସର୍ବାଧିକ। ଏହାପୂର୍ବରୁ ଗୋଟିଏ ଦିନରେ ୪୧,୧୦୫ ମେଟ୍ରିକ୍ ଟନ୍ ପଣ୍ୟ ଖଲାସ ରେକର୍ଡ କରାଯାଇଥିଲା। ଏଭଳି ସଫଳତା ପାଇଁ ଅଧକ୍ଷ ହାରାନ୍ଧ ବନ୍ଦର ବ୍ୟବହାରକାରୀ ସଂସ୍ଥା, ରାଜ୍ୟ ସରକାର, କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରାଳୟ, କର୍ମଚାରୀ, ଶ୍ରମିକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ୍ ଓ ଅନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ।

# ପୋଲିସ, ପ୍ରଶାସନ ପକ୍ଷରୁ ୩ ଗ୍ରାମରକ୍ଷୀଙ୍କୁ ଶେଷ ସମ୍ମାନ

**ପୋଲିଂ ଗାଡ଼ି ଦୁର୍ଘଟଣା ମାମଲା**

### ରେଡ୍‌କ୍ରସ୍‌ରୁ ପରିବାରକୁ ୨୦ ହଜାର ଟଙ୍କା ଲେଖାଏ ସହାୟତା

**ନବରଙ୍ଗପୁର/ନନ୍ଦାହାଣ୍ଡି,୧୯।୨ (ବି.ପ୍ର./ଡି.ଏନ୍.ଏ.)**

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନବରଙ୍ଗପୁର ଜିଲ୍ଲାର ଅଫିସରକୁ କୋଷାଗୁମୁଡା ବ୍ଲକକୁ ଗ୍ରାମରକ୍ଷୀଙ୍କୁ ନେଇ ଯାଉଥିବା ପୋଲିସ ବସ୍ ଶୁକ୍ରବାର ରାତିରେ ପାପଡ଼ାହାଣ୍ଡି ଥାନା ଅଧୀନ ଯୋରିଗୁଡପଦର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୩ ଗ୍ରାମରକ୍ଷୀ ସି.ଏଚ୍. ଶେଷାରାଓ, ଜଗନ୍ନାଥ ଗୌଡ଼ ଏବଂ ରବି ବିଶୋଇଙ୍କ ମୃତ୍ୟୁ ଘଟିବା ସହ ୬ଜଣ ଗୁରୁତର ହୋଇଥିଲେ। ଶନିବାର ୩ ଗ୍ରାମରକ୍ଷୀଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ସମ୍ମାନ ଜଣାଇବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମୃତ ୩ ଜଣ ଗ୍ରାମରକ୍ଷୀଙ୍କ ଘର ନବରଙ୍ଗପୁର ସଦର, ତେନ୍ତୁଲିଖୁଣ୍ଟି ଏବଂ ନନ୍ଦାହାଣ୍ଡି ବ୍ଲକ ଅଞ୍ଚଳରେ ହୋଇଥିବାରୁ ସେମାନଙ୍କ ଘରକୁ ମୃତଦେହ ପଠାଯାଇଥିଲା। ଜିଲାପାଳ କମଳଲୋଚନ ମିଶ୍ର ଏବଂ ଏସ୍‌ପି ପରଶୋରାମ ଦାସ ମୃତ ଗ୍ରାମରକ୍ଷୀମାନଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ସ୍ଥାନୀୟ ପୋଲିସ ଓ ପ୍ରଶାସନ ପକ୍ଷରୁ ମୃତ ଗ୍ରାମରକ୍ଷୀମାନଙ୍କୁ ସମ୍ମାନ ପ୍ରଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ନବରଙ୍ଗପୁର ଥାନାଧିକାରୀ ତାରିକ୍ ଅହମ୍ମଦ, ଏଏସ୍‌ଆଇ ଅଶୋକ କୁମାର ଦେଓ, ତହସିଲଦାର ରବୀନ୍ଦ୍ର ରାଉତ ଉପସ୍ଥିତ ରହି ନବରଙ୍ଗପୁର ସଦର ଇଚ୍ଛାବତୀଗୁଡ଼ା ସାହିର ମୃତ ଗ୍ରାମରକ୍ଷୀ ସି.ଏଚ୍. ଶେଷାରାଓଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ନନ୍ଦାହାଣ୍ଡି ଡଙ୍ଗରଭେଜାଠାରେ ତହସିଲଦାର ଏ. ସ୍ନେହଲତା, ଥାନାଧିକାରୀ ରାମେଶ୍ୱର ପ୍ରଧାନ ଓ ପୋଲିସ କର୍ମଚାରୀ ଗୃହରକ୍ଷୀ ଜଗବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍‌ରୁ ସ୍ଥାନୀୟ ତହସିଲଦାରଙ୍କ ମାଧ୍ୟମରେ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଇଛି। ସେହିପରି ପୋଲିସ ପକ୍ଷରୁ ଏସ୍‌ପିଙ୍କ ନିର୍ଦ୍ଦେଶରେ ଥାନା ଅଧିକାରୀମାନେ ୨୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଛନ୍ତି। ଗୁରୁତରଙ୍କ ସହାୟତା ନିମନ୍ତେ ଏସ୍‌ପି ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ୬ ଗୁରୁତରଙ୍କୁ ନବରଙ୍ଗପୁର ଜିଲା ଡାକ୍ତରଖାନାରୁ କୋରାପୁଟ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟ ୨୧ ଆହତ ନବରଙ୍ଗପୁରରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ପାପଡ଼ାହାଣ୍ଡି ଥାନାରେ ୨୫/୨୨ରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।



ନବରଙ୍ଗପୁରରେ ଥାନାଧିକାରୀ ଓ ତହସିଲଦାର ଗ୍ରାମରକ୍ଷୀ ସି.ଏଚ୍. ଶେଷାରାଓଙ୍କୁ ଶେଷ ସମ୍ମାନ ପ୍ରଦାନ କରୁଛନ୍ତି।

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
**(ଭାରତ ସରକାରଙ୍କ ଏକ ଉପକ୍ରମ)**
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭**
ଫୋନ୍ : ୦୬୭୪-୨୫୪୦୦୩୨, ଇ-ମେଲ:0815samd@iob.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ଓ ୯(୧) ବ୍ୟବସ୍ଥା ଅନ୍ତର୍ଗତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ ସୂତ୍ରରେ ରହିଛି ଯାହା ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଗଠନାତ୍ମକ / ଭୌତିକ / ସାଙ୍କେତିକ ଦଖଲ ନିଆଯାଇଛି, ଯାହାକୁ **"ଯେପରି ଯେଉଁଠାରେ ଅଛି" "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ଠାରୁ ବ୍ୟାଙ୍କ / ସୁରକ୍ଷିତ ଋଣଦାତା ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି ।

| କ୍ର.ନଂ | ଶାଖାର ନାମ/ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଅସ୍ଥାବର/ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|
| ୧. | **ଯୋବ୍ରା ଶାଖା, ଫୋନ୍:୦୬୭୧-୨୫୪୮୦୩୨/୨୫୪୮୫୩୫, ମୋ.: ୭୦୦୮୪୬୯୪୬୪** **ଋଣଗ୍ରହୀତା:ମେସର୍ସ ଜୀବଦାନୀ ଏଣ୍ଟରପ୍ରାଇଜେସ୍, ସତ୍ତ୍ୱାଧିକାରୀ: ଶ୍ରୀ ସତ୍ୟଜିତ୍ ପରିଡ଼ା,** ପିତା: କ୍ଷେତ୍ରମୋହନ ପରିଡା, **ଜାମିନ୍‌ଦାର/ବନ୍ଧକଦାତା: (୧)ପୁଷ୍ପଲତା କର୍ବି, (୨)ସୁଲୋଚନା କର୍ବି/ପରିଡା,** ସମସ୍ତଙ୍କ ବାସସ୍ଥାନ ଠିକଣା: ଗୋପାଳ ସାହି, ମଙ୍ଗଳାବାଗ, କଟକ । | **ବାସପୋଯୋଗୀ ସମ୍ପତ୍ତି: ସୁଲୋଚନା କର୍ବି** ଏବଂ **ପୁଷ୍ପଲତା କର୍ବି**ଙ୍କ ନାମରେ ମିଳିତଭାବେ ଥିବା ଜମି ଏବଂ ଏକ ମହଲା ବିଶିଷ୍ଟ ବାସୋପଯୋଗି ଗୃହ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.୨୨, ମିର୍‌କମଲ ପାଟଣା, ଥାନା ନଂ.୫, ଖାତା ନଂ.୧୦୬୮/୪୩, ପ୍ଲଟ ନଂ. ୧୦୧୭, ଏରିଆ: ଏକର୦.୦୪୨ ଡିସିମିଲି, ଏହାର ଚାରିପାର୍ଶ୍ୱରେ: ପୂର୍ବ-ରାସ୍ତା, ପଶ୍ଚିମ- କୈଳାଶ କର୍ବି (ଏସି ଷ୍ଟ୍ରିଟ୍), ଉତ୍ତର- ରାଜେଶ କର୍ବି, ଦକ୍ଷିଣ- ନର୍ସିଂ ହୋମ୍ । |
| ୨. | **ବାରବାଟି ଷ୍ଟାଡିୟମ ଶାଖା, ଫୋନ୍:୦୬୭୧-୨୩୦୦୨୭୦, ମୋ.:୮୧୦୬୪୫୧୯୫୯** **ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା:ମେସର୍ସ ରଞ୍ଜିତା ଷ୍ଟୋର, ସତ୍ତ୍ୱାଧିକାରୀ: ଶ୍ରୀମତୀ ରଞ୍ଜୀତା ସାହୁ, (ଋଣଗ୍ରହୀତା, ଜାମିନ୍‌ଦାର ଏବଂ ବନ୍ଧକଦାତା),** ଠିକଣା:ସା-ବଣିଆସାହି, ବକ୍ସି ବଜାର, ମଙ୍ଗଳାବାଗ, ଜିଲ୍ଲା: କଟକ-୭୫୩୦୦୧, ମୋ.: ୯୩୩୭୬୨୬୯୬୬ । | **ବାସପୋଯୋଗୀ ସମ୍ପତ୍ତି: ସମ୍ପତ୍ତି (ଖାଲି ଜମି)**ର ସମସ୍ତ ଅଂଶବିଶେଷ ଯାହା: **ସମ୍ପତ୍ତି-୧**: ମୌଜା-ଆଗ୍ରାହାଟ, ତହସିଲି- ଟାଙ୍ଗି ଚୌଦ୍ୱାର ନଂ.୪୬, ଥାନା- ଚୌଦ୍ୱାର ନଂ.୪୯, ଏସ୍‌ଆରଓ- ଜଗତପୁର, ଜିଲ୍ଲା-କଟକ, ଖାତା ନଂ.୧୦୪୧/୭୧୫, ପ୍ଲଟ ନଂ. ୨୧୧୦/୪୪୭୦, ଏରିଆ- ଏ୦.୨୦ ଡିସିମିଲି, **ସମ୍ପତ୍ତି-୨**: ମୌଜା-ଆଗ୍ରାହାଟ, ତହସିଲି- ଟାଙ୍ଗି ଚୌଦ୍ୱାର ନଂ.୪୬, ଥାନା- ଚୌଦ୍ୱାର ନଂ.୪୯, ଏସ୍‌ଆରଓ- ଜଗତପୁର, ଜିଲ୍ଲା-କଟକ, ଖାତା ନଂ.୧୦୪୧/୭୧୬, ପ୍ଲଟ ନଂ. ୨୧୧୦, ଏରିଆ- ଏ୦.୦୮ ଡିସିମିଲି, ଏହାର ଚାରିପାର୍ଶ୍ୱରେ: ପୂର୍ବ-ବଳକା ଅଂଶ, ପଶ୍ଚିମ- ସରକାରୀ ରାସ୍ତା, ଉତ୍ତର- ଗ୍ରାମ ରାସ୍ତା, ଦକ୍ଷିଣ- ନୀଳାଚଳ ସାରସ୍ୱତ ସଂଘ, ଉଭୟ ସମ୍ପତ୍ତି **ଶ୍ରୀମତୀ ରଞ୍ଜୀତା ସାହୁ**ଙ୍କ ନାମରେ ଅଛି । |
| ୩. | **ଯୋଡା ଶାଖା, ମୋ.: ୯୯୬୭୧୨୭୯୬୯** **ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା:୰ଶ୍ରୀ କାମେଶ୍ୱର ପ୍ରସାଦ,** ପିତା:୰ରାମଚନ୍ଦ୍ର ପ୍ରସାଦ, ସା: ହୁଡିସାହି, ଯୋଡା, ଥାନା/ପୋ.: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା-୭୫୮୦୩୪, **ଜାମିନ୍‌ଦାର/ଆଇନଗତ ଉତ୍ତରାଧିକାରୀ: ଶ୍ରୀମତୀ କଳାଓ୍ୱତୀ ଦେବୀ,** ସ୍ୱାମୀ: ୰କାମେଶ୍ୱର ପ୍ରସାଦ, **ଆଇନଗତ ଉତ୍ତରାଧିକାର: (୧)ଶ୍ରୀ ରଞ୍ଜିତ କୁମାର, (୨) ଶ୍ରୀ ପଙ୍କଜ କୁମାର,** ଉଭୟଙ୍କ ପିତା: ୰କାମେଶ୍ୱର ପ୍ରସାଦ, **(୩)ଶ୍ରୀମତୀ କାଞ୍ଚନ ଗୁପ୍ତା,** ପିତା: ୰କାମେଶ୍ୱର ପ୍ରସାଦ, ସମସ୍ତଙ୍କ ଠିକଣା: ସା-ଆଜାଦବସ୍ତି, ପୋ/ଥାନା: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା-୭୫୮୦୩୪, **(୪)ଶ୍ରୀ ଅମରଦୀପ କୁମାର,** ପିତା: ୰କାମେଶ୍ୱର ପ୍ରସାଦ, ସା: ହୁଡିସାହି, ଯୋଡା, ଥାନା/ପୋ.: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା-୭୫୮୦୩୪ | **ବାସପୋଯୋଗୀ ସମ୍ପତ୍ତି: ୰କାମେଶ୍ୱର ପ୍ରସାଦ**ଙ୍କ ନାମରେ ଥିବା ବାସପୋଯୋଗି ଫ୍ରିହୋଲ୍ଡ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କମାରଯୋଡା(ୟୁନିଟ୍ ନଂ.୩), ପୋ./ଥାନା: ଯୋଡା, ତହସିଲି/ଏସ୍‌ଆରଓ: ବଡବିଲ୍, ଜିଲ୍ଲା: କେନ୍ଦୁଝର, ଓଡ଼ିଶା-୭୫୮୦୩୪, ଖାତା ନଂ. ୧୭୪/୩୭୧, ପ୍ଲଟ ନଂ. ୪୭୪/୧୩୦୮, ଏରିଆ: ଏ୦.୦୫୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୪୭୪/୧୩୦୮, ପଶ୍ଚିମ- ପ୍ଲଟ ନଂ. ୪୭୪/୧୩୦୯, ଉତ୍ତର-ସାଧାରଣ ରାସ୍ତା/ଲକ୍ଷ୍ମଣ ପାତ୍ର, ଦକ୍ଷିଣ- ହିରା ଆପାର୍ଟମେଣ୍ଟର ସମ୍ପତ୍ତି । |
| ୪. | **ଯାଜପୁର ଶାଖା, ଫୋନ୍.: ୦୬୭୨୮-୨୨୨୭୦୭, ମୋ.: ୯୯୪୯୯୭୫୬୧୪** **ଋଣଗ୍ରହୀତାମାନେ: (୧)ରିତୁପର୍ଣ୍ଣା ଦେବତା, (୨) ଶୁଶୀଲ୍ କୁମାର ଦେବତା,** ଉଭୟଙ୍କ ଠିକଣା: ସା-ଶୀତଳେଶ୍ୱର, ଥାନା/ଜିଲ୍ଲା: ଯାଜପୁର, ପିନ୍-୭୫୫୦୦୧ । | **ବାସପୋଯୋଗୀ ସମ୍ପତ୍ତି: ରିତୁପର୍ଣ୍ଣା ଦେବତା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ୟୁନିଟ୍-୭, ଶିତଳେଶ୍ୱର, ଥାନା/ଜିଲ୍ଲା: ଯାଜପୁର, ଖାତା ନଂ. ୧୬୦୩/୨୨୦, ପ୍ଲଟ ନଂ. ୧୦୦୪/୧୫୩୩, ଏରିଆ: ଏ୦.୦୬୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ: ପୂର୍ବ- ବିଜୟଲକ୍ଷ୍ମୀ ବେହେରା, ପଶ୍ଚିମ- ମିନତୀ ଶତପଥୀ, ଉତ୍ତର- ପ୍ରାଇଭେଟ୍ ରାସ୍ତା, ଦକ୍ଷିଣ- ଲକ୍ଷ୍ମୀପ୍ରିୟା ଦିକ୍ଷିତ୍ ଏବଂ ଅନ୍ୟମାନେ । |
| ୫. | **ଦଶରଥପୁର ଶାଖା, ମୋ.: ୭୦୦୮୨୮୨୮୫୧** **ଋଣଗ୍ରହୀତା: ଶ୍ରୀ ମନୋରଞ୍ଜନ ମିଶ୍ର,** ପିତା: ଶ୍ରୀବତ୍ସ ମିଶ୍ର, **ଜାମିନ୍‌ଦାର/ବନ୍ଧକଦାତା: ଶ୍ରୀ ଶ୍ରୀବତ୍ସ ମିଶ୍ର,** ଶ୍ରୀ ମନୋରଞ୍ଜନ ମିଶ୍ରଙ୍କ ପିତା, ଉଭୟଙ୍କ ଠିକଣା: ସା-ମିର୍ଜାପୁର, ପୋ.-ନନ୍ଦିପୁର, ଜିଲ୍ଲା-ଯାଜପୁର, ଓଡ଼ିଶା । | **ବାସପୋଯୋଗୀ ସମ୍ପତ୍ତି: ଶ୍ରୀ ଶ୍ରୀବତ୍ସ ମିଶ୍ର** ଙ୍କ ନାମରେ ବନ୍ଧକପ୍ରାପ୍ତ ଫ୍ରିହୋଲ୍ଡ ବାସପୋଯୋଗି ଜମି ଏବଂ ଗୃହ ଯାହାର ଖାତା ନଂ. ୪୯୦, ପ୍ଲଟ ନଂ. ୪୫୨, ଏରିଆ: ଏ୦.୦୪ ଡିସିମିଲି, ମୌଜା/ଥାନା: ନନ୍ଦିପୁର, ତହସିଲି: ଦଶରଥପୁର, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ: ପୂର୍ବ- ଶ୍ରୀ ଶ୍ରୀବତ୍ସ ମିଶ୍ର, ପଶ୍ଚିମ- ଶ୍ରୀ ଶ୍ରୀବତ୍ସ ମିଶ୍ର, ଉତ୍ତର- ପଞ୍ଚାୟତ କାର୍ଯ୍ୟାଳୟ, ଦକ୍ଷିଣ- ଶ୍ରୀ ଶ୍ରୀବତ୍ସ ମିଶ୍ର । |

| କ୍ର.ନଂ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ/ ଦଖଲ ନୋଟିସ୍ ତାରିଖ | ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ | କ୍ଷମତାପ୍ରାପ୍ତଅଧିକାରୀ/ ସେବା ପ୍ରଦାନକାରୀଙ୍କ ନିକଟରେ ବିଡ୍ /ଅମାନତ ଜମାର ପ୍ରମାଣ ଏବଂ କେଓ୍ୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦଖଲର ଅନ୍ତିମ ତାରିଖ ଏବଂ ସମୟ | ଇ-ନିଲାମ ତାରିଖ/ ସମୟ (ଯଦି କେହି ନିଲାମ ଶେଷ ୫ ମିନିଟ୍ ମଧ୍ୟରେ ନିଲାମ ଡାକ କରିଥାନ୍ତି ତେବେ ୫ ମିନିଟ୍ ଅସିମୀତ ସମୟ ସ୍ୱତଃ ବର୍ଦ୍ଧିତ ହେବ ।) |
|---|---|---|---|---|---|---|---|
| ୧. | ଟ. ୬୨,୨୨,୩୦୦/- | ଟ.୬,୨୨,୨୩୦/- | ଟ.୩୫,୩୩,୪୭୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୨୩.୧୨.୨୦୧୬ / ୨୨.୦୩.୨୦୧୭ | ୦୫.୦୩.୨୦୨୨ ପର୍ଯ୍ୟନ୍ତ | ୦୯.୦୩.୨୦୨୨ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୩.୨୦୨୨ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୨.୦୦ ଘଟିକା |
| ୨. | ଟ.୨୫,୨୦,୦୦୦/- | ଟ.୨,୫୨,୦୦୦/- | ଟ.୨୬,୦୫,୪୫୩/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୦୪.୦୪.୨୦୧୯ / ୧୯.୧୨.୨୦୨୦ | ୦୫.୦୩.୨୦୨୨ ପର୍ଯ୍ୟନ୍ତ | ୦୯.୦୩.୨୦୨୨ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୩.୨୦୨୨ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୨.୦୦ ଘଟିକା |
| ୩. | ଟ.୧୫,୫୯,୦୦୦/- | ଟ.୧,୫୫,୯୦୦/- | ଟ.୨୦,୭୩,୯୮୪/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୧୭.୦୪.୨୦୨୧ଓ (ତା୦୨.୦୬.୨୦୨୧ରେ ଖବରକାଗଜ ପ୍ରକାଶନ)/ ୨୪.୧୧.୨୦୨୧ | ୦୫.୦୩.୨୦୨୨ ପର୍ଯ୍ୟନ୍ତ | ୦୯.୦୩.୨୦୨୨ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୩.୨୦୨୨ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୨.୦୦ ଘଟିକା |
| ୪. | ଟ.୨୨,୮୦,୦୦୦/- | ଟ.୨,୨୮,୦୦୦/- | ଟ.୧୦,୭୦,୭୮୬/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୦୬.୦୮.୨୦୧୬ / ୦୫.୧୨.୨୦୧୬ | ୦୫.୦୩.୨୦୨୨ ପର୍ଯ୍ୟନ୍ତ | ୦୯.୦୩.୨୦୨୨ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୩.୨୦୨୨ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୨.୦୦ ଘଟିକା |
| ୫. | ଟ.୯,୮୧,୦୦୦/- | ଟ.୯୮,୧୦୦/- | ତା.୧୭.୦୪.୨୦୨୧ ସୁଦ୍ଧା ଟ.୬,୬୩,୭୦୪/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ (ଅସୁଲ ଯଦି କିଛି ଥାଏ, ବିଯୁକ୍ତ କରାଯିବ) | ୨୧.୦୩.୨୦୧୬ / ୦୭.୦୬.୨୦୧୬ | ୦୫.୦୩.୨୦୨୨ ପର୍ଯ୍ୟନ୍ତ | ୦୯.୦୩.୨୦୨୨ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୩.୨୦୨୨ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୨.୦୦ ଘଟିକା |

**ନିୟମ ଏବଂ ସର୍ତ୍ତାବଳୀ:**

**(୧)** ସମ୍ପତ୍ତିଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ :**https://www.mstcecommerce.com/auctionhome/ibapi/index.jsp** ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ । **(୨)** ଇଚ୍ଛୁକ ବିଡ୍‌ଧାରୀ/କ୍ରେତାଙ୍କୁ ଅନୁରୋଧ କରାଯାଉଛିକି ସେମାନେ ମୋବାଇଲ କିମ୍ବା ଇମେଲ ମାଧ୍ୟମରେ ପୋର୍ଟାଲ **https://www.mstcecommerce.com/auctionhome/ibapi/index.jsp** ରେଜିଷ୍ଟର କରନ୍ତୁ, ଏବଂ ସେମାନେ **KYC** କାଗଜପତ୍ର ଅପ୍‌ଲୋଡ କରନ୍ତୁ । **(୩)**ବିଡ୍‌ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ "ଅନ୍‌ଲାଇନ୍" ମାଧ୍ୟମରେ ପୋର୍ଟାଲ **https://www.mstcecommerce.com/auctionhome/ibapi/index.jsp** ମାଧ୍ୟମରେ ଅମାନତ ରାଶି ଦାଖଲର ପ୍ରମାଣ ଏବଂ ସ୍ୱଦସ୍ତଖତ ଥିବା **KYC** କାଗଜପତ୍ରର ନକଲ ଯଥା : ଫଟୋ, ପ୍ୟାନ କାର୍ଡ଼/ଆଧାର କାର୍ଡ଼ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ଉପରେ ବର୍ଣ୍ଣିତ ବିଡ୍ ଦାଖଲର ତାରିଖ ସୁଦ୍ଧା ଦାଖଲ କରିବେ । **(୪)**ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡ଼ିକ **EFT/NEFT/RTGS M/s MSTC Ltd.** ର ୱାଲେଟ ମାଧ୍ୟମରେ ଇ-ନିଲାମ ସାଇଟ୍ **https://www.mstcecommerce.com/auctionhome/ibapi/index.jsp** ସାହାଯ୍ୟରେ ପଇଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ । ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ । **(୫)** ଅମାନତ ରାଶି ବିନା ପ୍ରସ୍ତାବଗୁଡ଼ିକ ବାତିଲ କରାଯିବ **(୬)** ଅନ୍‌ଲାଇନ୍ ନିଲାମ ବିକ୍ରୟ ସ୍ୱୟଂଚାଳିତ ଭାବରେ ଏବଂ ଉପରୋକ୍ତ ସମୟରେ ଆରମ୍ଭ ହେବ । ନିଲାମ/ବିଡିଂ ଅନ୍ତତଃ ୧୮୦ ମିନିଟ୍ ଅବଧି ପାଇଁ ହେବ, ବିକ୍ରୟ ସମାପ୍ତ ନହେବା ପର୍ଯ୍ୟନ୍ତ ସ୍ୱତଃ ୧୦ ମିନିଟ୍ ବୃଦ୍ଧି ପାଇବ । ଉପରଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି : **ଟ.୩୦,୦୦୦/-**, ଇ-ନିଲାମ ବନ୍ଦ ହେବାର ପୂର୍ବ ୧୦ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୧୦ ମିନିଟ୍ ବୃଦ୍ଧି ପାଇବ । **(୭)** ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ । କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବାପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତି କାର୍ଯ୍ୟ ଦିବସ ପରେ କିନ୍ତୁ ନୁହେଁ । ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥରାଶି ନିଲାମ ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ । ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପଇଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ । **(୮)** ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ/ ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ ପ୍ରଦାନ କରାଯିବ । **(୯)** କ୍ରେତା ଜମି ହସ୍ତାନ୍ତରିତ ଫି ଯଥା : ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଜୁର୍ଯ୍ୟ ତାହା ବହନ କରିବେ । **(୧୦)** କ୍ଷମତାପ୍ରାପ୍ତ ଅଧୀକାରୀ/ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ/ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ/ ବାତିଲ କରିବାର ଅଖଣ୍ଡ କ୍ଷମତା ରହିଛି । **(୧୧)** ସମ୍ପତ୍ତିଗୁଡ଼ିକ **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତିରେ ବିକ୍ରୟ କରାଯିବ । ବ୍ୟାଙ୍କ ସମସ୍ତ ଜ୍ଞାତ ଏନକମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱକି ସେ ନିଲାମରେ ଅଂଶ ଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ । **(୧୨)** ଉପର ଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧୀକାର ଦିଆଯିବ । ଏହାବ୍ୟତିତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟୀତ୍ୱ ରହିବ ନାହିଁ । **(୧୩)** ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ । **(୧୪)** ସମ୍ପତ୍ତିଗୁଡ଼ିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ **EFT/NEFT/RTGS** ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କର ଇ-ମେଲ ଆଇଡ଼ି ମାଧ୍ୟମରେ ଜଣାଇଦିଆଯିବ । **(୧୫)** ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ । କ୍ଷମତାପ୍ରାପ୍ତ ଅଧୀକାରୀ/ ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବୀ/ଅଧୀକାର/ ଦେୟ ନିମନ୍ତେ ଦାୟୀ ରହିବେ ନାହିଁ । **(୧୬)** ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ ନମ୍ବରରେ ଜମା କରାଯିବ । ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ଗଣନା କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣକ ହିସାବରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ । **(୧୭)** ଇ-ନିଲାମ/ ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: **ସମ୍ପୃକ୍ତ ଶାଖା ପ୍ରବନ୍ଧକ** କିମ୍ବା **Authorized Officer, Indian Overseas Bank, Regional Office, Bhubaneswar, Phone No. : 0674-2540032, E-mail: 0815samd@iob.in or visit website:https://www.mstcecommerce.com/auctionhome/ibapi/index.jsp** - ରଖାଯାଇଛି । **(୧୮)** ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ଧାରା ୮(୬) ଅନୁଯାୟୀ ଉପରୋକ୍ତ କ୍ର.ନଂ. ୧ରୁ ୫ ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନିମନ୍ତେ ଏହା **୧୫ ଦିନିଆ** ନୋଟିସ୍ ଅଟେ । **(୧୯)** କ୍ର.ନଂ. ୧ ରୁ ୫ ସମ୍ପତ୍ତିଗୁଡିକ ବ୍ୟାଙ୍କର ସାଙ୍କେତିକ/ଗଠନମୂଳକ ଦଖଲରେ ଅଛି । **(୨୦)** ଉପରଦର୍ଶିତ ସମ୍ପତ୍ତିଗୁଡିକ ବ୍ୟାଙ୍କର ସାଙ୍କେତିକ/ ଗଠନମୂଳକ ଦଖଲରେ ଅଛି ଏବଂ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ" ବିକ୍ରୟ କରାଯିବ । କେବଳ ସମ୍ପତ୍ତିର ପରିବହନ/ ହସ୍ତାନ୍ତର ଏବଂ ସୁରକ୍ଷିତ ସମ୍ପତ୍ତିର ଭୌତିକ ଦଖଲର ହସ୍ତାନ୍ତର ଏବଂ ନିଲାମଧାରୀଙ୍କ ପାଇଁ ସମ୍ପତ୍ତି, ବ୍ୟାଙ୍କ ଦ୍ୱାରା କେବଳ ଆଇନ ଅନୁସାରେ ଭୌତିକ ଦଖଲ ପାଇବା ପରେ ଏବଂ ସେହି ତାରିଖ କିମ୍ବା ବିଳମ୍ବରେ କର୍ତ୍ତୃପକ୍ଷ /କୋର୍ଟ / ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ, ସଫଳ ନିଲାମଧାରୀଙ୍କୁ ସେହି ତାରିଖ ସୁଦ୍ଧା ସେମାନଙ୍କର ଅମାନତ ରାଶି / ଚୂଡାନ୍ତ ବିଡ୍ ରାଶି ଉପରେ କୌଣସି ସୁଧ / ଦାବୀ / କ୍ଷତିପୂରଣ ଦିଆଯିବ ନାହିଁ । **(୨୧)** ଯଦି ଉପରୋକ୍ତ ଇ-ନିଲାମ ବିକ୍ରୟକୁ କୋର୍ଟ /ଫୋରମ୍/ ଟ୍ରିବ୍ୟୁନାଲ ଇତ୍ୟାଦି ପୂର୍ବରୁ ଅନୁମୋଦନ କରାଯାଏ ତେବେ ବିକ୍ରୟ/ ନିଲାମର ଚୂଡାନ୍ତକରଣ କେବଳ ଉପରୋକ୍ତ କୋର୍ଟ /ଫୋରମ / ଟ୍ରିବ୍ୟୁନାଲ ଦ୍ୱାରା ଚୂଡାନ୍ତ ସମାଧାନଏବଂ କୋର୍ଟ /ଫୋରମ / ଟ୍ରିବ୍ୟୁନାଲ ଦ୍ୱାରା ଚୂଡାନ୍ତ ସମାଧାନ ପର୍ଯ୍ୟନ୍ତ ନିଲାମଧାରୀ ମାନଙ୍କୁ ଅମାନତ ରାଶି / ଚୂଡାନ୍ତ ବିଡ୍ ରାଶି ଉପରେ ବ୍ୟାଙ୍କ କୌଣସି ପ୍ରକାରର ସୁଧ / ଦାବୀ / କ୍ଷତିପୂରଣ ଇତ୍ୟାଦି ପ୍ରଦାନ କରିବ ନାହିଁ ।

**ସ୍ଥାନ-ଭୁବନେଶ୍ୱର, ତାରିଖ- ୧୯.୦୨.୨୦୨୨** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**

ବ୍ୟାଙ୍କ ଅଫ୍ ବରୋଦା
Bank of Baroda
विजया VIJAYA | देना DENA

**ବ୍ୟାଙ୍କ ଅଫ୍ ବରୋଦା**
ନୟାପଲ୍ଲୀ ଶାଖା, ପ୍ଲଟ୍ ନଂ.: ୭୩୭ (ପି), ଜୟଦେବ ବିହାର, ପୋ.: ଆରଆରଏଲ୍, ଭୁବନେଶ୍ୱର - ୧୩, ଫୋନ୍: ୦୬୭୪-୨୩୬୦୭୦୭

**ଦଖଲ ବିଜ୍ଞପ୍ତି**
ପରିଶିଷ୍ଟ-୪ [ରୁଲ୍-୮(୧)]
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦା ର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ନିୟମ ୩ ସହିତ ଧାରା ୧୩(୧୨)ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥ ରାଶି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ତେଣୁ ବିଶେଷ କରି ଋଣଗ୍ରହୀତା/ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାର୍‌ରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ ।

**ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁସାରେ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ସମୟମତେ ବନ୍ଧକମୁକ୍ତ କରନ୍ତୁ ।**

| ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ସମ୍ରାଟ କଳିଙ୍ଗ ଟ୍ରେଡର୍ସ, ସତ୍ତ୍ୱାଧିକାରୀ: ଶ୍ରୀମତୀ ସଞ୍ଜୁକ୍ତା ଦାସ, ଠିକଣା-୧:** ପ୍ଲଟ୍ ନଂ.: ୩୦, ଭୋଇ ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, **ଠିକଣା-୨:** କ୍ୱାର୍ଟର ନଂ.: ୨ ଆରଏ/୩୦, ରୋଡ୍ ନଂ.: ୩, ୟୁନିଟ୍-୯, ଭୁବନେଶ୍ୱର, **ଜାମିନ୍‌ଦାର: ଶ୍ରୀ ରାଜେଶ ଦାସ,** କ୍ୱାର୍ଟର ନଂ.: ୨ ଆରଏ/୩୦, ରୋଡ୍ ନଂ.: ୩, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୨୨ । | **ଶ୍ରୀ ରାଜେଶ ଦାସ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଧାଓ୍ୱା, ଥାନା: ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ମ୍ୟୁଟେସନ୍ ଖାତା ନଂ.: ୩୭୫/୩୧୯, ପ୍ଲଟ୍ ନଂ.: ୯୭/୧୯୦୨/୧୯୨୦ ଏବଂ ୯୭/୧୯୧୯, କ୍ଷେତ୍ର: ଏକର ୦.୦୨୦ ଡିସିମିଲି ଏବଂ ଏକର ୦.୦୨୬ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୯୪, ପଶ୍ଚିମ: ରାସ୍ତା, ଉତ୍ତର: ଅବଶିଷ୍ଟ ଅଂଶ ପ୍ଲଟ୍ ନଂ.: ୯୭, ଦକ୍ଷିଣ: ଅବଶିଷ୍ଟ ଅଂଶ ପ୍ଲଟ୍ ନଂ.: ୯୭/୧୯୦୨ । | ୨୮.୦୬.୨୦୨୧ / ୧୬.୦୨.୨୦୨୨ | ୨୮.୦୬.୨୦୨୧ ସୁଦ୍ଧା ଟ.୨୧,୧୬,୮୪୧.୧୫ ତତ୍ ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

**ତାରିଖ: ୧୬.୦୨.୨୦୨୨**
**ସ୍ଥାନ : ଭୁବନେଶ୍ୱର**
**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ବ୍ୟାଙ୍କ ଅଫ୍ ବରୋଦା**

## ସଂକ୍ଷେପରେ

### ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ, ୩ ଆହତ

**ରାଜକନିକା ବ୍ଲକ୍‌ରେ ରାଜନୈତିକ ହିଂସା**

**ରାଜକନିକା,୧୯।୨(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକରେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ତ୍ରିସ୍ତରୀୟ ନିର୍ବାଚନ ପାଇଁ ଭୋଟ ଗ୍ରହଣ ସରିଛି । ଏହାକୁ ନେଇ ସ୍ଥାନୀୟ ଜୟନଗର ପଞ୍ଚାୟତରେ ଶନିବାର ରାଜନୈତିକ ହଂସାକାଣ୍ଡ ଘଟିଛି। ଶୁକ୍ରବାର ମତଦାନ ବେଳେ କଂଗ୍ରେସ ଏବଂ ବିଜେଡି ସମର୍ଥିତ କର୍ମୀଙ୍କ ମଧ୍ୟରେ ଉଚବାଚ ହୋଇଥିଲା । ଶନିବାର ଅପରାହ୍ନରେ ଏହି ପଞ୍ଚାୟତର ପଦ୍ମଚରଣ ବାରିକ ଏବଂ ତାଙ୍କ ପରିବାର ଲୋକେ ନିକଟସ୍ଥ ବଜାରକୁ ଯାଉଥିବାବେଳେ ସେହି ଗ୍ରାମର ଅରବିନ୍ଦ ନାୟକ,ଉମେଶ ନାୟକ,ବିକ୍ରମ ନାୟକ ପ୍ରମୁଖ ମିଳିତ ଭାବେ ସେମାନଙ୍କୁ ଆକ୍ରମଣ କରିବା ସହ ମୋଟର ସାଇକେଲ ଚଢାଇ ହତ୍ୟା ଉଦ୍ୟମ କରିଥିଲେ ବୋଲି ରାଜକନିକା ଥାନାରେ ଅଭିଯୋଗ ହୋଇଛି । ଏଥିରେ ପଦ୍ମଚରଣଙ୍କ ହାତ ଭାଙ୍ଗି ଯାଇଥିବା ବେଳେ କକେଇ ବାରିକ ଓ କମଳା ବାରିକ ଆହତ ହୋଇଛନ୍ତି । ଶୁକ୍ରବାର ପଦ୍ମଚରଣଙ୍କ ପୁଅ ବୁଥରେ ଏଜେଣ୍ଟ ଥିବାବେଳେ ଅପରପକ୍ଷ ମଧ୍ୟରେ ଉଚବାଚ ହୋଇଥିଲା । ସେହିପରି ବିପକ୍ଷ ଗୋଷ୍ଠୀ ପକ୍ଷରୁ ରାକେଶ ନାୟକଙ୍କ ଉପରେ ଆକ୍ରମଣ ହୋଇଥିବା ନେଇ ଥାନାରେ ପାଲଟା ଅଭିଯୋଗ କରାଯାଇଛି। ରାଜକନିକା ଥାନା ଅଧିକାରୀ ବିଲ୍ଲୋମଙ୍ଗଳ ସେଠି ଉଭୟ ପକ୍ଷରୁ ଏତଲା ଦିଆଯାଇଛି ବୋଲି କହିବା ସହ ତଦନ୍ତ ଚାଲୁ ରହିଛି ବୋଲି ସୂଚନା ଦେଇଛନ୍ତି ।

### ବାଲକାଟି ଗ୍ରାମରେ ଅଗ୍ନିକାଣ୍ଡ



**ଆଳି,୧୯।୨(ଡି.ଏନ୍.ଏ.):** ଶୁକ୍ରବାର ରାତିରେ ବାଲକାଟି ପଞ୍ଚାୟତ ବାଲକାଟି ଗ୍ରାମର ଅରୁଣ ବେହେରାଙ୍କ ଘରେ ଅଗ୍ନିକାଣ୍ଡ ଘଟି ୨ ବଖରା ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଅରୁଣଙ୍କ ପରିବାର ଲୋକେ ରାତିରେ ଖାଇପିଇ ଶୋଇଥିଲେ । ରାତି ପ୍ରାୟ ୧୨ଟା ସମୟରେ ଘରେ ନିଆଁ ଲାଗି ଯାଇଥିଲା । ପରିବାର ଓ ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହିତ ଆଳି ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ । ଦମକଳ ପହଞ୍ଚି ନିଆଁକୁ ଆୟତ କରିଥିଲା । କିନ୍ତୁ ପରିବାର ଲୋକ କୌଣସି ସାମଗ୍ରୀ ଉଦ୍ଧାର କରିପାରି ନ ଥିଲେ । ନିଆଁରେ ଘରେ ଥିବା ଆସବାବପତ୍ର ସମେତ ଧାନ, ବିରି ଆଦି ଫସଲ ଜଳି ଯାଇଛି । ପିନ୍ଧା ଲୁଗା ବ୍ୟତୀତ ଆଉ କିଛି ନାହିଁ । ଏହି ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ୧୭୩୪ ପ୍ରାର୍ଥୀଙ୍କ ଆଜି ଭାଗ୍ୟ ପରୀକ୍ଷା

**ଜଗତ୍‌ସିଂହପୁର ଅଫିସ, ୧୯।୨**

ଜଗତ୍‌ସିଂହପୁର ଜିଲାରେ ରବିବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୨ଟି ବ୍ଲକ ଅଞ୍ଚଳରେ ନିର୍ବାଚନ ହେବ। ତିର୍ତ୍ତୋଲ ବ୍ଲକର ୪ଟି ଜିଲା ପରିଷଦ ଜୋନ ଅନ୍ତର୍ଗତ ୨୯ ପଞ୍ଚାୟତ ପାଇଁ ୪୭୯ଟି ବୁଥ୍ କରାଯାଇଛି। ଏଠାରେ ୧,୩୭,୦୦୮ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିପାରିବେ। ସେହିପରି ବିରିଡ଼ି ବ୍ଲକର ୨ ଜିଲା ପରିଷଦ ଜୋନ ଅନ୍ତର୍ଗତ ୨୧ଟି ପଞ୍ଚାୟତ ପାଇଁ ୩୩୯ ବୁଥ୍ ହୋଇଛି। ଯେଉଁଥିରେ ୬୭,୩୨୪ ଜଣ ଭୋଟ୍‌ର ଭୋଟ ଦେଇପାରିବେ। ମୋଟ ଉପରେ ଉଭୟ ବ୍ଲକ ଅଞ୍ଚଳର ୧୭୩୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ସେମାନଙ୍କ ମଧ୍ୟରୁ ତିର୍ତ୍ତୋଲର ୧୦୪୦ ଓ ବିରିଡ଼ି ବ୍ଲକର ୬୮୬ ଜଣ ପ୍ରାର୍ଥୀ ରହିଛନ୍ତି। ଉଭୟ ବ୍ଲକ ଅଞ୍ଚଳର ୫ ଅତିସମ୍ବେଦନଶୀଳ ଓ ୧୩୭ ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି।୨୪୫୪ ଜଣ ପୋଲିଂ ଅଧିକାରୀ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଶନିବାର ବିରିଡ଼ି ବ୍ଲକର ଅଳକା ମହାବିଦ୍ୟାଳୟ ଓ ତିର୍ତ୍ତୋଲର ଆଦିକବି ସାରଳା ଦାସ ମହାବିଦ୍ୟାଳୟ ପରିସର ବିତରଣ କେନ୍ଦ୍ର (ଡିସପର୍ସାଲ ସେଣ୍ଟର)ରୁ ପୋଲିଂ ଅଧିକାରୀମାନେ ନିର୍ବାଚନ ସାମଗ୍ରୀ ଗ୍ରହଣ କରି ବୁଥ୍‌ରେ ପହଞ୍ଚିଛନ୍ତି। ଏହା ପୂର୍ବରୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପାରୁଲ ପଟୱାରୀ ଉଭୟ ସ୍ଥାନରେ ପରିଦର୍ଶନ କରି ନିର୍ବାଚନ କାର୍ଯ୍ୟ ତଦାରଖ କରିଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ସଚ୍ଚିଦାନନ୍ଦ ସାହୁ ବିରଡି ଓ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଚିନ୍ମୟୀ ବିଶ୍ୱାଳ ତିର୍ତ୍ତୋଲ ବ୍ଲକରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ଯାଞ୍ଚ କରିଛନ୍ତି। ସାଧାରଣ ପର୍ଯ୍ୟବେକ୍ଷକ ବିମଳେନ୍ଦୁ ରାୟ ଅପରାହ୍ନରେ ନିର୍ବାଚନ ସୁପରିଚାଳନା ପାଇଁ ସେକ୍ଟର ଅଫିସର, ବିଡିଓ, ତହସିଲଦାର, ପୋଲିସ ଅଧିକାରୀ, ମାଜିଷ୍ଟ୍ରେଟମାନଙ୍କୁ ପରାମର୍ଶ ଦେଇଛନ୍ତି। ନିର୍ବାଚନ ପାଇଁ ଶନିବାର ରାତିରୁ ଦଳୀୟ ନେତା, କର୍ମୀ, ପ୍ରାର୍ଥୀ ଓ ସମର୍ଥକମାନଙ୍କ ଚିନ୍ତା ବଢ଼ିଯାଇଛି । ରାତି ତମାମ ଗାଁ ଗହଳିରେ ଛକାପଞ୍ଝା ଦେଖିବାକୁ ମିଳିଛି। ପ୍ରାର୍ଥୀ ଓ ସମର୍ଥକମାନେ ପ୍ରତି ଘର ଉପରେ ନଜର ରଖିଛନ୍ତି। କିଛି ସ୍ଥାନରେ ରାଜନୈତିକ ହିଂସା ସୃଷ୍ଟି ହୋଇଥିଲେ ସୁଦ୍ଧା ନିୟନ୍ତ୍ରଣ ଭିତରେ ରହିଛି। ଆଗକୁ କ'ଣ ଘଟୁଛି ତାହା ଦେଖିବାକୁ ବାକି ରହିଲା।



ପୋଲିଂ ଅଧିକାରୀମାନେ ନିର୍ବାଚନ ସାମଗ୍ରୀ ସଜାଡୁଛନ୍ତି।

**୨ ବ୍ଲକରେ ୩ୟ ପର୍ଯ୍ୟାୟ ନିର୍ବାଚନ**

- ତିର୍ତ୍ତୋଲରେ ୧,୩୭,୦୦୮ ଓ ବିରିଡ଼ି ବ୍ଲକରେ ୬୭,୩୨୪ ଭୋଟର
- ୫ ଅତିସମ୍ବେଦନଶୀଳ, ୧୩୭ ସମ୍ବେଦନଶୀଳ ବୁଥ୍
- ୨୪୫୪ ପୋଲିଂ ଅଧିକାରୀ ନିୟୋଜିତ

ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ତିର୍ତ୍ତୋଲ ବ୍ଲକର ୧୫ ଜିଲା ପରିଷଦ, ୯୫ ସମିତିସଭ୍ୟ, ୧୧୬ ସରପଞ୍ଚ ଓ ୮୨୨ ୱାର୍ଡ ସଭ୍ୟ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୬୦ଟି ପୋଲିସ ମୋବାଇଲ ଦଳ ଗଠନ କରାଯାଇଛି। ୮୬ଟି ମହିଳା ପୋଲିଂ ଦଳ ସମେତ ୧୪୩୭ ପୋଲିଂ ଅଧିକାରୀ ନିୟୋଜିତ ହୋଇଛନ୍ତି। ସେହିପରି ବିରିଡ଼ି ବ୍ଲକରେ ୧୬ ପୋଲିସ ମୋବାଇଲ ଦଳ, ୭୧ ମହିଳା ପୋଲିଂ ଦଳ ଓ ୧୦୧୭ ପୋଲିଂ ଅଧିକାରୀ ନିୟୋଜିତ ହୋଇଛନ୍ତି।

### ସମସ୍ୟା ଅନେକ: ଖାଲି ପ୍ରତିଶ୍ରୁତି

**ରଘୁନାଥପୁର,୧୯।୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଅନ୍ତର୍ଗତ ତଅଁରା ପଞ୍ଚାୟତ ୨୦୦୨ରେ ୧୫ଟି ୱାର୍ଡକୁ ନେଇ ଗଠନ ହୋଇଥିଲା। ଏଠାରେ ଜନପ୍ରତିନିଧିମାନେ ନିର୍ବାଚନ ସମୟରେ ବିଭିନ୍ନ ପ୍ରତିଶ୍ରୁତି ଦେଇ ନିର୍ବାଚନୀ ବୈତରଣୀ ପାରହେଉଛନ୍ତି। ମାତ୍ର ଜିତିଯିବା ପରେ ଏସବୁ ଅସୁବିଧାର ସମାଧାନ କରିବାରେ ସେମାନେ ବିଫଳ ହେଉଛନ୍ତି। ଏବେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଆରମ୍ଭ ହୋଇଯାଇଥିବାବେଳେ ପ୍ରାର୍ଥୀମାନେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି। ମାତ୍ର ପଞ୍ଚାୟତର ସମସ୍ୟା ଯିଏ ଦୂର କରିବ ତାଙ୍କୁ ଭୋଟ ଦିଆଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପଞ୍ଚାୟତରେ ଜଳସେଚନ ଓ ଜଳ ନିଷ୍କାସନ ଭଳି ମୁଖ୍ୟ ସମସ୍ୟା ଥିବା ବେଳେ ଗ୍ରାମ୍ୟ ରାସ୍ତା, ପକ୍କାଗୃହ ଓ ୩ ୱାର୍ଡରେ ଆଲୋକୀକରଣ ନ ହେବା ଭଳି ଅସୁବିଧା ରହିଛି। ଏହାଛଡା ପାଇଖାନା ଦୁର୍ନୀତି ମଧ୍ୟ ଭୋଟରଙ୍କ ମନକୁ ଆନ୍ଦୋଳିତ କରିଛି। ଏଥର ବହୁ ଚିନ୍ତା କରିବା ପରେ ଭୋଟ ଦିଆଯିବ। ଏପରିକି ନୂତନ ପାର୍ଥୀଙ୍କୁ ସୁଯୋଗ ଦିଆଯିବ ବୋଲି ରଶ୍ମିରଞ୍ଜନ ସେଣ, ଜୟନ୍ତ କୁମାର ସାହୁ, ପଦ୍ମଚରଣ ସ୍ୱାଇଁ ଓ ହରେକୃଷ୍ଣ ସାହୁ ପ୍ରମୁଖ କହିଛନ୍ତି। ଚଳିତ ନିର୍ବାଚନରେ ୫ ଜଣ ସରପଞ୍ଚ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୪ ଜଣ ପାର୍ଥିନୀ ସମିତିସଭ୍ୟା ପଦବୀରେ ଲଢ଼େଇ କରୁଛନ୍ତି।୨୨ତାରିଖରେ ଏଠାରେ ନିର୍ବାଚନ ହେବାକୁ ଥିବାବେଳେ ୩ହଜାର ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ।

## ଲକ୍ ଥାନା ଆଗରେ ଉତ୍ତ୍ୟକ୍ତ ଲୋକଙ୍କ ବିକ୍ଷୋଭ

**ପୂର୍ବତନ ସରପଞ୍ଚଙ୍କୁ ଆକ୍ରମଣ ଘଟଣା**

**ପାରାଦୀପ, ୧୯।୨(ସ୍ୱ.ପ୍ର.)**

ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଗଡପଞ୍ଚାୟତର ପୂର୍ବତନ ସରପଞ୍ଚ ମିହିରରଞ୍ଜନ ସାହୁଙ୍କୁ ଶୁକ୍ରବାର ନିର୍ବାଚନ ପ୍ରଚାର ସମୟରେ ଆକ୍ରମଣ କରାଯାଇଥିଲା। ଏହାର ପ୍ରତିବାଦରେ ଶନିବାର ଶତାଧିକ ମହିଳା ଓ ପୁରୁଷ ଲକ୍‌ଥାନା ଆଗରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରି ବିକ୍ଷୋଭ କରିଛନ୍ତି। ଥାନାଧିକାରୀ ଯୁଗଳ କିଶୋର ଦାଶ ୨ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଲୋକମାନେ ଫେରିଥିଲେ। ଶୁକ୍ରବାର ଅପରାହ୍ନରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଏମପି ରାଜଶ୍ରୀ ମଲ୍ଲିକ ଓ ବିଜେଡ଼ି ସମର୍ଥକମାନେ ନିର୍ବାଚନ ପ୍ରଚାର କରୁଥିଲେ। ସେମାନଙ୍କୁ ସ୍ୱାଗତ କରିବା ପାଇଁ ଗଡ଼ଠାରେ ସାହୁଙ୍କ ସମେତ ଦଳର ଅନ୍ୟକର୍ମୀମାନେ ଉପସ୍ଥିତ ଥିଲେ। ସେତେବେଳେ ବିରୋଧୀ ଦଳର ସମର୍ଥକମାନେ ପ୍ରଚାରରେ ଯାଉଥିଲେ। ଉଭୟ ଦଳର ସମର୍ଥକ ପରସ୍ପରକୁ ଆକ୍ଷେପ କରିଥିଲେ। ଏହି ସମୟରେ ବିରୋଧୀ ଦଳରେ ଥିବା ଜଣେ ଯୁବକ ଏକ ମାରଣାସ୍ତ୍ରରେ ସାହୁଙ୍କୁ ଆକ୍ରମଣ କରିଥିଲା। ଏହା ସାହୁଙ୍କ ହାତରେ ବାଜିଥିଲା। ଫଳରେ ସେ ଆହତ ହୋଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ନଂ. ୪୬/୨୨ରୁଜୁ କରିଛି।



ଉତ୍ତ୍ୟକ୍ତ ଲୋକେ ଥାନା ଆଗରେ ବିକ୍ଷୋଭ କରୁଛନ୍ତି।

## ଭୋଟ ପାଇଁ ସବୁଠି ତତ୍ପରତା

**ପଟ୍ଟାମୁଣ୍ଡାଇ,୧୯।୨(ସ୍ୱ.ପ୍ର.)**

ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ଶୁକ୍ରବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ପୋଲିସ ଓ ପ୍ରଶାସନ ଶାନ୍ତିଶୃଙ୍ଖଳା ମଧ୍ୟରେ ରବିବାର ମତଦାନ କରିବାକୁ ଲାଗି ପଡ଼ିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତରେ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡ ସଭ୍ୟ ପାଇଁ ମତଦାନ କରାଯିବ। ନିଷ୍ପାପର, ସଚ୍ଚୋଟ, ଦକ୍ଷତା ସମ୍ପନ୍ନ ଓ ଗଣତନ୍ତ୍ରରେ ବିଶ୍ୱାସ ରଖିଥିବା ପ୍ରାର୍ଥୀମାନଙ୍କ ପ୍ରତି ଭୋଟମାନଙ୍କ ସମର୍ଥନ ବଢ଼ିଛି। ଅପରପକ୍ଷେ ଦେଶୀ ଓ ବିଦେଶୀ ମଦ ଦୋକାନକୁ ସିଲ୍ କରାଯାଇଥିଲେ ହେଁ କେତେଜଣ ଚୋରା ବେପାରୀ, ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ ପୂର୍ବରୁ ମଦ ମହଜୁଦ ରଖିଥିବା ଖବର ମିଳିଛି। ୪୨୨ ବୁଥରେ ମତଦାନ ହେବ । ସେଥିମଧ୍ୟରୁ ୧୨୧ ବୁଥ୍ ଉତ୍ତେଜନା ପ୍ରବଣ ଓ ୮୧ ବୁଥ ଅତି ଉତ୍ତେଜନା ପ୍ରବଣ ବୋଲି ଚିହ୍ନଟ କରାଯାଇଛି। ଏହି ପର୍ଯ୍ୟାୟରେ ୧ ଲକ୍ଷ ୪୨ ହଜାର ୬୨୪ ଜଣ ମତଦାତା ୧୪୨ ସରପଞ୍ଚ, ୧୦୭ ସମିତି ସଭ୍ୟ ଓ ୪ ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ।

### ମାଛ, ଚିଙ୍ଗୁଡ଼ିରୁ ପ୍ରସ୍ତୁତ ଖାଦ୍ୟପଦାର୍ଥ ଉପରେ ଧନ୍ଦାମୂଳକ ତାଲିମ ଶିବିର

**ତିର୍ତ୍ତୋଲ, ୧୯।୨ (ଡି.ଏନ.ଏ.)**

ମାଛ ଓ ଚିଙ୍ଗୁଡ଼ିରୁ ପ୍ରସ୍ତୁତ ବିଭିନ୍ନ ମୂଲ୍ୟଯୁକ୍ତ ଖାଦ୍ୟପଦାର୍ଥ ଉପରେ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ଶନିବାର ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ଦଳିତ ବର୍ଗର ମହିଳାଙ୍କ ନିମନ୍ତେ ଆୟୋଜନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ର ଓ ସିଫା-କୋଚିନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ଜଗତ୍‌ସିଂହପୁର ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା କେନ୍ଦ୍ର ମୁଖ୍ୟ ଡ.ବିଶ୍ୱରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ। ଓୟୁଏଟିର ଯୁଗ୍ମ ନିର୍ଦ୍ଦେଶକ ଡ. ମହାମାୟା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ସହାୟିକା ସରିତା ଦାସଙ୍କ ଦ୍ୱାରା ମାଛ ଓ ଚିଙ୍ଗୁଡ଼ିକୁ ନେଇ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡ. ମାନସ କୁମାର ସିହ୍ନା, ଡ. ତନୁଜା ଏସ୍, ଜଗତସିଂହପୁର ଜିଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଯୋଗଦେଇଥିଲେ।

## ୩ ବୁଥ୍‌ରେ ୨୩ରେ ସାନି ମତଦାନ

**ଜଗତ୍‌ସିଂହପୁର ଅଫିସ, ୧୯।୨**

ଗତ ୧୮ ତାରିଖରେ ପଟସରାର ୨ ଓ ମଣ୍ଡାସାହି ପଞ୍ଚାୟତର ଗୋଟିଏ ବୁଥ୍‌କୁ ମିଶାଇ ମୋଟ ୩ଟି ବୁଥରେ ସାନି ନିର୍ବାଚନ କରିବା ପାଇଁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ପାରୁଲ ପଟୱାରୀଙ୍କ ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ସୁପାରିସ କରାଯାଇଥିଲା। ପଟସରା ପଞ୍ଚାୟତ ଅନ୍ତର୍ଗତ ଜିଅପଟସରା ପ୍ରାଥମିକ ବିଦ୍ୟାଳୟ ୧ନଂ. ଓ ଢ଼ୋଲବନ୍ଧ ପ୍ରାଥମିକ ବିଦ୍ୟାଳୟର ୨ନଂ. ବୁଥରେ ହିଂସା କାରଣରୁ ନିର୍ବାଚନକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଥିଲା। ସେହିପରି ମଣ୍ଡାସାହି ୧୩ନଂ. ବୁଥରେ ବାଲିକୁଦା ବ୍ଲକ ନିର୍ବାଚନ ସମୟରେ ଜିଲା ପରିଷଦ ପ୍ରାର୍ଥୀମାନଙ୍କ ପାଇଁ ଥିବା ପାଖାପାଖି ୧୬ଟି ବାଲଟ ପେପର ଦେଖିବାକୁ ମିଳିଥିଲା । ଜଣେ ଭୋଟର ଏ ସମ୍ପର୍କରେ ଅବଗତ କଲାପରେ କେବଳ ଜିଲା ପରିଷଦ ପ୍ରାର୍ଥୀଙ୍କ ମତଦାନ ସ୍ଥଗିତ ରଖାଯାଇଥିଲା। ଏହା ଉପରେ ଶନିବାର ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଚାର କରାଯାଇ ୨୩ ତାରିଖ ସକାଳ ୯ରୁ ଅପରାହ୍ନ ୩ଟା ମଧ୍ୟରେ ସାନିମତଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟରେ ବଳି ପଡିଥିବା ବାଲଟ ପେପରଗୁଡ଼ିକ ବ୍ୟବହାର ହୋଇପାରିବ ବୋଲି କୁହାଯାଇଛି।

## ଭୋଟ ଗଣତି ପରେ ଆଇନଶୃଙ୍ଖଳା ଉପରେ ନଜର ରହୁ

**ଆଳି,୧୯।୨(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକରେ ଚଳିତ ପଞ୍ଚାୟତ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି । ଭୋଟ ଗ୍ରହଣ ପରେ ଆଳିର କେତେକ ସ୍ଥାନରେ ଛୋଟ ବଡ଼ ଗଣ୍ଡଗୋଳ ଘଟିଛି । ଭୋଟ ଫଳ ପ୍ରକାଶ ପାଇବା ପରେ ଆଇନଶୃଙ୍ଖଳା ପରିସ୍ଥିତି ନ ଉପୁଜିବା ପାଇଁ ପୋଲିସ ପ୍ରଶାସନ ସଜାଗ ରହି ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଜିଲାପାଳଙ୍କୁ ଆଳି ନାଗରିକ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି । ଏ ନେଇ ନାଗରିକ ମଞ୍ଚର ସଭାପତି ଧନେଶ୍ୱର ରାଉତ, ଅକ୍ଷୟ ମଲିକ, ସହଦେ ସିଂ, ସୁହାନା ବେଗମ, ମାୟାଧର ରାଉତ ପ୍ରମୁଖ କେନ୍ଦ୍ରାପଡ଼ା ଏସ୍‌ପି, ଆଳି ତହସିଲଦାର ତପନ ସେନାପତି, ବିଡ଼ିଓ ଦ୍ୱିବେନ୍ଦୁ ଦାସ ଓ ଆଇଆଇସି ସଲିଲ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ନାଗରିକ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

## ଲକ୍ଷ୍ମୀବରାହ ମନ୍ଦିରରୁ ଦୁର୍ଗା, ଅଷ୍ଟଧାତୁ ମୂର୍ତ୍ତି ଚୋରି

**ଆଳି,୧୯।୨(ଡି.ଏନ୍.ଏ.)**

ପର୍ଯ୍ୟଟନ ସ୍ଥଳ ମାନ୍ୟତା ପାଇଥିବା କେନ୍ଦ୍ରାପଡ଼ା ଜିଲା ଆଳିର ଲକ୍ଷ୍ମୀବରାହ ମନ୍ଦିରରୁ ଶୁକ୍ରବାର ରାତିରେ ଦୁର୍ଗା ଓ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିବା ଆଳି ଥାନାରେ ଅଭିଯୋଗ ହୋଇଛି। ମନ୍ଦିର ପଣ୍ଡା ସେବକ ସଂଘର ସଭାପତି ଗୋଲେଖ ବିହାରୀ ପଣ୍ଡାଙ୍କ କହିବା ଅନୁଯାୟୀ, ଶିବମନ୍ଦିରର ପାର୍ଶ୍ୱ ଠାକୁରାଣୀ ମା'ଦୁର୍ଗାଙ୍କ ମୂର୍ତ୍ତି ନ ଥିବା ବେଳେ ରାଧାକୃଷ୍ଣ ମନ୍ଦିରର କବାଟ ତଡା ଯାଇଛି । ସେଠାରୁ ଅଷ୍ଟଧାତୁ ମୂର୍ତ୍ତି ସମେତ ରାଧାକୃଷ୍ଣଙ୍କ ବିଗ୍ରହକୁ କେହି ଚୋରିକରିନେଇଛନ୍ତି। ଏ କଥା ଜଣାପଡିବା ପରେ ସ୍ଥାନୀୟ ଲୋକମାନେ ମନ୍ଦିରରେ ଭିଡ଼ ଜମାଇଥିଲେ । ଖବରପାଇ ଥାନା ଏସ୍‌ଆଇ ପ୍ରଦୋଷ ପଟ୍ଟନାୟକ ମନ୍ଦିରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ତେବେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ କାହାକୁ ଗିରଫ କରିପାରିନାହିଁ । ଚୋରି ମୂର୍ତ୍ତି ଜବତ ପାଇଁ ତଦନ୍ତ ଚାଲିଛି ବୋଲି ପୋଲସ କହିଛି । ସୂଚନାଯୋଗ୍ୟ, ପୂର୍ବରୁ ଉକ୍ତ ମନ୍ଦିର ପରିସରରେ ଥିବା ଚନ୍ଦନ ଗଛ ଚୋରି ହୋଇଥିଲା । ମନ୍ଦିର ହୁଣ୍ଡି ତଡ଼ା ଯାଇ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀକୁ କେହି ଲୁଟି ନେଇଥିଲେ।



ତଡ଼ାଯାଇଥିବା ମନ୍ଦିର କବାଟ ।

# ଆଜି ରାଜନଗର, ପଟ୍ଟାମୁଣ୍ଡାଇ ବ୍ଲକରେ ଭୋଟ

**କେନ୍ଦ୍ରାପଡ଼ା ଅଫିସ,୧୯।୨**

କେନ୍ଦ୍ରାପଡ଼ା ଜିଲା ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକ୍ ଅଞ୍ଚଳରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରବିବାର ଭୋଟ ଗ୍ରହଣ ହେବ । ୨୦୧୭ ନିର୍ବାଚନରେ ରାଜନଗର ବ୍ଲକର ୩ ଜୋନ୍ ଓ ପଟ୍ଟାମୁଣ୍ଡାଇ ବ୍ଲକର ୨ ଜୋନ୍‌ରେ ବିଜେଡି ପ୍ରାର୍ଥୀ ବିଜୟ ହୋଇଥିଲେ । ପଟ୍ଟାମୁଣ୍ଡାଇ ବ୍ଲକର ୧୫ ଓ ୧୬ ନଂ. ଜୋନ୍‌ରେ ଭାଜପା ସପକ୍ଷରେ ଭୋଟ ଯାଇଥିଲା । କଂଗ୍ରେସ ଏହି ଦୁଇ ବ୍ଲକରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲା । ତେବେ ଚଳିତ ନିର୍ବାଚନରେ ୩ ପ୍ରମୁଖ ରାଜନୈତିକ ଦଳ ସମ୍ମାନ ରକ୍ଷା ପାଇଁ ମୁହାଁମୁହିଁ ହୋଇଛନ୍ତି । ଗତ ଦୁଇ ପର୍ଯ୍ୟାୟ ନିର୍ବାଚନରେ ରାଜନୈତିକ ହିଂସାକାଣ୍ଡ ବୃଦ୍ଧି ପାଇଥିବାରୁ ପ୍ରତିକାର ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

ରାଜନଗର ବ୍ଲକ ଅଞ୍ଚଳର ୩ ଜିଲା ପରିଷଦ ଜୋନ୍ ଅଞ୍ଚଳରେ ମୋଟ୍ ଭୋଟରଙ୍କ ସଂଖ୍ୟା ୧୩୦୬୭୩ । ୩୫୮ ବୁଥ୍‌ରୁ ୨୦୧ ଉତ୍ତେଜନାପ୍ରବଣ ବୋଲି ଚିହ୍ନଟ ହୋଇଛି । ଏଥିସହିତ ବ୍ଲକର ୫ଟି ସ୍ଥାନରେ ଅସ୍ଥାୟୀ ବୁଥ୍ ନିର୍ମାଣ ହୋଇଛି । ଏହି ବ୍ଲକର ୩୦ନଂ. ଜୋନ୍‌ରେ ଭାଜପାରୁ ପ୍ରମୋଦ କୁମାର ଦାସ, ସ୍ୱାଧୀନ ପ୍ରାର୍ଥୀ ସମୀର କୁମାର ବାଇ, କଂଗ୍ରେସରୁ ସହଦେବ ସାହୁ ଓ ବିଜେଡିରୁ ସୁରେନ୍ଦ୍ର ପ୍ରସାଦ ରାଉତ ପ୍ରାର୍ଥୀ ହୋଇଛନ୍ତି । ୩୧ ନଂ. ଜୋନ୍‌ରେ ବିଜେଡିରୁ ଅଶୋକ କୁମାର ପ୍ରତିହାରୀ, ସ୍ୱାଧୀନ ପ୍ରାର୍ଥୀ ଦିବାକର ମଲ୍ଲିକ, ଭାଜପାରୁ ରାଜୀବଲୋଚନ ନାୟକ ଓ କଂଗ୍ରେସରୁ ସନ୍ତୋଷ କୁମାର ମହାନ୍ତି ଜିଲା ପରିଷଦ ସଭ୍ୟ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ୩୨ନଂ. ଜୋନ୍‌ରେ ଭାଜପାରୁ ଆରତି ହାଁସଦା, ବିଜେଡିରୁ ଖୁକୁମିନା କୁଅଁର ଓ କଂଗ୍ରେସରୁ ରତି ଦଳାଇ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି ।

ସେହିପରି ତୃତୀୟ ପର୍ଯ୍ୟାୟରେ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୪୨୨ ବୁଥ୍‌ରେ ୧୪୨୬୦୦ ଭୋଟର ମତଦାନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଛି । ୧୬୫ ବୁଥ୍ ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ ହୋଇଛି । ବ୍ଲକର ୧୫ ନଂ. ଜୋନ୍‌ରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି । ଏଠାରୁ କଂଗ୍ରେସରୁ ପୁଷ୍ପଲତା ଜେନା, ବିଜେଡିରୁ ପ୍ରିୟଦର୍ଶନୀ ତରାଇ ଓ ଭାଜପାରୁ ବିଜୟଲକ୍ଷ୍ମୀ ମଳିକ ଜିଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି । ସେହିପରି ୧୬ ନଂ. ଜୋନ୍‌ରେ କଂଗ୍ରେସରୁ କଳାକାର ସେଠୀ, ବିଜେଡିରୁ ଜ୍ୟୋତିର୍ମୟୀ ବେହେରା, ସ୍ୱାଧୀନ ପ୍ରାର୍ଥୀ ନଗେନ୍ଦ୍ର ଜେନା ଓ ଭାଜପାରୁ ସଂଗ୍ରାମକେଶରୀ ସେଠୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ବ୍ଲକର ୧୭ ନଂ. ଜୋନ୍‌ରେ କଂଗ୍ରେସରୁ ଅଜୟ କୁମାର ବାୟୀ, ଭାଜପାରୁ ଜ୍ୟୋତିପ୍ରକାଶ ପ୍ରଧାନ, ସିପିଆଇ (ଏମ୍)ରୁ ଭୀମସେନ ବେହେରା, ସ୍ୱାଧୀନ ପ୍ରାର୍ଥୀ ରମେଶ ଚନ୍ଦ୍ର ଦାସ, ବିଜେଡିରୁ ରଞ୍ଜନ ବିଶ୍ୱାଳ ଓ ଏଏପିରୁ ସରୋଜ କୁମାର ନାଥ ନିର୍ବାଚନ ମଇଦାନରେ ଅଛନ୍ତି । ଏଥିସହିତ ୧୮ ନଂ. ଜୋନ୍‌ରେ କଂଗ୍ରେସରୁ ବୈଦେହୀ ସେଠୀ, ବିଜେଡିରୁ ରଶ୍ମି ମଲ୍ଲିକ ଓ ଭାଜପାରୁ ମମି ମଲ୍ଲିକ ପ୍ରାର୍ଥୀ ଅଛନ୍ତି।

ଉପରୋକ୍ତ ଦୁଇ ବ୍ଲକ ଅଞ୍ଚଳରେ ପାନୀୟ ଜଳ, ଗମନାଗମନ ପାଇଁ ରାସ୍ତା ଓ ସେତୁଠାରୁ ଆରମ୍ଭ କରି କ୍ଷେତକୁ ଜଳ ପରିଚାଳନା ପ୍ରମୁଖ ସମସ୍ୟା ରହିଛି। କୃଷିଭିତ୍ତିକ ରାଜନଗର ବ୍ଲକ ଅଞ୍ଚଳରେ ଅଦ୍ୟାବଧି ଗୋଟିଏ ଇଞ୍ଚ ମଧ୍ୟ କେନାଲ ଜଳସେଚନ ବ୍ୟବସ୍ଥା ନାହିଁ। ପ୍ରାର୍ଥୀମାନେ ଏହାକୁ ନିର୍ବାଚନୀ ଆୟୁଧ କରିଛନ୍ତି। ଏହି ଦୁଇ ବ୍ଲକରେ ବିଜେଡି ପାଇଁ ଦଳୀୟ ଅନ୍ତଃକନ୍ଦଳ ସହିତ ଆଞ୍ଚଳିକ ସମସ୍ୟା ଗୁରୁତର ରୂପ ନେଇଛି। ଏହାର ଫାଇଦା ବିରୋଧୀ ଭାଜପା ଓ କଂଗ୍ରେସ ନେବ ବୋଲି ଆଲୋଚନା ହେଉଛି। ସମସ୍ତ ବୁଥ୍‌ରେ ପୋଲିଂ କର୍ମଚାରୀ ପହଞ୍ଚି ଥିବା ଉପଜିଲାପାଳ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି।



- ସମ୍ମାନ ରକ୍ଷା ପାଇଁ ୩ ପ୍ରମୁଖ ଦଳ ମୁହାଁମୁହିଁ
- ୭୮୫ ବୁଥ୍‌ରୁ ୩୬୬ ଉତ୍ତେଜନାପ୍ରବଣ

### ବ୍ୟାପକ ପୋଲିସ ମୁତୟନ

**କେନ୍ଦ୍ରାପଡ଼ା ଅଫିସ,୧୯।୨**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟରେ କେନ୍ଦ୍ରାପଡ଼ା ଜିଲାର ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକରେ ଭୋଟ ଗ୍ରହଣ ରବିବାର ଅନୁଷ୍ଠିତ ହେବ। ଏଥିପାଇଁ ଉପରୋକ୍ତ ୨ ବ୍ଲକରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ରାଜନଗର ବ୍ଲକର ୩୫୮ ବୁଥ୍‌ରେ ନିର୍ବାଚନ ପାଇଁ ୧୧୨୪ ପୋଲିଂ କର୍ମଚାରୀ ନିୟୁକ୍ତ ହୋଇଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୬ ମୋବାଇଲ ପାର୍ଟି ସହ ୩୯୯ ପୋଲିସ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି । ସେହିପରି ପଟ୍ଟାମୁଣ୍ଡାଇର ୪୨୨ ବୁଥ୍ ପାଇଁ ୧୩୦୧ ପୋଲିଂ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଏହି ବ୍ଲକରେ ୧୪ ମୋବାଇଲ ପାର୍ଟି ସହ ୪୬୪ ପୋଲିସ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଏଥିସହ ଦୁଇ ବ୍ଲକରେ ୭ ଜଣ ପଦାଧିକାରୀଙ୍କୁ ନିର୍ବାଚନ ପାଇଁ ମାଜିଷ୍ଟ୍ରେଟ ପଦବୀରେ ଅବସ୍ଥାପିତ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ପ୍ରକଳ୍ପ ବିରୋଧୀ, ଗ୍ରାମବାସୀ ...

ଥାନା ଅଧିକାରୀ ଜୀବନାନନ୍ଦ ଜେନା ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଆହତଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନା ପଠାଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୂର୍ବାହ୍ନରେ ଢିଙ୍କିଆ ଗାଁରେ ପ୍ରଶାନ୍ତ କୁମାର ଜେନା, ଓମକାର ଦେବଦାସ, ସୁକାନ୍ତ କୁମାର ଦଳାଇ, ଅତିରିକ୍ତ ସରକାରୀ ଓକିଲ ଦେବକାନ୍ତ ମହାନ୍ତି ଓ ଜନ୍ମେଜୟ କଟିକିଆ ପହଞ୍ଚିଥିଲେ। ମା' ଫୁଲଖାଇ ମନ୍ଦିରରେ ଏହି କମିଟି ସଦସ୍ୟ କେତେଜଣ ଗ୍ରାମବାସୀଙ୍କ ସହ ଆଲୋଚନା କରୁଥିବା ବେଳେ ଏକ ରାଜନୈତିକ ଦଳର ଶୋଭାଯାତ୍ରାରେ ଆସିଥିବା ବାଲିତୁଠ ଅଞ୍ଚଳର ମାନସ ରଞ୍ଜନ କର, ଗ୍ରାମ ପୂଜକ ପ୍ରମୋଦ ଶତପଥୀ ଓ ତାଙ୍କ ପରିବାର, ଜେଲରେ ଥିବା ପ୍ରକଳ୍ପ ବିରୋଧୀ ନେତାଙ୍କ ସମ୍ପର୍କୀୟ ସେଲି ସ୍ୱାଇଁ ପ୍ରମୁଖ ପହଞ୍ଚିଥିଲେ। ଏହି ସମୟରେ ଉପସ୍ଥିତ ଥିବା ଲୋକେ କହିଥିଲେ କମିଟି ସଦସ୍ୟ କେବଳ ଗ୍ରାମବାସୀଙ୍କୁ ଭେଟିବାକୁ ଆସିଛନ୍ତି, ଅନ୍ୟ କାହାରିକୁ ନୁହେଁ। ମାନସ ଓ ତାଙ୍କ ସମର୍ଥକମାନେ ଏହାକୁ ଭ୍ରୂକ୍ଷେପ ନ କରି ସେଠାରେ ଧସ୍ତାଧସ୍ତି ଆରମ୍ଭ କରିଦେଇଥିଲେ। ପ୍ରମୋଦ ସେମାନଙ୍କୁ କମିଟି ନିକଟକୁ ନେବାକୁ ଉଦ୍ୟମ କରିଥିଲେ। ଏହାଦେଖି ଉପସ୍ଥିତ ଗ୍ରାମବାସୀ ତାଙ୍କୁ ମାଡ଼ମାରିଥିଲେ। ଗଣ୍ଡଗୋଳରେ ନିଜକୁ ଜାତୀୟ ମାନବାଧିକାର କମିଶନର ସଦସ୍ୟା କହୁଥିବା ସରିତା ବଡ଼ପଣ୍ଡାଙ୍କ ସମେତ ସେଲି ଓ ଅନ୍ୟ ତିନିଜଣ ଛୋଟପିଲା ଆହତ ହୋଇଥିଲେ। ପରିସ୍ଥିତି ନିୟନ୍ତ୍ରଣାଧୀନ ହେବା ପରେ ଆଇନଜୀବୀ କମିଟି ଗ୍ରାମ ପରିକ୍ରମା କରି ସ୍ଥିତି ଅନୁଧ୍ୟାନ କରିଥିଲା। ଏହି ସମୟରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଯୋଗୁ ସାଧାରଣ ଜୀବନଯାପନ ବ୍ୟାହତ ହୋଇଛି ବୋଲି କେତେଜଣ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଉ କେତେଜଣ ଗ୍ରାମବାସୀ ସତ କହିଲେ ପୋଲିସ ସେମାନଙ୍କୁ ଗିରଫ କରିବ ବୋଲି କହିଥିଲେ। ଏସବୁ ଶୁଣିବା ପରେ କମିଟି ସଦସ୍ୟ ଅଭୟଚାନ୍ଦପୁର ଥାନା ଅଧିକାରୀ ଜେନାଙ୍କୁ ଡାକି କହିଥିଲେ, ୨୩ ତାରିଖରେ ହାଇକୋର୍ଟରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେପର୍ଯ୍ୟନ୍ତ କୌଣସି ଲୋକଙ୍କୁ ଗିରଫ କରାଯିବନାହିଁ। ଏହାଛଡା କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବା ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପରେ କମିଟି ସଦସ୍ୟ ଫେରିଯାଇଥିଲେ। ଗାଁରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ପୋଲିସ ସଜାଗ ରହିଛି ବୋଲି ଜେନା କହିଛନ୍ତି। ସୂଚନାଯୋଗ୍ୟ, ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ନେଇ ଗ୍ରାମବାସୀ ଓ ପୋଲିସ ମଧ୍ୟରେ ଜାନୁୟାରୀ ୧୪ ତାରିଖରେ ସଂଘର୍ଷ ହୋଇଥିଲା। ଏହାପରଠାରୁ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଏ ନେଇ ଢିଙ୍କିଆର କୁନି ମଲ୍ଲିକ, ଆଇନଜୀବୀ କ୍ଷୀରୋଦ କୁମାର ରାଉତ, ଦୀପକ କୁମାର ମହାପାତ୍ର ଓ କବିରାଜ ପ୍ରଧାନ ଏବଂ ପ୍ରତାପରୁଦ୍ର ସାମନ୍ତରାୟଙ୍କ ପକ୍ଷରୁ ହାଇକୋର୍ଟରେ ପୃଥକ୍ ଭାବେ ୩ଟି ମାମଲା ରୁଜୁ କରାଯାଇଥିଲା। ଏନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ଅନୁଧ୍ୟାନ ପାଇଁ କମିଟି ଗଠନ କରାଯାଇଥିଲା।

## ମହାପ୍ରଭୁଙ୍କ ଦର୍ଶନ କଲେ ...

ତାଳବଣିଆସ୍ଥିତ ହେଲିପ୍ୟାଡ୍‌ରେ ପହଞ୍ଚିଥିଲେ। ସେଠାରେ ପୁରୀ ଜିଲାପାଳ ସମର୍ଥ ବର୍ମା, ଏଡିଜି ରାଧାକ୍ରିଷ୍ଣା ଶର୍ମା, କେନ୍ଦ୍ରାଞ୍ଚଳ ଆର୍‌ଡିସି ଗୋପବନ୍ଧୁ ଶତପଥୀ, ଏସ୍‌ପି କନୱର ବିଶାଳ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ୍ତ କୁମାର ସାହୁ ପ୍ରମୁଖ ତାଙ୍କୁ ସ୍ୱାଗତ କରିବା ସହ ସ୍ୱତନ୍ତ୍ର କାର୍‌କେଡ୍ ଯୋଗେ ରାଜଭବନ ଅଭିମୁଖେ ପାଛୋଟି ନେଇଥିଲେ। ରାଷ୍ଟ୍ରପତିଙ୍କ ପରିବାରବର୍ଗଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଧ୍ୟ ରାଜଭବନ ଗସ୍ତ କରିଥିଲେ। ସେଠାରେ ସେ କିଛି ସମୟ ବିଶ୍ରାମ ନେବା ପରେ ଅପରାହ୍ନ ୫ଟାରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ସମ୍ମୁଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଳ ସିଂ, ଛତିଶା ନିଯୋଗର ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ଓ ତାଙ୍କ କୌଳିକ ପଣ୍ଡା ନାରାୟଣ ଗୋଚ୍ଛିକାର ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ସେ ସିଧାସଳଖ ସିଂହଦ୍ୱାର ଗୁମୁଟ ଦେଇ ଶ୍ରୀମନ୍ଦିର ପ୍ରବେଶ କରିଥିଲେ। ତାଙ୍କ କୌଳିକ ପଣ୍ଡା ନାରାୟଣ ରାଷ୍ଟ୍ରପତି ଓ ତାଙ୍କ ସପରିବାରକୁ ଶ୍ରୀମନ୍ଦିର ପରିସର ଭ୍ରମଣ କରିବାରେ ସହଯୋଗ କରିଥିଲେ। ଚୈତନ୍ୟ ମହାପ୍ରଭୁଙ୍କ ଦର୍ଶନ ସ୍ଥଳୀ, ଗର୍ଭଗୃହ ଦର୍ଶନ, ବିମଳା ମନ୍ଦିରରେ ଦୀପଦାନ କରିବା ସହ ସମସ୍ତ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିଥିଲେ। ସେହିଭଳି ଗର୍ଭଗୃହକୁ ରାଷ୍ଟ୍ରପତି ଓ ତାଙ୍କ ପରିବାର ଲୋକେ ପ୍ରବେଶ କରି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମୁକ୍ତିମଣ୍ଡପକୁ ଦୂରରୁ ଥାଇ ପ୍ରଣାମ କରିବା ସହ ମହାପ୍ରଭୁଙ୍କ ଦର୍ଶନରେ ରାଷ୍ଟ୍ରପତି ଭାବବିହ୍ୱଳ ହୋଇପଡୁଥିଲେ। ରାଷ୍ଟ୍ରପତିଙ୍କ ନାମରେ ନାରାୟଣ ଗୋଚ୍ଛିକାର ୧୪ହାତିଆ ବାନା ଶ୍ରୀମନ୍ଦିର ନୀଳଚକ୍ରରେ ବାନ୍ଧିଥିଲେ। ବାନା ବନ୍ଧାବେଳର ଦୃଶ୍ୟକୁ ରାଷ୍ଟ୍ରପତି ଶେଷ ପର୍ଯ୍ୟନ୍ତ ଦେଖିଥିଲେ। ଶେଷରେ କୌଳିକ ପଣ୍ଡାଙ୍କ ଦସ୍ତାବିଜ୍‌ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ମେଜର ଏଡିସି ଗୋପାଳ ସିଂ ପୁନିଆ ଦସ୍ତଖତ କରିଥିଲେ। ସେଥିରେ ଲେଖାଯାଇଥିଲା ଯେ, ରାଷ୍ଟ୍ରପତି ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରି ଅତ୍ୟନ୍ତ ଖୁସ। ମନ୍ଦିରର ଭକ୍ତିମୟ ପରିବେଶ ତାଙ୍କୁ ଉଲ୍ଲସିତ କରିଛି। ଏହି ସ୍ମୃତି ତାଙ୍କର ସବୁବେଳେ ମନେ ରହିବ। ତେବେ ରାଷ୍ଟ୍ରପତି ଶେଷରେ କୌଳିକ ପଣ୍ଡାଙ୍କୁ ଦକ୍ଷିଣା ପ୍ରଦାନ କରିଥିଲେ। ଅନ୍ୟପଟେ ରାଷ୍ଟ୍ରପତିଙ୍କ ମହାପ୍ରଭୁଙ୍କ ଦର୍ଶନ କାର୍ଯ୍ୟକ୍ରମ ଯୋଗୁ ଅପରାହ୍ନ ୩ଟା ୪୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନକୁ ବନ୍ଦ ରଖାଯାଇଥିଲା। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର କହିଛନ୍ତି, ରାଷ୍ଟ୍ରପତି ସପରିବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ନିର୍ଦ୍ଧାରିତ ସମୟରେ ରାଷ୍ଟ୍ରପତିଙ୍କ ଦର୍ଶନ କାର୍ଯ୍ୟକ୍ରମ ଶେଷ ହୋଇଛି। କୌଳିକ ପଣ୍ଡା ତାଙ୍କ ସହ ରହି ସହଯୋଗ କରିଥିଲେ। ଶ୍ରୀମନ୍ଦିର ଭିତରୁ ବାହାରିବା ପରେ ସିଂହଦ୍ୱାର ସମ୍ମୁଖରେ ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାରଙ୍କ ତରଫରୁ ରାଷ୍ଟ୍ରପତିଙ୍କୁ ସମ୍ମାନିତ କରାଯିବା ସହ ଚତୁର୍ଦ୍ଧାମୂର୍ତ୍ତିଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। ଏହାପରେ ସେ କାର୍‌କେଡ୍ ଯୋଗେ ସିଧା ରାଜଭବନ ଅଭିମୁଖେ ଯାତ୍ରା କରିଥିଲେ। ରବିବାର ରାଷ୍ଟ୍ରପତି ଗୌଡ଼ୀୟ ମଠ ପରିଦର୍ଶନ କରିବା ସହ ମଠର ପ୍ରତିଷ୍ଠାତା ପ୍ରଭୁପାଦ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀଙ୍କ ୧୫୦ତମ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବେ।

## ଟୁଇଟ୍ କରି ଖୁସିବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ୨ଦିନିଆ ଓଡ଼ିଶା ଗସ୍ତକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଖୁସିବ୍ୟକ୍ତ ହୋଇଥିବା ରାଜ୍ୟବାସୀଙ୍କୁ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ତାଙ୍କ ପାଇଁ ଆନନ୍ଦର କଥା। ରାଷ୍ଟ୍ରପତିଙ୍କ ଐତିହ୍ୟ ସହର ପୁରୀ ଗସ୍ତ ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଦରେ ପିନ୍ଧିଲି ସୁନା ମଲକି**
**ହାତରେ ପିନ୍ଧିଲି ବିଦ**
**ନାକରେ ପିନ୍ଧିଲି ସୁନା ନାକଚଣା**
**ମୋତେ ମାଡୁନାହିଁ ନିଦ।**

ସୁନା ଏକ ମୂଲ୍ୟବାନ୍ ଧାତୁ। ଯାହାର ଯେତେ ସୁନା, ତାହାର ସୁନା ଚୋରି, ହଜିଯିବା ନେଇ ମନରେ ସେତେ ଭୟ।ସାଧାରଣତଃ ଅଳଙ୍କାର ପ୍ରତି ମହିଳାଙ୍କ ମନରେ ଅହେତୁକ ଦୁର୍ବଳତା ଭାବ ରହିଥାଏ। ଅନ୍ୟ ଆଗରେ ନିଜର ବଡ଼ପଣିଆ ଦେଖେଇ ହେବା ନେଇ ଅଳଙ୍କାର ଧାରଣ କରିଥିବା ମହିଳା ଚୋରି ହୋଇଯିବା ଭୟରେ ଭୀତତ୍ରସ୍ତ ହୋଇପଡିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବୁଲି ଚାଲି ଭାତ ଖା**
**ମୋର ହୋଇ ଥା।**

ପତିବ୍ରତା ନାରୀ ନିଜ ଗୁଣ ଓ ଆଚରଣ ବଳରେ ସମାଜରେ ବହୁ ପ୍ରଶଂସିତ ହୋଇଥାନ୍ତି। ଲଜ୍ଜାଶୀଳା ଗୁଣ ନାରୀର ଶ୍ରେଷ୍ଠ ଭୂଷଣ ହୋଇଥିବା ସ୍ଥଳେ କେତେଜଣ ମହିଳା ପରକୀୟାପ୍ରୀତି ପ୍ରତି ମନ ବଳାଇଥାନ୍ତି। ଏହାଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏପରି ବ୍ୟଭିଚାରିଣୀ ନାରୀକୁ ପ୍ରଶ୍ରୟ ଦେଉଥିବା ଅପଦାର୍ଥ ସ୍ୱାମୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

## ପୁଟିନ୍‌ଙ୍କ ଶକ୍ତି ...

ୟୁକ୍ରେନ୍ ସହ ସୀମାରେ ଉତ୍ତେଜନା ବୃଦ୍ଧିପାଇବାରେ ଲାଗିଥିବାବେଳେ ପୁଟିନ୍‌ଙ୍କ ଏଭଳି ସାମରିକ ଶକ୍ତି ପ୍ରଦର୍ଶନ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଚିନ୍ତା ବଢ଼ାଇଦେଇଛି। ଏପରି କି ଜର୍ମାନୀର ମ୍ୟୁନିକ୍ ସହରରେ ଚାଲିଥିବା ସୁରକ୍ଷା ସମ୍ପର୍କିତ ବାର୍ଷିକ ସମ୍ମିଳନୀରେ ମଧ୍ୟ ମସ୍କୋ ସାମିଲ ହୋଇନାହିଁ। ୧୯୯୯ ପରେ ଏହା ହେଉଛି ସିକ୍ୟୁରିଟି କନ୍‌ଫରେନ୍ସକୁ ରୁଷିଆର ପ୍ରଥମ ବର୍ଜନ। ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍ ଶନିବାର ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀରେ ଯୋଗଦେଇ ରୁଷିଆକୁ ଚେତାବନୀ ଦେଇଛନ୍ତି। ୟୁକ୍ରେନ୍‌କୁ ରୁଷିଆ ଆକ୍ରମଣ କଲେ ଏହା ଉପରେ ଅଭୂତପୂର୍ବ ଆର୍ଥିକ କଟକଣା ଜାରି କରାଯିବ। ଆମେରିକା ଓ ଏହାର ସମସ୍ତ ସହଯୋଗୀ ରାଷ୍ଟ୍ର ଯେଉଁ କଟକଣା ଲଗାଇବେ ରୁଷିଆକୁ ବହୁମୂଲ୍ୟ ଦେବାକୁ ପଡ଼ିବ। ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ପୁଟିନ୍‌ଙ୍କ ଆଭିମୁଖ୍ୟକୁ ନେଇ ନିଜେ ସ୍ପଷ୍ଟ ଥିବା ପ୍ରକାଶ କରିଥିଲେ। ପୁଟିନ୍ ପଡ଼ୋଶୀ ଦେଶ ୟୁକ୍ରେନ୍ ଉପରେ ଆକ୍ରମଣ କରିବାକୁ ନିଷ୍ପତ୍ତି ନେଇସାରିଥିବା ସେ ଜାଣିଛନ୍ତି ବୋଲି ବାଇଡେନ୍ କହିଥିଲେ।

## ଭାରତର ନିରପେକ୍ଷତାକୁ ...

ଦେଇଥିବାବେଳେ ଭାରତ ନିରାପଦ ଦୂରତା ବଜାୟ ରଖିଥିଲା। କୂଟନୈତିକ ଆଲୋଚନା ଜରିଆରେ ଏହି ପ୍ରସଙ୍ଗର ସମାଧାନ ସମ୍ଭବ ବୋଲି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଟି.ଏସ୍. ତିରୁମୂର୍ତ୍ତି ସ୍ପଷ୍ଟ କରିଥିଲେ।

## ଦ୍ୱିତୀୟ ପର୍ଯ୍ୟାୟରେ ...

ସୂଚନା ଦେଇ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ୭୭.୨% ମତଦାନ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟାପକ ହିଂସାକାଣ୍ଡ ମଧ୍ୟରେ ମୋଟ ୭୮.୩% ମତଦାନ ହୋଇଛି। ସୁବର୍ଣ୍ଣପୁର ଜିଲାରେ ସର୍ବାଧିକ ୮୫.୬୭% ମତଦାନ ହୋଇଥିବା ବେଳେ ଝାରସୁଗୁଡ଼ା ଜିଲାରେ ୮୫.୧୪%, ବୌଦ୍ଧ ୮୪.୯, କଳାହାଣ୍ଡି ୮୩.୮୧, ଗଜପତି ୮୨.୬୯, ଅନୁଗୋଳ ୮୦.୩୨, ଭଦ୍ରକ ୮୧.୪, ଢେଙ୍କାନାଳ ୮୧.୮, ନବରଙ୍ଗପୁର ଜିଲାରେ ୮୧.୭୩% ମତଦାନ ହୋଇଛି। ସେହିପରି ବାଲେଶ୍ୱର ଜିଲାରେ ୭୮.୪ ପ୍ରତିଶତ ମତଦାନ ହୋଇଥିବା ବେଳେ ବଲାଙ୍ଗୀର ୭୪.୬୩, କଟକ ୭୯.୬୪, ଦେବଗଡ଼ ୭୮.୩୩, ଜଗତ୍‌ସିଂହପୁର ୭୮.୫୨, ଯାଜପୁରରେ ୭୦% ମତଦାନ ହୋଇଛି ।

## ୨୩ରେ ୪୬ ବୁଥ୍‌ରେ ...

ଭଦ୍ରକ ଜିଲାର ଚାନ୍ଦବାଲି ବ୍ଲକ୍‌ର ଗୋଟିଏ, ବୌଦ୍ଧ ଜିଲା ବୌଦ୍ଧ ବ୍ଲକର ଗୋଟିଏ, ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ଗୋଟିଏ, ଜଗତ୍‌ସିଂହପୁର ଜିଲା ଜଗତ୍‌ସିଂହପୁର ବ୍ଲକର ୩ଟି ଏବଂ ଯାଜପୁର ଜିଲାର ଦଶରଥପୁର ବ୍ଲକର ୧୦, କେନ୍ଦୁଝର ଜିଲା ତେଲକୋଇ ବ୍ଲକର ଗୋଟିଏ ଏବଂ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକର ଗୋଟିଏ, ଶୁଳିଆପଦା ବ୍ଲକର ଦୁଇଟି ସ୍ଥାନରେ ପୁନଃ ମତଦାନ କରାଯିବାକୁ ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

## ଆଜି ତୃତୀୟ ...

୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ମୋଟ ୬,୭୯୪ ପଞ୍ଚାୟତରେ ଥିବା ୯୧,୯୧୩ ୱାର୍ଡରେ ଭୋଟଗ୍ରହଣ କରାଯିବ। ମୋଟ ୯୧,୯୧୩ଟି ବୁଥ୍‌ରେ ମତଦାନ ହେବ। ସେଥିରୁ ୧୩,୭୮୫ ଉତ୍ତେଜନାପ୍ରବଣ ବୁଥ୍ ରହିଛି। ସମସ୍ତ ସମ୍ବେଦନଶୀଳ ବୁଥ୍‌ରେ ମତଦାନର ଭିଡିଓ ରେକର୍ଡିଂ କରାଯିବା ସହ ଷ୍ଟ୍ରଙ୍ଗରୁମ୍‌ରେ ସିସିଟିଭି କ୍ୟାମେରା ଲଗାଯାଇଛି। ଭୋଟ ଗଣତିର ରେକର୍ଡିଂ ମଧ୍ୟ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।


# ODISHA JOINT ENTRANCE EXAMINATION - 2021 (OJEE - 2021)

**No. OJEE/064** **Date: 19.02.2022**

## NOTICE FOR OJEE COUNSELLING FOR ADMISSION IN BAMS/BHMS COURSES, 2021-22

No. h-26: Counselling and Admission process for BAMS/BHMS courses for the 2021-22 session of the Govt. and Private Colleges of Odisha will be conducted by OJEE. The Counselling process will start on 21.02.2022 through web-counselling. Candidates interested for admission to BAMS/BHMS must have qualified NEET-UG-2021. Only natives of Odisha are eligible for all State Quota seats. All Odisha and out-side Odisha State students are eligible for the All India Quota seats in private Colleges only.

For more information and other detils, please go through

(i) "Information & Instructions for Counselling & Admission to BAMS/BHMS Courses, 2021-22" and

(ii)"Scheduled for 1st Round of Counselling for BAMS/BHMS Courses" given in the website **(www.ojee.nic.in)**.

**Sd./- CHAIRMAN, OJEE**
**OIPR-14020/11/0023/2122**

# ODISHA PUBLIC SERVICE COMMISSION, CUTTACK

## NOTICE

**No.1624/PSC, Dt.19.02.2022**
**(2PE-09-21/22) (Dr-I)**

**No.D-322:** It is for information of all concerned that, **57 (fifty seven)** candidates bearing following **PPSAN** have been called for the physical verification of original certificates/documents to determine their eligibility and suitability for recruitment to the post of **Assistant Professor, Teacher Education (Mathematics),** pursuant to Advt. No. 09 of 2021 -22.

**PROGRAMME OF DOCUMENT VERIFICATION**

| Date | Time | PPSAN of Candidates |
|---|---|---|
| 28.02.2022 | 10.30 A.M. | 00077649, 00079118, 00084009, 00086869, 00091284, 00087296, 00095802,00112762,00081846,00090517, 00092555, 00092584,00093213, 00094743, 00094998 = 15 candidates |
| | 02.30 P.M. | 00097555, 00112882, 00112524, 00094740, 00112779, 00112492,00110726, 00089332, 00094179, 00089403, = 10 candidates |
| 02.03.2022 | 10.30 A.M. | 00086217, 00089454, 00059142, 00090533, 00091151, 00111182, 00112644, 00111545, 00028594, 00051072, 00097351, 00086902, 00046260, 00086829,00090501 =15 candidates |
| | 02.30 P.M. | 00092266, 00089147, 00089229, 00090881, 00101373, 00086822, 00095129,00095431, 00097129, 00037067 =10 candidates. |
| 03.03.2022 | 10.30 A.M. | 00087297,00112311, 00040051,00058447,00112649, 00112846, 00112783 = 07 candidates. |

The candidates are required to bring **one set of self-attested photocopies of all documents along with all Original documents** for verification as mentioned below:-

1. **Hard copy of the online application form.** 2. Three passport size photographs. 3. Duly filled in & attested **"Attestation form"** and duly filled in **"Bio-data form"** (to be downloaded from the website of the Commission). 4. **H.S.C.** or equivalent certificate in support of declaration of age issued by the concerned Board/ Council. 5. **Bachelor's Degree** marksheet. 6. **B.Ed. Degree** marksheet. 7.**Master's Degree** marksheet. 8. **M. Phil** marksheet. 9.**NET/JRF/SET/ SLET** qualified certificate. 10.**Ph.D.** Degree certificate. 11.**Conversion certificate** from the concerned University indicating the actual equivalent percentage of marks. 12.**Odia Test pass** certificate.13.**Caste certificate** wherever applicable.14.**Identity card** issued by the Director of Sports, Odisha in case of Sports person.15.**Permanent Disability Certificate** (indicating permanent disability of 40% or more)16.One set Xerox copy of **published Research papers.**17.**Teaching/Post-Doctoral** experience certificate. 18.**Awards**.19. **No objection certificate** from the competent authority in case of Govt. Servants.20.Any proof of identity.

**Note:**-It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**Sd./-Secretary**
**OIPR-12002/11/0257/2122**

# Bhubaneswar Smart City Limited

**Block-1, 5th Floor, BMC - Bhawani Mall, Saheed Nagar, Bhubaneswar - 751007**
E-mail Id: bbsr.bscl@gmail.com, CIN: U74990OR2016PLC020016
Telephone: 0674-2548428, Fax: 0674-2540811

Bid Notification No. 429/BSCL Date: 18.02.2022

## NOTICE INVITING REQUEST FOR PROPOSAL

No. C-1943: The Bhubaneswar Smart City Limited (BSCL) invites proposal for Selection of Agency for providing Self Defence Training to Adolescent Girls from slums of Bhubaneswar under Bhubaneswar Municipal Corporation area.

**How to apply:**

Interested agency can download the document RFP from the official website of Bhubaneswar Smart City Limited (BSCL) **https://www.smartcitybhubaneswar.gov.in**. Duly filled in bid documents must be inserted in sealed envelope along with applicant's name and address in the left-hand corner, super-scribed as mentioned in the RFP and should be sent to the office of Bhubaneswar Smart City Limited (BSCL) located in Block - 1, 5th Floor, BMC, Bhawani Mall, Saheed Nagar - 751007 through Post/Courier on or before dated 10.03.2022 by 3.00 P.M.

**Sd./- General Manager (Social Project)**
**Bhubaneswar Smart City Limited**
**OIPR-13070/11/0014/2122**

# OFFICE OF THE TREASURY OFFICER SPECIAL TREASURY NO. I, BHUBANESWAR

**Bid Ref. No. 330/Try.** **Dt.16.02.2022**

## SHORT TENDER CALL NOTICE

No. S-49: Bids in sealed covers are invited under two-bid systems (Technical & Financial) from reputed and experienced service providers for providing annual operation and comprehensive maintenance contract of one greaves make DG set (75 KVA) install in the premises of Special Treasury No. I, Near Rajiv Bhawan, Unit-V, Bhubaneswar for a period of 01 (One) year from the date of actual engagement.

Bidders are requied to submit the Technical and Financial Bids separately. The bids in sealed cover-I containing **"Technical Bid"** and sealed Cover-II containing **"Financial Bid"** should be placed in a third sealed cover super-scribed **"Bid for Annual Operation and Comprehensive Maintenance Contract"** must reach the undersigned by **5 P.M. on 25.02.2022** by **Speed Post/Registered Post/Courier or in the Drop Box** kept in 3rd Floor in O/o. the Treasury Officer, Special Treasury No. I, Bhubaneswar. The Technical Bids will be opened in the office chamber of the treasury officer on **Dt.28.02.2022 at 2 P.M.** and the Financial Bid will be opened on the same day at **4 P.M.**

The bid documents containing terms and conditions of the tender may be obtained from **O/o. the Treasury Officer, Special Treasury No. I, Bhubaneswar** on payment of non-refundable amount of Rs.500/- in form of **Demand Drat** in favour of **the Treasury Officer, Special Treasury No. I, Bhubaneswar** drawn in any Scheduled Bank and payable at **Bhubaneswar** on any working day from the date of publication of Tender Call Notice.

The authority reserves the right to reject any or all bids terminate the tender process without assigning any reason thereof.

**Sd./- Treasury Officer**
**Special Treasury No. I, Bhubaneswar**
**OIPR-05007/11/0004/2122**

# ODISHA COOPERATIVE TASAR & SILK FEDERATION LTD. (SERIFED)

Sahid Nagar, Janpath, Bhubaneswar-751007, Tel : 0674-2545586 / 2545852
E-mail: serifedodisha@gmail.com, Website: www.serifedodisha.in

Bid identification no:- VI-40(15)/SERIFED/2021-22/ 197 DT.15.02.2022

## INVITATION FOR BIDS (e-Procurement)

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for the **01 (One) no of work at Nilachal Urban Haat at Puri, odisha.** The bid documents such as DTCN/BOQ etc. can be seen/downloaded from the government website: **www.tendersodisha.gov.in** during the period **dt. 25.02.2022 to 17.00 hours up to dt. 10.03.2022.** Online bids shall be received till **17.00 hours dt. 10.03.2022** & shall be opened at **11.30 AM on Dt. 11.03.2022.** Any addendum / corrigendum / cancellation of tender can also be seen in the said website.

Sd/-
**MANAGING DIRECTOR**

# POLICE COMMISSIONERATE BHUBANESWAR-CUTTACK
## ODISHA SPECIAL ARMED POLICE 7TH BATTALION, BHUBANESWAR

ପ୍ରାପ୍ତେଷୁ,

**ଶ୍ରୀ ବିଜୟ କୁମାର ନାୟକ**, ସିପାହୀ ନଂ. ୮୪୭
ପିତା: ବନମାଳି ନାୟକ
ଗ୍ରାମ: ଚିନାମାଳିପୋଶି, ପୋ.ଅ.: ଚିନାମାଳିପୋଶି
ଥାନା: ଘଟଗାଁ, ଜିଲ୍ଲା: କେନ୍ଦୁଝର

No. D-321: ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣ ତା୦୭।୦୬।୨୦୨୧ରିଖ ଅପରାହ୍ନଠାରୁ ତା୧୫।୦୬।୨୦୨୧ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୮ଦିନ ପାଇଁ ସାମୟିକ ଛୁଟିରେ ଥିଲେ। ଆପଣଙ୍କୁ ତା୧୬।୦୬।୨୦୨୧ରିଖ ପୂର୍ବାହ୍ନରେ କର୍ତ୍ତବ୍ୟରେ ଯୋଗଦେବାର ଥିଲା ; କିନ୍ତୁ ଆପଣ କିଛି ନ ଜଣାଇ ଅନୁପସ୍ଥିତ ଅଛନ୍ତି। କର୍ତ୍ତବ୍ୟରେ ଯୋଗଦେବା ନିମନ୍ତେ ଆପଣଙ୍କ ପାଖକୁ କାର୍ଯ୍ୟାଳୟ ପତ୍ରସଂଖ୍ୟା ୧୬୦୫/ଆର୍.ଓ., ତା୨୮।୦୬।୨୦୨୧, ୧୬୦୬/ଆର୍.ଓ., ତା୨୮।୦୬।୨୦୨୧ ଏବଂ ୨୮୯/ଆର୍.ଓ., ତା୧୫।୦୨।୨୦୨୨ ମାଧ୍ୟମରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା ମାତ୍ର ଏହା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି କି ଅନୁପସ୍ଥିତ ବିଷୟରେ କାର୍ଯ୍ୟାଳୟକୁ ଅବଗତ କରୁନାହାନ୍ତି।

ଏଣୁ ଆପଣଙ୍କୁ ଏହି ବିଜ୍ଞାପନ ଦ୍ୱାରା ଅବଗତ କରାଇ ଦିଆଯାଉଅଛି କି ଆପଣ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ଲିଖିତ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ, ନଚେତ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଆରକ୍ଷୀ ଉପ–ଆୟୁକ୍ତ (ସଶସ୍ତ୍ର)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର
**OIPR-12034/11/0002/2122**

Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 2585/IND-II-PH-991 ତାରିଖ 19.02.2022
No. CAD-2972

## ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀମତୀ ସଙ୍ଘମିତ୍ରା ଭୁତିଆ ଓଡ଼ିଶାର ଅନୁଗୁଳ ଜିଲ୍ଲା, ତାଳଚେର ତହସିଲ ଅନ୍ତର୍ଗତ ସିରିଗିଡ଼ା ଗ୍ରାମରେ ୭.୨୮ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ସିରିଗିଡ଼ା ନଦୀ ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୩।୦୩।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ **ଅନୁଗୁଳ ଜିଲ୍ଲା, ତାଳଚେର ତହସିଲ ଅନ୍ତର୍ଗତ ସିରିଗିଡ଼ା ଗ୍ରାମ**ରେ ସ୍ଥିତ ସିରିଗିଡ଼ା ଯାତ୍ରା ପଡ଼ିଆଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଅନୁଗୁଳ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଅନୁଗୁଳ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଅନୁଗୁଳ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଅନୁଗୁଳ**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ଅନୁଗୁଳ**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ
OIPR-08012/11/0281/2122

# ମହଙ୍ଗା ପଡ଼ିପାରେ ଭୋଟରଙ୍କୁ ଚେତାବନୀ

**ଯାଜପୁର ଅଫିସ,୧୯।୨**

ଯାଜପୁର ଜିଲାରେ ରବିବାର ୩ୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ବିଞ୍ଝାରପୁର ଓ କୋରେଇ ବ୍ଲକର ୭ଟି ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ୫୭ଟି ପଞ୍ଚାୟତରେ ସକାଳ ୭ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ମତଦାନ ହେବ। ୨,୭୫,୨୭୭ ଭୋଟର ସେମାନଙ୍କର ମତାଧିକାର ୮୧୯ ଟି ବୁଥ୍‌ରେ ସାବ୍ୟସ୍ତ କରିବେ। ବିଞ୍ଝାରପୁର ବ୍ଲକର ୧୩୪ ଉତ୍ତେଜନା ଓ ୪୯ଟି ଅତି ଉତ୍ତେଜନାପ୍ରବଣ ବୁଥ୍ ରହିଥିବାବେଳେ କୋରେଇ ବ୍ଲକରେ ୧୨୭ ଉତ୍ତେଜନା ଓ ୨୨ଟି ଅତି ଉତ୍ତେଜନା ପ୍ରବଣ ବୁଥ୍ ରହିଛି। ବର୍ତ୍ତମାନ ଜିଲାରେ ନିର୍ବାଚନୀ ହିଂସା ଅଣାୟତ୍ତ ହେଉଥିବାରୁ ଜିଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଥିବା ସୂଚନା ମିଳିଛି। ତେବେ ଏହି ୨ ବ୍ଲକରେ ବିକାଶ ନାଁରେ ଦୁର୍ନୀତି ବଢ଼ିଚାଲିଥିବାରୁ ତାହାକୁ ଭାଜପା ଓ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିଛନ୍ତି । ଅନ୍ୟପକ୍ଷେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରି ପ୍ରଚାର କଟକଣାର ଶିକାର ହୋଇଥିଲେ, ତାହା ଭୋଟରଙ୍କୁ ବହୁଳ ମାତ୍ରାରେ ପ୍ରଭାବିତ କରିଥିବା ଚର୍ଚ୍ଚା ହେଉଛି। ସେହିପରି କୋରେଇ ବ୍ଲକରେ ବିଜେଡି ଓ ସମର୍ଥକ ପ୍ରାର୍ଥୀଙ୍କୁ ଭୋଟ ନ ଦେଲେ ରାଶନକାର୍ଡ କାଟିବା ଚେତାବନୀ ମଧ୍ୟ ଭୋଟରଙ୍କ ମଧ୍ୟରେ ନକାରାତ୍ମକ ଭାବନା ସୃଷ୍ଟି ହୋଇଥିବା ମତପ୍ରକାଶ ପାଉଛି। ତେଣୁ ଏଥର ପ୍ରାର୍ଥୀଙ୍କ ଚରିତ୍ର ଓ ଅତୀତ କାର୍ଯ୍ୟକଳାପ ନିର୍ବାଚନର ମାପକାଠି ହେବ ବୋଲି ଚର୍ଚ୍ଚା ହେଉଛି ।

ଚଳିତ ପଞ୍ଚାୟତ ନିର୍ବାଚନରେ କୋରେଇ ବ୍ଲକର ୩ଟି ଜିଲା ପରିଷଦ ଆସନ ପାଇଁ ୧୨ ଜଣ ପ୍ରାର୍ଥୀ ଲଢୁଛନ୍ତି। ଏଥିରେ ବିଜେଡି, ଭାଜପା, କଂଗ୍ରେସ ସହ ବହୁଜନ ସମାଜପାର୍ଟି ପ୍ରାର୍ଥୀ ଦେଇଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏଠାରେ ବିଜେଡି ଅଳ୍ପକେ ବର୍ତ୍ତିଯାଇଥିଲା। ଏଠାରେ ୩ ଜିଲା ପରିଷଦ ଆସନ ବିଜେଡି ଜିତିଥିଲେ ହେଁ ତାହାର ଭୋଟ ହାର ୧୦% କମିଥିଲା। ବିଜେଡି ୧ ନମ୍ବର ଜୋନ୍‌ରେ ୫୪%, ୨ ଓ ୩ ନମ୍ବର ଜୋନରେ ୪୫% ଭୋଟ ପାଇଥିଲା। ଭାଜପା ଯଥାକ୍ରମେ ୨୭%, ୨୯% ଓ ୩୩% ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। କଂଗ୍ରେସ ମଧ୍ୟ ଏଠାରେ କଡା ଟକ୍କର ଦେଇ ଯଥାକ୍ରମେ ୧୯%, ୨୬% ଓ ୨୨%ରେ ରହିଥିଲା। ତେବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜେଡି ହାତରୁ ଖସି କଂଗ୍ରେସ ଥଳିରେ ପଡ଼ିଥିଲା। ଏଥିପାଇଁ ବିଧାୟକ ଆକାଶ ଦାସନାୟକଙ୍କୁ ବିଜେଡି ଟିକେଟ ମିଳି ନ ଥିଲା ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ବିଜେଡିର ମାଳମାଳ ବିଦ୍ରୋହୀ ପ୍ରାର୍ଥୀ ସେତେବେଳେ ଦଳ ବିପକ୍ଷରେ ରହିଥିଲେ। ତେବେ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି। କଂଗ୍ରେସ ମହିଳା ନେତ୍ରୀ ବନ୍ଦିତା ପରିଡ଼ା ଦୁର୍ନୀତି, ବେରୋଜଗାର ପ୍ରସଙ୍ଗରେ ଜୋର୍‌ଦାର ପ୍ରଚାର କରି ଭୋଟରଙ୍କ ମନ ଜିଣିବାକୁ ଚେଷ୍ଟା କରିଛନ୍ତି। ତଦନୁଯାୟୀ କଂଗ୍ରେସ ଏଠାରୁ ଖାତା ଖୋଲିପାରେ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ଭାଜପା ସେତେଟା ପ୍ରଭାବୀ ଢଙ୍ଗରେ ମୁକାବିଲା କରୁ ନ ଥିବାରୁ ଲୋକଙ୍କ ଆସ୍ଥା ଖସୁଥିବା କୁହାଯାଉଛି। ସେହିପରି ଶାସକ ଦଳର ନେତା ବିକାଶକୁ ଗୁରୁତ୍ୱ ନ ଦେଇ କେବଳ ଠିକାଦାରି କାମରେ ମାତିଥିବା ଅଭିଯୋଗ ହେଉଛି। ଗ୍ରାମାଞ୍ଚଳର ରାସ୍ତାଘାଟର ଅବସ୍ଥାକୁ ଦେଖିଲେ ତାହା ସ୍ପଷ୍ଟ ବାରି ହେଉଛି। ଧନେଶ୍ୱର ପଞ୍ଚାୟତ ଚିଲିପଦା ଗ୍ରାମରାସ୍ତାକୁ ଅଞ୍ଚଳବାସୀ ଏହାର ଉଦାହରଣ ଭାବେ ନେଉଛନ୍ତି। ଏଭଳି ସ୍ଥିତିରେ ଏହି ନିର୍ବାଚନରେ ତ୍ରିମୁଖୀ ଟକ୍କର ହେଉଥିବା ଦେଖାଯାଇଛି।

ବିଞ୍ଝାରପୁର ବ୍ଲକର ୪ ଜିଲା ପରିଷଦ ଆସନ ପାଇଁ ୧୬ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଏଥିରେ ୩ ପ୍ରମୁଖ ଦଳ ସହ ଏସ୍‌ୟୁସିଆଇ(କ) ପ୍ରାର୍ଥୀ ମଧ୍ୟ ସାମିଲ ହୋଇଛନ୍ତି। ଏଠାରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେଉଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଞ୍ଝାରପୁରବାସୀ ଭାଜପା ସପକ୍ଷରେ ଯାଇଥିଲେ। ଏଠାରେ ବିଜେଡି ୫୦% ଓ ଭାଜପା ୪୩% ଭୋଟ ହାତେଇ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଏପରିକି ୨୭ ନମ୍ବର ଜୋନ ଭାଜପା ହାତକୁ ଯାଇଥିଲା। ବିଜେଡି ଏଠାରେ ଦୀର୍ଘଦିନ ଶାସନ କ୍ଷମତାରେ ରହିବା ସହ ବିଞ୍ଝାରପୁର ବ୍ଲକରେ ପ୍ରାୟ ସମସ୍ତ ଯୋଜନାରେ ଦୁର୍ନୀତିର ସାହାଣ ମେଲା ଚଳାଇଥିବା ଲୋକେ ଅଭିଯୋଗ କରୁଛନ୍ତି। ଏହି ମର୍ମରେ ଏକାଧିକ ଆନ୍ଦୋଳନ ମଧ୍ୟ ହୋଇଆସିଛି। ଭାଜପା ଓ କଂଗ୍ରେସ ଏହାର କେତେଦୂର ସୁଯୋଗ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



**ଆଜି ୩ୟ ପର୍ଯ୍ୟାୟ ନିର୍ବାଚନ**

- ୨.୭୫ ଲକ୍ଷ ଭୋଟର ମତ ସାବ୍ୟସ୍ତ କରିବେ
- ୭୧ ବୁଥ୍ ଅତି ଉତ୍ତେଜନାପ୍ରବଣ

## ସଂକ୍ଷେପରେ

### ଏସ୍‌ପିଙ୍କୁ ଭେଟି ନ୍ୟାୟ ମାଗିଲେ ପ୍ରଶାନ୍ତ



**ପାଣିକୋଇଲି,୧୯।୨(ଡି.ଏନ.ଏ.):** ଯାଜପୁର ଥାନା ଚିତାଲୋ ପଞ୍ଚାୟତର ୫ ନମ୍ବର ବୁଥରେ ସରପଞ୍ଚ ପ୍ରାର୍ଥୀ ରଞ୍ଜୁଲତା ମହାନ୍ତିଙ୍କ ଏଜେଣ୍ଟ୍ ଭାବେ କାର୍ଯ୍ୟ କରୁଥିବା ଝାଡ଼ଙ୍ଗା ଗ୍ରାମର ପ୍ରଶାନ୍ତ ଜେନାଙ୍କୁ ମତଦାନ ବେଳେ ଆକ୍ରମଣ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତେଣୁ ଥାନା ପୋଲିସଠାରୁ ନ୍ୟାୟ ନ ପାଇବାରୁ ପ୍ରଶାନ୍ତ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଶାନ୍ତ ଏସ୍‌ପିଙ୍କୁ ଜଣାଇଛନ୍ତି ଯେ, ବୁଥ ଜବରଦଖଲ ପାଇଁ ତାଙ୍କୁ ଦୁର୍ବୃତ୍ତ ବାହାରକୁ ବାହାରି ଯିବାକୁ କହିଥିଲେ। ମାତ୍ର ସେ ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତ ତାଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରି କି ତାଙ୍କ ପରିବାର ଲୋକେ ଉଦ୍ଧାର କରିବାକୁ ଯାଇ ମଧ ଦୁର୍ବୃତ୍ତଙ୍କଠାରୁ ମାଡ଼ ଖାଇଥିଲେ। ଏନେଇ ପ୍ରଶାନ୍ତ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଅଭିଯୁକ୍ତଙ୍କ ବିରୋଧରେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଅଭିଯୁକ୍ତମାନେ ପ୍ରଶାନ୍ତଙ୍କୁ ନାନା ଧମକ ଦେଉଛନ୍ତି। ତାଙ୍କ ପରିବାର ପ୍ରତି ବିପଦ ରହିଛି। ତେଣୁ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାନ୍ତ ଏସ୍‌ପିଙ୍କୁ ଗୁହାରି କରିଛନ୍ତି।

### ଜ୍ଞାନ ପଟ୍ଟନାୟକଙ୍କ ତ୍ୟାଗ, ପତିଭକ୍ତି ଅତୁଳନୀୟ

**ଧର୍ମଶାଳା,୧୯।୨(ଡି.ଏନ.ଏ.):** ଧର୍ମଶାଳା ବ୍ଲକ୍ ମିର୍ଜାପୁର ପଞ୍ଚାୟତର ଅରଙ୍ଗାବାଦ ଗ୍ରାମରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ତ୍ରୀ ଜ୍ଞାନ ପଟ୍ଟନାୟକଙ୍କ ୧୩ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଧର୍ମଶାଳା ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ନେତୃତ୍ୱରେ ସ୍ଥାନୀୟ ଶ୍ୟାମସୁନ୍ଦର ମନ୍ଦିର ସମ୍ମୁଖରେ ଶତାଧିକ ମହିଳାପୁରୁଷ ସମୂହ ଦୀପଦାନ କରିଥିଲେ। ପ୍ରାରମ୍ଭରେ ଜ୍ଞାନଦେବୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ପଣ୍ଡିତ ପ୍ରତାପ ପଣ୍ଡା ଗୀତାପାଠ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଭିମନ୍ୟୁ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଲାବଣ୍ୟ ଜ୍ଞାନଦେବୀ ବିଜୁ ବାବୁଙ୍କୁ ରାଜନୈତିକ ସହାୟତା ଦେବା ସହିତ ତାଙ୍କୁ ପ୍ରତିଟି କ୍ଷେତ୍ରରେ ସାହାଯ୍ୟ କରିଆସୁଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏପରି କି ଜ୍ଞାନଦେବୀଙ୍କ ତ୍ୟାଗ ଓ ପତିଭକ୍ତି ଅତୁଳନୀୟ ବୋଲି ସେ କହିଥିଲେ। ଶୈଳବାଳା ବେହେରା, କୁନିଲତା ବେହେରା, ସୁମିତ୍ରା ବାରିକ, ମିନତୀ ପଣ୍ଡା, ପଦ୍ମିନୀ ପଣ୍ଡା, ଝୁନାରାଣୀ ପଣ୍ଡା, ସନ୍ତୋଷିନୀ ପଣ୍ଡା ଓ ରଞ୍ଜିତା ପାଣିଗ୍ରାହୀ ପ୍ରମୁଖ ଦୀପଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବୈକୁଣ୍ଠ ଦାସ, ଧନେଶ୍ୱର ସାହୁ, ରବୀନ୍ଦ୍ର ପଣ୍ଡା, ବଂଶୀଧର ଜେନା, କିଶୋର ଜେନା, ଜିତେନ୍ଦ୍ର ଜେନା ଓ କପିଳେନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଜ୍ଞାନଦେବୀଙ୍କ ସ୍ତୁତିଚାରଣ କରିଥିଲେ।

### ନିର୍ବାଚନୀ ହିଂସା: ୯ ମାମଲା ରୁଜୁ କଲା ପୋଲିସ

**ଚଣ୍ଡିଖୋଲ,୧୯।୭(ଡି.ଏନ.ଏ.):** ବଡ଼ଚଣା ବ୍ଲକରେ ଶୁକ୍ରବାର ଅନୁଷ୍ଠିତ ପଞ୍ଚାୟତ ନର୍ବାଚନରେ ବହୁ ସ୍ଥାନରେ ହିଂସା ଘଟିଥିଲା। ସେଥିମଧ୍ୟରୁ କେବଳ ବାଲିଚନ୍ଦ୍ରପୁର ଥାନାରେ ଏନେଇ ୯ ମାମଲା ରୁଜୁ ହୋଇଛି। ଥାନା ଅଧୀନ ନଳୀପୁରପଞ୍ଚାୟତରେ ୨ ନଂ. ବୁଥ ଜବରଦଖଲ ନେଇ ଘଟିଥିବା ଗଣ୍ଡଗୋଳ ଘଟଣାରେ ନଂ.୭୭/୨୨ରେ ୬ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିଭଳି ଏହି ଘଟଣାକୁ ନେଇ ୫୩ ନଂ.ଜାତୀୟ ରାଜପଥ ୨ ଘଣ୍ଟା ଅଚଳ କରିଥିବା ଶତାଧିକ ବ୍ୟକ୍ତିଙ୍କ ନାମରେ ନଂ.୭୮/୨୨ରେ ମାମଲା ରୁଜୁ ହୋଇଛି। ସାଉଡ଼ିଆ ପଞ୍ଚାୟତର ତାଲୁଆ ଗ୍ରାମରେ ହୋଇଥିବା ନିର୍ବାଚନୀ ହିଂସାରେ ଦୁଇଗୋଷ୍ଠୀ ପକ୍ଷରୁ ଅଭିଯୋଗ ଆଧାରରେ ନଂ.୭୯/୨୨ ଓ ୮୦/୨୨ରେ ୧୩ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଭରତପୁର ପଞ୍ଚାୟତରେ ହୋଇଥିବା ନର୍ବାଚନୀ ଗଣ୍ଡଗୋଳ ଆଧାରରେ ନଂ.୮୧/୨୨ ଓ ୮୨/୨୨ରେ ୨ ମାମଲା ଉଭୟ ପକ୍ଷର ୩୨ଜଣଙ୍କ ନାମରେ ରୁଜୁ ହୋଇଛି। ସେହିପରି ବରଦା ପଞ୍ଚାୟତରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ନଂ.୮୩/୨୨ରେ ପୋଲିସ ୮ଜଣଙ୍କ ନାମରେ ମାମଲା ରୁଜୁ କରିଛି। ବାଲିଚନ୍ଦ୍ରପୁର ପଞ୍ଚାୟତର ୧୦ ନଂ. ବୁଥ୍ ଓ ନଳୀପୁର ପଞ୍ଚାୟତର ୨ନଂ. ବୁଥରେ ହୋଇଥିବା ଗଣ୍ଡଗୋଳ ସମ୍ପର୍କରେ ପ୍ରିଜାଇଡିଂ ଅଫିସର କରିଥିବା ଅଭିଯୋଗ ଆଧାରରେ ୨ଟି ମାମଲା ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି।

## ବେଆଇନ ବାଲି ଚାଲାଣ ରୋକିଲେ ଗ୍ରାମବାସୀ

**କାଳିଆପାଣି,୧୯।୨(ଡି.ଏନ.ଏ.)**

କାଳିଆପାଣି ଥାନା ଅଧୀନ କଲରଙ୍ଗୀ ଗ୍ରାମବାସୀ ଗାଁ ରାସ୍ତାରେ ଯାଉଥିବା ବେଆଇନ ବାଲିଗାଡ଼ି ଅଟକାଇ ଫେରାଇ ଦେଇଛନ୍ତି। କାଳିଆପାଣି କ୍ରୋମ୍ ଜୋନ୍ ଅଞ୍ଚଳରେ ଆବଶ୍ୟକ ବାଲି ବ୍ରାହ୍ମଣୀ ନଦୀର ଭୁବନ ଅଞ୍ଚଳରୁ ଆସୁଛି। ଗାଡ଼ିଗୁଡ଼ିକ ଗୋଡ଼ାଛକ ରାସ୍ତାଦେଇ ଓଡ଼ିଶ, ବଡ଼କାଠିଆ, କଲରଙ୍ଗୀ ଗ୍ରାମରେ ଆସି ଡାବା ଛକ ବାହାରୁଛି। ଶନିବାର ଲୋକେ ହାଇୱା ଅଟକାଇ ସୁକିନ୍ଦା ତହସିଲଦାରଙ୍କୁ ଜଣାଇଥିଲେ। ତହସିଲଦାର ଚୁପ ବସିବାରୁ ଗ୍ରାମବାସୀ ଗାଡି ଛାଡି ଦେଇଥିଲେ। ତେବେ ଆଉ ଗାଡି ଆସିଲେ ଥାନାରେ ଗ୍ରାମବାସୀ ଧାରଣା ଦେବେ ବୋଲି କହିଛନ୍ତି।

**ଜନ୍ମଦିନ ଶୁଭେଚ୍ଛା**



(ମାମୁନ୍)

**ଆଦ୍ୟାଶା ମହାନ୍ତି**
ମହତାବ ରୋଡ୍, ଭୁବନେଶ୍ୱର
ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ କରିବା ସହିତ ତୋ ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ:** ବାପା, ମାମା, ଜେଜେ, ଜେଜେମା', ବଡ଼ବାପା, ବଡ଼ମା', ସାନବଡ଼ବାପା, କୁଇନା ଅପା, ନେହା ଅପା, ଭାଇ, ଅଜା, ଆଈ, ମାମୁ, ମାଇଁ ଓ ପରିବାରବର୍ଗ ।
ଧ-୨୩୨୦୩

## ଟଙ୍କାଭର୍ତ୍ତି ପର୍ସ ଫେରାଇଲେ ଖବରକାଗଜ ବିତରକ

**ଯାଜପୁର ଟାଉନ,୧୯।୨(ଡି.ଏନ.ଏ.)**

ଯାଜପୁର ସହରର ଖବରକାଗଜ ବିତରକ ପ୍ରଫୁଲ୍ଲ କୁମାର ସେନାପତି ଶନିବାର ଏକ ଟଙ୍କା ଭର୍ତ୍ତି ମନିପର୍ସ ପାଇ ଫେରାଇଛନ୍ତି। ଉକ୍ତ ପର୍ସରେ ୪ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଓ ଆବଶ୍ୟକ କାଗଜପତ୍ର ଥିଲା। ପ୍ରଫୁଲ୍ଲ ସହରରେ ବୁଲି ଖବରକାଗଜ ବିତରଣ କରୁଥିବାବେଳେ ଉକ୍ତ ପର୍ସ ପାଇଥିଲେ। ପରେ ସେ ସ୍ଥାନୀୟ ଦୋକାନୀଙ୍କୁ ଜଣାଇବା ସହ ନିଜର ଫୋନ୍ ନମ୍ବର ଦେଇଥିଲେ। ତେବେ ଯାଜପୁର ସଦର ଥାନା ଅନ୍ତର୍ଗତ ବରୁହାଁ ଗ୍ରାମର ବିଷ୍ଣୁ ପ୍ରଧାନ ନାମକ ଯୁବକଙ୍କ ପର୍ସ ହଜିଥିବା ଜଣାପଡ଼ିଥିଲା। ତେଣୁ ବିଷ୍ଣୁ ପ୍ରଫୁଲ୍ଲଙ୍କୁ ଯୋଗାଯୋଗ କରିଥିଲେ। ପ୍ରଫୁଲ୍ଲ ବିଷ୍ଣୁଙ୍କୁ ତାଙ୍କ ମନିପର୍ସ ଫେରାଇ ଏକ ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି। ଏ କଥା ପ୍ରଚାର ହେବାପରେ ମା' ବିରଜା ବିତରକ ସଂଘର ସଦସ୍ୟମାନେ ପ୍ରଫୁଲ୍ଲଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ଖବରକାଗଜ ବିତରକ ପ୍ରଫୁଲ୍ଲ ସେନାପତି ମନିପର୍ସ ଫେରାଉଛନ୍ତି।

## ୨୩ରେ ଧର୍ମଶାଳାର ୩ ବୁଥ୍‌ରେ ପୁନଃ ମତଦାନ

**ଧର୍ମଶାଳା,୧୯।୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ୪୫ ପଞ୍ଚାୟତର ୬୩୭ ବୁଥ୍‌ରେ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଥିଲା। ତେବେ ବୁଥ୍ ଜବରଦଖଲ ଯୋଗୁ ୩ ବୁଥରେ ମତଦାନ ବନ୍ଦ କରାଯାଇଥିଲା। ତେଣୁ ବନ୍ଦ ଥିବା ବୁଥ ଗୁଡ଼ିକରେ ଆସନ୍ତା ୨୩ ତାରିଖରେ ପୁନଃ ନିର୍ବାଚନ ହେବ। ଏନେଇ ରାଜ୍ୟ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ବୋଲି ବିଡିଓ ତଥା ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି। ଉକ୍ତ ବ୍ଲକ ଦେଓଦା ପଞ୍ଚାୟତର ୬ ଓ ୭ ନଂ. ଏବଂ ଅରାବଳ ପଞ୍ଚାୟତର ୮ ନଂ. ବୁଥରେ ଜବରଦଖଲ ଯୋଗୁ ମତଦାନ ବନ୍ଦ ଥିଲା। ଦେଓଦା ପଞ୍ଚାୟତର ୬ ନଂ.ବୁଥ୍‌ରେ ୨୦୬ ଓ ୭ ନଂ. ବୁଥ୍‌ରେ ୧୯୮ ଓ ଅରାବଳ ପଞ୍ଚାୟତର ୮ ନଂ. ବୁଥ୍‌ରେ ୪୪୩ ମତଦାତା ପୁନଶ୍ଚ ମତଦାନ କରିବେ। ସକାଳ ୯ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ଣ ୩ଟାରେ ଶେଷ ହେବ। ବୁଥ୍‌ଗୁଡିକରେ ଶାନ୍ତି ଶୃଙ୍ଖଳାରେ ମତଦାନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ନିର୍ବାଚନ ଅଧିକାରୀ ବେହେରା ସୂଚନା ଦେଇଛନ୍ତି।

## ଘର ଜାଳିଦେଲେ ଦୁର୍ବୃତ୍ତ

**ସିଂହପୁର,୧୯।୨(ଡି.ଏନ.ଏ.)**

ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁର ଦରିଆ ନାହାକାଣୀ ରାସ୍ତା ପାର୍ଶ୍ୱରେ ଥିବା ଏକ ଚାଳ ଘରକୁ ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଛନ୍ତି। ଉକ୍ତ ଘରେ ଗ୍ରାମର ଚାଷୀ ଗୋପାଳ ପ୍ରଧାନ ରହି ନିଜ ପନିପରିବା ଚାଷ ଜଗାରଖା କରନ୍ତି। ନିଆଁ ଲାଗିବାରୁ ଘରେ ଥିବା ଚାଷ ସରଞ୍ଜାମ ପୋଡ଼ି ନଷ୍ଟ ହୋଇଯାଇଛି। ଶନିବାର ସକାଳେ ପ୍ରଧାନ ଏହାଜାଣି ଥାନାରେ ଅଭିଯୋଗ କରିଛନ୍ତି। ତେଣୁ ପୋଲିସ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏନେଇ ଖବର ପାଇବା ପରେ ରାଜସ୍ୱ ବିଭାଗ କର୍ମଚାରୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ପ୍ରଶାସନ ଶୀଘ୍ର ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

**MISSING**



**ନାମ: ଶାନ୍ତିଲତା ମାଝୀ,** ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.
ଧ-୨୩୧୫୮

## ବରୀରେ ନିୟୋଜିତ ହେବେ ୭ ପ୍ଲାଟୁନ ଫୋର୍ସ

**ବରୀ,୧୯।୨(ଡି.ଏନ.ଏ.)**

ପଞ୍ଚାୟତ ନିର୍ବାଚନ ହେଉ କି ସାଧାରଣ ନିର୍ବାଚନ ବରୀ ବ୍ଲକ୍ ସବୁବେଳେ ଅତ୍ୟନ୍ତ ସମ୍ବେଦନଶୀଳ ଭାବେ ପରିଚିତ। ଆସନ୍ତା ୨୪ ତାରିଖରେ ଉକ୍ତ ବ୍ଲକ୍‌ରେ ପଞ୍ଚାୟତ ନିର୍ବାଚନର ମତଦାନ ହେବ। ଏହାକୁ ଦୃଷ୍ଟିରେ ରଖି ବରୀ ରାମଚନ୍ଦ୍ରପୁର ଥାନା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ନିମନ୍ତେ ବ୍ଲକ୍‌ର ୩୩୩ ବୁଥ୍ ପାଇଁ ୩ଜଣ ଡିଏସ୍‌ପି, ୧୮ ମୋବାଇଲ ସ୍କ୍ୱାଡ୍, ୭ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ ବୋଲି ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି। ଏତଦ୍‌ବ୍ୟତୀତ ନିର୍ବାଚନ କାର୍ଯ୍ୟ ତଦାରଖ କରିବା ନିମନ୍ତେ ଜଣେ ଅତିରିକ୍ତ ଏସ୍‌ପି ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି। ବ୍ଲକ୍‌ର ଅଳିପୁର, ବାଲିବିଲ, ଗମ୍ଭୁ, ମହାକାଳପଡ଼ା, ବାଲିଆ, ରତଳାଙ୍ଗ ଓ କଳାମାଟିଆ ଅତ୍ୟନ୍ତ ସମ୍ବେଦନଶୀଳ। ଅନ୍ୟପକ୍ଷରେ ବହୁ ପଞ୍ଚାୟତରେ ରାଜନୈତିକ ଦୃଷ୍ଟି କୋଣରୁ ହିଂସାକାଣ୍ଡ ଘଟିପାରେ ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି।

୨୦୧୭ ପଞ୍ଚାୟତ ନିର୍ବାଚନରେ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲେ ହେଁ ବିଭିନ୍ନ ସ୍ଥାନରେ ଅସାମାଜିକ ବ୍ୟକ୍ତିମାନେ ବୁଥ୍ ଜବରଦଖଲ କରିଥିଲେ। ଏତଦ୍‌ବ୍ୟତୀତ ଗତ ସାଧାରଣ ନିର୍ବାଚନରେ ମଧ୍ୟ ବୁଥ୍ ଜବରଦଖଲ ଯୋଗୁ ପ୍ରଶାସନକୁ ନାକେଦମ ହେବାକୁ ପଡିଥିଲା। ବ୍ଲକ୍‌ର ଅଳିପୁର, ବାଲିବିଲ ଓ ଭଅଁରା ପଞ୍ଚାୟତର ବୁଥ୍ ଜବରଦଖଲ ଯୋଗୁ ପୁନଃ ମତଦାନ କରାଯାଇଥିଲା। ତେବେ ଚଳିତ ପଞ୍ଚାୟତ ନିର୍ବାଚନରେ ମତଦାନ ପୂର୍ବରୁ ପ୍ରାକ୍ ହିଂସା ଘଟୁଥିବା ଦେଖିବାକୁ ମିଳୁଛି। ତେବେ ପୋଲିସର ବ୍ୟାପକ ପ୍ରସ୍ତୁତି ନିର୍ବାଚନ ପରିଚାଳନାରେ କେତେ ସହାୟକ ହେଉଛି ତାହା ମତଦାନ ପରେ ହିଁ ଜଣାପଡ଼ିବ।

**ପଞ୍ଚାୟତ ନିର୍ବାଚନ**

- ବୁଲିବ ୧୮ ମୋବାଇଲ ସ୍କ୍ୱାଡ୍
- ତଦାରଖ କରିବେ ଜଣେ ଅତିରିକ୍ତ ଏସ୍‌ପି, ୩ ଡିଏସ୍‌ପି

## କଲେଜ ଛାତ୍ରୀ ଅପହରଣ

**ଚଣ୍ଡିଖୋଲ,୧୯।୨(ଡି.ଏନ.ଏ.)**

ବଡ଼ଚଣା ମହିଳା ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ବଡ଼ଚଣା ଥାନା ବାତୋ ଗ୍ରାମର ରାଜୁ ବେହେରା ନାମକ ଯୁବକ ଛାତ୍ରୀଙ୍କୁ ଅପହରଣ କରିଥିବା ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି। ପୋଲିସ ନଂ.୫୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ୧୪ ତାରିଖରେ ଛାତ୍ରୀ ଜଣଙ୍କ ଟିଉସନ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ତରଫରୁ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ନିରଶ ହୋଇଥିଲେ। ଶେଷରେ ୧୮ତାରିଖରେ ଅଭିଯୋଗ କରାଯାଇଥିଲା। ମାତ୍ର ଅପହରଣର କାରଣ ଜଣା ପଡ଼ିନାହିଁ।




## ଜିଲା ପରିଷଦ ସଭ୍ୟାଙ୍କୁ ମାଡ଼

**ଦଶରଥପୁର,୧୯।୨(ଡି.ଏନ.ଏ.)**

ଯାଜପୁର ଜିଲା ଦଶରଥପୁର ବ୍ଲକ ଅନ୍ତର୍ଗତ ଖାନନଗର ପଞ୍ଚାୟତରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖାଦେଇଛି। ଖାନନଗର ପଞ୍ଚାୟତର ୭ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକଙ୍କୁ ଯାଜପୁର ଜିଲା ଯୁବ ବିଜେଡି ଉପସଭାପତି ବିରଜା ମଲ୍ଲିକ ଏବଂ ଚଳିତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ହୋଇଥିବା ତାଙ୍କ ସ୍ତ୍ରୀ ଶୁଭଶ୍ରୀ ମଲ୍ଲିକ ଓ ବିରଜାଙ୍କ ଭାଇ ରମାକାନ୍ତ ମଲ୍ଲିକ ସଂଘବଦ୍ଧ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଶନିବାର ପୂର୍ବାହ୍ଣ ୮ଟା୪୫ରେ ମାମିନା ମଙ୍ଗଳପୁର ବଜାରକୁ ଆସୁଥିଲେ। ଲାଲବାଗ କୀର୍ତ୍ତନ ମଣ୍ଡପ ନିକଟରେ ଖାନନଗର ଗ୍ରାମର ଫକୀର ସାହୁଙ୍କୁ ଅଭିଯୁକ୍ତ ମାଡ଼ ମାରୁଥିଲେ। ମାମିନା ଏହାଦେଖି ତାଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ଏହି ସମୟରେ ସେମାନେ ଫକୀରଙ୍କୁ ଛାଡି ମାମିନାଙ୍କୁ ମାଡ଼ ମାରିଥିଲେ ବୋଲି ମାମିନା ଏତଲାରେ ଦର୍ଶାଇଛନ୍ତି।

ଅନ୍ୟପକ୍ଷରେ ମାମିନାଙ୍କ ଆକ୍ରମଣକୁ ବିରୋଧ କରି ସରପଞ୍ଚ ପ୍ରଶାନ୍ତ ସାହୁଙ୍କ ସହ ଶତାଧିକ ଲୋକେ ଖାନନଗର ଛକଠାରେ ୨୦ ନଂ.ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ୫ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ମଙ୍ଗଳପୁର ପୋଲିସ ପହଞ୍ଚିଥିଲେ ମଧ୍ୟ ରାସ୍ତା ଅବରୋଧ ହଟାଇ ପାରି ନ ଥିଲା। କେବଳ ଜଗିରହିବା ପୋଲିସର ସମ୍ପୂର୍ଣ୍ଣ ଅସହାୟତାକୁ ପଦାରେ ପକାଇଛି। ପରେ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ସଞ୍ଜୀବ ସାମଲ, ହିମାଂଶୁ ପରିଡ଼ା, ବିଶ୍ୱଭୂଷଣ ବିଶ୍ୱାଳ ପ୍ରମୁଖ ପହଞ୍ଚି ରାଜପଥ ଅବରୋଧକାରୀଙ୍କୁ ବୁଝାଶୁଝାକରି ଧାରଣାରୁ ଉଠାଇଥିଲେ।

ସରପଞ୍ଚ ସାହୁ ଭାଜପା ସମର୍ଥନରେ ୨୦୧୭ ନିର୍ବାଚନରେ ପ୍ରାର୍ଥୀ ହୋଇ ଜିତିଥିଲେ। ୩ ବର୍ଷ ପରେ ସେ ବିଜେଡିରେ ଯୋଗ ଦେଇଥିଲେ। ଜିଲା ପରିଷଦ ସଭ୍ୟା ମାମିନା ମଧ୍ୟ ଭାଜପା ଟିକେଟରୁ ଜିତି ୩ ବର୍ଷପରେ ବିଜେଡିରେ ଯୋଗ ଦେଇଥିଲେ। ମାତ୍ର ପୂର୍ବରୁ ଏହି ପଞ୍ଚାୟତର ବିଜେଡି ନେତୃତ୍ୱ ନେଉଥିବା ଗୋଷ୍ଠୀ ସହ ଏହି ଗୋଷ୍ଠୀର ବିବାଦ ଲାଗି ରହିଥିଲା। ଅନ୍ୟପକ୍ଷରେ ୧୬ ତାରିଖ ରାଜନୈତିକ ହିଂସାକୁ କେନ୍ଦ୍ରକରି ଉକ୍ତ ପଞ୍ଚାୟତର କୁଶାସନ ମଲ୍ଲିକଙ୍କୁ ସରପଞ୍ଚ ସାହୁ, ପ୍ରକାଶ ସାହୁ, ରବିନାରାୟଣ ସାହୁ, ଲକ୍ଷ୍ମୀନାରାୟଣ ସାହୁ ଏବଂ ପବିତ୍ର ସାହୁ ପ୍ରମୁଖ ସଂଘବଦ୍ଧ ଆକ୍ରମଣ କରିଥିବା ନେଇ ମଧ ଥାନାରେ ଅଭିଯୋଗ ହୋଇଥିଲା, ଯାହାର ପ୍ରତିକ୍ରିୟାରେ ଶନିବାର ପାଲଟା ଆକ୍ରମଣ କରାଯାଇଥିବା କୁହାଯାଉଛି। ତେବେ ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

**ଖାନନଗର ପଞ୍ଚାୟତରେ ନିର୍ବାଚନ ପରବର୍ତ୍ତୀ ହିଂସା**

- ଜିଲା ଯୁବ ଉପସଭାପତିଙ୍କ ନାଁରେ ଏତଲା
- ୫ ଘଣ୍ଟା ଜାତୀୟ ରାଜପଥ ଅବରୋଧ
- ହାତ ଟେକି ଦେଲା ପୋଲିସ



ଖାନନଗର ଛକଠାରେ ୨୦ ନଂ.ଜାତୀୟ ରାଜପଥ ଅବରୋଧ କରାଯାଇଛି।

**CLASSIFIED DISPLAY**
**MORE SPACE • SAME PRICE**
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**BALAJI FINANCE**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉ, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**ଲୋନ୍ ଲୋନ୍ ଲୋନ୍**
ଗୁରୁକୃପା ଫାଇନାନ୍ସ ଦ୍ୱାରା ଲୋନ୍ ।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ।
0% ସୁଧ, 35% ରିହାତି ।
ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର ୫୨୦ ଟଙ୍କାରେ ।
9870683762

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ରବିବାର, ୨୦ ଫେବୃୟାରୀ, ୨୦୨୨



ଆମ୍ ଆଦ୍‌ମୀ ପାର୍ଟିର ପୂର୍ବତନ ନେତା କୁମାର ବିଶ୍ୱାସଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୱାଇ ସୁରକ୍ଷା ପ୍ରଦାନ କରିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଖଲିସ୍ତାନୀ ତତ୍ତ୍ୱଙ୍କ ସହ ସମ୍ପର୍କ ବଢ଼ାଉଥିବା ନିକଟରେ କୁମାର ଅଭିଯୋଗ ଆଣିଥିଲେ। ଏଭଳି ମନ୍ତବ୍ୟ ପାଇଁ ତାଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରାଯାଉଥିବାରୁ ସୁରକ୍ଷା ଯୋଗାଇ ଦିଆଯାଇଛି। ୱାଇ ସୁରକ୍ଷାରେ କୁମାରଙ୍କୁ ଜଣେ ଦୁଇଜଣ କମାଣ୍ଡୋଙ୍କ ସମେତ ୮ ଜଣ ପୋଲିସ ସୁରକ୍ଷା ପ୍ରଦାନ କରିବେ। ତେବେ ସେ ଆଣିଥିବା ଅଭିଯୋଗ ହାସ୍ୟାସ୍ପଦ ବୋଲି ଶନିବାର କେଜ୍‌ରିୱାଲ କହିଛନ୍ତି।



## ସଂକ୍ଷେପରେ

### ଏନ୍‌କାଉଣ୍ଟର ବେଳେ ୨ ଯବାନ ଶହୀଦ

**ଶ୍ରୀନଗର,୧୯।୨:** ଜମ୍ମୁ-କଶ୍ମୀରର ଶୋପିଆନରେ ଶନିବାର ଆତଙ୍କବାଦୀ ଓ ସେନା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଛି। ଦୁଇ ଗୋଷ୍ଠୀ ମଧ୍ୟରେ ଗୁଳିବିନିମୟ ଚାଲିଥିବାବେଳେ ଦୁଇ ଯବାନ ଶହୀଦ ହୋଇଛନ୍ତି ଏବଂ ଜଣେ ଆତଙ୍କବାଦୀ ପ୍ରାଣ ହରାଇଥିବା ସେନା ପକ୍ଷରୁ କୁହାଯାଇଛି। ଗୋଇନ୍ଦା ସୂଚନା ମିଳିବା ପରେ ସେନାର ଏକ ସ୍ୱତନ୍ତ୍ର ଟିମ୍ ଶୋପିଆନର ଜୈନପୁରରେ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ। ଛପି ରହିଥିବା ଆତଙ୍କବାଦୀଙ୍କ ପକ୍ଷରୁ ପ୍ରଥମେ ଗୁଳି ଚାଳନା ହୋଇଥିବାବେଳେ ସେନା ପକ୍ଷରୁ ଏହାର ପାଲଟା ଜବାବ ଦିଆଯାଇଥିଲା। ସ୍ଥାନୀୟ ପୋଲିସ, ଆର୍ମି ଯବାନ ଏବଂ ସିଆର୍‌ପିଏଫ୍‌ଙ୍କ ଦ୍ୱାରା ଘଟଣାସ୍ଥଳରେ ସର୍ଚ୍ଚ ଅପରେଶନ୍ ଜାରି ରହିଛି। ସମ୍ପୂର୍ଣ୍ଣ ସ୍ଥାନଟିକୁ ଚାରିପଟୁ ଯବାନ ଘେରିଯାଇଛନ୍ତି । ବର୍ତ୍ତମାନ ସୁଦ୍ଧା ମୃତ ଆତଙ୍କବାଦୀର ପରିଚୟ ମିଳିପାରି ନ ଥିବା ସ୍ଥାନୀୟ ପୋଲିସ ପକ୍ଷରୁ କୁହାଯାଇଛି।

### ହିଜାବ ବିବାଦ: ପ୍ରିନ୍ସିପାଲଙ୍କୁ ହତ୍ୟା ଧମକ

**ବେଙ୍ଗାଲୁରୁ,୧୯।୨:** ହିଜାବ ପିନ୍ଧିଥିବା କେତେଜଣ ଛାତ୍ରୀଙ୍କୁ କଲେଜରୁ ଫେରାଇ ଦେଇଥିବା କର୍ଣ୍ଣାଟକ ମାଡ଼ିକେରି ଜିଲା ଅନ୍ତର୍ଗତ ଏକ ଜୁନିୟର କଲେଜର ପ୍ରିନ୍ସିପାଲ୍‌ଙ୍କୁ ହତ୍ୟା ଧମକ ମିଳିଛି। ଶନିବାର ପ୍ରିନ୍ସିପାଲ ବିଜୟ ଅଭିଯୁକ୍ତ ମହମ୍ମଦ ତୌସିଫ୍‌ଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବା ପରେ ସାଇବର କ୍ରାଇମ୍ ପୋଲିସ ଏହାର ତଦନ୍ତ କରୁଛି। ମହମ୍ମଦ ସୋସିଆଲ ମିଡିଆ ଯୋଗେ ପ୍ରିନ୍ସିପାଲଙ୍କୁ ଧମକ ଦେଇ ଆଉ ବଞ୍ଚିବ ନାହିଁ ବୋଲି କହିଥିଲେ। କର୍ଣ୍ଣାଟକ ହାଇକୋର୍ଟଙ୍କ ଅନ୍ତରୀଣ ରାୟ ଓ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପିଲାମାନଙ୍କୁ ହିଜାବ କିମ୍ବା ଅନ୍ୟ କୌଣସି ଧର୍ମୀୟ ବସ୍ତ୍ର ପିନ୍ଧି ଶିକ୍ଷାନୁଷ୍ଠାନକୁ ନ ଆସିବା ପାଇଁ ପ୍ରିନ୍ସିପାଲ ବୁଝାଇଥିଲେ। କେତେଜଣ ଛାତ୍ରୀ ଯୁକ୍ତି କରିବା ଓ ଜବାବ ଦେବା ତାଙ୍କୁ ଆଘାତ ଦେଇଛି। ମହମ୍ମଦ ନାମକ ବ୍ୟକ୍ତି ତାଙ୍କୁ ଗାଳିଦେବା ସହ ଧମକ ଦେଇଥିଲେ ବୋଲି ପ୍ରିନ୍ସିପାଲ କହିଛନ୍ତି।

### କଲେଜରୁ ୫୮ ଛାତ୍ରୀ ନିଲମ୍ବିତ

**ବେଙ୍ଗାଲୁରୁ,୧୯।୨:** କର୍ଣ୍ଣାଟକରେ ହିଜାବ ବିବାଦ ଥମିବା ନାଁ ନେଉନାହିଁ। ହାଇକୋର୍ଟଙ୍କ ଅନ୍ତରୀଣ ରାୟ ସତ୍ତ୍ୱେ ଅନେକ ଛାତ୍ରୀ ଶନିବାର ଶିକ୍ଷାନୁଷ୍ଠାନକୁ ହିଜାବ ପିନ୍ଧି ଆସିଥିବାରୁ ସେମାନଙ୍କୁ ପ୍ରବେଶ ଅନୁମତି ଦିଆଯାଇ ନ ଥିଲା। ଶୁକ୍ରବାର ଶିବମୋଗା ଜିଲାର ଶିରଲକୋପ୍ପାରେ ହିଜାବ ଖୋଲିବାକୁ ମନା କରି ବିକ୍ଷୋଭ କରିବାରୁ ୫୮ ଜଣ ଛାତ୍ରୀଙ୍କୁ କଲେଜରୁ ନିଲମ୍ବନ କରାଯାଇଥିଲା। ସେମାନେ ଶନିବାର ପୁଣିଥରେ କଲେଜ ବାହାରେ ସ୍ଲୋଗାନ ଦେଇ ବିକ୍ଷୋଭ କରିଥିଲେ।

### ଅଷ୍ଟ୍ରେଲିଆ ପାଟ୍ରୋଲ ବିମାନକୁ ଚାଇନା ଜାହାଜରୁ ଲେଜର ନିକ୍ଷେପ

**ବ୍ରିସ୍‌ବେନ୍,୧୯।୨:** ଅଷ୍ଟ୍ରେଲିଆର ଏକ ପାଟ୍ରୋଲ ବିମାନକୁ ଚାଇନା ନୌସେନା ଜାହାଜରୁ ଲେଜର ଛାଡ଼ିଥିବା ଅଭିଯୋଗ ହୋଇଛି। ଫଳରେ ବିମାନ କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଥିବା ଅଷ୍ଟ୍ରେଲିଆ ପ୍ରତିରକ୍ଷା ବିଭାଗ କହିଛି। ଗତ ଗୁରୁବାର ଅଷ୍ଟ୍ରେଲିଆର ଉତ୍ତର ପାର୍ଶ୍ୱରେ ପି-୮ଏ ପୋସେଡନ୍ ବିମାନ ଉଡୁଥିବାବେଳେ ସେଥିରେ ଲେଜରର ଉଜ୍ଜ୍ୱଳ ଆଲୋକ ଦେଖାଯାଇଥିଲା। ଏହି ଲେଜର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଯୁଦ୍ଧଜାହାଜରୁ ଆସିଥିବା ଅଷ୍ଟ୍ରେଲିଆ କହିଛି।

### ୟୁଜିସି ଏନ୍‌ଇଟି ଫଳ ପ୍ରକାଶିତ

**ନୂଆଦିଲ୍ଲୀ,୧୯।୨:** ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଶନିବାର ୟୁନିଭର୍ସିଟି ଗ୍ରାଣ୍ଟସ୍ କମିଶନ (ୟୁଜିସି)-ଏନ୍‌ଇଟି ୨୦୨୧ ଫଳାଫଳ ଘୋଷଣା କରିଛି। ଛାତ୍ରୀଛାତ୍ର ugcnet.nta.nic.in ୱେବ୍‌ସାଇଟରେ ଫଳାଫଳ ଦେଖିପାରିବେ। ଫଳାଫଳର ପୁନଃ ମୂଲ୍ୟାୟନ କିମ୍ବା ପୁନଃ ଯାଞ୍ଚ ହେବନାହିଁ। ତେଣୁ ଛାତ୍ରୀଛାତ୍ର ଏଥିପାଇଁ ଯୋଗାଯୋଗ ନ କରିବାକୁ କମିଶନଙ୍କ ପକ୍ଷରୁ କୁହାଯାଇଛି। ଏନ୍‌ଇଟିର ଉଭୟ ପେପର ପରୀକ୍ଷା ଦେଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୬ ପ୍ରତିଶତ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୟୁଜିସି-ଏନ୍‌ଇଟିର ପେପର-୧ ଏବଂ ପେପର-୨ରେ ପ୍ରାର୍ଥୀଙ୍କ ମୋଟ ପ୍ରଦର୍ଶନ ଆଧାରରେ ଜୁନିୟର ରିସର୍ଚ୍ଚ ଫେଲୋଶିପ୍ (ଜେଆର୍‌ଏଫ୍) ପ୍ରଦାନ କରାଯାଏ ଓ ଆସିଷ୍ଟାଣ୍ଟ ପ୍ରଫେସରଶିପ୍ ପାଇଁ ଯୋଗ୍ୟତା ଚୟନ କରାଯାଇଥାଏ।



ରାଷ୍ଟ୍ରପତି ଭବନ ପରିସରସ୍ଥିତ ମୋଗଲ ଗାର୍ଡେନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ସିଜେଆଇ ଏନ୍. ଭି. ରମନା।

## ମୋଗଲ ଗାର୍ଡେନ ବୁଲିଲେ ସିଜେଆଇ

**ନୂଆଦିଲ୍ଲୀ, ୧୯।୨**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମନା ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିମନ୍ତ୍ରଣ କ୍ରମେ ଶନିବାର ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନ ପରିସରରେ ଥିବା ମୋଗଲ ଗାର୍ଡେନ ଭ୍ରମଣ କରିଛନ୍ତି। ତାଙ୍କ ସହ ରାଷ୍ଟ୍ରପତି କୋବିନ୍ଦ, ଦେଶର ପ୍ରଥମ ମହିଳା ସବିତା କୋବିନ୍ଦ ଏବଂ ସୁପ୍ରିମକୋର୍ଟର ଅନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସିଜେଆଇ ରମନା ରାଷ୍ଟ୍ରପତିଙ୍କୁ ବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲେ।

## ବରିଷ୍ଠ ଖବରଦାତା ରବୀଶ ତିୱାରୀଙ୍କ ପରଲୋକ

**ନୂଆଦିଲ୍ଲୀ, ୧୯।୨**



ବରିଷ୍ଠ ଖବରଦାତା ତଥା ଇଣ୍ଡିଆନ୍ ଏକ୍ସପ୍ରେସର ନ୍ୟାଶନାଲ ବ୍ୟୁରୋ ଚିଫ୍ ରବିଶ କୁମାର ତିୱାରୀଙ୍କ ଶନିବାର ପରଲୋକ ହୋଇଛି। ତାଙ୍କୁ ୪୦ ବର୍ଷ ହୋଇଥିଲା। ସେ ଦୁଇ ବର୍ଷ ହେଲା କ୍ୟାନ୍ସରରେ ପୀଡ଼ିତ ଥିଲେ। ଶୁକ୍ରବାର ଅପରାହ୍ନରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଗୁରୁଗ୍ରାମର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସକାଳୁ ତାଙ୍କ ଦେହାନ୍ତ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି।

ରବିଶ ତିୱାରୀଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଜୟରାମ ରମେଶଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ରବିଶଙ୍କ ଆକସ୍ମିକ ମୃତ୍ୟ ନ୍ୟୁଜ୍ ମିଡିଆ ଜଗତରେ ଏକ ଜଣାଶୁଣା ସ୍ୱର ନୀରବ ହୋଇଯାଇଛି ବୋଲି ରାଷ୍ଟ୍ରପତି କହିଛନ୍ତି। ଖୁବଶୀଘ୍ର ରବିଶ ଆମକୁ ଛାଡ଼ି ଚାଲିଯାଇଛନ୍ତି। ତାଙ୍କ ଦେହାନ୍ତ ମିଡିଆରେ ଏକ ଉଜ୍ଜ୍ୱଳ କ୍ୟାରିୟର ଶେଷ ହୋଇଛି। ସେ ଜଣେ ଭଦ୍ର ଓ ନମ୍ର ବ୍ୟକ୍ତିତ୍ୱ ଥିଲେ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ରବିଶଙ୍କ ସ୍ତ୍ରୀଙ୍କ ସହ କଥା ହୋଇ ସମବେଦନା ଜଣାଇଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଗୁରୁଗ୍ରାମ ସ୍ଥିତ ତାଙ୍କ ପରିବାରକୁ ଭେଟିଛନ୍ତି।

# ଯୁଦ୍ଧ ପାଇଁ ବିଦ୍ରୋହୀ ପ୍ରସ୍ତୁତ



ବିଚ୍ଛିନ୍ନତାବାଦୀମାନେ ୟୁକ୍ରେନ୍ ସୀମାନ୍ତ ଲୁହାନ୍‌ସ୍କରୁ ଶିଶୁଙ୍କୁ ବସ୍ ଯୋଗେ ରୁଷିଆ ପଠାଉଛନ୍ତି।

**କ୍ୱିଭ୍/ମସ୍କୋ, ୧୯।୨**

ୟୁକ୍ରେନ ଉପରେ ଆକ୍ରମଣ ସଙ୍କଟ ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି। ଏଥିପାଇଁ ରୁଷିଆ ସୈନ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବାବେଳେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ କେବଳ ବାହାନାକୁ ଅପେକ୍ଷା କରିଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି। ସୀମାରେ ମସ୍କୋ ସୈନ୍ୟ ସହ ରୁଷିଆ ସମର୍ଥିତ ବିଚ୍ଛିନ୍ନତାବାଦୀ ୟୁକ୍ରେନ ପାଇଁ ସମସ୍ୟା ବଢ଼ାଇଛନ୍ତି। ପୂର୍ବ ୟୁକ୍ରେନର ଡୋନେଟସ୍କ ଅଞ୍ଚଳରେ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଡୋନେଟସ୍କ ପିପୁଲ୍ସ ରିପବ୍ଲିକର ଲିଡର ଡେନିସ୍ ପୁଶିଲିନ୍ ଶନିବାର ସେଠାରେ ପୂର୍ଣ୍ଣ ସାମରିକ ସ୍ଥିତି ଘୋଷଣା କରିବା ସହ ରିଜର୍ଭ ଫୋର୍ସ ସଦସ୍ୟଙ୍କୁ ସୈନ୍ୟ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ଏକ ଭିଡିଓ ଜାରି କରିଛନ୍ତି। ୟୁରୋପରେ ନିରାପତ୍ତା ଏବଂ ସହଯୋଗ

- ପୂର୍ବ ୟୁକ୍ରେନରେ ଆତଙ୍କ
- ରୁଷିଆ ମୁହାଁ ଡୋନେଟସ୍କ, ଲୁହାନ୍‌ସ୍କବାସୀ
- ପ୍ରବାସୀଙ୍କ ରହିବା ବ୍ୟବସ୍ଥା କରିଛି ମସ୍କୋ
- ସୀମା ସଂଲଗ୍ନ ଅଞ୍ଚଳରେ ଏମର୍ଜେନ୍ସି

ପାଇଁ ସଙ୍ଗଠନ (ଓଏସ୍‌ସିଇ) ବିଦ୍ରୋହୀ ଗୋଷ୍ଠୀ ୟୁକ୍ରେନ ସୈନ୍ୟଙ୍କ ଉପରେ ଆକ୍ରମଣ ଆଶଙ୍କା ପ୍ରକାଶ କରିବା ପରେ ସେଠାରେ ଉତ୍ତେଜନା ବୃଦ୍ଧି ପାଇଛି। ସ୍ଥିତି ବିପଜ୍ଜନକ ତଥା ସଙ୍କଟପୂର୍ଣ୍ଣ ଥିବା କହି ପୂର୍ବ ୟୁକ୍ରେନରେ ବାସ କରୁଥିବା ବିଚ୍ଛିନ୍ନତାବାଦୀ ନାଗରିକଙ୍କୁ ସେଠାରୁ ରୁଷିଆ ପଠାଯାଉଛି।

ପ୍ରାଥମିକ ପର୍ଯ୍ୟାୟରେ ହଜାର ହଜାର ସଂଖ୍ୟାରେ ମହିଳା, ଶିଶୁ ଓ ବୟସ୍କ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି। ବିଚ୍ଛିନ୍ନତାବାଦୀ ସଙ୍ଗଠନପକ୍ଷରୁ ଘୋଷଣାର ମାତ୍ର କିଛି ସମୟ ପରେ ଡୋନେଟସ୍କ ପଏଣ୍ଟରେ ବସ୍ ପାଇଁ ଅସମ୍ଭାଳ ଭିଡ଼ ଲାଗିଛି। ଲୋକେ ସେମାନଙ୍କ ପରିବାର ସହ ଅତ୍ୟାବଶ୍ୟକ ସାମଗ୍ରୀ ଧରି ରୁଷିଆ ମୁହାଁ ହୋଇଛନ୍ତି। ଅଧିକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରାୟ ୭ ଲକ୍ଷ ଲୋକ ସେଠାରୁ ସ୍ଥାନାନ୍ତର ହୋଇପାରନ୍ତି। ଏତେ ସଂଖ୍ୟାରେ ଲୋକଙ୍କ ରୁଷିଆରେ ପ୍ରବେଶକୁ ଦୃଷ୍ଟିରେ ରଖି ସେମାନଙ୍କ ରହିବା ଏବଂ ଖାଇବା ବ୍ୟବସ୍ଥା କରାଇବା ନିମନ୍ତେ ପୁଟିନ ନିର୍ଦ୍ଦେଶ ଦେଇଛନ୍ତି। ଦକ୍ଷିଣ ରୁଷିଆରେ ପହଞ୍ଚିବା ମାତ୍ରେ ସୁବିଧା ଯୋଗାଇଦେବାକୁ କ୍ରେମଲିନ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ପୂର୍ବ ୟୁକ୍ରେନରୁ ବହୁ ସଂଖ୍ୟାରେ ଲୋକ ରୁଷିଆରେ ପ୍ରବେଶକୁ ଦୃଷ୍ଟିରେ ରଖି ଏହାର ସୀମା ନିକଟ ଅଞ୍ଚଳଗୁଡ଼ିରେ ଜରୁରିକାଳୀନ ସ୍ଥିତି ଜାରି ହୋଇଛି। ଦକ୍ଷିଣ ରୁଷିଆର ରୋସ୍ତଭ୍ ସହରର ଗଭର୍ନର ଭାସିଲି ଗୋଲୁବେଭ୍ ଏମର୍ଜେନ୍ସି ଜାରି କରିଛନ୍ତି। ୟୁକ୍ରେନରୁ ଆସୁଥିବା ଶରଣାର୍ଥୀଙ୍କ ପରିବହନ ନିମନ୍ତେ ରୁଷିଆ ୪୦୦ କର୍ମଚାରୀ ଏବଂ ୧୫୦ ଯାନବାହନ ନିୟୋଜିତ କରିଛି। ଶନିବାର ସକାଳ ସୁଦ୍ଧା ପ୍ରାୟ ୭୦୦୦ ଶରଣାର୍ଥୀ ରୁଷିଆରେ ପହଞ୍ଚିଛନ୍ତି। ୟୁକ୍ରେନ ସୈନ୍ୟ ଉଭୟ ଡୋନେଟସ୍କ ଏବଂ ଲୁହାନ୍‌ସ୍କ ଉପରେ ଆକ୍ରମଣ କରିପାରନ୍ତି ବୋଲି ପିପୁଲ୍ସ ରିପବ୍ଲିକ ଆଶଙ୍କା ବ୍ୟକ୍ତ କରିଛି। ତେବେ ପୂର୍ବ ୟୁକ୍ରେନର ସୀମା ସଂଲଗ୍ନ ଅଞ୍ଚଳରେ ଆକ୍ରମଣ କରିବାର କୌଣସି ଯୋଜନା ନ ଥିବା କ୍ୱିଭ୍ ପକ୍ଷରୁ କୁହାଯାଇଛି।

### ଫଲ୍‌ସ ଫ୍ଲାଗ୍ ରଣନୀତି

**ମସ୍କୋ:** ୟୁକ୍ରେନ ଉପରେ ଆକ୍ରମଣ ପୂର୍ବରୁ ରୁଷିଆ ଫଲ୍‌ସ ଫ୍ଲାଗ୍ ରଣନୀତି ଆପଣାଇଥିବା କୁହାଯାଉଛି। ଏହାର ଅର୍ଥ କୌଣସି ଦେଶ ଅନ୍ୟ ଦେଶରେ ଆକ୍ରମଣ କରିବା ଏବଂ ଏହାର ଦୋଷ ଆକ୍ରମଣର ଶିକାର ହୋଇଥିବା ଦେଶ ଉପରେ ଲଦିବା। ଶୁକ୍ରବାର ରାତିରେ ରୁଷିଆ ସୀମାକୁ ଲାଗିଥିବା ୟୁକ୍ରେନର ଦୁଇଟି ସହରରେ ବିସ୍ଫୋରଣ ଘଟିଛି। ଏକ କାର୍ ବୋମା ବିସ୍ଫୋରଣରେ ନଷ୍ଟ ହେବା ପରେ ରୁଷିଆ ଏଥିପାଇଁ ୟୁକ୍ରେନକୁ ଦାୟୀ କରିଛି। ବିଚ୍ଛିନ୍ନତା ଅଞ୍ଚଳରେ ରହୁଥିବା ନାଗରିକ ତଥା ବିଦ୍ରୋହୀ ଗୋଷ୍ଠୀଙ୍କୁ ୟୁକ୍ରେନ ସେନା ଟାର୍ଗେଟ କରିଥିବା ରୁଷିଆ ବିଶ୍ୱକୁ ଦେଖାଇ ଏହି ବାହାନରେ ୟୁକ୍ରେନକୁ ଆକ୍ରମଣ କରିପାରେ ବୋଲି କୁହାଯାଉଛି। ଏ ନେଇ ପୂର୍ବରୁ ମଧ ପାଶ୍ଚାତ୍ୟ ଦେଶ ଆଶଙ୍କା କରିଥିଲେ। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରୁଷିଆର ସମ୍ଭାବ୍ୟ ଆକ୍ରମଣକୁ ନେଇ ପୁଣି ସତର୍କ କରାଇଛନ୍ତି। ମସ୍କୋ ପ୍ରଥମେ ୟୁକ୍ରେନ ରାଜଧାନୀ କ୍ୱିଭ୍‌କୁ ଟାର୍ଗେଟ କରିପାରେ ବୋଲି ସେ କହିଛନ୍ତି। ୟୁକ୍ରେନକୁ ଆକ୍ରମଣ କଲେ ରୁଷିଆର ପ୍ରମୁଖ ଆର୍ଥିକ ସଙ୍ଗଠନ ଏବଂ ଇଣ୍ଡଷ୍ଟ୍ରିକୁ ଟାର୍ଗେଟ କରାଯାଇ କଡ଼ା କଟକଣା ଲଗାଯିବ ବୋଲି ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍ କହିଛନ୍ତି।

### ଘନ ଘନ ବିସ୍ଫୋରଣ, ସୈନ୍ୟ ନିହତ

**କ୍ୱିଭ୍:** ପୂର୍ବ ୟୁକ୍ରେନରେ ରୁଷିଆ ସୀମାକୁ ଲାଗି ଥିବା ଦୁଇଟି ଅଞ୍ଚଳରେ ବିଦ୍ରୋହୀ ଗୋଷ୍ଠୀ କ୍ୱିଭ୍ ସେନାକୁ ଟାର୍ଗେଟ କରି ଲୁହାନ୍‌ସ୍କରେ ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ଶନିବାର ଜଣେ ୟୁକ୍ରେନ ସୈନ୍ୟ ନିହତ ହୋଇଛନ୍ତି। ୟୁକ୍ରେନ-ରୁଷିଆ ସଦ୍ୟ ଉତ୍ତେଜନା ମଧ୍ୟରେ ପ୍ରଥମ କରି ଜଣେ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ବିଳମ୍ବିତ ରାତିରେ ଲୁହାନ୍‌ସ୍କ ନିକଟରେ ଥିବା ଏକ ଗ୍ୟାସ୍ ପାଇପ୍‌ଲାଇନ ବିସ୍ଫୋରଣରେ ଫାଟିଯାଇଛି। ଏହାର ପ୍ରାୟ ୪୦ ମିନିଟ୍ ପରେ ଆଉ ଏକ ବିସ୍ଫୋରଣ ଘଟିଥିଲା। ବିଦ୍ରୋହୀ ୮୨ ଏବଂ ୧୨୦ ମିଲିମିଟର-କାଲିବର୍ ମୋର୍ଟାର ବ୍ୟବହାର କରିଥିବା ୟୁକ୍ରେନ ସେନା କହିଛି। ଅସ୍ତ୍ରବିରତି ଚୁକ୍ତିରେ ଏହାର ବ୍ୟବହାରକୁ ମନା କରାଯାଇଥିବାବେଳେ ବିଦ୍ରୋହୀ ଏହି ଡିଲ୍‌ର ଉଲ୍ଲଂଘନ କରିଛନ୍ତି। ସାଧାରଣ ଲୋକ ଏବଂ ଘରକୁ ମଧ ଟାର୍ଗେଟ କରାଯାଉଛି। ରୁଷିଆ ସେମାନଙ୍କୁ ସମର୍ଥନ କରି ଆକ୍ରମଣ ପାଇଁ ସହଯୋଗ କରୁଥିବା ୟୁକ୍ରେନ କହିଛି। ଗୁରୁବାର ଶହେରୁ ଊର୍ଦ୍ଧ୍ୱ ଏବଂ ଶୁକ୍ରବାର ପ୍ରାୟ ୬୦୦ ବିସ୍ଫୋରଣ ଘଟିଛି। ଟ୍ୟାଙ୍କଗୁଡ଼ିକରୁ ଅନ୍ୟୂନ ୪ ରାଉଣ୍ଡ ବୋମା ଛଡ଼ାଯାଇଥିବା ୟୁକ୍ରେନ ପକ୍ଷରୁ କୁହାଯାଇଛି। ଏପରି ସ୍ଥିତିରେ ଲୋକେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି।



ମ୍ୟୁନିକ୍ ସମ୍ମିଳନୀରେ ଶନିବାର ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ସହ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଆଲୋଚନା କରୁଛନ୍ତି।

## ୧୦୦ କିଷାନ ଡ୍ରୋନ୍‌ର ଶୁଭାରମ୍ଭ କଲେ ମୋଦି

**ନୂଆଦିଲ୍ଲୀ,୧୯।୨**

କୃଷକମାନଙ୍କୁ ସହାୟତା ଲକ୍ଷ୍ୟରେ ଏକ ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦେଶର ବିଭିନ୍ନ ଭାଗରେ ୧୦୦ କିଷାନ ଡ୍ରୋନ୍‌ର ଶୁଭାରମ୍ଭ କରିଛନ୍ତି। ଏହି ଡ୍ରୋନ୍‌ଗୁଡ଼ିକ ଚାଷୀଙ୍କୁ କୃଷିକ୍ଷେତ୍ରରେ କୀଟନାଶକ ସିଞ୍ଚନ ଓ କୃଷି ଉତ୍ପାଦନକୁ ବଜାରକୁ ପରିବହନ କରିବାରେ ସହାୟକ ହେବ। ମାନେସରରୁ ଭର୍ଚୁଆଲ କାର୍ଯ୍ୟକ୍ରମରେ ଯୋଗଦେଇ ମୋଦି କହିଥିଲେ, ଡ୍ରୋନ୍ ସେକ୍ଟରର ସାମର୍ଥ୍ୟ ବୃଦ୍ଧି ବିଶ୍ୱକୁ ଏକ ନୂଆ ନେତୃତ୍ୱ ଦେବ। ବିଟିଂ ରିଟ୍ରିଟ୍ କାର୍ଯ୍ୟକ୍ରମରେ ୧୦୦୦ ଡ୍ରୋନ୍ ପ୍ରଦର୍ଶନ କରାଯାଇଥିଲା। ଜମିଜମା ସର୍ଭେ ଓ ରେକର୍ଡ ପ୍ରସ୍ତୁତି ଲାଗି ସ୍ୱାମିତ୍ୱ ଯୋଜନା କାର୍ଯ୍ୟକାରୀ ହୋଇଛି, ଯେଉଁଥିରେ ଡ୍ରୋନ୍‌ର ବ୍ୟବହାର କରାଯାଉଛି। ସେହିପରି ଅଗମ୍ୟ ଅଞ୍ଚଳକୁ ଔଷଧ ଓ ଟିକା ଯୋଗାଇବାରେ ଡ୍ରୋନ୍ ସହାୟକ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଡ୍ରୋନ୍ ସହାୟତାରେ କୃଷିକ୍ଷେତ୍ରରେ ସାର ପ୍ରୟୋଗ କରାଯାଉଛି। କିଷାନ ଡ୍ରୋନ୍ ନୂଆ ଯୁଗର ବିପ୍ଲବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ମାଡ଼ରେ ସାବାଡ଼ ହେବେ ଜିଦ୍‌ଖୋର ସ୍ତ୍ରୀ



### ଚର୍ଚ୍ଚାରେ ମାଲେସିଆ ମନ୍ତ୍ରୀଙ୍କ ମନ୍ତବ୍ୟ

**କୁଆଲାଲମ୍ପୁର,୧୯।୨:** ହାଲୁକା ବା ଧୀର ମାଡ଼ ମାରି ଜିଦ୍‌ଖୋର ସ୍ତ୍ରୀମାନଙ୍କୁ ସାବାଡ଼ କରିହେବ ବୋଲି ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରି କହିଛନ୍ତି ମାଲେସିଆ ମହିଳା ପରିବାର କଲ୍ୟାଣ ଉପମନ୍ତ୍ରୀ ସିତି ଜାଇଲାହ ମୋହଦ ୟୁସୋଫ। ମନ୍ତ୍ରୀଙ୍କ ମନ୍ତବ୍ୟ ସୋସିଆଲ ମିଡିଆ ୟୁଜରମାନଙ୍କୁ ପସନ୍ଦ ଆସି ନ ଥିବାବେଳେ କିଛି ମହିଳା ସଂଗଠନ ଏହାକୁ ଘରୋଇ ହିଂସାର ଆଖ୍ୟା ଦେଇଛନ୍ତି। ୟୁସୋଫ ଏକ ଭିଡିଓ ଶେୟାର କରି କହିଥିଲେ, ଜିଦ୍‌ଖୋର ସ୍ତ୍ରୀମାନଙ୍କୁ ସାବାଡ କରିବାର ଉପାୟ। ଏ ପ୍ରବୃତ୍ତିର ମହିଳାମାନେ ରାଗିଗଲେ ସାଧାରଣ ଭାବେ ସ୍ୱାମୀଙ୍କଠାରୁ ଅଲଗାଯାଇ ଶୁଅନ୍ତି।

## ଦାଉଦ୍‌ଙ୍କ ଟାର୍ଗେଟରେ ଭାରତୀୟ ନେତା

**ନୂଆଦିଲ୍ଲୀ/ମୁମ୍ବାଇ,୧୯।୨**

### ଏନ୍‌ଆଇଏ ପ୍ରଘଟ



ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌ଙ୍କ ଟାର୍ଗେଟରେ ଭାରତ ରହିଛି। ଭାରତୀୟ ରାଜନେତା ଓ ବିଶିଷ୍ଟ ବ୍ୟବସାୟୀମାନଙ୍କୁ ବିସ୍ଫୋରଣରେ ହତ୍ୟା କରିବା ଲାଗି ଦାଉଦ୍ ଏକ ସ୍ୱତନ୍ତ୍ର ୟୁନିଟ୍ ଗଠନ କରିଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ପଞ୍ଜୀକୃତ ଏକ ଏଫ୍‌ଆଇଆର୍‌ରୁ ଏହି ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ ହୋଇଛି।

ଏନ୍‌ଆଇଏ ତଦନ୍ତରୁ ଜାଣିବାକୁ ପାଇଛି ଯେ, ମୋଷ୍ଟ ୱାଣ୍ଟେଡ୍ ପଳାତକ ଦାଉଦ୍ ଇବ୍ରାହିମ୍ ଦେଶର ବିଶିଷ୍ଟ ନେତା ଓ ବ୍ୟବସାୟୀଙ୍କୁ ଟାର୍ଗେଟ କରିବା ଲାଗି ଏକ ସ୍ପେଶାଲ ୟୁନିଟ୍ ଗଢ଼ିଛନ୍ତି। ଦେଶର ବିଭିନ୍ନ ଭାଗରେ ବିସ୍ଫୋରଣ ଘଟାଇ ହିଂସା ଉସୁକାଇବା ଏବଂ ନେତା ଓ ବ୍ୟବସାୟୀଙ୍କୁ ହତ୍ୟା କରାଇବା ହେଉଛି ଏହି ୟୁନିଟ୍‌ର ଲକ୍ଷ୍ୟ। ଏଥିସହ ଜାତୀୟ ରାଜଧାନୀ ଦିଲ୍ଲୀ ଓ ଆର୍ଥିକ ରାଜଧାନୀ ମୁମ୍ବାଇରେ ରହୁଥିବା ବରିଷ୍ଠ ନେତାମାନଙ୍କ ଉପରେ ଦାଉଦ୍‌ଙ୍କ ଫୋକସ୍ ରହିଥିବା ଏନ୍‌ଆଇଏ କହିଛି। ଏପରି କି ଡି କମ୍ପାନୀର ହିଟ୍ ଲିଷ୍ଟ ମଧ ତଦନ୍ତକାରୀ ସଂସ୍ଥା ହାତରେ ଲାଗିଛି। ଦାଉଦ୍ ଓ ତାଙ୍କ ସହଯୋଗୀମାନଙ୍କ ବିରୋଧରେ ଏକ ମନି ଲଣ୍ଡରିଂ ମାମଲା ରୁଜୁ ହୋଇଛି। ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଦାଉଦ୍‌ଙ୍କ ଭାଇ ଇକ୍‌ବାଲ କାସ୍କରଙ୍କୁ ଠାଣେ ଜେଲରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ ନେଇଛି। ମଙ୍ଗଳବାର ଇଡି ଦାଉଦ୍‌ଙ୍କ ସମ୍ପର୍କିତ କେତେକ ସ୍ଥାନରେ ଚଢ଼ାଉ କରିଥିଲା। ଦାଉଦ୍‌ଙ୍କ ଭଉଣୀ ହସିନା ପାର୍କରଙ୍କ ପୁଅ ଏବଂ ଗ୍ୟାଙ୍ଗଷ୍ଟର ଛୋଟା ସକିଲଙ୍କ ଭିଣୋଇ ସଲିମ କୁରେଶୀ ଓରଫ୍ ସଲିମ ଫ୍ରୁଟ୍‌ଙ୍କ ଘର ସମେତ ୧୦ ସ୍ଥାନରେ ଖାନତଲାସ କରାଯାଇଥିଲା। ଏହି ମାମଲାରେ ସଲିମ ଫ୍ରୁଟ୍‌ଙ୍କୁ ଇଡି କାର୍ଯ୍ୟାଳୟରେ ଅଟକ ରଖି ଦୀର୍ଘ ସମୟ ଧରି ଜେରା କରାଯାଇଥିଲା। ଦାଉଦ୍‌ଙ୍କ ସ୍ପେଶାଲ ୟୁନିଟ୍‌କୁ ସଲିମ ଫ୍ରୁଟ୍ ପରିଚାଳନା କରୁଥିବା ଇଡି ସନ୍ଦେହ କରୁଛି।

## ୟୁନିସ୍ ତାଣ୍ଡବ: ୧୩ ମୃତ

**ଲଣ୍ଡନ,୧୯।୨:** ସାମୁଦ୍ରିକ ଝଡ଼ ୟୁନିସ୍ ତାଣ୍ଡବରେ ବ୍ରିଟେନ ରାଜଧାନୀ ଲଣ୍ଡନରେ ୧୩ଜଣଙ୍କ ପ୍ରାଣହାନି ଘଟିଛି। ୟୁନିସ୍ ପଶ୍ଚିମ ୟୁରୋପରେ ଲ୍ୟାଣ୍ଡଫଲ୍ କରିଥିବାବେଳେ ଇଂଲଣ୍ଡରେ ୧ ଲକ୍ଷ ୪୦ ହଜାର ଘର କ୍ଷତିଗ୍ରସ୍ତ ହୋଇଛି। ଆୟର୍ଲାଣ୍ଡରେ ୮୦ ହଜାର ସମ୍ପତ୍ତି ନଷ୍ଟ ହୋଇଛି। ୨ ଲକ୍ଷରୁ ଅଧିକ ଘରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଛି।



## ସଂକ୍ଷେପରେ

### ଟେକ୍ ମହିନ୍ଦ୍ରାର ସିଏସ୍ଆର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯।୨: ଦେଶର ପ୍ରମୁଖ ଆଇଟି ଶିଳ୍ପ ଟେକ୍ ମହିନ୍ଦ୍ରା ଲିମିଟେଡ୍ ପକ୍ଷରୁ ଶିକ୍ଷାଭିତ୍ତିକ ଏକ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି। ଏହା କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ କମ୍ପାନୀର ସ୍ୱୀକୃତିପ୍ରାପ୍ତ ସଂସ୍ଥା ମହିନ୍ଦ୍ରା ଫାଉଣ୍ଡେଶନ ଜରିଆରେ ଆୟୋଜନ କରାଯାଉଛି। ଦେଶର ଅଣନିୟୋଜିତ ବା ବେରୋଜଗାର ଲୋକମାନଙ୍କୁ କ୍ଲାଉଡ୍ କମ୍ପ୍ୟୁଟିଂ ଟେକ୍ନୋଲୋଜି ମାଧ୍ୟମରେ ଏକ ଦକ୍ଷତା ବିକାଶ ଭଳି କ୍ୟାରିୟର ଆରମ୍ଭ ପାଇଁ ଏଆଇଏସ୍‌ପିଏଲ୍ ସହ ସହଭାଗିତା ସ୍ଥାପନ କରିଛି। ଏ ସମ୍ପର୍କରେ ଟେକ୍ ମହିନ୍ଦ୍ରା ଫାଉଣ୍ଡେଶନର ସିଇଓ ରାକେଶ ସୋନି କହିଛନ୍ତି, କ୍ଲାଉଡ୍ କମ୍ପ୍ୟୁଟିଂ ହେଉଛି ଏକ ଏକବିଂଶ ଶତାବ୍ଦୀର ଟେକ୍ନୋଲୋଜିକାଲ ଉଦ୍ଭାବନ ଯାହା ଡିଜିଟାଲ ରୂପାନ୍ତରଣକୁ ସକ୍ଷମ କରୁଛି।

### ଟାଟା ପ୍ଲେ ନେଟ୍‌ଫ୍ଲିକ୍ସ କମ୍ବୋରେ ଆକର୍ଷଣୀୟ ଅଫର

ଭୁବନେଶ୍ୱର,୧୯।୨: ବର୍ତ୍ତମାନ ଟାଟା ପ୍ଲେ ଡିଟିଏଚ୍ ସବ୍‌ସ୍କ୍ରାଇବରମାନଙ୍କ ପାଖରେ ୯୦ଟି ଆକର୍ଷଣୀୟ ବଣ୍ଡଲ ଜରିଆରେ ନେଟ୍‌ଫ୍ଲିକ୍ସ ପାଇଁ ଆକ୍‌ସେସ୍ ରହିଛି। ଏଥିରେ ପ୍ରମୁଖ ଚ୍ୟାନେଲ ଓ ବିଞ୍ଜ୍ କମ୍ବୋ ପ୍ୟାକ୍‌ଗୁଡିକ ସାମିଲ ରହିଛି। ଭାରତର ସିରିଜ୍, ଫିଲ୍ମ ଓ ଡକ୍ୟୁମେଣ୍ଟାରି ଏବଂ ବିଶ୍ୱରୁ ମନି ହାଇଷ୍ଟ, ସ୍କ୍ୱିଡ୍ ଗେମ୍, ଷ୍ଟ୍ରେଞ୍ଜର ଥିଙ୍ଗସ, ମିନାଲମୁରଲୀ, ଧମାକା, ଅରଣ୍ୟକ ଓ ରେଡ୍ ନୋଟିସ ସମେତ ବିବିଧ ନେଟ୍‌ଫ୍ଲିକ୍ସ ଲାଇବ୍ରେରିକୁ ଆକ୍‌ସେସ୍ କରିବା ପାଇଁ ଟାଟା ପ୍ଲେ ନେଟ୍‌ଫ୍ଲିକ୍ସ କମ୍ବୋ ପ୍ୟାକ୍‌ଗୁଡିକ ସହ ଖୁବ୍ ସହଜରେ ନେଟ୍‌ଫ୍ଲିକ୍ସର ବେସିକ୍, ଷ୍ଟାଣ୍ଡାର୍ଡ ଓ ପ୍ରିମିୟମ ପ୍ଲାନ୍‌ଗୁଡିକ ମଧ୍ୟରୁ ଚୟନ କରନ୍ତୁ। ସବ୍‌ସ୍କ୍ରାଇବରମାନେ ବାଧାହୀନ ଭାବେ ଟାଟା ପ୍ଲେର ୱାଲେଟ୍ ମାଧ୍ୟମରେ ବିଲ୍ ପୈଠ କରିବାକୁ ସକ୍ଷମ ହେବେ। ନେଟ୍‌ଫ୍ଲିକ୍ସ କମ୍ବୋ ପ୍ୟାକ୍‌ଗୁଡିକ ପାଇଁ ସବ୍‌ସ୍କ୍ରାଇବ୍ କରିଥିବା ସମସ୍ତ ଉପଭୋକ୍ତା ଟାଟା ପ୍ଲେ ବିଞ୍ଜ୍+ ସ୍ମାର୍ଟ ସେଟ୍ ଟପ୍ ବକ୍ସ ମାଧ୍ୟମରେ ପ୍ରଦାନ କରୁଛି।

# ସେମିକଣ୍ଡକ୍ଟର ଚିପ୍ ପାଇଁ ୧.୫୩ ଲକ୍ଷ କୋଟିର ପ୍ରସ୍ତାବ

ନୂଆଦିଲ୍ଲୀ,୧୯।୨

ଗତ କିଛି ମାସ ହେବ ସାରା ଦେଶରେ ଗୋଟିଏ ବିଷୟକୁ ନେଇ ବ୍ୟାପକ ଚର୍ଚ୍ଚା ଚାଲିଛି। ଫଳରେ ଦେଶରେ ଅଟୋଶିଳ୍ପଗୁଡ଼ିକ ମଧ୍ୟ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। କ୍ରମାଗତ ଭାବେ ଉଭୟ ଯାତ୍ରୀବାହୀ ଓ ମାଲ୍ ପରିବହନ ଯାନର ଚାହିଦା ଥିଲେ ମଧ୍ୟ ଉତ୍ପାଦନ କାରଣରୁ ବିକ୍ରି ଓ ରପ୍ତାନି ହ୍ରାସ ଘଟୁଛି। ଏହାର ଆବଶ୍ୟକତାକୁ ଗୁରୁତ୍ୱର ସହ ନେଇ କିଛି କମ୍ପାନୀ ଏପରିକି ସରକାର ମଧ୍ୟ ଚିପ୍ ଉତ୍ପାଦନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସେହିଭଳି ଇଲେକ୍ଟ୍ରୋନିକ୍ସ ଚିପ୍ ଏବଂ ଡିସ୍‌ପ୍ଲେ ମାନ୍ୟୁଫ୍ୟାକ୍‌ଚରିଂ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ନିକଟରେ ୫ଟି କମ୍ପାନୀ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏପରିକି ଏଥିପାଇଁ ସେମାନେ ୧.୫୩ ଲକ୍ଷ କୋଟି ଟଙ୍କାର ନିବେଶ ଲକ୍ଷ୍ୟ ମଧ୍ୟ ରଖିଥିବା ଶନିବାର ସରକାରଙ୍କୁ ଅବଗତ କରାଇଛନ୍ତି। ବିଶେଷ କରି ଚଳିତ ବଜେଟରେ ଏହି କ୍ଷେତ୍ର ପାଇଁ ସରକାର ମଧ୍ୟ ବ୍ୟାପକ ଯୋଜନା କରିଛନ୍ତି। ଏ ସମ୍ପର୍କରେ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟର କହିବା ଅନୁସାରେ ବେଦାନ୍ତ ଫକ୍ସକୋନ୍ ଜେଭି, ଆଇଜିଏସ୍ଏସ୍ ଭେଞ୍ଚର ଏବଂ ଆଇଏସ୍ଏମ୍‌ସି ୧୩.୬ ବିଲିୟନ ଡଲାର ନିବେଶ ସହ ଇଲେକ୍ଟ୍ରୋନିକ୍ସ ଚିପ୍ ନିର୍ମାଣ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହାସହ ୭୬ ହଜାର କୋଟି ଟଙ୍କାର ସେମିକନ୍ ଇଣ୍ଡିଆ ପ୍ରୋଗ୍ରାମ ଅନ୍ତର୍ଗତ କେନ୍ଦ୍ର ସରକାରଙ୍କଠାରୁ ୫.୬ ବିଲିୟନ ଡଲାର ଆର୍ଥିକ ସହାୟତା ପାଇଁ ମଧ୍ୟ ଅନୁରୋଧ କରିଛନ୍ତି। ସେହିପରି ବେଦାନ୍ତ ଏବଂ ଏଲେଷ୍ଟ ୬.୭ ବିଲିୟନ ଡଲାର ନିବେଶ ସହ ଡିସ୍‌ପ୍ଲେ ନିର୍ମାଣ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରଖିଛନ୍ତି। ଏହାସହ ଭାରତରେ ଡିସ୍‌ପ୍ଲେ ଫ୍ୟାବ୍ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ରଠାରୁ ୨.୭ ବିଲିୟନ ଡଲାର ସହାୟତା ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ଏସ୍‌ପିଇଏଲ୍ ସେମିକଣ୍ଡକ୍ଟର, ଏଚ୍‌ସିଏଲ୍, ସିର୍ମା ଟେକ୍ନୋଲଜି ଏବଂ ଭାଲେନକାନି ଇଲେକ୍ଟ୍ରୋନିକ୍ସ ସେମିକଣ୍ଡକ୍ଟର ପ୍ୟାକେଜିଂ ପାଇଁ ପଞ୍ଜୀକରଣ କରିଛି। ରୁଟୋନ୍‌ଶା ଇଣ୍ଟରନ୍ୟାଶନାଲ ରେକ୍ଟିଫାୟର କମ୍ପାଉଣ୍ଡ ସେମିକଣ୍ଡକ୍ଟର୍ସ ପାଇଁ ପଞ୍ଜୀକରଣ କରିଛି। ଏହାବାଦ ୩ କମ୍ପାନୀ ଟର୍ମିନସ ସର୍କିଟ୍ସ, ଟ୍ରିସ୍ପେସ ଟେକ୍ନୋଲଜି ଏବଂ କ୍ୟୁରି ମାଇକ୍ରୋଇଲେକ୍ଟ୍ରୋନିକ୍ସ ଡିଜାଇନ ଲିଙ୍କ୍‌ଡ ଇନ୍‌ସେଟିଭ ଯୋଜନାରେ ଆବେଦନ କରିଥିବା ସୂଚନା ମିଳିଛି।

**ସରକାରଙ୍କ ନିକଟରେ ୫ କମ୍ପାନୀର ଆବେଦନ**



# ଭାରତରେ ରେନୋ ଟ୍ରାଇବରର ୧ ଲକ୍ଷ ୟୁନିଟ୍ ବିକ୍ରି

**ଟ୍ରାଇବର ଲିମିଟେଡ୍ ଏଡିଶନର ଶୁଭାରମ୍ଭ**

ନୂଆଦିଲ୍ଲୀ,୧୯।୨




ୟୁରୋପଭିତ୍ତିକ ଅଗ୍ରଣୀ କାର୍ ନିର୍ମାତା ରେନୋ ଭାରତରେ ତା'ର ଟ୍ରାଇବର ମଡେଲର ୧ ଲକ୍ଷ ୟୁନିଟ ଯାନ ବିକ୍ରି ଲକ୍ଷ୍ୟକୁ ସଫଳତାର ସହ ପୂରଣ କରିଥିବା କମ୍ପାନୀ ପକ୍ଷରୁ ନିକଟରେ ଘୋଷଣା କରାଯାଇଛି । କମ୍ପାନୀ ବିଶେଷକରି ଏହାର ଉତ୍ପାଦନରେ ଅଭିନବତା ଆଣିବା ସହ ବଜାରରେ ନିରନ୍ତର ଯୋଗଦାନ ଜାରି ରଖିଛି। ଏହି କାର୍ଯ୍ୟକ୍ରମ ଅଧୀନରେ ରେନୋ ଇଣ୍ଡିଆ ପକ୍ଷରୁ ନୂତନ ଟ୍ରାଇବର ଲିମିଟେଡ୍ ଏଡିସନ (ଏଲ୍ଇ) ର ଶୁଭାରମ୍ଭ ସହ ଏହାର ବଜାର ପ୍ରବେଶ ହୋଇଛି। ଉକ୍ତ ଯାନଟିର ଏକ୍ସ ଶୋ'ରୁମ୍ (ଦିଲ୍ଲୀ) ମୂଲ୍ୟ ୭.୨୪ ଲକ୍ଷ ଟଙ୍କା ରହିଛି। ସେହିଭଳି ରେନୋ ବ୍ରାଣ୍ଡ ଭାରତ ବଜାରରେ ଅଭିବୃଦ୍ଧି ସହ ଗ୍ରାହକଙ୍କ ପସନ୍ଦ ପାଲଟିଛି। ଏହାର ଟ୍ରାଇବର ମଡେଲର ଭୂମିକା ବେଶ୍ ଭଲ ରହିଛି। ସେହିପରି ଗ୍ଲୋବାଲ ଏନ୍‌କ୍ୟାପ୍ ପକ୍ଷରୁ ମଧ୍ୟ ଏହାକୁ ଆଡଲ୍ଟ ଅକ୍ୟୁପାଣ୍ଟ ସେଫ୍ଟି କ୍ଷେତ୍ରରେ ୪ ଷ୍ଟାର୍ ନିରାପତ୍ତା ରେଟିଂ ଏବଂ ଶିଶୁଙ୍କ ନିରାପତ୍ତା କ୍ଷେତ୍ରରେ ୩ ଷ୍ଟାର୍ ରେଟିଂ ପ୍ରଦାନ କରାଯାଇଛି। ଉକ୍ତ ଯାନଟି ବେଶ୍ ଆକର୍ଷଣୀୟ ସହ ସୁଲଭ ଓ ଅତ୍ୟାଧୁନିକ ପ୍ରମୁଖ ବୈଶିଷ୍ଟ୍ୟରେ ଉପଲବ୍ଧ ରହିଛି। ରେନୋ ଇଣ୍ଡିଆ ଲାଗି ଏହା ଏକ ପ୍ରକାର ଗେମ୍‌ଚେଞ୍ଜିଂ ମଡେଲ ହୋଇପାରିଛି ବୋଲି କମ୍ପାନୀ ପକ୍ଷରୁ ସ୍ୱୀକାର କରାଯାଇଛି। ଅପରପକ୍ଷରେ ଏହାର ନୂଆ ଲିମିଟେଡ୍ ଏଡିସନ ଆର୍‌ଏକ୍ସଟି ଭାରିଆଣ୍ଟ ଉଭୟ ମାନୁଆଲ ଏବଂ ଇଜି ଆର୍ ଏଏମ୍‌ଟି ଟ୍ରାନ୍ସମିଶନରେ ପ୍ରସ୍ତୁତ ହୋଇଛି। ଏହାର କ୍ଷମତା ୧.୦ ଲିଟର ପେଟ୍ରୋଲ ଇଞ୍ଜିନ ରହିଥିବା ବେଳେ ଡୁଆଲ ଟୋନ୍ ଡ୍ୟାସ୍ ବୋର୍ଡ, ପିଆନୋ ବ୍ଲାକ୍ ଫିନିସ, ହ୍ୱାଇଟ ଏଲ୍ଇଡି ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ଡୁଆଲ ଟୋନ୍ ଏକ୍ସଟେରିୟର, ୧୪ ଇଞ୍ଚର ଷ୍ଟାଇଲିଶ୍ ଫ୍ଲେକ୍ସ ସ୍କିଲ୍ ଏବଂ ୪ ଏୟାର ବ୍ୟାଗ୍ ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ଫିଚର ଆଦି ସାମିଲ ରହିଛି। କମ୍ପାନୀର ଉକ୍ତ ମଡେଲଟିକୁ ଗ୍ରାହକ ଏହାର ଡିଲରଶିପ ସମେତ ମାଇଁ ରେନୋ ଆପ୍ ଏବଂ କମ୍ପାନୀର ୱେବ୍‌ସାଇଟକୁ ଯାଇ ମଧ୍ୟ ବୁକିଂ କରିପାରିବେ ବୋଲି ସୂଚନା ଦିଆଯାଇଛି।

### ବିଓବିର ୩ଦିନିଆ ଏସ୍ଏମ୍ଏସ୍-ଲଗ୍ଇନ୍ ଦିବସ

ଭୁବନେଶ୍ୱର,୧୯।୨

ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ଗ୍ରାହକମାନଙ୍କ ଆକାଉଣ୍ଟ ବିବରଣୀକୁ ସେମାନଙ୍କ ମନ ମୁତାବକ ଭାଷାରେ ଉପଲବ୍ଧ କରାଇବା ପାଇଁ ଚଳିତ ମାସ ବ୍ୟାଙ୍କର ଶାଖାଗୁଡ଼ିକରେ ଏକ ୩ଦିନିଆ ଏମ୍ଏମ୍ଏସ୍-ଲଗ୍ଇନ୍ ଦିବସର ଆୟୋଜନ କରାଯାଇଛି। ବ୍ୟାଙ୍କ ପକ୍ଷରୁ ଉପଲବ୍ଧ କରାଯାଉଥିବା ଉକ୍ତ ସୁବିଧାର ବିକଳ୍ପ ଚୟନକରି ଗ୍ରାହକମାନେ ନିଜ ମନ ମୁତାବକ ଯେକୌଣସି ଭାଷାରେ ଏସ୍ଏମ୍ଏସ୍ ପ୍ରାପ୍ତ କରିପାରିବେ। ଏଥିପାଇଁ ଗ୍ରାହକମାନଙ୍କୁ ବ୍ୟାଙ୍କ ଖାତାରେ ଦର୍ଶାଯାଇଥିବା ମୋବାଇଲ ନମ୍ବରରୁ ୮୪୨୨୦୦୯୯୮୮ନମ୍ବରକୁ ବିଭିନ୍ନ ଭାଷା ପାଇଁ ଏସ୍ଏମ୍ଏସ୍ ପଠାଇ ବିବରଣୀ ପାଇପାରିବେ। ସେହିଭଳି ବ୍ୟାଙ୍କ ବିଭିନ୍ନ ମାଧ୍ୟମରେ ଏହି ସୁବିଧାକୁ ଗ୍ରାହକଙ୍କ ନିକଟରେ ପହଞ୍ଚାଇବାକୁ ପ୍ରଚେଷ୍ଟା ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ଫେବୃୟାରୀ ୧୮,୧୯ ଏବଂ ୨୧ ତାରିଖରେ ଦେଶବ୍ୟାପୀ ଏହି ଦିବସ ପାଳନ କରିବ।

# ଟିପିଏସ୍ଓଡିଏଲ୍ ପକ୍ଷରୁ ଦକ୍ଷତା ବିକାଶ ଅଭିଯାନ

ଭୁବନେଶ୍ୱର,୧୯।୨

ଟାଟା ପାୱାର ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପକ୍ଷରୁ ଏହାର ବ୍ୟବସାୟ ସହଯୋଗୀ (ବିଜ୍‌ନେସ୍ ଆସୋସିଏଟ୍ସ) ମାନଙ୍କ ପାଇଁ ବିଭିନ୍ନ ସାମାଜିକ ସୁରକ୍ଷା, ନିଯୁକ୍ତି ଓ କୌଶଳ ବିକାଶ ଅଭିଯାନ ଆରମ୍ଭ କରାଯାଇଛି। ନିକଟରେ ସେମାନଙ୍କ ପେସାଦାର ଦକ୍ଷତାରେ ଉନ୍ନତି ଆଣିବା ଲାଗି ଟିପିଏସ୍ଓଡିଏଲ୍ ପକ୍ଷରୁ 'ଉଡାନ୍'ନାମରେ ଏକ ସ୍ୱତନ୍ତ୍ର ଯୋଜନା ମଧ୍ୟ ଘୋଷଣା କରାଯାଇଛି। ଏହି ସ୍କିମ୍ ପାଇଁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଶେଷ କରିଥିବା ଓ ବୟସ ୪୦ ବର୍ଷରୁ କମ୍ ଏବଂ କମ୍ପାନୀ ସହ କ୍ରମାଗତ ୫ ବର୍ଷ ଧରି ଜଡ଼ିତ ରହିଛନ୍ତି ସେମାନେ ଯୋଗ୍ୟ ବିବେଚିତ ହେବେ। ସେହିପରି ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାର ପ୍ରମୁଖ ସ୍କିମ୍ ସ୍କିଲ୍ ଇଣ୍ଡିଆ ଅଭିଯାନ ଅଧୀନରେ କମ୍ପାନୀ ପକ୍ଷରୁ ପେସାଦାର ତାଲିମ କେନ୍ଦ୍ର ସ୍ଥାପନ କରାଯିବ। ଜାତୀୟ ଦକ୍ଷତା ବିକାଶ ନିଗମର ବିଦ୍ୟୁତ୍ କ୍ଷେତ୍ରର କୌଶଳ ପରିଷଦ ପାଠ୍ୟକ୍ରମ ଅନୁସାରେ ବିତରଣ ଲାଇନମ୍ୟାନ୍ ପାଇଁ ଏହି କେନ୍ଦ୍ରରେ ଥିଓରି ଓ ପ୍ରାକ୍ଟିକାଲ ତାଲିମ ପ୍ରଦାନ କରାଯିବ। ଏ ସମ୍ପର୍କରେ ଟିପିଏସ୍ଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ବ୍ୟବସାୟର ଭବିଷ୍ୟତକୁ ସାକାର ରୂପ ପ୍ରଦାନ କରିବାରେ ବ୍ୟବସାୟ ସହଯୋଗୀମାନଙ୍କ ପ୍ରମୁଖ ଭୂମିକା ରହିଛି। ସେମାନଙ୍କୁ ଉଭୟ ସାମାଜିକ ଓ ପେସାଦାରଭାବେ ଆଗକୁ ବଢ଼ାଇବାର ଉଦ୍ୟମ ସ୍ୱରୂପ ଆମେ ବିଭିନ୍ନ ଅଭିଯାନ ଆରମ୍ଭ କରିଛୁ। ମୋର ବିଶ୍ୱାସ ବ୍ୟବସାୟ ସହଯୋଗୀମାନେ ଏହି ଅଭିଯାନଗୁଡ଼ିକୁ ପ୍ରଶଂସା କରିବେ।

# ୨୬୨ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିଛି ପ୍ରୋପେଲ୍‌ଡ

ଭୁବନେଶ୍ୱର,୧୯।୨

ଶିକ୍ଷାଭିତ୍ତିକ ଫିନ୍‌ଟେକ୍ ପ୍ଲାଟ୍‌ଫର୍ମ ପ୍ରୋପେଲ୍‌ଡ ସିରିଜ୍-ବି ରାଉଣ୍ଡରେ ୨୬୨ କୋଟି ଟଙ୍କାର ନିବେଶ ସଂଗ୍ରହ କରିଛି। ପ୍ରୋପେଲ୍‌ଡ ସମ୍ପ୍ରତି ୫୫୦ରୁ ଅଧିକ ଶିକ୍ଷାନୁଷ୍ଠାନ ସହ ଜଡ଼ିତ ଏବଂ ଏହାର ବାର୍ଷିକ ବିତରଣ ହାର ୬୦୦ କୋଟି ଟଙ୍କା ରହିଛି। କମ୍ପାନୀ ଏଡ୍-ଟେକ୍ ଏବଂ ଅପ୍‌ସ୍କିଲିଂ ବଜାରରେ ଅଗ୍ରଣୀ ରହିଛି। ସେହିଭଳି ଅପ୍‌ଗ୍ରେଡ୍, ୟୁନଏକାଡେମୀ, ବେଦାନ୍ତୁ ସହିତ ସହଭାଗିତା ମଧ୍ୟ କରିଛି। ପ୍ରୋପେଲ୍‌ଡ ବର୍ତ୍ତମାନ ବିଦ୍ୟାଳୟ, କୋଚିଂ ଏବଂ ବିଶ୍ୱବିଦ୍ୟାଳୟ ବଜାରରେ ବିସ୍ତାର ସହିତ ଭୁବନେଶ୍ୱର, କଟକ ଏବଂ ରାଉରକେଲାରେ ଆଲେନ୍, ଆକାଶ, ଡିପିଏସ୍, ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ତଥା ବିଭିନ୍ନ ଜଣାଶୁଣା ଶିକ୍ଷାନୁଷ୍ଠାନ ସହିତ ସହଭାଗିତା କରୁଛି।

ଏ ସମ୍ପର୍କରେ ପ୍ରୋପେଲ୍‌ଡର ସହ ପ୍ରତିଷ୍ଠାତା ତଥା ସିଇଓ ବିଭୁପ୍ରସାଦ ଦାସ କହିଛନ୍ତି, ଆମେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଭିତ୍ତିକ ସ୍ୱପ୍ନ ପୂରଣ କରିବାରେ ସକ୍ଷମ ହୋଇଛୁ। ଏହା ପାରମ୍ପରିକ ଆର୍ଥିକ ପ୍ରତିଷ୍ଠାନ ଦ୍ୱାରା ପରିବେଷଣ କରାଯାଏ ନାହିଁ। ସହରରେ ସକ୍ରିୟ ଥିବା ଆମ ସହଭାଗିତାମାନଙ୍କଠାରୁ ଆମର ବ୍ୟବସାୟ ମଡେଲରେ ଉଲ୍ଲେଖନୀୟ ସଫଳତା ଦେଖିଛୁ। ସେହିଭଳି ଏହାର ସହ-ପ୍ରତିଷ୍ଠାତା ବ୍ରିଜେଶ ସାମନ୍ତରାୟ କହିଛନ୍ତି, ଶିକ୍ଷା ବଜାରରେ ଲୋନ୍ ଅନୁକୂଳତା ବୃଦ୍ଧିକରି ଦେଶରେ ମୋଟ ନାମଲେଖା ଅନୁପାତ ବୃଦ୍ଧି କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ଆଇଆଇଟିଆନ୍ ବିଭୁ ପ୍ରସାଦ ଦାସ, ଭିକ୍ଟର ସେନାପତି ଏବଂ ବ୍ରିଜେଶ ସାମନ୍ତରାୟ ୨୦୧୭ ବର୍ଷରେ ପ୍ରୋପେଲ୍‌ଡ ପ୍ରତିଷ୍ଠା କରିଥିଲେ।

## ଫୁରସତ୍

# ସମନ୍ୱୟ ଆଣେ ସାମାଜିକ ନ୍ୟାୟ

ସମାଜରେ ସମସ୍ତଙ୍କୁ ଉପଯୁକ୍ତ ନ୍ୟାୟିକ ବ୍ୟବସ୍ଥା ଉପଲବ୍ଧ କରାଇବା ଗୁରୁତ୍ୱପୂର୍ଣ୍ଣ । ସାମାଜିକ ନ୍ୟାୟ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଫେବୃୟାରୀ ୨୦ରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ କରାଯାଇଥାଏ । ସାମାଜିକ ନ୍ୟାୟ ସମାଜରେ ସମନ୍ୱୟ ଆଣିଥାଏ। ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବା ଲାଗି ଏହା ଏକ ଅନ୍ତର୍ଜାତୀୟ ଦିବସ। ଯେଉଁଥିରେ ଦାରିଦ୍ର୍ୟ, ବହିଷ୍କାର, ଲିଙ୍ଗଗତ ଅସମାନତା, ବେକାରି, ମାନବିକ ଅଧିକାର ଏବଂ ସାମାଜିକ ସୁରକ୍ଷା ଭଳି ସମସ୍ୟାର ମୁକାବିଲା ପାଇଁ ପ୍ରୟାସକୁ ଅନ୍ତର୍ଭୁକ୍ତ କରାଯାଇଛି। ଜାତିସଂଘ, ଆମେରିକୀୟ ଲାଇବ୍ରେରି ଆସୋସିଏଶନ (ଏଏଲ୍ଏ) ଏବଂ ଅନ୍ତର୍ଜାତୀୟ ଶ୍ରମ ସଂଗଠନ ସମେତ ଅନ୍ୟ କେତେକ ସଂଗଠନ ଲୋକଙ୍କ ପାଇଁ ସାମାଜିକ ନ୍ୟାୟ ପାଇଁ ଗୁରୁତ୍ୱାରୋପ କରିଥାନ୍ତି । କେତେକ ସଂଗଠନ ଦାରିଦ୍ର୍ୟ, ସାମାଜିକ ଏବଂ ଅର୍ଥନୈତିକ କଟକଣା ଏବଂ ବେକାରି ସମସ୍ୟାର ସମାଧାନ କରି ସାମାଜିକ ନ୍ୟାୟ ପାଇଁ ଯୋଜନା ମଧ୍ୟ ଉପସ୍ଥାପନ କରିଥାନ୍ତି । ମିଳିତ ଜାତିସଂଘର ସାଧାରଣ ସଭା



**ବିଶ୍ୱ ସାମାଜିକ ନ୍ୟାୟ ଦିବସ**

୨୬ ନଭେମ୍ବର ୨୦୦୭ରେ ଏହି ଦିବସ ପାଳନ ପାଇଁ ସ୍ୱୀକୃତି ପ୍ରଦାନ କରିଥିଲା। ଅନୁମୋଦନକ୍ରମେ ୨୦୦୯ଠାରୁ ଏହି ଦିବସ ପାଳିତ ହୋଇ ଆସୁଛି । ନିଯୁକ୍ତି, ସାମାଜିକ ସୁରକ୍ଷା, ସାମାଜିକ ଆଲୋଚନା ଏବଂ ମୌଳିକ ନୀତି ଏବଂ ଅଧିକାର ମାଧ୍ୟମରେ ସମସ୍ତଙ୍କ ପାଇଁ ଉଚିତ ନ୍ୟାୟ ପ୍ରଦାନ ଲାଗି ଜାତିସଂଘ ପକ୍ଷରୁ ଘୋଷଣାନାମା ଆଧାରରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ଏହି ଦିବସ ପାଳନ ଅବସରରେ ସାମାଜିକ ନ୍ୟାୟକୁ ନେଇ ବିଶ୍ୱବ୍ୟାପୀ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ ।



ନେହା ଧୁପିଆ

# ଚୁମ୍ବନ ଦୃଶ୍ୟ ପୂର୍ବରୁ ମହେଶଙ୍କ ହାତ ଧୁଆଇଥିଲେ ନେହା

**ମୁମ୍ବାଇ:** ଅଭିନେତ୍ରୀ ନେହା ଧୁପିଆ ତାଙ୍କ ବୋଲ୍ଡ ଷ୍ଟେଟମେଣ୍ଟ ପାଇଁ ପ୍ରାୟତଃ ରହିଥାନ୍ତି ଚର୍ଚ୍ଚାରେ। ସେ ଏବଂ ୟାମି ଗୌତମ ତାଙ୍କ ଫିଲ୍ମ 'ଏ ଥର୍ସଡେ'ର ପ୍ରମୋଶନ ପାଇଁ କପିଲ ଶର୍ମାଙ୍କ ଶୋ'ରେ ପହଞ୍ଚିଥିଲେ। ଶୋ'ରେ ନେହାଙ୍କ ଏକ ଆଶ୍ଚର୍ଯ୍ୟଜନକ କଥା ସାମ୍ନାକୁ ଆସିଥିଲା। ଏହି ସମୟରେ କପିଲ କହିଥିଲେ, ନେହା ତାଙ୍କ ସ୍ୱଚ୍ଛତା ପାଇଁ ଏତେ ଚିନ୍ତିତ ଯେ, ତାଙ୍କ ପାଇଁ ଜଣେ ଅଭିନେତାଙ୍କୁ ପାଞ୍ଚଥର ହାତ ଧୋଇବାକୁ ପଡିଥିଲା। ନେହା ଅଭିନେତା ମହେଶ ମଞ୍ଜରେକରଙ୍କୁ ଚୁମ୍ବନ ଦେବା ପୂର୍ବରୁ ହାତ ଧୋଇବାକୁ କହିଥିଲେ। ଶୋ'ରେ କଥାବାର୍ତ୍ତା ସମୟରେ କପିଲ ନେହାଙ୍କ ବିଷୟରେ କହିଥିଲେ 'ଦସ କାହାନିଆଁ' ଫିଲ୍ମର ଶୁଟିଂ ସମୟରେ ନେହା ତାଙ୍କ କୋ-ଷ୍ଟାରଙ୍କୁ ଚୁମ୍ବନ ଦେବା ପୂର୍ବରୁ ପାଞ୍ଚଥର ହାତ ଧୁଆଇଥିଲେ।

# ବିବାହ କଲେ ଶିବାନୀ-ଫରହାନ୍



ମୁମ୍ବାଇ: ଦୀର୍ଘ ୪ ବର୍ଷର ଡେଟିଂ ପରେ ସାତ ଜନ୍ମ ପାଇଁ ବାନ୍ଧିହେଲେ ଶିବାନୀ ଦଣ୍ଡେକର ଏବଂ ବଲିଉଡ୍ ଅଭିନେତା ଫରହାନ ଅଖତର। ଦୁହେଁ ଶନିବାର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଦୁହିଁଙ୍କ ବିବାହ ଜାବେଦ୍ ଅଖତର୍ ଏବଂ ଶବାନା ଆଜମୀଙ୍କ ଫାର୍ମହାଉସ୍‌ରେ ସମ୍ପର୍ଣ୍ଣ ହୋଇଛି। ଏହାର ପ୍ରଥମ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଉଭୟଙ୍କୁ ପ୍ରଶଂସକଙ୍କ ଶୁଭେଚ୍ଛାର ସୁଅ ଛୁଟିଛି। ଉଭୟ ହିନ୍ଦୁ କି ମୁସଲମାନ ରିତିନୀତି ବଦଳରେ ସାଧାରଣ ଢଙ୍ଗରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଉତ୍ସବରେ ଶିବାନୀଙ୍କ ବାନ୍ଧବୀ ରିଆ ଚକ୍ରବର୍ତ୍ତୀ, ଫରହାନଙ୍କ ବନ୍ଧୁ ହ୍ରିତିକ ରୋଶନ, ସାକିବ ସଲିମ, ଅମୃତା ଆରୋଡା, ଚଳଚ୍ଚିତ୍ର ନିର୍ମାତା ଆଶୁତୋଷ ଗୋୱାରିକର ଏବଂ ରାକେଶ ଓମ ପ୍ରକାଶ ମେହେରା, ରବିନା ଟଣ୍ଡନଙ୍କ ପତି ଅନିଲ ଥଡାନୀ, ଅନୁଷା ଦାଣ୍ଡେକରଙ୍କ ସମେତ ଆଉ କେତେ ଜଣ ସେଲିବ୍ରିଟି ଯୋଗ ଦେଇଥିଲେ। ଫରହାନ୍ ଶିବାନୀଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି।

# କନ୍ନଡ ଅଭିନେତା ରାଜେଶଙ୍କ ଦେହାନ୍ତ



**ମୁମ୍ବାଇ:** କନ୍ନଡ ଚଳଚ୍ଚିତ୍ରର ଭେଟେରାନ ଅଭିନେତା ରାଜେଶଙ୍କ ଶନିବାର ବେଙ୍ଗାଲୁରୁସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ଦୀର୍ଘ ଦିନରୁ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ତାଙ୍କୁ ଫେବୃୟାରୀ ୯ରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ପ୍ରକୃତ ନାମ ଥିଲା ବିଦ୍ୟାସାଗର। ମାତା ପିତାଙ୍କ ଇଚ୍ଛା ବିରୋଧରେ ଯାଇ ଅଳ୍ପ ବୟସରେ ଥିଏଟର୍‌ରେ ଅଭିନୟ ଆରମ୍ଭ କରିଥିଲେ। ସେ ତାଙ୍କ ଅଞ୍ଚଳରେ କାଳା ତପସ୍ୱୀ ଭାବେ ଜଣାଶୁଣା ଥିଲେ। ୧୫୦ରୁ ଉର୍ଦ୍ଧ୍ୱ ମୁଭିରେ ସେ ଅଭିନୟର ଛାପ ଛାଡିଯାଇଛନ୍ତି।

# ୭୪ ବର୍ଷ ପରେ ଭେଟ ହେଲେ ଦୁଇ ଭାଇ

ଜଲନ୍ଧର,୧୯।୨

କଥାରେ ଅଛି, କପାଳ ଲିଖନ କେ କରିବ ଆନ। ଭାଗ୍ୟରେ ଯାହା ଭୋଗିବାକୁ ଥିବ ତା'ଠୁ ମୁହଁ ମୋଡ଼ି ହୁଏନାହିଁ। ଦୀର୍ଘ ୭୪ ବର୍ଷ ଧରି ଯେଉଁ ବେଦନା ନିଆଁ ଛାତିତଳେ କୁହୁଳୁଥିଲା ସେ ନିଆଁ ନିମିଷକରେ ଶାନ୍ତ ପଡ଼ିଯାଇଛି। ଆଉ ଏହାର ମୂକସାକ୍ଷୀ ପାଲଟିଛି କର୍ତ୍ତାରପୁର କରିଡର ଯାହା ଆଣିଛି ଖ୍ରୀଷ୍ଟିଆନ ମିଠୁ, ପରିବାର ଓଠରେ ହସ। ଦୁଇ ଭାଇ ଶାହିଦ ରାଫିକ ମିଠୁ ଓ ସୋନୋ ମିଠୁଙ୍କ ମିଳନ ଘଟିଛି କର୍ତ୍ତାରପୁର କରିଡରରେ। କୋଳାଗ୍ରତ ଭାଇଙ୍କୁ ଯିଏ ଦେଖିଥିଲା ତା' ଆଖିରେ ଲୁହ ରହୁ ନ ଥିଲା। ଦୁଇ ଭାଇଙ୍କ ଆବେଗ ଓ ଭାବପ୍ରବଣତା କରିଡରରେ ଶୁକ୍ରବାର ଏକ ଭିନ୍ନ ବାତାବରଣ ସୃଷ୍ଟି କରିଥିଲା।

ଶାହିଦ ରାଫିକ ମିଠୁ ପରିବାର ସହ କଙ୍କନ ଜିଲାରେ ରହୁଥିବାବେଳେ ସୋନୋ ମିଥୁ ଅମୃତସର ଅଜନଲାରେ ରୁହନ୍ତି । ୧୯୪୭ ମସିହାରେ ଭାରତ ପାକିସ୍ତାନ ବିଭାଜନ କାରଣରୁ ଏହି ପରିବାରର ଦୁଇ ଭାଇ ଅଲଗା ହୋଇଯାଇଥିଲେ। ପ୍ରାୟ ଏକ ବର୍ଷ ପୂର୍ବେ ନିଜ ପରିବାରର ବିରହ ସମ୍ପର୍କରେ ପଞ୍ଜାବର ଏକ ଗଣମାଧ୍ୟମ ଚ୍ୟାନେଲରେ ଶାହିଦ କହିଥିଲେ। ଶାହିଦଙ୍କ ଏହି ସାକ୍ଷାତକାରକୁ ପଞ୍ଜାବରେ ବସି ଦେଖିଥିଲେ ସୋନୋଙ୍କ ପରିବାର ଲୋକେ।



ଶାହିଦ ରଫିକ୍ ମିଠୁ ଏବଂ ତାଙ୍କ ଭାଇ ସୋନୋ ମିଠୁଙ୍କ ପରିବାର କର୍ତ୍ତାରପୁର ସାହିବରେ ଫଟୋ ପାଇଁ ପୋଜ୍ ଦେଉଛନ୍ତି।



# ନଖ କାମୁଡ଼ା...

**କେବେ ଡର କିମ୍ବା ଟେନ୍‌ସନ୍‌ରେ ତ କେବେ ଲାଜରେ, ଆଉ ପୁଣି କେତେବେଳେ ଅଜାଣତରେ ନଖ କାମୁଡ଼ିବାର ବଦଭ୍ୟାସ ଅନେକଙ୍କର ରହିଛି। ତେବେ ଏହି ଅଭ୍ୟାସ ଯେ ସ୍ୱାସ୍ଥ୍ୟ ପ୍ରତି ହାନିକାରକ, ସେ ଦିଗରେ ସେମାନେ ସଚେତନ ନ ଥାଆନ୍ତି...**

ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ପ୍ରାୟ ଅନେକଙ୍କୁ ନଖ କାମୁଡୁଥିବା ଦେଖିବାକୁ ମିଳେ। ଏକ ଗବେଷଣା ତଥ୍ୟ ଅନୁଯାୟୀ, ଭୟରେ କିମ୍ବା ମାନସିକ ଚାପରେ ଥିବା ବେଳେ ଅନେକଙ୍କଠାରେ ନଖ କାମୁଡ଼ିବା ଅଭ୍ୟାସ ଦେଖିବାକୁ ମିଳେ। ତେବେ ଏହା ଏକ ଖରାପ ଅଭ୍ୟାସ ବୋଲି ପିଲାବେଳୁ ଶୁଣିଆସୁଥିଲେ ହେଁ ଏ ଦିଗରେ ଅଧିକାଂଶ ସଚେତନ ନ ଥାଆନ୍ତି। ଜାଣିବା ଏହାଦ୍ୱାରା ସ୍ୱାସ୍ଥ୍ୟ ଉପରେ କ'ଣ ପ୍ରଭାବ ପଡ଼ିଥାଏ...

➔ଆମେ ବାରମ୍ବାର ହାତ ସଫା କରୁଥିଲେ କିମ୍ବା ନଖ ପରିଷ୍କାର ଧଳା ଦେଖାଯାଉଥିବା ସତ୍ତ୍ୱେ ମଧ୍ୟ ଏହାର ମୂଳରେ କେବେକେବେ ଇ-କୋଲି, ସାଲ୍‌ମୋନେଲା ଭଳି ବିଭିନ୍ନ ବ୍ୟାକ୍ଟେରିଆ ରହିଯା'ନ୍ତି। ଏମିତିରେ ନଖ କାମୁଡ଼ିବା ସମୟରେ ତାହା ପେଟକୁ ଯାଇ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନାଲ୍ ଇନ୍‌ଫେକ୍ସନ୍ କରାଇଥା'ନ୍ତି।

➔କେବେକେବେ ନଖ କାମୁଡ଼ିବା ଦ୍ୱାରା ନଖମୂଳରେ ଏକ ପ୍ରକାରର ଇନ୍‌ଫେକ୍ସନ ହୋଇଥାଏ, ଯାହାକୁ ମେଡିକାଲ୍ ସାଇନ୍ସରେ ପାରୋନାଇଚିଆ ବୋଲି କୁହାଯାଇଥାଏ। ଯେଉଁଥିରେ ଆଙ୍ଗୁଠି ଟିପ ଲାଲ୍‌ପଡ଼ିବା, ଫୁଲିବା, ପାଚିବା ଏବଂ ପୂଜ ହେବା ଭଳି ସମସ୍ୟା ଦେଖାଦେଇଥାଏ, ଯାହାକି ଖୁବ୍ ଯନ୍ତ୍ରଣାଦାୟକ ମଧ୍ୟ ହୋଇଥାଏ। ଏ କ୍ଷେତ୍ରରେ ଡାକ୍ତରଖାନା ଯାଇ ପୂଜ ବାହାର କରିବାକୁ ପଡ଼ିଥାଏ।

➔ଆମେରିକାନ୍ ଡେଣ୍ଟାଲ୍ ଆସୋସିଏଶନ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବାରମ୍ବାର ନଖ କାମୁଡ଼ିବା ଦ୍ୱାରା ଏହାର ପ୍ରଭାବ ଦାନ୍ତ ଉପରେ ମଧ୍ୟ ପଡିଥାଏ। ଏଥିପାଇଁ କେତେଜଣଙ୍କ ଦାନ୍ତର ଏନାମେଲ୍ ଖରାପ ହେବା ସହ କେବେକେବେ ଦାନ୍ତ ଭାଙ୍ଗିଯିବାର ବି ନଜିର ରହିଛି। ଦାନ୍ତମୂଳ ମାଢ଼ିରେ ମଧ୍ୟ ଏଥିପାଇଁ ଯନ୍ତ୍ରଣା ହୋଇଥାଏ ଏବଂ ଦାନ୍ତର ଧାଡ଼ି ବଙ୍କା ହୋଇଥାଏ।

## କ'ଣ କରନ୍ତି ଏମାନେ...



ଅର୍ପିତା





ପ୍ରଜ୍ଞା



ଜୟଶ୍ରୀ

### ଏବେବି ମୋ ନଖ ଛୋଟ


**ଅର୍ପିତା କର** (ଅଭିନେତ୍ରୀ)- ନଖ କାମୁଡ଼ିବା ମୋର ଏମିତି ଏକ ଅଭ୍ୟାସ, ଯାହାକୁ ଛାଡ଼ିବା ବିଷୟରେ ଭାବିଲେ ଅସମ୍ଭବ ମନେହୁଏ। ଯଦିଓ ଏହା ଭଲ ନୁହେଁ ଜାଣିଥିବାରୁ ପୂର୍ବାପେକ୍ଷା ବହୁତ କମାଇଛି, ତଥାପି ସମ୍ପୂର୍ଣ୍ଣ ଛାଡ଼ିପାରିନି। ପିଲାବେଳେ ଏଥିପାଇଁ ଘରେ ଏବଂ ସ୍କୁଲ୍‌ରେ କେତେଥର ଗାଳି ବି ଖାଇଛି। ଅଭିନୟ ଦୁନିଆରେ ପାଦ ଦେବା ପରେ ସୌନ୍ଦର୍ଯ୍ୟ ପ୍ରତି ବିଶେଷ ଭାବେ ଯତ୍ନ ନେବାକୁ ପଡୁଛି। ଆଉ ବଡ଼ ବଡ଼ ନଖ ବି ନିଶ୍ଚିତ ଭାବେ ନାରୀ ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରୁଥିବାରୁ ଥରେ ଦୁଇଥର ବଡ଼ ନଖ ରଖିବାକୁ ଟ୍ରାଏ କରିଥିଲି। ହେଲେ ଅଜାଣତରେ କେବେ ସେ ବି ଦାନ୍ତରେ କଟିଗଲା ଜାଣିପାରିଲିନି। ତେଣୁ ଭାବିଲି ନଖ ରଖିବି କାହିଁକି, ନିଜେ କାମୁଡି ମନ ଦୁଃଖ କରିବି କାହିଁକି, ସେଥିପାଇଁ ଏବେବି ମୋ ନଖ ଛୋଟ। ସିରିଏଲ୍‌ରେ ହେଉ କିମ୍ବା ଅନ୍ୟ ପ୍ରୋଗ୍ରାମ୍ ଶୁଟିଂବେଳେ ଆବଶ୍ୟକ ହେଲେ ସୁନ୍ଦର ସୁନ୍ଦର ଆର୍ଟିଫିସିଆଲ୍ ନେଲ୍ସ ଆଣି ଲଗାଇ କାମ ଚଳାଇ ଦେଉଛି।

### ଡ୍ରିଲ୍ ପିରିୟଡ୍ ପୂର୍ବରୁ ହେଉଥିଲା ନଖ ସଫା

**ପ୍ରଜ୍ଞା ରଞ୍ଜନ ଖଟୁଆ** (ହାସ୍ୟ ଅଭିନେତା) - ସ୍କୁଲ୍‌ରେ ପଢ଼ିବା ବେଳେ ଶନିବାର ସକାଳୁଆ କ୍ଲାସ୍ ଥାଏ ଏବଂ ପ୍ରଥମେ ଥାଏ ଡ୍ରିଲ୍ ପିରିୟଡ୍। ସେଠାରେ ପିଇଟି ସାର୍ ସବୁ ପିଲାଙ୍କ ସଫା ଡ୍ରେସ୍ ଆଉ ଜୋତା ସହ ନଖ ମଧ୍ୟ ଦେଖନ୍ତି, ଯାହାର ଏସବୁ ଠିକ୍ ନ ଥାଏ ଗୁଡ଼ାଏ ମାଡ଼ ସାଙ୍ଗକୁ ଧାଡ଼ିରୁ ଅଲଗା ଠିଆ ହେବାର ଲଜ୍ଜା ବି ଭୋଗିବାକୁ ପଡ଼େ। ଯେହେତୁ ନଖ କାଟିବାକୁ ମୋର ଆଦୌ ମନେପଡ଼େନି, ତେଣୁ ଡ୍ରିଲ୍ ପିରିୟଡ୍ ପୂର୍ବରୁ କାମୁଡ଼ିକି ନଖସବୁ ସଫା କରିଦିଏ। ତଥାପି ସାର୍ ଜାଣିଲେ ମାଡ଼ ବର୍ଷା ହେବା ଡରରେ ଧରା ନ ପଡ଼ିବା ଲାଗି ଅଲଗା ପ୍ରକାରର ବୁଦ୍ଧି ଖଟେଇବାକୁ ପଡ଼େ। କାମୁଡ଼ି କାଟିଥିବା ନଖକୁ ସ୍କୁଲ୍ ଭିତରେ ଥିବା ଟ୍ୟୁବ୍‌ୱେଲ୍ ହ୍ୟାଣ୍ଡେଲ୍‌ରେ ଘଷି ଘଷି ଫାଇଲ୍ କରେ। କେବଳ ମୁଁ ନୁହେଁ, କେତେଜଣ ସାଙ୍ଗ ବି ଏହି ଭଳି କରନ୍ତି। ଗୋଟିଏ ଟ୍ୟୁବ୍‌ୱେଲ୍ ପାଖେ କେବେ କେବେ ନଖ ଘଷିବାକୁ ଏତେଜଣ ଠିଆ ହେଉ ଯେ, ଜଣଙ୍କ ପରେ ଆଉ ଜଣେ କରିବାକୁ ନେଇ ଛୋଟ ଛୋଟ ଝଗଡ଼ା ବି ଲାଗିଯାଏ। ତେବେ ପିଲାବେଳର ଏହି ଅନୁଭୂତି ମନେପଡ଼ିଲେ ଏବେବି ଖୁବ୍ ହସ ଲାଗେ।

### ଭୟରେ ଅଜାଣତରେ କାମୁଡିଦିଏ ନଖ

***-ଜୟଶ୍ରୀ ନାୟକ*** (କର୍ମଜୀବୀ, ଭୁବନେଶ୍ୱର)-କେତେକ ପରିସ୍ଥିତି କିମ୍ବା ଜିନିଷକୁ ନେଇ ମୋର ଫୋବିଆ ରହିଛି। ଯେମିତି ଅନ୍ଧାରରେ ଭୁତ ଭୟ। ଏମିତିକି ହରର୍ ଫିଲ୍ମ ଦେଖିଲେ ବି ମୋତେ ଛାନିଆ ଲାଗେ। ଘରଠାରୁ ଦୂରରେ ଜବ୍ କରୁଥିବାରୁ ସାଙ୍ଗମାନଙ୍କ ସହ ହଷ୍ଟେଲ୍‌ରେ ରହୁଛି। ସାଙ୍ଗମାନେ କେବେ କେବେ ରାତିରେ ଲାପ୍‌ଟପ୍‌ରେ ହରର୍ ଫିଲ୍ମ ଦେଖିଲା ବେଳେ ଡରରେ ମୋର ଅବସ୍ଥା ଖରାପ ହୋଇଯାଏ। ଆଉ ଏମିତିରେ କେତେବେଳେ ନିଜ ନଖ କାମୁଡି ଛିଣ୍ଡାଇ ଦିଏ ଜାଣି ପାରେନି। ଏଥିପାଇଁ ସାଙ୍ଗମାନେ ଅନେକ ସମୟରେ ଖୁବ୍ ଥଟା ମଧ୍ୟ କରନ୍ତି। ବାରମ୍ବାର ଭାବୁଛି ଆଉ ଏପରି କରିବିନି ହେଲେ ଡର ଲାଗିଲେ କେତେବେଳେ ଯେ ପାଟି ଭିତରକୁ ଆଙ୍ଗୁଠି ଚାଲିଯାଉଛି ଜାଣିପାରୁନି। ଇଚ୍ଛା ଥିଲେ ବି ଆଦୌ ଏହି ଅଭ୍ୟାସ ପରିବର୍ତ୍ତନ କରିପାରୁନି।





## ଏ ସପ୍ତାହର ପ୍ରଶ୍ନ

୧- ମେଦାରାମ ଯାତରା.......................... ରାଜ୍ୟରେ ପାଳନ କରାଯାଏ ?
୨- ଦକ୍ଷିଣ ଭାରତ ହିନ୍ଦୀ ପ୍ରଚାର ସେବାର ପ୍ରତିଷ୍ଠାତା ............................ ?
୩- ଶେଷ ମୋଗଲ ଶାସକଙ୍କ ନାମ........................................... ?
୪- 'ଅଟଳଜୀ ନେ କାହା' ପୁସ୍ତକର ଲେଖକ ............................... ?
୫- ଏନ୍‌ଡିଆର୍‌ଏଫ୍ ର ଫୁଲ୍‌ଫର୍ମ ............................................. ?

## ଗତ ଥରର ଉତ୍ତର

୧ ଜମ୍ମୁ ଏବଂ କଶ୍ମୀର
୨ କାଜି ନାଜ୍‌ରୁଲ୍ ଇସ୍‌ଲାମ୍
୩ କାଣ୍ଡଲା, ଗୁଜରାଟ
୪ ଗାନ୍ଧୀ ନଗର, ଗୁଜରାଟ
୫ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ

## ଉତ୍ତରଦାତା

-ପ୍ରଶାନ୍ତ କର, ପୁରୀ
-ବ୍ରଜମୋହନ ମହାପାତ୍ର, ଚରମ୍ପା , ଭଦ୍ରକ
-ରାଧେଶ୍ୟାମ ରାଉତ, ନାଉଗାଁ, ଜଗତ୍‌ସିଂହପୁର
-ରାଜାରାମ ଶତପଥୀ, ଚକ୍ରତୀର୍ଥ ରୋଡ, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଲୋକପ୍ରିୟ ବିଲେଇ ପ୍ରଜାତି



୧- ଡୋମେଷ୍ଟିକ୍ ଶର୍ଟହେୟାର କ୍ୟାଟ୍......... ୟୁରୋପ ଏବଂ ଉତ୍ତର ଆମେରିକା
୨- ପର୍ସିଆନ୍ କ୍ୟାଟ୍.......................................................... ଇରାନ
୩- ମେନ୍ କୁନ୍...................................................... ଆମେରିକା
୪- ର୍‍ୟାଗଡଲ୍ କ୍ୟାଟ୍....... . ଆମେରିକା
୫- ଆବିସିନିଆନ୍ କ୍ୟାଟ୍.... . ଇଥିଓପିଆ
୬- ଫିନିକ୍ସ କ୍ୟାଟ୍........... ..... କାନାଡ଼ା
୭- ସିଆମିଜ୍ କ୍ୟାଟ୍.......... .. ଥାଇଲାଣ୍ଡ
୮- ସ୍କଟିସ୍ ଫୋଲ୍ଡ କ୍ୟାଟ୍... ..... ଇଂଲଣ୍ଡ
୯- ବେଙ୍ଗଲ୍ କ୍ୟାଟ୍.......................................................... ଭାରତ
୧୦- ବିରମ୍ୟାନ୍ କ୍ୟାଟ୍......................................................... ଫ୍ରାନ୍ସ

# ୟୁନିସେକ୍ସ ଫ୍ୟାଶନ୍

**ବର୍ତ୍ତମାନ ପଢ଼ାପଢ଼ି, ଜବ୍‌ଠାରୁ ଆରମ୍ଭ କରି ପ୍ରତିଟି କ୍ଷେତ୍ରରେ ପୁରୁଷ ଏବଂ ନାରୀ ସମତାଳ ଦେଇ ଆଗକୁ ବଢୁଛନ୍ତି। ତେବେ ଏମିତିରେ ବାଦ୍‌ପଡ଼ିନି ସେମାନଙ୍କ ଫ୍ୟାଶନ୍ ଚଏସ୍ । ଅର୍ଥାତ୍ ବର୍ତ୍ତମାନ ଉଭୟ ଏକା ପ୍ରକାରର ପୋଷାକ ପିନ୍ଧିବାକୁ ମଧ୍ୟ ପଛାଉ ନାହାନ୍ତି, ଯେଉଁଥିପାଇଁ ମାର୍କେଟ୍‌ରେ ଦିନକୁଦିନ ବଢ଼ିବାରେ ଲାଗିଛି ଭଳିକି ଭଳି ୟୁନିସେକ୍ସ ଫ୍ୟାଶନ୍ କଲେକ୍ସନ...**



**ଟି-ଶାର୍ଟ:** କୁଲ୍ ଏବଂ ଫ୍ୟାଶନେବଲ୍ ଲୁକ୍ ପାଇଁ ଜିନ୍ସ, କାର୍ଗୋ ଆଦି ପ୍ୟାଣ୍ଟ ସହିତ ଟି-ଶାର୍ଟର କମ୍ବିନେଶନ୍ ଅଧିକାଂଶ ଯୁବପିଢ଼ିଙ୍କର ପ୍ରଥମ ପସନ୍ଦ। ଏହା ନା କେବଳ ଦେଖିବାକୁ ସୁନ୍ଦର ବରଂ ପିନ୍ଧିବାକୁ ଯେତିକି କମ୍ଫର୍ଟେବଲ୍, କ୍ୟାରି କରିବାକୁ ସେତିକି ସହଜ। ବର୍ତ୍ତମାନ ପ୍ଲେନ୍, ଜ୍ୟୋମେଟ୍ରିକ୍, ଗ୍ରାଫିକ୍ସ ଡିଜାଇନ୍ ଟି-ଶାର୍ଟ ଉଭୟ ଯୁବତୀ ଯୁବକ ଅଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

**ପ୍ୟାଣ୍ଟ୍‌ସ:** ୟୁନିସେକ୍ସ ଫ୍ୟାଶନ୍‌ରେ ସବୁଠୁ ଅଧିକ ବ୍ୟବହାର ହେଉଥିବା ଆଉଟ୍‌ଫିଟ୍ ହେଉଛି ଜିନ୍ସ, ଯାହାକି ସ୍ମାର୍ଟ ସହିତ ଷ୍ଟାଇଲିଶ୍ ଲୁକ୍ ମଧ୍ୟ ଦେଇଥାଏ। ତେବେ ବର୍ତ୍ତମାନ କ୍ରପ୍‌ଡ, ଷ୍ଟଡେଡ୍ ଏବଂ ରିଗ୍‌ଡ ଭଳି ଜିନ୍ସ ଯୁବପିଢ଼ିଙ୍କ ପାଇଁ ଲାଟେଷ୍ଟ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି।

**ବଟନ୍ ଅପ୍ସ:** ଏହି ଷ୍ଟାଇଲ୍‌ର ଶାର୍ଟ ଉଭୟ ଯୁବତୀ ଏବଂ ଯୁବକଙ୍କୁ ବେଶ୍ ଆକର୍ଷଣୀୟ ଲୁକ୍ ଦେଇଥାଏ। ଏହାର ବିଭିନ୍ନ ଡିଜାଇନ୍ ମାର୍କେଟ୍‌ରେ ଉପଲବ୍ଧ, ଯାହାକୁ କର୍ମି ଜିନ୍ସ ସହିତ ଟିମ୍ ଅପ୍ କରି ଷ୍ଟାଇଲିଶ୍ ଲାଗିପାରିବେ।





**ବ୍ଲେଜର୍ସ:** ଯୁବତୀ ହୁଅନ୍ତୁ ଅବା ଯୁବକ, ଉଭୟଙ୍କୁ ବ୍ଲେଜର୍ ସୁନ୍ଦର ମାନିଥାଏ। ବିଶେଷକରି ଫର୍ମାଲ୍ ଗେଟ୍‌ଅପ୍ କିମ୍ବା ଅଫିସିଆଲ୍ ଗେଟ୍‌ଅପ୍ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। ହେଲେ ଏବେ ମାର୍କେଟ୍‌ରେ ଭଳିକି ଭଳି କାଜୁଆଲ୍ ଏବଂ ଫ୍ୟାଶନେବଲ୍ ୟୁନିସେକ୍ସ କଲେକ୍ସନ ଉପଲବ୍ଧ, ଯାହାକୁ ପିନ୍ଧି ଟ୍ରେଣ୍ଡି ଲୁକ୍ ପାଇପାରିବେ। ଯୁବତୀମାନେ ଷ୍ଟାଇଲିଶ୍ ଏବଂ ଆଇକ୍ୟାଚି ଲୁକ୍ ପାଇଁ ଲଙ୍ଗ ବ୍ଲେଜର ସହ ବେଲ୍ଟ ଲଗାଇ ବ୍ଲେଜର୍ ଡ୍ରେସ୍ ଭାବେ ପିନ୍ଧିପାରିବେ।

## ଜାଣନ୍ତୁ ଦୁନିଆ

# ଗଛରେ ଗଛରେ ଘର

**ବିଭିନ୍ନ ଡିଜାଇନ୍‌ର ଘର ତ ଆପଣମାନେ ନିଶ୍ଚୟ ଦେଖିଥିବେ, ହେଲେ କେବେ ଭାବିଛନ୍ତି ଗଛ ଉପରେ ବି ଆକର୍ଷଣୀୟ ଘର ତିଆରି ହୋଇପାରେ। କଥାଟି ଆପଣମାନଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ପୃଥିବୀର ଏମିତି କିଛି ସ୍ଥାନ ଅଛି, ଯେଉଁଠି ଗଛ ଉପରେ ତିଆରି କରାଯାଇଛି ଘର। ଜାଣିବା ସେଭଳି କିଛି ଭିନ୍ନ ଧରଣର ଘର ସମ୍ପର୍କରେ...**



**ଇକୋ ଫ୍ରେଣ୍ଡଲି ହାଉସ୍, ଡେନ୍‌ମାର୍କ-** ଡେନ୍‌ମାର୍କରେ ରହୁଥିବା କନ୍‌ରାଡ୍ ଓ୍ୱଜ୍‌ସିକ୍ ନାମକ ଜଣେ ଛାତ୍ର ଏହାକୁ ଡିଜାଇନ୍ କରିଥିଲେ। ଏହି ଘରଟି ଗଛରୁ ଓହଳିଥିବା ଭଳି ଦେଖାଯାଏ। ଜଣେ ବ୍ୟକ୍ତି ଚାହିଁଲେ ଏଠାରେ ଆରାମରେ ରହି ଏହାର ସୌନ୍ଦର୍ଯ୍ୟ ଉପଭୋଗ କରିପାରିବ। ଏହି ଘର ଛାଇ ପ୍ରଦାନ କରିବା ସହ ବାହ୍ୟ ଜୀବଜନ୍ତୁଙ୍କଠାରୁ ମଧ୍ୟ ରକ୍ଷା କରିଥାଏ।

**ଲେକ୍ ମୁସ୍କୋକା ଟ୍ରି ହାଉସ୍, କାନାଡ଼ା-** କାନାଡ଼ାର ଆର୍କିଟେକ୍ ଲୁକାସଜ୍ ଏହାକୁ ନିର୍ମାଣ କରିଥିଲେ। ଗଛରେ ତିଆରି ଏହି ଘରଟି ଅଣ୍ଟାରିଓରେ ଥିବା ମୁସ୍କୋକା ହ୍ରଦକୂଳରେ ଅବସ୍ଥିତ। ବଡ଼ ପରିବାର ରହିଲା ଭଳି ସୁବିଧା ଏଠାରେ ରହିଛି। ପବନ ହେଲା ବେଳେ ଏହି ଘର ଦୋହଲୁ ଥିଲେ ସୁଦ୍ଧା ଏଥିରେ ଖଞ୍ଜା ଯାଇଥିବା ଶକ୍ତ ଷ୍ଟିଲ୍ ଯୋଗୁ ଏଠାରେ ରହିବା ନିରାପଦ।

**ଏ ହ୍ୟୁମାନ୍ ବାର୍ଡ଼ହାଉସ୍, ଜାପାନ-** ଏହା ଭୂମିଠାରୁ ବହୁ ଉପରେ ଅର୍ଥାତ୍ ଗଛର ଶୀର୍ଷଭାଗ ଆଡ଼କୁ ତିଆରି ହୋଇଥାଏ। ଆପଣ ଏଠାରେ ରହିଲେ ପକ୍ଷୀମାନେ ବସାରେ ରହିଲା ଭଳି ଅନୁଭବ କରିପାରିବେ। ଏହାର ଇଣ୍ଟେରିଅର୍‌କୁ ଗ୍ଲାସ୍ ଦ୍ୱାରା ଦୁଇ ଭାଗରେ ବିଭକ୍ତ କରାଯାଇଛି, ଯେଉଁଠି ଥାଇ ଆପଣ ଜଙ୍ଗଲର ଦୃଶ୍ୟ ଉପଭୋଗ କରିବା ସହ ଜଙ୍ଗଲୀ ପଶୁପକ୍ଷୀଙ୍କୁ ମଧ୍ୟ ଦେଖିପାରିବେ।



**ଦ ସ୍ପେସ୍‌ଶିପ୍ ଟ୍ରି ହାଉସ୍, ସ୍ୱିଡେନ୍-** କୌଣସି ସ୍ପେସ୍ ଏମର୍ଜେନ୍ସି ଲ୍ୟାଣ୍ଡ କଲାବେଳେ ଯେପରି ଦେଖାଯାଏ, ଏହି ହୋଟେଲଟି ମଧ୍ୟ ଦେଖିବାକୁ ଠିକ୍ ସେହିପରି। ଏହା ଏପରି ତିଆରି ହୋଇଛି, ଯାହାର ତଳପାର୍ଶ୍ୱରୁ ଧୂଆଁ ବାହାରୁଥିବାର ଜଣାପଡ଼େ।

**ହେମ୍‌ଲଫ୍ଟ ଟ୍ରି ହାଉସ୍, କାନାଡ଼ା-** ନିଜର ବ୍ୟସ୍ତବହୁଳ ଜୀବନରୁ ବାହାରି କିଛି ସମୟ ନିରୋଳାରେ ରିଲାକ୍ସ ରହିବାକୁ ଚାହୁଁଥିଲେ ଆପଣ ଏଠାରେ ଆସି ରହିପାରିବେ। ସମ୍ପୂର୍ଣ୍ଣ କାଠରେ ତିଆରି ହୋଇଥିବା ଏହି ଆକର୍ଷଣୀୟ ଘରେ ଜଣେ କିମ୍ବା ଅତି ବେଶିରେ ଦୁଇ ଜଣ ଆରାମରେ ରହିପାରିବେ।

# ଓଡ଼ିଶା ପାଇଁ ୩୮୭ ବିଜୟ ଲକ୍ଷ୍ୟ

**ଭୁବନେଶ୍ୱର, ୧୯।୨ (କ୍ରୀଡ଼ା ପ୍ରତିନିଧି)**

ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ (ଗ୍ରାଉଣ୍ଡ 'ବି')ରେ ଚାଲିଥିବା ଏଲିଟ ଗ୍ରୁପ୍ 'ଡି' ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ସମ୍ମୁଖରେ ଗୋଆ ୩୮୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଶନିବାର ତୃତୀୟ ଦିବସ ଖେଳ ଶେଷବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୨୨ ରନ ସଂଗ୍ରହ କରିଛି।

## ରଣଜୀ ଟ୍ରଫି

ଫଳରେ ଓଡ଼ିଶା ବିଜୟ ଲକ୍ଷ୍ୟଠାରୁ ୩୬୫ ରନ ଦୂରରେ ରହିଛି।

**ସ୍ନେହାଲ କୌଥାଙ୍କରଙ୍କ ଶତକ**

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୮୭/୨ରୁ ଖେଳ ଆରମ୍ଭ କରିଥିବା ଗୋଆ ୫ ଉଇକେଟ ହରାଇ ୩୯୪ ରନ କରିଥିବାବେଳେ ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଅଧିନାୟକ ସ୍ନେହାଲ କୌଥାଙ୍କର ୧୭୫ ବଲ୍‌ରୁ ୧୮ ଚୌକା ଓ ୩ ଛକା ସହାୟତାରେ ୧୬୫ ରନରେ ଅପରାଜିତ ରହି ଗୋଆକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ସୂୟାଶ ପ୍ରଭୁଦେଶାଇ ୭୩ ରନ କରି ଆଉଟ ହୋଇଥିବାବେଳେ ଉଇକେଟ କିପର ଏକନାଥ କେରକର ୫୦ ରନରେ ଅପରାଜିତ ରହିଥିଲେ। ଅପରାଜେୟ ଶତକୀୟ ଇନିଂସ ମଧ୍ୟରେ କୌଥାଙ୍କର ୪ର୍ଥ ଉଇକେଟରେ ପ୍ରଭୁଦେଶାଇଙ୍କ ସହ ୧୩୪ ଓ ଅସମାପ୍ତ ୬ଷ୍ଠ ଉଇକେଟରେ ଏକନାଥଙ୍କ ସହ ୧୩୩ ରନର ଭାଗୀଦାରି ଗଢ଼ିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଅଭିଷେକ ରାଉତ ୩ଟି ଏବଂ ବସନ୍ତ ମହାନ୍ତି ଓ ଆଶିଷ ରାୟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଗୋଆ ପ୍ରଥମ ଇନିଂସରେ ୧୮୧ ରନ କରିଥିବାବେଳେ ଓଡ଼ିଶା ୧୮୯ ରନ୍ କରି ଅଗ୍ରଣୀ ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ଗୋଆ ପ୍ରଥମ ଇନିଂସ: ୧୮୧। ଓଡ଼ିଶା ପ୍ରଥମ ଇନିଂସ: ୧୮୯। ଗୋଆ ଦ୍ୱିତୀୟ ଇନିଂସ: ୩୯୪/୫/ଘୋଷଣା।(ସ୍ନେହାଲ କୌଥାଙ୍କର-୧୬୫*, ସୂୟାସ ପ୍ରଭୁଦେଶାଇ-୭୩, ଏକନାଥ କେରକର-୫୦*, ଅଭିଷେକ ରାଉତ-୩/୧୦୬, ବସନ୍ତ ମହାନ୍ତି-୧/୫୧, ଆଶିଷ ରାୟ-୧/୬୯)। ଓଡ଼ିଶା ଦ୍ୱିତୀୟ ଇନିଂସ: ୨୨/୦।

# ରୋହିତ ନୂଆ ଟେଷ୍ଟ ଅଧିନାୟକ

**ନୂଆଦିଲ୍ଲୀ, ୧୯।୨ (ପି.ଟି.)**




ରୋହିତ ଶର୍ମା ଭାରତୀୟ କ୍ରିକେଟ ଦଳର ନୂଆ ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରୁ ଭେଟେରାନ ଅଜିଙ୍କ୍ୟ ରାହାନେ, ଚେତେଶ୍ୱର ପୂଜାରା, ରିଦ୍ଧିମାନ ଶାହା ଓ ଇଶାନ୍ତ ଶର୍ମାଙ୍କୁ ବାଦ୍ ଦିଆଯାଇଛି। ''ଅଧିନାୟକ ପାଇଁ ରୋହିତ ନିର୍ବିବାଦୀୟ ପସନ୍ଦ ଥିଲେ। ଲୋକେଶ ରାହୁଲ, ଯଶପ୍ରୀତ୍ ବୁମରା ଓ ରିଷଭ ପନ୍ତଙ୍କୁ ଭବିଷ୍ୟତର ଅଧିନାୟକ ଭାବେ ପ୍ରସ୍ତୁତ କରାଯିବ'' ବୋଲି ଜାତୀୟ ଚୟନ କମିଟି ମୁଖ୍ୟ ଚେତନ ଶର୍ମା ପ୍ରକାଶ କରିଛନ୍ତି। ମାର୍ଚ୍ଚ ୪ରୁ ଆରମ୍ଭ ହେବାକୁ ଯାଉଥିବା ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳକୁ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ଆହତ ସମସ୍ୟାରୁ ମୁକୁଳିଛନ୍ତି। ଶୁବମନ ଗିଲ୍ ମଧ୍ୟ ଫିଟ୍ ହେବାରୁ ଦଳରେ ସ୍ଥାନ ପାଇଛନ୍ତି। ୱାଶିଂଟନ ସୁନ୍ଦର ଓ ଲୋକେଶ ରାହୁଲ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି ଯୋଗୁ ଚିକିତ୍ସାଧୀନ ଅଛନ୍ତି। କୁଲଦୀପ ଯାଦବ ଟେଷ୍ଟ ଦଳକୁ ଫେରିଛନ୍ତି। ସଞ୍ଜୁ ସାମସନଙ୍କୁ ଶ୍ରୀଲଙ୍କା ବିପକ୍ଷ ଟି୨୦ ଦଳରେ ସ୍ଥାନ ମିଳିଛି। ରିଷଭ ପନ୍ତ ଓ ବିରାଟ କୋହଲିଙ୍କୁ ଏହି ସିରିଜରୁ ବିଶ୍ରାମ ଦିଆଯାଇଛି। ଉତ୍ତରପ୍ରଦେଶ ବାମହାତୀ ସ୍ପିନର ସୌରଭ କୁମାର ଟେଷ୍ଟ କ୍ୟାରିୟର ଆରମ୍ଭ କରିବାକୁ ସୁଯୋଗ ପାଇଛନ୍ତି। ୨୦୨୨ ଟେଷ୍ଟ କ୍ୟାଲେଣ୍ଡରକୁ ଦୃଷ୍ଟିରେ ରଖିଲେ ଟେଷ୍ଟ ଦଳରୁ ବାଦ୍ ପଡ଼ିଥିବା ୪ ଭେଟେରାନ ଖେଳାଳି ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା କମ୍ ବୋଲି ଚେତନ ସୂଚନା ଦେଇଛନ୍ତି। ଏହି ବର୍ଷ ଶ୍ରୀଲଙ୍କା ବିପକ୍ଷରେ ୨ଟି, ଇଂଲଣ୍ଡ

## ପୂଜାରା, ରାହାନେ, ଈଶାନ୍ତ, ରିଦ୍ଧିମାନ ବାଦ୍

ସହିତ ଗୋଟିଏ, ବାଂଲାଦେଶ ବିପକ୍ଷରେ ୨ଟି ଏବଂ ୨୦୨୩ ପ୍ରାରମ୍ଭରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା କାର୍ଯ୍ୟସୂଚୀ ରହିଛି। ଚୟନ କମିଟିର ନୀତି ଅନୁସାରେ ପୂଜାରାଙ୍କ ସ୍ଥାନରେ ହନୁମା ବିହାରୀ ଓ ରାହାନେଙ୍କ ସ୍ଥାନରେ ଶୁବମନ ଗିଲ୍‌ଙ୍କୁ ମିଡିଲ ଅର୍ଡରରେ ସୁଯୋଗ ମିଳିବ। ଶ୍ରେୟାସ ଆୟାର ମଧ୍ୟ ଦଳରେ ଖେଳିବାର ହକ୍ ରଖୁଛନ୍ତି। ଈଶାନ୍ତ ଶର୍ମାଙ୍କ ସ୍ଥାନରେ ପ୍ରସିଦ୍ଧ କ୍ରିଷ୍ଣା ଓ ଆଭେଶ୍ ଖାଁଙ୍କୁ ରିପ୍ଲେସ କରାଯିବ। କୋନା ଭରତ ଉଭୟ ବ୍ୟାଟିଂ ଓ ଉଇକେଟ କିପିଂରେ ଦକ୍ଷ। ତେଣୁ ଶାହାଙ୍କୁ ପଛରେ ପକାଇ ସେ ଦଳରେ ସ୍ଥାନ ନେଇଛନ୍ତି। ପନ୍ତ ଉପଲବ୍ଧ ନ ହେଲେ ଭରତ ଚୂଡ଼ାନ୍ତ ଏକାଦଶରେ ସାମିଲ ହେବେ। ତେଣୁ ପୂଜାରା, ରାହାନେ, ଈଶାନ୍ତ ଓ ରିଦ୍ଧିମାନଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭାବନା ନାହିଁ ବୋଲି ଚେତନ କହିଛନ୍ତି। ଶ୍ରୀଲଙ୍କା ବିପକ୍ଷ ସିରିଜ ପାଇଁ ଦଳରେ ସ୍ଥାନ ପାଇବେ ନାହିଁ ବୋଲି ପୂଜାରା ଓ ରାହାନେଙ୍କୁ ପୂର୍ବରୁ ସୂଚାଇ ଦିଆଯାଇଥିଲା ବୋଲି ମଧ୍ୟ ଚେତନ ସ୍ପଷ୍ଟ କରିଛନ୍ତି।

**ଭାରତୀୟ ଟେଷ୍ଟ ଦଳ**

ରୋହିତ ଶର୍ମା (ଅଧିନାୟକ), ମୟଙ୍କ ଅଗ୍ରୱାଲ, ପ୍ରିୟଙ୍କ ପଞ୍ଚାଲ, ବିରାଟ କୋହଲି, ଶ୍ରେୟସ ଆୟାର, ହନୁମା ବିହାରୀ, ଶୁବମନ ଗିଲ୍, ରିଷଭ ପନ୍ତ, କେ.ଏସ. ଭରତ, ରବିଚନ୍ଦ୍ରନ ଅଶ୍ୱିନ (ଫିଟ୍ ଥିଲେ ଖେଳିବେ), ରବୀନ୍ଦ୍ର ଜାଡେଜା, ଜୟନ୍ତ ଠାକୁର, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସାମି, ମହମ୍ମଦ ସିରାଜ, ଉମେଶ ଯାଦବ, ସୌରଭ କୁମାର।

**ଭାରତୀୟ ଟି୨୦ ଦଳ**

ରୋହିତ ଶର୍ମା (ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଈଶାନ କିଶନ, ସୂର୍ଯ୍ୟକୁମାର ଯାଦବ, ଶ୍ରେୟସ ଆୟାର, ଭେଙ୍କଟେଶ୍ ଆୟାର, ଦୀପକ ହୁଡା, ଯଶପ୍ରୀତ୍ ବୁମ୍‌ରା (ଉପଅଧିନାୟକ), ଭୁବନେଶ୍ୱର କୁମାର, ହର୍ଷଲ ପଟେଲ, ମହମ୍ମଦ ସିରାଜ, ସଞ୍ଜୁ ସାମସନ, ୟୁଜବେନ୍ଦ୍ର ଚହଲ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ରବି ବିଷ୍ଣୋଇ, ଆଭେଶ୍ ଖାଁ।

# ଶ୍ରେୟାସ, ଋତୁରାଜଙ୍କ ଲାଗି ସୁଯୋଗ

**କୋଲ୍‌କାତା, ୧୯।୨(ପି.ଟି.):** ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ ଆଗୁଆ କବ୍‌ଜା କରିସାରିଥିବାରୁ ରବିବାର ଦୁଇ ଦଳ ମଧ୍ୟରେ ଖେଳାଯିବାକୁ ଥିବା ତୃତୀୟ ତଥା ଅନ୍ତିମ ଟି୨୦ରେ ପରୀକ୍ଷଣ କରିବାର ସୁଯୋଗ ପାଇବ ଭାରତ। ବିରାଟ କୋହଲି ଓ ରିଷଭ ପନ୍ତଙ୍କୁ ୧୦ ଦିନ ପାଇଁ ଛୁଟି ଦିଆଯାଇଛି। ଘରୋଇ ଦଳ ଚୂଡ଼ାନ୍ତ ଏକାଦଶରେ ଶ୍ରେୟାସ ଆୟାର ଓ ଋତୁରାଜ ଗାଏକ୍ୱାଡ୍‌ଙ୍କୁ ସାମିଲ କରିବା ଯଥେଷ୍ଟ ସମ୍ଭାବନା ରହିଛି। ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତ କ୍ରମାଗତ ତୃତୀୟ ସିରିଜ ବିଜୟ ହାସଲ କରିଛି। ଶୁକ୍ରବାର ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ରେ ଭାରତ ୮ରନରେ ବିଜୟ ହାସଲ କରିପାରିଛି। ଅଷ୍ଟ୍ରେଲିଆରେ ଆଗାମୀ ଟି୨୦ ବିଶ୍ୱକପ୍ ହେବାକୁ ଆଉ ୮ମାସରୁ କମ୍ ସମୟ ରହିଛି। ରୋହିତ ନୂଆ ବିକଳ୍ପ ସନ୍ଧାନରେ ରହିବା ସ୍ୱାଭାବିକ। ପ୍ରଥମେ ସେ ଜଣେ ରିଜର୍ଭ ଓପ୍‌ନର ଖୋଜିବା ଆରମ୍ଭ କରିଛନ୍ତି। ଅନୁପସ୍ଥିତିରେ କେ.ଏଲ୍. ରାହୁଲ ଓ ଈଶାନ କିଶନ ଟପ୍‌ଅର୍ଡରରେ ପ୍ରଭାବୀ ପ୍ରଦର୍ଶନ କରିପାରିନାହାନ୍ତି। ଏହି ସ୍ଥାନ ଗାଏକ୍ୱାଡଙ୍କୁ ପ୍ରଦାନ କରାଯାଇପାରେ, ଯିଏକି ଏପର୍ଯ୍ୟନ୍ତ ରିଜର୍ଭ ଖେଳାଳି ରହି ଆସିଛନ୍ତି। ସିରିଜରେ ଖେଳୁଥିବା ଈଶାନ କିଶନ ଗତ ଆଇପିଏଲ୍ ୨୦୨୨ମେଗା ନିଲାମିରେ ସବୁଠାରୁ ଦାମୀ ଖେଳାଳି ବିବେଚିତ ହୋଇଛନ୍ତି।

ମ୍ୟାଚ ଆରମ୍ଭ: ରାତି ୭ଟା
ପ୍ରସାରଣ: ଷ୍ଟାର ନେଟ୍‌ୱର୍କ

# ସର୍ବଭାରତୀୟ ଟେନିସରେ ଦେବାଶିଷଙ୍କୁ ଟାଇଟଲ

**ଭୁବନେଶ୍ୱର, ୧୯।୨ (କ୍ରୀଡ଼ା ପ୍ରତିନିଧି):** ହାଇଦ୍ରାବାଦର ସାନିଆ ମିର୍ଜା ଟେନିସ ଏକାଡେମୀରେ ଅନୁଷ୍ଠିତ ଏଆଇଟିଏ ଜାତୀୟ ସିରିଜ ଟେନିସର ୧୮ ବର୍ଷରୁ କମ୍ ସିଙ୍ଗଲ୍ସରେ ଓଡ଼ିଶାର ଦେବାଶିଷ ସାହୁ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ୪ର୍ଥ ସିଡ୍ ମହାରାଷ୍ଟ୍ରର ପ୍ରଜ୍ୱଳ ତିୱାରୀଙ୍କୁ ୩ ସେଟ୍ ବିଶିଷ୍ଟ ମୁକାବିଲାରେ ପରାସ୍ତ କରିଛନ୍ତି। ଦେବାଶିଷ ପ୍ରଥମ ସେଟ୍‌କୁ ୬-୧ରେ ଜିତିଥିବାବେଳେ ପ୍ରଜ୍ୱଳ ଦ୍ୱିତୀୟ ସେଟ୍‌କୁ ୬-୨ରେ ଜିତି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ଚାପର ବଶବର୍ତ୍ତୀ ନ ହୋଇ ଦେବାଶିଷ ତୃତୀୟ ସେଟ୍‌କୁ ୬-୨ରେ ଜିତିବା ସହ ଚାମ୍ପିୟନ ହୋଇଥିଲେ। ଫାଇନାଲ ପ୍ରବେଶ ପଥରେ ଦେବାଶିଷ ଟପ୍ ସିଡ୍‌ଙ୍କୁ କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ପ୍ରତିଭାସମ୍ପନ୍ନ ଦେବାଶିଷ ନିଜ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୋଚ୍ ଫରହାନ ଅଲୀ ପ୍ରକାଶ କରିଛନ୍ତି।




ଦେବାଶିଷ ସାହୁ




# ବେଙ୍ଗଲ ୨୦୩ ରନ କଲେ ଜିତିବ

**ଭୁବନେଶ୍ୱର, ୧୯।୨ (କ୍ରୀଡ଼ା ପ୍ରତିନିଧି)**

କଟକର କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ବରୋଦା ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ବେଙ୍ଗଲର ବିଜୟ ଆଶା ଉଜ୍ଜୀବିତ ହୋଇଛି। ୩୪୯ ରନ ବିଜୟ ଲକ୍ଷ୍ୟର ପିଛା କରି ବେଙ୍ଗଲ ଶନିବାର ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ୨ ଉଇକେଟ ହରାଇ ୧୪୬ ରନ କରିଛି। ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ୭୯ ଓ ଅନୁସ୍ଟୁପ ମଜୁମଦାର ୨୨ ରନରେ ଅପରାଜିତ ଅଛନ୍ତି। ହାତରେ ୮ ଉଇକେଟ ସୁରକ୍ଷିତ ଥିବାବେଳେ ବେଙ୍ଗଲ ବିଜୟ ଲକ୍ଷ୍ୟଠାରୁ ଆଉ ୨୦୩ ରନ ଦୂରରେ ରହିଛି। ପ୍ରଥମ ଇନିଂସରେ ବରୋଦା ୧୮୧ ଓ ବେଙ୍ଗଲ ୮୮ ରନ କରିଥିବାବେଳେ ବରୋଦା ଦ୍ୱିତୀୟ ଇନିଂସରେ ୨୫୫ ରନ କରିବାକୁ ସକ୍ଷମ ହୋଇଥିଲା।



କଳିଙ୍ଗ ଷ୍ଟାଡିୟମ ପରିସରରେ ନିର୍ମାଣାଧୀନ ଇନ୍‌ଡୋର ଆଥଲେଟିକ୍ ଷ୍ଟାଡିୟମକୁ ଶନିବାର ବୁଲି ଦେଖୁଛନ୍ତି ଏଏଫ୍‌ଆଇ ସଭାପତି ଆଡିଲ ସୁମାରିୱାଲା। ନିକଟରେ ଅଛନ୍ତି ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଓ ଅନ୍ୟ କର୍ମକର୍ତ୍ତା।

# ୪ସ୍ଥାନରେ ଆନ୍ତଃ ସ୍କୁଲ ବାସ୍କେଟବଲ୍

**ଭୁବନେଶ୍ୱର, ୧୯।୨ (ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟରେ ବାସ୍କେଟବଲ୍‌ର ପ୍ରସାର ଓ ଲୋକପ୍ରିୟତା ବୃଦ୍ଧି କରିବା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆଗ୍ରହ ଦେଖାଇଛି। ଫଳସ୍ୱରୂପ ୩ଟି ବୟସବର୍ଗ ଯଥା ୧୩ ବର୍ଷରୁ କମ୍, ୧୬ ବର୍ଷରୁ କମ୍ ଓ ୧୮ ବର୍ଷରୁ କମ୍ ଲାଗି ବାଳିକା ଓ ବାଳକ ଟୁର୍ନାମେଣ୍ଟ ଚାରୋଟି ସହର ଭୁବନେଶ୍ୱର, ବ୍ରହ୍ମପୁର, କଟକ ଓ ରାଉରକେଲାରେ ଅନୁଷ୍ଠିତ ହେବ। ଓଡ଼ିଶା ବାସ୍କେଟବଲ୍ ଆସୋସିଏଶନର ବୈଷୟିକ ସହାୟତାରେ ସମ୍ପୃକ୍ତ ଜିଲା ଆସୋସିଏଶନଗୁଡ଼ିକ ସହର ସ୍ତରରେ ଏପ୍ରିଲ ୧ରୁ ପ୍ରତି ସପ୍ତାହର ଶେଷ ଦୁଇ ଦିନ ମ୍ୟାଚ ଖେଳାଯିବ।। ଭୁବନେଶ୍ୱର ପର୍ଯ୍ୟାୟ ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ ଓ ୟୁନିଟ୍-୧ ଜିଆଇଏଟ୍ ବାସ୍କେଟବଲ କମ୍ପ୍ଲେକ୍ସଠାରେ ହେବ। ଏଥିପାଇଁ ୧୩ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗ ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ଖେଳାଳି ୨୦୦୮ ଜାନୁୟାରୀ ୧ ପରେ ଜନ୍ମଗ୍ରହଣ କରିଥିବା ଆବଶ୍ୟକ। ସେହିପରି ୧୬ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗ ଖେଳାଳି ୨୦୦୫ ଜାନୁୟାରୀ ୧ ପରେ ଏବଂ ୧୯ ବର୍ଷରୁ କମ୍ ବିଭାଗ ଖେଳାଳି ୨୦୦୩ ଜାନୁୟାରୀ ୧ ପରେ ଜନ୍ମ ଗ୍ରହଣ କରିଥିବା ଦରକାର। ଯେଉଁ ସ୍କୁଲଗୁଡ଼ିକ ଏଥିରେ ଅଂଶଗ୍ରହଣ କରିବାକୁ ଚାହାନ୍ତି ସେମାନଙ୍କୁ ନିର୍ଭର ପ୍ରତିଶ୍ରୁତି ସହ ୨୦୨୨ ଫେବୃୟାରୀ ୨୮ ସୁଦ୍ଧା ଏଣ୍ଟ୍ରି ଫର୍ମ ଦାଖଲ କରିବାକୁ କୁହାଯାଇଛି।

# ହାଇଦ୍ରାବାଦ ସ୍ଥିତି ଦୃଢ଼

**ଭୁବନେଶ୍ୱର, ୧୯।୨ (କ୍ରୀଡ଼ା ପ୍ରତିନିଧି):** ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ଚଣ୍ଡିଗଡ଼ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ହାଇଦ୍ରାବାଦ ନିଜର ସ୍ଥିତିକୁ ଦୃଢ଼ କରିଛି। ପ୍ରଥମ ଇନିଂସରେ ହାଇଦ୍ରାବାଦ ୩୪୭ ଓ ଚଣ୍ଡିଗଡ଼ ୨୧୬ ରନ କରିଥିଲା। ହାଇଦ୍ରାବାଦ ଦ୍ୱିତୀୟ ଇନିଂସକୁ ୨୬୯/୮ରେ ଘୋଷଣା କରିଥିଲା। ଫଳରେ ଚଣ୍ଡିଗଡ଼ ସମ୍ମୁଖରେ ୪୦୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଶନିବାର ତୃତୀୟ ଦିବସ ଶେଷବେଳକୁ ଚଣ୍ଡିଗଡ଼ ଦ୍ୱିତୀୟ ଇନିଂସରେ ୨୧ ରନ ମଧ୍ୟରେ ୨ଟି ଉଇକେଟ ହରାଇଛି। ହାତରେ ଆଉ ୮ ଉଇକେଟ ଥିବାବେଳେ ଏହି ଦଳ ବିଜୟ ଲକ୍ଷ୍ୟଠାରୁ ଆହୁରି ୩୮୦ ରନ ପଛରେ ରହିଛି। ହାଇଦ୍ରାବାଦ ଦ୍ୱିତୀୟ ଇନିଂସରେ ଶତକ ହାସଲ କରିଥିଲେ ଟିମ୍ ଇଣ୍ଡିଆ ଟେଷ୍ଟ ତାରକା ହନୁମା ବିହାରୀ।

# ସାଇନା, ରାଜେଶ ଚାମ୍ପିୟନ

**ଭୁବନେଶ୍ୱର, ୧୯।୨ (କ୍ରୀଡ଼ା ପ୍ରତିନିଧି)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କିଟ୍ ପରିସରରେ ୬୧ତମ ଓଡ଼ିଶା ରାଜ୍ୟ ସିନିୟର ଓପନ ଓ ମହିଳା ଚେସ୍ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ବିଭାଗରେ ସାଇନା ସାଲୋନିକା

## ରାଜ୍ୟ ସିନିୟର ଓପନ ଚେସ୍

ଓ ଓପନ ବର୍ଗରେ ରାଜେଶ ନାୟକ ଚାମ୍ପିୟନ ହୋଇଛନ୍ତି। ମହିଳା ବିଭାଗରେ ସାଇନା ଏକାକୀ ୫.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ୫ ପଏଣ୍ଟ ପାଇଥିବା ଯଶିତା ରାଉତ ରନର୍ସଅପ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମାରକୀ ମହାନ୍ତି (୪.୫), ପ୍ରତ୍ୟୁଷା ଜେନା, ଅନନ୍ତୋୟା ଚାଟାର୍ଜୀ, ଗୀତାଶ୍ରୀ ବିଶ୍ୱାଳ, ଅନନ୍ୟା ଅନାମିକା, ଶ୍ରଦ୍ଧା ସ୍ମରଣିକା ନନ୍ଦ, ଜୟଲକ୍ଷ୍ମୀ ସାହୁ (ସମସ୍ତେ ୪ ପଏଣ୍ଟ) ଓ ସନ୍ଦୀପା ପ୍ରିୟଦର୍ଶିନୀ ସାହୁ (୩.୫) ଟପ୍-୧୦ରେ ରହିଥିଲେ। ଓପନ ବର୍ଗରେ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ୬ ପଏଣ୍ଟ ପାଇଥିଲେ ହେଁ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ହର୍ଷିତ ରଞ୍ଜନ ସାହୁ, ସମ୍ବିତ ପଣ୍ଡା, ଆଶୀର୍ବାଦ ସ୍ୱାଇଁ (ସମସ୍ତେ ୫.୫), ନୀଲସୁ ପଟ୍ଟନାୟକ, ସାଜନ କୁମାର ନାୟକ, ଅଂଶୁମାନ ସାମଲ, ରବୀନ୍ଦ୍ର କୁମାର ଓଜା ଓ ଆରିନ ଅନ୍ୱେଷ ସ୍ୱାଇଁ (ସମସ୍ତେ ୫ ପଏଣ୍ଟ) ଟପ୍-୧୦ ଫିନିଶ୍ କରିଥିଲେ। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୦ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଦେବବ୍ରତ ଭଞ୍ଜ, ଯୁଗ୍ମ ସମ୍ପାଦକ ନିହାର ରଞ୍ଜନ ସାସମଲ, କୋଷାଧକ୍ଷ ଭବେଶ ମହାନ୍ତି ଏବଂ ବିଭିନ୍ନ ଜିଲା ଚେସ୍ ଆସୋସିଏଶନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମୁଖ୍ୟ ଆର୍ବିଟର ତାପସ କୁମାର ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ। ଓପନ ବର୍ଗରେ ଶ୍ରେଷ୍ଠ ୪ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଉତ୍ତର ପ୍ରଦେଶରେ ଫେବୃୟାରୀ ୨୫ରୁ ମାର୍ଚ୍ଚ ୩ ପର୍ଯ୍ୟନ୍ତ ହେବାକୁଥିବା ୫୮ତମ ଜାତୀୟ ସିନିୟର ଚେସ୍ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ସେହିପରି ମହିଳା ବର୍ଗର ଶ୍ରେଷ୍ଠ ୪ ଖେଳାଳି କିଟ୍ ପରିସରରେ ଫେବୃୟାରୀ ୨୫ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ହେବାକୁଥିବା ୪୭ତମ ଜାତୀୟ ମହିଳା ଚେସ୍‌ରେ ଭାଗନେବେ।



ଟ୍ରଫି ସହ ରାଜେଶ ନାୟକ ଓ ସାଇନା ସାଲୋନିକା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ପୋଖରୀ ନିକଟରୁ ଶିଶୁପୁତ୍ରର ମୃତଦେହ ମିଳିଲା

ଓଡଗାଁ,୧୯।୨(ସ୍ୱ.ପ୍ର.): ଶନିବାର ଓଡ଼ଗାଁ ଆଦର୍ଶ ଥାନା ଅଧୀନ ପାଟଣାସାହି ମୁଣ୍ଡ ପୋଖରୀ ବୁଦାମୂଳରୁ ଏକ ସଦ୍ୟଜାତ ଶିଶୁପୁତ୍ରର ମୃତଦେହ ଠାବ କରାଯାଇଛି। ସ୍ଥାନୀୟ ଲୋକମାନେ ସକାଳ ପ୍ରାୟ ୧୧ଟା ସମୟରେ ପୋଖରୀ ନିକଟରେ ମୃତଦେହ ପଡ଼ିଥିବା ଦେଖିଥିଲେ। ଶିଶୁଟି କାହାର, କିଏ ଶିଶୁପୁତ୍ରର ମୃତଦେହ ସେଠାରେ ପକାଇଛି ସେ ସମ୍ପର୍କରେ କୌଣସି ତଥ୍ୟ ମିଳିନାହିଁ। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ କିମ୍ୱା ପ୍ରଶାସନିକ ଅଧିକାରୀଙ୍କ ନିକଟରେ କୌଣସି ଅଭିଯୋଗ ହୋଇନାହିଁ।

### ଗଞ୍ଜାମରେ ହେବ ୧୧ ସହରାଞ୍ଚଳ ସ୍ୱାସ୍ଥ୍ୟ, ସ୍ୱଚ୍ଛତା କେନ୍ଦ୍ର

ଛତ୍ରପୁର,୧୯।୨(ଡି.ଏନ.ଏ.) : ସହରାଞ୍ଚଳ ଗୁଡିକରେ ଥିବା ଉଚ୍ଚ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ବିସ୍ତୃତ ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ବିକେନ୍ଦ୍ରୀକରଣ କରିବା ଯୋଜନା କରାଯାଉଛି। ଗଞ୍ଜାମ ଜିଲା ଛତ୍ରପୁର ଏନ୍ଏସି, ଭଞ୍ଜନଗର ଏନ୍ଏସି, ଆସ୍କା ଏନ୍ଏସି, ପୋଲସରା ଏବଂ କୋଦଳା ଏନ୍ଏସି ଗୁଡିକରେ ଗୋଟିଏ ଲେଖାଏ ସହରାଞ୍ଚଳ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା କେନ୍ଦ୍ର ପ୍ରତିଷ୍ଠା ହେବ। ସେହିପରି ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ଆଙ୍କୁଲି ଡିସ୍ପେନ୍ସାରୀ, ମିନାକ୍ଷୀ ସାହି ଏବଂ ଇନ୍ଦିରା ସାହି, ଆମ୍ବପୁଆ ଗ୍ରାମରେ ଗୋଟିଏ ଲେଖାଏ ଏହିଭଳି ୬ ଟି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହେବ। ଏଥି ଲାଗି ଶନିବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ପ୍ରତିଷ୍ଠା ହେବାକୁଥିବା ଏହି ୧୧ ସହରାଞ୍ଚଳ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାକେନ୍ଦ୍ର ଘରଭଡା ନେଇ କାର୍ଯ୍ୟକ୍ଷମ ହେବ। ଏହି କେନ୍ଦ୍ରଗୁଡିକରେ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ଏବଂ ସଂଧ୍ୟା ୫ ଟାରୁ ରାତ୍ର ୮ ଟା ପର୍ଯ୍ୟନ୍ତ ବହିଃବିଭାଗ ଚିକିତ୍ସା ସୁବିଧା ଜନ ସାଧାରଣଙ୍କୁ ଯୋଗାଇ ଦିଆଯିବ। ଏହି କାର୍ଯ୍ୟ ପରିଚାଳନା ନିମନ୍ତେ ବ୍ରହ୍ମପୁର ମହାନଗର ନିଗମ କମିଶନର ଏବଂ ସମ୍ପୃକ୍ତ ଅଞ୍ଚଳର କାର୍ଯ୍ୟ ନିର୍ବାହୀ ଅଧିକାରୀ ନିର୍ଦ୍ଧାରିତ ସମୟସୁଦ୍ଧା ଚିହ୍ନଟ କରି ଏଗୁଡିକୁ କାର୍ଯ୍ୟକ୍ଷମ କରିବାରେ ପଦକ୍ଷେପ ଗ୍ରହଣ କରିବା ଦିଗରେ ନିର୍ଦ୍ଦେଶ ଦିଆଯାଇଛି।

### ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ଓଡ଼ିଆ ବିଭାଗର ଶୋକସଭା

ବ୍ରହ୍ମପୁର ଅଫିସ,୧୯।୨-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ସ୍ନାତକୋତ୍ତର ବିଭାଗ ସମୂହର ପୂର୍ବତନ ଅଧକ୍ଷ ତଥା ଓଡ଼ିଆ ବିଭାଗ ପ୍ରାକ୍ତନ ମୁଖ୍ୟ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ଶନିବାର ପ୍ରଫେସର ସଦାନନ୍ଦ ନାଏକଙ୍କ ଅଧକ୍ଷତାରେ ଏକ ସ୍ମୃତି ସଭା ଆୟୋଜନ କରାଯାଇଥିଲା। ଏଥିରେ ପ୍ରଫେସର ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଦୁଇ ମିନଟ ନୀରବ ପ୍ରାର୍ଥନା ହୋଇଥିଲା। ଏହି ଶୋକସଭାରେ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଉପସଚିବ ଡ. କୁଳମଣି ଓଝା, ସହକାରୀ ପ୍ରଫେସର ଡ. ଦେବୀପ୍ରସାଦ ଶତପଥୀ, ସହକାରୀ ପ୍ରଫେସର ଡ. ସମୀର ଭୋଇ ପ୍ରମୁଖ ପ୍ରଫେସର ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱ, ସାରସ୍ୱତ ପ୍ରତିଭା, ସାଂଗଠନିକ ଦକ୍ଷତା, କୃତି କୀର୍ତ୍ତି ସମ୍ପର୍କରେ ଆଲୋଚନା ହୋଇଥିଲା। ପଟ୍ଟନାୟକଙ୍କ ସମ୍ମାନାର୍ଥେ ବିଭାଗ ପକ୍ଷରୁ ସମସ୍ତ କ୍ଲାସ୍ ଅପରାହ୍ନ ବାତିଲ ହୋଇଥିଲା।

# ଭୋଟରେ ପରୀ ହତ୍ୟା, ଚିନିକଲ ତାତି

ନୟାଗଡ଼ ଅଫିସ,୧୯।୨

ନୟାଗଡ଼ ନିର୍ବାଚନମଣ୍ଡଳୀ ଅଧୀନ ନୟାଗଡ଼ ବ୍ଲକର ୧୨,୧୩,୧୪ ଓ ୧୫ ନଂ.ଜୋନ୍ ଏବଂ ଓଡ଼ଗାଁ ବ୍ଲକର ୧ ଓ ୨ ନଂ. ଆଦି ୬ ଜୋନ୍ ରହିଛି। ସେଥିମଧ୍ୟରୁ ଓଡ଼ଗାଁ ବ୍ଲକର ୧ ଓ ୨ ନଂ.ଜୋନ୍ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିଛି। ୧୨,୧୩,୧୪ ଓ ୧୫ନଂ.ବୁଥ୍ରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ରବିବାର ଭୋଟ ଗ୍ରହଣ କରାଯିବ। ନିର୍ବାଚନ ହେବାକୁ ଥିବା ଏହି ୪ଜୋନ୍ରେ ପରୀ ହତ୍ୟା, ଅଚଳ ଚିନିକଳ, ଧାନର ଅଭାବୀ ବିକ୍ରି ଓ ପୁରୁଣା କର୍ମୀଙ୍କୁ ଅଣଦେଖା ତାତି ଦେଖିବାକୁ ମିଳୁଛି। ଏପରି ପ୍ରସଙ୍ଗ ଶାସକ ଦଳର ଭୋଟକୁ ବିଭାଜନ କରିବ ବୋଲି ରାଜନୈତିକ ବିଶେଷଜ୍ଞକମାନେ ମତ ରଖିଛନ୍ତି। ବିଜେଡି କିନ୍ତୁ ଜିଲାର ୨୪ ଜୋନ୍ ଦଖଲ କରିବ। ନବୀନଙ୍କ ଲୋକପ୍ରିୟତା ଓ କାର୍ଯ୍ୟଦକ୍ଷତା ବିରୋଧୀଙ୍କ ସବୁ ଖେଳ ବିଗାଡ଼ି ଦେବ। ବିରୋଧୀ ଦଳର ଅପପ୍ରଚାର ଭୋଟରଙ୍କୁ ପ୍ରଭାବିତ କରିପାରିବ ନାହିଁ ବୋଲି ଦଳୀୟ କର୍ମୀମାନେ କହିଛନ୍ତି।

**ଆଜି ନୟାଗଡ଼ ବ୍ଲକରେ ଭୋଟ**



ନୟାଗଡ଼ ସଦର ଥାନା ଯଦୁପୁର ଗାଁର ୫ବର୍ଷର ଝିଅ ପରୀ ହତ୍ୟା ଘଟଣାର ଏଯାବତ ଗୁମର ଖୋଲିନାହିଁ। ହତ୍ୟାକାରୀଙ୍କୁ ନୟାଗଡ଼ ବିଧାୟକ ସୁରକ୍ଷା ଦେଉଥିବା ଭାଜପା, କଂଗ୍ରେସ ସହିତ ପରୀଙ୍କ ମା'ବାପା ଅଭିଯୋଗ କରିଆସୁଛନ୍ତି। ପରୀ ହତ୍ୟାକାଣ୍ଡର ଗୁମର ଖୋଲିବା, ପରୀକୁ ନ୍ୟାୟ ଦେବା ଦାବିରେ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଥିଲା। ଅନ୍ୟପକ୍ଷେ ୨୦୧୯ ସାଧାରଣ ନିର୍ବାଚନ ପରେ ଚିନିକଳ ଚାଲୁ ହେବ ବୋଲି ଶାସକ ଦଳ ପକ୍ଷରୁ ଘୋଷଣା କରାଯାଇଥିଲା। ଇତିମଧ୍ୟରେ ୩ ବର୍ଷ ବିତିଥିଲେ ମଧ୍ୟ ଚିନିକଳ ବନ୍ଦ ପଡ଼ିଛି। ବହୁ ଯନ୍ତ୍ରାଂଶ ସେଠାରୁ ଚୋରି ହୋଇଗଲାଣି। ପୁଣି ବାତ୍ୟା ଜୱାଦରେ ଚାଷୀଙ୍କ ଧାନ ଫସଲ ଉଜୁଡ଼ି ଯାଇଥିଲା। ପ୍ରତି ମଣ୍ଡିରେ କୁଇଣ୍ଟାଲ ପିଛା୧୫ରୁ ୨୦କେଜି କଟ୍ନୀଛଟ୍ନୀ ଚାଲିଛି। କୃଷିମନ୍ତ୍ରୀଙ୍କ ଜିଲାରେ ଚାଷୀ ଉପେକ୍ଷିତ ହୋଇଥିବାରୁ ଅସନ୍ତୋଷ ବଢ଼ୁଛି। ବିଜେଡିରେ ପ୍ରତ୍ୟହ ନୂଆ କର୍ମୀ, ନେତା ମିଶୁଥିବା ବେଳେ ପୁରୁଣାନେତା, କର୍ମୀଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ଉଠିଛି। ପୁରୁଣା କର୍ମୀ ଓ ନେତା ବିକଳ୍ପ ଖୋଜୁଥିବାରୁ ଦଳ ପାଇଁ ତାହା ଘାତକ ସାଜିପାରେ ବୋଲି ମତ ପ୍ରକାଶ ପାଇଛି। ପୁଣି ଅସନ୍ତୁଷ୍ଟ ପ୍ରାର୍ଥୀ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହି ଶାସକ ଦଳର ଭୋଟକୁ ବିଭାଜନ କରିବା ଚିନ୍ତାର କାରଣ ପାଲଟିଛି। ସେହିଭଳି ଜିଲା ପରିଷଦ ପ୍ରାର୍ଥିତ୍ୱ ଉପରେ ପ୍ରଶ୍ନ ଉଠିଛି। ଅନେକ ଯୋଗ୍ୟ ପ୍ରାର୍ଥୀଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇ ଆସୁଛି। ଏନେଇ ଜଣେ ଭୋଟର କୁହନ୍ତି, ଗାଁଗଣ୍ଡାରେ ଭୋଟ କିଣା ଚାଲିଛି। ଗୋଟିଏ ଭୋଟର ଦାମ ୫୦୦ରୁ ଦେଢ଼ ହଜାର ଟଙ୍କାରେ ବିକ୍ରି ହେଉଛି। ସବୁ ଭୋଟର ଟଙ୍କା ନେଉ ନ ଥିଲେ ମଧ୍ୟ ବଦନାମର ବୋଝ ମୁଣ୍ଡାଇବାକୁ ପଡୁଛି। ତେବେ ଟଙ୍କା ବାଣ୍ଟୁଥିବା ଦଳ ଓ ନେଉଥିବା ଭୋଟରଙ୍କ ଯୋଗୁ ବିକାଶ ବାଟବଣା ହୋଇଛି। ଦେଶ,ରାଜ୍ୟ,ଜିଲା ଓ ଗାଁ ବଦଳି ପାରୁନି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ କହିବା ବେଳକୁ ଅଭିଯୋଗ ରଖିବାକୁ କେହି ଆଗ୍ରହୀ ନୁହନ୍ତି। ଅନ୍ୟ ଜଣେ ଭୋଟର କୁହନ୍ତି, ରାଜନୀତିରେ ଭଲ ଲୋକ ଖୋଜିଲେ ମିଳୁନାହାନ୍ତି। ଭଲ ଲୋକଙ୍କୁ ବଦନାମ କରାଯାଉଥିବାରୁ ଧୀରେ ଧୀରେ ରାଜନୀତି କଳୁଷିତ ହୋଇ ଚାଲିଛି। ଶାସକ ଦଳ ବିରୋଧରେ ପରବର୍ତ୍ତନର ହାୱା ବହୁଛି। ହେଲେ ଏହା କେତେଦୂର କାର୍ଯ୍ୟକରିବ ଭୋଟ ଗଣତି ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

### ୬୮ ସମ୍ବେଦନଶୀଳ ବୁଥ୍

ନୟାଗଡ଼ ବ୍ଲକର ୧୨,୧୩,୧୪ ଓ ୧୫ ନଂ. ଜିଲା ପରିଷଦ ଜୋନ୍ର ୪୩୫ ବୁଥ୍ରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ରବିବାର ହେବ। ୨୯୦ ସ୍ଥାନରେ ଖୋଲିଥିବା ୪୩୫ ବୁଥ୍ରୁ ୬୮ଉତ୍ତେଜନାପ୍ରବଣ ବୋଲି ଚିହ୍ନଟ ହୋଇଛି। ପ୍ରତି ବୁଥ୍ରେ ଜଣେ ପ୍ରିଜାଇଡିଂ ଅଫିସର, ୨ ପୋଲିଂ ଅଫିସର, ଜଣେ ପୋଲିସ ଏପରି ୪ଜଣ କର୍ମଚାରୀଙ୍କୁ ମିଶାଇ ମୋଟ ୧,୭୪୦ ଜଣ ନିୟୋଜିତ ହୋଇଛନ୍ତି। ବ୍ଲକର ୨୯ ପଞ୍ଚାୟତ ପାଇଁ ଜଣେ ଅତିରିକ୍ତ ଏସ୍ପି, ୫ ଡିଏସ୍ପି, ୧୧ ଇନ୍ସପେକ୍ଟର, ୧୭୬ ଗ୍ରାମରକ୍ଷୀଙ୍କୁ ନିୟୋଜିତ କରାଯାଇଛି। ଅନ୍ୟପକ୍ଷେ ଉତ୍ତେଜନାପ୍ରବଣ ବୁଥ୍କୁ ନିୟନ୍ତ୍ରଣ ପାଇଁ ୩୫ ମୋବାଇଲ ସ୍କାଡ୍ ଗଠନ କରାଯାଇଛି। ୧୩ ବାଇକ୍ରେ ୨୫ ଆର୍ମଗାର୍ଡ ବିଭିନ୍ନ ବୁଥ୍ରେ ବୁଲିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହାକୁ ୯ଜଣ ସୁପରଭାଇଜିଂ ଅଫିସର ନିୟନ୍ତ୍ରଣ କରିବେ। ଗୋଟିଏ ପିଙ୍କ୍ ବୁଥ୍ କରାଯାଇଛି। ମହିଳା କର୍ମଚାରୀମାନଙ୍କୁ ସେହି ବୁଥ୍ରେ ନିର୍ବାଚନ ପରିଚାଳନା ଦାୟିତ୍ୱ ଦିଆଯାଇଛି।

### ବୁଥ୍ ଜବରଦଖଲର ଭୟ ଘାରିଲା

ନୟାଗଡ଼ ଅଫିସ,୧୯।୨

ନୟାଗଡ଼ ବ୍ଲକ ୧୨ନଂ. ଜିଲା ପରିଷଦ ଜୋନ୍ ବରପଲ୍ଲୀ ଗାଁର ୬ଓ ୭ ନଂ. ବୁଥ୍, ମାଳତୀପୁରର ୧୫ନଂ ବୁଥ୍, କ୍ରୀଦାଶପୁର ପଞ୍ଚାୟତର ସମସ୍ତ ବୁଥ୍, ଚମ୍ପତିପୁର ପଞ୍ଚାୟତର ୩,୧୦ଓ ୧୧ ନଂ ବୁଥ୍ ଅତି ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ ହୋଇଛି। ଏହି ବୁଥ୍ଗୁଡ଼ିକ ୨୦୧୭ ନିର୍ବାଚନରେ ଜବରଦଖଲ କରାଯାଇ ଏକ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦିଆଯାଇଥିଲା। ଚଳିତ ବର୍ଷ ପୁଣି ସେପରି ହୋଇପାରେ ବୋଲି ସୂଚନା ମିଳିଛି। ଏଣୁ ଉପରୋକ୍ତ ବୁଥ୍ଗୁଡ଼କରେ ଶାନ୍ତିଶୃଙ୍ଖଳାର ସହ ଭୋଟ ଶେଷ କରିବାକୁ ୧୨ନଂ.ଭାଜପା ଜିଲା ପରିଷଦ ପ୍ରାର୍ଥୀ ସନ୍ତୋଷ ପ୍ରଧାନ ଜିଲାପାଳ ଓ ଏସ୍ପିଙ୍କୁ ସ୍ମାରକପତ୍ରଦେଇ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ଗଦାଧର ପ୍ରସାଦ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଗୀତାଞ୍ଜଳୀ ସ୍ୱାଇଁ ଜିଲାପାଳଙ୍କୁ ଅନୁରୂପ ସ୍ମାରକପତ୍ରଦେଇ ବୁଥ୍ ଜବରଦଖଲ ରୋକିବାକୁ ନିବେଦନ କରିଛନ୍ତି। ଗୀତାଞ୍ଜଳୀ ଦର୍ଶାଇଛନ୍ତି ରାଧାନାଥପୁର ଗାଁର ୬ନଂ ବୁଥ୍, ହରିପୁରଗାଁର ୫ ଓ ୭ନଂ.ବୁଥ୍ ଜବରଦଖଲ ହେବା ବୋଲି କେତେଜଣ ବ୍ୟକ୍ତି ଯୋଜନା ପ୍ରସ୍ତୁତି କରିଛନ୍ତି।

## ବୁଥ୍ରେ ମୁଖ୍ୟମନ୍ତ୍ରୀଙ୍କ ସଫଳତାର ବାର୍ତ୍ତା




ନୟାଗଡ଼ ଅଫିସ,୧୯।୨

ନୟାଗଡ଼ ବ୍ଲକ କ୍ରୀଦାଶପୁର ପଞ୍ଚାୟତର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ କ୍ରଦାଶପୁର ବୁଥ୍ରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥାଇ ସଫଳତାର ବାର୍ତ୍ତା ରହିଛି। ନିର୍ବାଚନ ରବିବାର ହେବ। ତଥାପି ସଫଳତାର ବାର୍ତ୍ତାକୁ ହଟା ଯାଇନାହିଁ। ବୁଥ୍ରେ ପୋଲିଂ ପାର୍ଟି ପହଞ୍ଚି ସାରିଲେଣି। ଏନେଇ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇ ଶାସକଦଳର ରାଜନୀତିକୁ ସମାଲୋଚନା କରାଯାଇଛି। ପୁଣି ପ୍ରଶାସନ ସବୁ ଜାଣି ଅଜଣା ରହିଥିବାରୁ ନିର୍ବାଚନ କମିଶନ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଜିଲା ସଭାପତି ରଣଜିତ୍ ଦାଶ କହିଛନ୍ତି।

## ୧୮୫ ୱାର୍ଡ ମେମ୍ବର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ନୟାଗଡ଼ ଅଫିସ,୧୯।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୨୦୨୨ର ତୃତୀୟ ପର୍ଯ୍ୟାୟ ମତଦାନ ରବିବାର ନୟାଗଡ଼ ବ୍ଲକରେ ହେଉଛି। ନୟାଗଡ଼ ବ୍ଲକରେ ୨୯ ପଞ୍ଚାୟତରେ ୧ଲକ୍ଷ ୨୭ ହଜାର ୯୯୩ ଭୋଟର ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରି ୨୯ ସରପଞ୍ଚ, ୨୯ ସମିତି ସଭ୍ୟ ଏବଂ ୪୩୫ ୱାର୍ଡ଼ ସଭ୍ୟ ଓ ୧୬ ଜିଲା ପରିଷଦ ପ୍ରାର୍ଥୀଙ୍କ ମଧ୍ୟରୁ ନିଜ ପ୍ରତିନିଧି ନିର୍ବାଚିତ କରିବାର ଥିଲା। କିନ୍ତୁ ସେଥିମଧ୍ୟରୁ ୨ ସରପଞ୍ଚ,ଜଣେ ସମିତି ସଭ୍ୟ ଏବଂ ୧୮୫ ୱାର୍ଡ଼ ସଭ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଅବଶିଷ୍ଟ ଆସନର ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ଜିଲା ପ୍ରଶାସନ ସବୁ ପ୍ରକାର ଉଦ୍ୟମ ଚଳାଇଛି। ଏହି ପରିପ୍ରେକ୍ଷୀରେ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ମତଦାନ ନିମନ୍ତେ ଜିଲାପାଳ ପୋମା ଟୁଡୁ ନୟାଗଡ଼ବାସୀଙ୍କୁ ନିବେଦନ କରିଛନ୍ତି।

## ଭୋଟ ନ ଦେଲେ୧୦ ଲକ୍ଷ ଟଙ୍କା ଜରିମାନା

**ଉପଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ**

ନୟାଗଡ଼ ଅଫିସ,୧୯।୨

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ନୂଆଗାଁ ବ୍ଲକ ଦୁର୍ଦ୍ଦୁରା ପଞ୍ଚାୟତ କିରିଆଲାଞ୍ଜିରେ ଭୋଟରଙ୍କ ଅଧିକାରଙ୍କୁ ହାଇଜାକ୍ କରାଯାଇଛି। ଗାଁର ପସନ୍ଦ ସରପଞ୍ଚ ପ୍ରାର୍ଥୀଙ୍କୁ ଭୋଟ ନ ଦେଲେ ୧୦ ଲକ୍ଷ ଟଙ୍କା ଜରିମାନା ଚେତାବନୀ ଦିଆଯାଇଛି। ଘଟଣା ସମ୍ପର୍କରେ କାହାରିକୁ ନ ଜଣାଇବା ପାଇଁ ମଧ କୁହାଯାଇଛି। ଏହାକୁ ଅଣଦେଖା କଲେ ୧୦ଲକ୍ଷ ଟଙ୍କା ଜରିମାନା ଦଣ୍ଡର ଭୟ ରହିଛି। ସେଠାରେ ଆସନ୍ତା ୨୨ ତାରିଖରେ ଭୋଟ ଗ୍ରହଣ ହେବାର ଅଛି। ଗାଁର୧୪ ଓ ୧୫ନଂ.ୱାର୍ଡରୁ ଏପରି ଅଭିଯୋଗ ଆସିଛି।

## ମହାପ୍ରସାଦ ଛୁଆଁଇ ଶପଥ

ନୟାଗଡ଼ ଅଫିସ,୧୯।୨

ମହାପ୍ରସାଦ ଛୁଆଁଇ, ୨୫୦ରୁ ୫୦୦ ଟଙ୍କା ଦେଇ ଭୋଟ ଦେବାକୁ ଶପଥ କରାଉଛନ୍ତି। ଯେଉଁମାନେ ନିୟମ କରୁ ନାହାନ୍ତି ସେମାନଙ୍କୁ ବ୍ୟବହାର ଖରାପକରି ଦେଖିନେବୁ କହୁଛନ୍ତି। ବିଭିନ୍ନ ପ୍ରକାରର ଧମକଚମକ ମିଳୁଛି। ଏଭଳି ଅଭିଯୋଗ ନୟାଗଡ଼ ବ୍ଲକର ବିଭିନ୍ନ ଗାଁରୁ ଆସିଛି। ହେଲେ ଅଭିଯୋଗକାରୀ ଗାଁର ନାମ କହୁଥିଲେ ହେଁ ସେମାନଙ୍କ ଠିକଣା ଓ ପରିଚୟ ନ ଦେବାକୁ ଅନୁରୋଧ କରୁଛନ୍ତି। ପରିଚୟ ଜଣାପଡିଲେ ଜୀବନପ୍ରତି ବିପଦଥିବାର କୁହୁଛନ୍ତି। ଜିଲାପାଳ, ଏସ୍ପିଙ୍କୁ ଅଭିଯୋଗ କରିବାକୁ କହିବାରୁ କିଛି ସୁଫଳ ହେବ ନାହିଁ ବୋଲି କହୁଛନ୍ତି। ଏହି ଘଟଣା ଗଣତନ୍ତ୍ର ପ୍ରତି ବିପଦ ହେଲେ ହେଁ ପ୍ରତ୍ୟକ୍ଷ ଅଭିଯୋଗ କରିବାକୁ ଭୋଟର ଡରୁଛନ୍ତି।

# ନେତା ବଦଳୁଛନ୍ତି, ବଦଳୁ ନାହିଁ ଗାଁର ଚିତ୍ର

ନୟାଗଡ଼ ଅଫିସ,୧୯।୨

- ଅସନ୍ତୁଷ୍ଟ ଭୋଟରଙ୍କୁ ମନାଇ ପାରୁନାହାନ୍ତି ପ୍ରାର୍ଥୀ
- ୧୦ନଂ. ଜିଲାପରିଷଦ ଜୋନ୍

ଆଦିବାସୀ ଓ ଦଳିତ ବହୁଳ ଦଶପଲ୍ଲା ବ୍ଲକରେ ନେତା ବଦଳି ଚାଲିଥିଲେ ମଧ ଗାଁର ରୂପରେଖ ବଦଳି ପାରୁନି। ଏଣୁ ନେତା ,ପ୍ରଶାସନ ଓ ସରକାରଙ୍କ ଉପରେ ବିଭିନ୍ନ ସମୟରେ ସ୍ଥାନୀୟ ଜନ ସାଧାରଣ ଅସନ୍ତୋଷ ବ୍ୟକ୍ତ କରି ଆସୁଛନ୍ତି। କ୍ଷୁବ୍ଧ ଭୋଟରଙ୍କୁ ନେତା ବୁଝାବାଇବାରେ ସଫଳ ହେଉ ନ ଥିବାରୁ ଦଶପଲ୍ଲା ବ୍ଲକର ୧୦ ନଂ. ଜିଲାପରିଷଦ ଜୋନ୍ରେ ଶାସକଦଳର ଭୋଟ ବିଭାଜନ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହାର ଫାଇଦା ବିରୋଧିଦଳ କେତେ ନେବ କିମ୍ବା ଭୋଟ ପୂର୍ବରୁ ଏହି ସ୍ଥିତିର କେତେ ପରିବର୍ତ୍ତନ ହେବ ତାହା ନିର୍ବାଚନ ଫଳାଫଳରୁ ଜଣାପଡ଼ିବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ସରିଗଣ୍ଡା, ଶିମିଳିସାହି, ତେଣ୍ଡାବାଡ଼ି, ପୋଖରୀଗୋଛା, ଭୋଗବାଡ଼ି, ତୁମାଣ୍ଡି, ଟାକେରା ଆଦି ୭ ପଞ୍ଚାୟତକୁ ନେଇ ଦଶପଲ୍ଲା ବ୍ଲକର ୧୦ ନଂ. ଜୋନ୍ ଗଠିତ। ଏହି ପଞ୍ଚାୟତରେ ନାନା ସମସ୍ୟା ରହିଛି। ଅଧିକାଂଶ ଗାଁକୁ ଯିବାକୁ ରାସ୍ତା ନାହିଁ। ପୁଣି ଗାଁରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ତୁମାଣ୍ଡି ପଞ୍ଚାୟତର ବୋଇପାଲୁ, ନରାଜିପଡ଼ା, ସାନକୁରୁବାରି, ବଡ଼କୁରୁବାରୀ, ଟିଆପଦର ଗାଁକୁ ରାସ୍ତା ନାହିଁ। ପୁଣି ଭୋଗବାଡ଼ି ପଞ୍ଚାୟତର କାମଣ୍ଡିବଙ୍ଗା, ପେହେଲାଜ ଓ ପଥରଗଣ୍ଡ, ସରିଗଣ୍ଡା ପଞ୍ଚାୟତର କନ୍ଧଭୋଗବାଡ଼ି, କୋଡ଼ିଆ, ବୁଢ଼ାପନର ଓ ପିପଳପଦର, ପୋଖରୀଗୋଛା ପଞ୍ଚାୟତର ଉଦୁଡ଼ା ଓ ସୁନ୍ଦରୀତଇଲା, ତେଣ୍ଡାବାଡ଼ି ପଞ୍ଚାୟତର ବରସାହି, ଲେମ୍ବୁଗୋଛା ଗାଁକୁ ମଧ୍ୟ ରାସ୍ତା ନାହିଁ। ସରକାର ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ ହେଉଛି ବୋଲି ଡିଣ୍ଡିମ ପିଟୁଥିଲେ ମଧ ସେହି ଯୋଜନା ସାତସପନ। ସେହିଭଳି ପିପଳପଦର, କଦମବେରଣାପରି ଅଞ୍ଚଳରେ ନଦୀ ଉପରେ ପୋଲ ହୋଇ ପାରୁନି। ଟାକେରା ପଞ୍ଚାୟତର ମଞ୍ଜାରୀ, ମୁଣ୍ଡୁଳୀ, ମିଟୁକୁଳି, ଗୁରୁସାହି, କାବେରା, ଆସରଡା ଗାଁରେ ମଧ ରାସ୍ତା ସମସ୍ୟା ରହିଛି। ମୋବାଇଲ ନେଟୱାକ ନାହିଁ। ବ୍ୟାଙ୍କ ସେବା ଠିକ୍ ଭାବେ ମିଳୁନି। ଠିକଣା ସମୟରେ ଆକାଉଣ୍ଟକୁ ଟଙ୍କା ଆସୁନି। ଭତ୍ତା ପାଇବା ପାଇଁ ବୃଦ୍ଧାବୃଦ୍ଧ,ବିଧବା ଓ ଭିନ୍ନକ୍ଷମ ଲୋକେ ହଇରାଣ ହରକତ ହେଉଛନ୍ତି। ବିଧାୟକ ରମେଶ ଚନ୍ଦ୍ର ବେହେରା ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ୩ ବର୍ଷ ପରେ ତାଙ୍କର ପ୍ରତିଶ୍ରୁତି ସେମିତି ରହିଛି। କୌଣସି କାମ ହୋଇନାହିଁ। ପଞ୍ଚାୟତ ନିର୍ବାଚନ ସମୟରେ ଭୋଟରଙ୍କୁ ପୁଣି ପ୍ରତିଶ୍ରୁତି ଦେବା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ ବିଦ୍ରୋହ ସୃଷ୍ଟି କରିଛି ବୋଲି ଭୋଟର କହିଛନ୍ତି।

ଏହି ଜୋନ୍ରେ ସଙ୍ଗୀତା କୁମାରୀ ନାୟକ(ଭାଜପା), ବନିତା ବେହେରା (କଂଗ୍ରେସ), ସତ୍ୟଭାମା ନାୟକ(ବିଜେଡି), ଲକ୍ଷ୍ମୀ ନାୟକ (ବହୁଜନ ସମାଜ ପାର୍ଟି) ଓ ମମତା ପ୍ରଧାନ (ସ୍ୱାଧୀନ) ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ସୁନ୍ଦରୀ ପ୍ରଧାନ ନାମକ ଜଣେ ଭୋଟର କୁହନ୍ତି, ନିର୍ବାଚନ ସମୟରେ ଦଶପଲ୍ଲା ବ୍ଲକର ଦୁର୍ଗମଅଞ୍ଚଳର ଲୋକ ମନେପଡ଼ନ୍ତି। ଭୋଟ ଶେଷ ହୋଇଗଲେ ସେମାନଙ୍କ ସମସ୍ୟା ନାଲିଫିତା ତଳେ ରହିଯାଏ। ଏଭଳି ସମସ୍ୟା ଆଜିକାଲିର ନୁହେଁ, ବହୁବର୍ଷ ଧରି ଚାଲି ଆସିଛି। ଭୋଟ ସରିଗଲେ ଲୋକଙ୍କ ସମସ୍ୟା ନିର୍ବାଚିତ ପ୍ରତିନିଧିଙ୍କ ମନେ ରହେ ନାହିଁ।

## ଯୋଜନା ଯେଉଁଠି ସାତସପନ

ନୟାଗଡ଼ ଅଫିସ,୧୯।୨

ଘୁଗୁଡ଼ିପଡ଼ା, ଘୋଳାହାଣ୍ଡି, ମଧଖଣ୍ଡ, ନଛିପୁର, ଡିହଗାଁ, ଖମାରସାହି ଆଦି ୬ ପଞ୍ଚାୟତକୁ ନେଇ ୧୧ନଂ. ଜିଲାପରିଷଦ ଜୋନ୍ ଗଠିତ। ଏହି ଜୋନ୍ରେ ଦେବେନ୍ଦ୍ର କୁମାର ପ୍ରଧାନ (ଭାଜପା), ଅର୍ଜୁନ ପ୍ରଧାନ (କଂଗ୍ରେସ), ବସନ୍ତ କୁମାର ପ୍ରଧାନ (ବିଜେଡି) ଓ କମ୍ୟୁନିଷ୍ଟ ପାର୍ଟି(ମାର୍କବାଦୀ)ରୁ ଶରତ ଚନ୍ଦ୍ର ବେହେରା ମଇଦାନକୁ ଓହ୍ଲାଇଛନ୍ତି। ପ୍ରାର୍ଥୀମାନେ ଭୋଟରଙ୍କ ବିଭିନ୍ନ ପ୍ରଶ୍ନବାଣରେ ଅପଦସ୍ତ ହେଉଛନ୍ତି। ବିକାଶ ଚାଲିଛି କହି ବିଜେଡି ସରକାର ଡିଣ୍ଡିମ ପିଟୁଥିବାବେଳେ ଗାଁରେ ନେତାଙ୍କ ଦେଖାନାହିଁ। କୌଣସି ଦଳର ସଙ୍ଗଠନ ଏହି ବ୍ଲକ୍ର ଆଦିବାସୀ,ଦଳିତ ଗାଁଗୁଡ଼ିକରେ ନ ଥିବା ଚର୍ଚ୍ଚା ହେଉଛି। ଏନେଇ ଭୋଟର ଉଦ୍ଧବ ପ୍ରଧାନ କୁହନ୍ତି, ବିଭିନ୍ନ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ବଦଳୁଛନ୍ତି। ପୁଣି ପଞ୍ଚାୟତ ନିର୍ବାଚନରେ ମଧ ନୂଆ ଚେହେରା ସ୍ଥାନ ପାଉଛନ୍ତି। ପ୍ରତିଶ୍ରୁତି ଦେଇ ଅନେକ ବିଧାୟକ ଓ ପଞ୍ଚାୟତସ୍ତରୀୟନେତା କ୍ଷମତାକୁ ଆସୁଛନ୍ତି। ହେଲେ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉନାହାନ୍ତି। ଆଦିବାସୀ ଓ ଦଳିତଙ୍କ ବିକାଶ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି। ହେଲେ ସେମାନଙ୍କ ପାଖରେ ଯୋଜନା ଅପହଞ୍ଚ ହୋଇରହୁଛି। ଏହାର ସମୀକ୍ଷା ଅଭାବରୁ ସରକାରୀ ଯୋଜନା ସାତସପନ ହୋଇ ରହିଯାଉଛି। ଏଥିପାଇଁ ଭୋଟର ଭୋଟ ଦେବାକୁ ଏବେ ଆଉ ଆଗ୍ରହ ପ୍ରକାଶ କରୁ ନାହାନ୍ତି।

## ସାନି ମତଦାନ ପାଇଁ ନିର୍ବାଚନ କମିଶନରଙ୍କୁ ଭେଟିଲେ ସରପଞ୍ଚ ପ୍ରାର୍ଥୀ

ଚିକିଟି,୧୯।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଚିକିଟି ବ୍ଲକର ବିଭିନ୍ନ ପଞ୍ଚାୟତରେ ନିର୍ବାଚନ ହୋଇଯାଇଛି। ପିତାତଳି ପଞ୍ଚାୟତ ବଇରିବାଡଠାରେ ର୍ୟାଗିଂ କରିବା ସହ ବିଦେଶରେ ଥିବା ଭୋଟରଙ୍କ ନାମରେ ଜାଲିଆତି କରି ଭୋଟ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ବଇରିବାଡ଼ ବୁଥ ନଂ.୧୩ରେ ପୁନଃ ମତଦାନ ପାଇଁ ଶନିବାର ରାଜ୍ୟ ନିର୍ବାଚନ କମିଶନରଙ୍କୁ ସାକ୍ଷାତ କରି ଦାବି ଜଣାଇଛନ୍ତି। ସେହିପରି ଗଞ୍ଜାମ ଜିଲାପାଳ ଏବଂ ସ୍ଥାନୀୟ ବିଡ଼ିଓଙ୍କ ନିକଟରେ ଅଭିଯୋଗ କରି ପୁନଃ ମତଦାନ ପାଇଁ ଅନୁରୋଧ କରାଯାଇଛି। ୨ଜଣ ମାଡ଼ ମାରି ବୁଥରୁ ବାହାର କରିଥିବା ଜିଲାପାଳ ଓ ଏସ୍ପିଙ୍କ ପାଖରେ ସରପଞ୍ଚ ପ୍ରାର୍ଥୀ ପି. ଦାନାବତୀ ଓ ଏଜେଣ୍ଟ ଯୁଧିଷ୍ଠିର ସେଠୀ, ଅନ୍ୟତମ ସରପଞ୍ଚ ପ୍ରାର୍ଥୀ କେ. ନରସିଂହ ମୂର୍ତ୍ତୀ ଏଜେଣ୍ଟ ଏସ୍.ରାଜଲକ୍ଷ୍ମୀ ଅଭିଯୋଗ କରିଛନ୍ତି।



ରାଜ୍ୟ ନିର୍ବାଚନ କମିଶନରଙ୍କୁ ଦାବିପତ୍ର ଦେଉଛନ୍ତି ସରପଞ୍ଚ ପ୍ରାର୍ଥୀ।

# ସବୁଠି ବିଦ୍ରୋହ, ଚିନ୍ତାରେ ଶାସକ ଦଳ

ଖଣ୍ଡପଡ଼ା,୧୯।୨(ସ୍ୱ.ପ୍ର.)

ଭୋଜିଭାତ ନାହିଁ ତ ନିର୍ବାଚନ ମାହୋଲ ନାହିଁ, ଟଙ୍କା ନାହିଁ ତ ଭୋଟ ନାହିଁ , ଏପରି ଢଙ୍ଗରେ ଚାଲିଛି ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ବିଶେଷ କରି ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳରେ ଅସନ୍ତୁଷ୍ଟ ବିଜେଡି, ଭାଜପା, ସ୍ୱାଧୀନ ଓ କଂଗ୍ରେସ ପ୍ରାର୍ଥୀମାନେ ଶାସକ ଦଳ ପ୍ରାର୍ଥୀଙ୍କୁ ହରାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ବିରୋଧୀଦଳ ପ୍ରାର୍ଥୀମାନେ ବିଜେଡି ପ୍ରାର୍ଥୀଙ୍କ ପରାଜୟ ପାଇଁ ଯୋଜନାବଦ୍ଧ ରଣନୀତି ଆପଣାଇଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଶାସକ ଦଳର ଟିକେଟ ଆଶାୟୀ ନିରାଶ ହେବା ପରେ ବିଦ୍ରୋହୀ ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନର ଅବତୀର୍ଣ୍ଣ ହୋଇଛନ୍ତି। ଅପରପକ୍ଷେ ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ ଜୋନ୍ରେ ଶାସକ ଦଳରେ ଫାଟ ସୃଷ୍ଟି ହୋଇଛି। ଫଳରେ ବିଜେଡିରେ ଥିବା ଗୋଷ୍ଠୀ କନ୍ଦଳ ପଦାରେ ପଡିଛି।



- ପଞ୍ଚାୟତ ସମିତି ଦଖଲ ପାଇଁ ଗୋଟି ଚାଳନା
- ପ୍ରଚ୍ଛଦପଟରେ ପୂର୍ବତନ ବିଧାୟକ, ବ୍ଲକ ଅଧକ୍ଷ

ପରିସ୍ଥିତି ଏପରି ହୋଇଛି ଯେ, ଖଣ୍ଡପଡ଼ା ବ୍ଲକର ସମ୍ମାନଜନକ ୬ ଓ ୭ ନଂ. ଜିଲା ପରିଷଦ ଜୋନ୍ରେ ବିଜେଡି ପ୍ରାର୍ଥୀଙ୍କୁ କଡା ଟକ୍କର ଦେଉଛନ୍ତି ୨ ସ୍ୱାଧୀନ ପ୍ରାର୍ଥୀ। ବିଜେଡି ଟିକେଟ ପାଇଁ ଲବି କରି ଶେଷରେ ନିରାଶ ହେବା ପରେ ଉଜ୍ଜ୍ୱଳ ମହାରଣା ଓ ସବିତା ସାହୁ ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେହିପରି ଭାଜପା ପ୍ରାର୍ଥୀଙ୍କ ପାଇଁ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ଜିଲା ମହିଳା ମୋର୍ଚ୍ଚା ନେତ୍ରୀ ଇଂ. ଅର୍ଚ୍ଚନା ଦାଶ ନିର୍ବାଚନ ପରିଚାଳନା କରୁଥିବା ବେଳେ ଜାତୀୟ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଅଦ୍ୟାବଧି କେହି ହେଲେ ନେତା ପ୍ରଚାର ଅଭିଯାନରେ ସାମିଲ ହୋଇ ନାହାନ୍ତି। ଏହି ପରିପ୍ରେକ୍ଷୀରେ ନିଜର ସ୍ଥିତି ଦୃଢ଼ କରିବା ପାଇଁ ପୂର୍ବତନ ବିଧାୟକ, ବ୍ଲକ ଅଧକ୍ଷ, ଦଳୀୟ ସଙ୍ଗଠକ ବିଦ୍ରୋହୀ ପ୍ରାର୍ଥୀଙ୍କ ପ୍ରଚ୍ଛଦ ପଟରେ ରହି ରଣ କୌଶଳ ପ୍ରସ୍ତୁତ କରୁଛନ୍ତି। ଫଳରେ ରାଜନୈତିକ ବାତାବରଣ ବେଳକୁ ବେଳ ଉଷ୍ମ ହେବାରେ ଲାଗିଛି।

ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଆସନ୍ତା ୨୪ରେ ଭୋଟ ଗ୍ରହଣ ହେବ। ଏଥିପାଇଁ ୨୨ ପଞ୍ଚାୟତରେ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ପ୍ରତି ପଞ୍ଚାୟତରେ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀମାନେ ପଥପ୍ରାନ୍ତ ସଭା ଓ ରୋଡ ଶୋ ମଧ୍ୟରେ ନିଜ ଶକ୍ତି ପ୍ରଦର୍ଶନ ଜାରି ରଖିଛନ୍ତି। ଚଳିତ ନିର୍ବାଚନରେ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ନିର୍ବାଚନ ପ୍ରଚାରରେ ଆସି ନ ଥିବା ବେଳେ ଶାସକ ବିଜେଡି ପ୍ରାର୍ଥୀଙ୍କ ପାଇଁ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ବ୍ଲକ ଅଧକ୍ଷ ମନୋଜ କୁମାର ପ୍ରଧାନ, ବରିଷ୍ଠ ସଙ୍ଗଠକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଖଣ୍ଡପଡ଼ା ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ନେତା ଅଖିଳ କୁମାର ମହାରଣା, ପୂର୍ବତନ ବ୍ଲକ ଅଧକ୍ଷ ଶିଶିର କୁମାର ସାହୁ ପ୍ରମୁଖ ଗୋଟି ଚାଳନା କରୁଛନ୍ତି। ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ, ରାଣୀପଡ଼ା, ଶାଳଝରିଆ, ଜଗନ୍ନାଥ ପ୍ରସାଦ, ସିଧାମୂଳା, ମର୍ଦ୍ଦରାଜପୁର ଓ ରାଣୀଛେଲ୍ଲୀ ଆଦି ପଞ୍ଚାୟତରୁ ଶାସକ ଦଳ ସମର୍ଥିତ ଏକାଧିକ ପ୍ରାର୍ଥୀ ସରପଞ୍ଚ ଓ ସମିତି ସଭ୍ୟ ପଦବୀ ପାଇଁ ଲଢୁଥିବାରୁ ଭୋଟ ଉପରେ ସମସ୍ତଙ୍କ ନଜର ରହିଛି।